# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୯/୨୦୨୦ (୧୩ପୃଷ୍ଠା) | Bhubaneswar, Friday, October 9/2020 | ★★★★★★

୪୬ଶ ଭାଗ ୩୧୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ସ୍ୱିଟେକ ଫାଇନାଲରେ**

ପୋଲାଣ୍ଡର ଇଗା ସ୍ୱିଟେକ ପ୍ରଥମଥରପାଇଁ ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି।

୧୦ ୦୨

**ଫିଜିରେ ଛୁଟି କାଟୁଛନ୍ତି ଇଲିୟାନା**

ଅଭିନେତ୍ରୀ ଇଲିୟାନା ତାଙ୍କର କିଛି ଫଟୋ ଇନ୍‌ଷ୍ଟାରେ ଶେୟାର କରି ଫିଜି ବିଚ୍‌କୁ ମନଭରି ଉପଭୋଗ କରୁଥିବା କହିଛନ୍ତି।






# ପୌରସଂସ୍ଥାକୁ ପ୍ରଦୂଷଣ ଜରିମାନା

ଭୁବନେଶ୍ୱର, ୮।୧୦(ବ୍ୟୁରୋ)

## କଠୋର ହେଉଛନ୍ତି ଏନ୍‌ଜିଟି

- ଜାନୁୟାରୀ ୬ରେ ହାଜର ହେବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ
- ସବୁ ସହର ପାଇଁ ବାୟୋ ଡାଇଭର୍ସିଟି କମିଟି




ପରିବେଶକୁ କ୍ଷତି ପହଞ୍ଚାଉଥିବା କଠିନ ବର୍ଜ୍ୟବସ୍ତୁ, ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ, ଡାକ୍ତରଖାନାରୁ ବାହାରୁଥିବା ବର୍ଜ୍ୟବସ୍ତୁ, ଶିଳ୍ପ ବର୍ଜ୍ୟବସ୍ତୁ ଏବଂ ନଦୀ ପ୍ରଦୂଷଣକୁ ନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ କଠୋର ହେଉଛନ୍ତି। ପରିବେଶ ସୁରକ୍ଷିତ ରଖିବା ଲାଗି ରାଜ୍ୟ ସରକାର କି ପଦକ୍ଷେପ ନେଇଛନ୍ତି, ଏ ନେଇ ଜବାବ ଦାଖଲ କରିବାକୁ ଏନ୍‌ଜିଟି ରାଜ୍ୟ ସରକାରଙ୍କୁ ବହୁବାର ନିର୍ଦ୍ଦେଶ ଦେଇଛନ୍ତି। ଏପରି କି ପ୍ରତି ୬ ମାସରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଏ ନେଇ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ବିଭିନ୍ନ କାରଣରୁ ଅନେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପରିବେଶ ପ୍ରଦୂଷଣ ରୋକିବା ଦିଗରେ ସେପରି ପଦକ୍ଷେପ ନେଉ ନ ଥିବା ଦେଖାଯାଉଛି। ଏନ୍‌ଜିଟି ୨୦୨୦ ଫେବୃୟାରୀ ୨୮ରେ ଏ ନେଇ ଆଉ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ଏହା ସତ୍ତ୍ୱେ ଅନେକ ରାଜ୍ୟ ସରକାର ରିପୋର୍ଟ ଦାଖଲ କରିନାହାନ୍ତି କିମ୍ବା କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ-୨୦୧୬କୁ ଠିକ୍ ଢଙ୍ଗରେ କାର୍ଯ୍ୟକାରୀ କରୁନାହାନ୍ତି। ପଦକ୍ଷେପ ନେଉ ନ ଥିବା ମହାନଗର ନିଗମ ଓ ପୌର ସଂସ୍ଥାଗୁଡ଼ିକୁ ୨୦୨୦ ଏପ୍ରିଲ ପହିଲାରୁ ପ୍ରତିମାସରେ ୧୦ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ସହର ୧୦ ଲକ୍ଷ ଟଙ୍କା, ୫ରୁ ୧୦ ଲକ୍ଷ ମଧ୍ୟରେ ଥିବା ସହରକୁ ୫ ଲକ୍ଷ ଏବଂ ଅନ୍ୟାନ୍ୟ ପୌର ସଂସ୍ଥା ମାସକୁ ୧ ଲକ୍ଷ ଟଙ୍କା ଲେଖାଏ ଜରିମାନା ପ୍ରଦାନ କରିବେ। ଯଦି ମହାନଗର ନିଗମ କିମ୍ବା ପୌର ସଂସ୍ଥା ଉକ୍ତ ଜରିମାନା ଦେବାକୁ ଅକ୍ଷମ ହେବେ ତେବେ ରାଜ୍ୟ ସରକାରଙ୍କୁ ଏହା ଭରଣା କରିବାକୁ ପଡିବ ବୋଲି ଏନ୍‌ଜିଟି ନିର୍ଦ୍ଦେଶ ଦେଇଛନ୍ତି। ସେହି ଅର୍ଥ କେନ୍ଦ୍ର ପ୍ରଦୂଷଣ ବୋର୍ଡରେ ଜମା କରାଯିବ। ତାହା ପରିବେଶ ପ୍ରଦୂଷଣ ରୋକିବା ଦିଗରେ ଖର୍ଚ୍ଚ କରାଯିବ ବୋଲି ଏନ୍‌ଜିଟି କହିଛନ୍ତି। ☞ପୃଷ୍ଠା-୪

# ଲୁଇସ୍ ଗ୍ଲୁକ୍‌ଙ୍କୁ ସାହିତ୍ୟରେ ନୋବେଲ

ଷ୍ଟକହୋମ୍, ୮।୧୦

## ଅବିସ୍ମରଣୀୟ କବିତା ସ୍ୱର ପାଇଁ ଦିଆଯାଇଛି



ଲୁଇସ୍ ଗ୍ଲୁକ୍

ସାହିତ୍ୟରେ ଚଳିତବର୍ଷର ନୋବେଲ ପୁରସ୍କାର ଆମେରିକୀୟ କବୟିତ୍ରୀ ଲୁଇସ୍ ଗ୍ଲୁକ୍‌ଙ୍କୁ ତାଙ୍କର ଅବିସ୍ମରଣୀୟ କବିତା ସ୍ୱର ପାଇଁ ପ୍ରଦାନ କରାଯାଇଛି, ଯାହା ସୌନ୍ଦର୍ଯ୍ୟର ସହିତ ବ୍ୟକ୍ତିଗତ ଅସ୍ତିତ୍ୱକୁ ପରିବ୍ୟାପ୍ତ କରିଥାଏ। ସ୍ୱିଡିଶ୍ ଏକାଡେମୀର ସ୍ଥାୟୀ ସଚିବ ମ୍ୟାଟ୍ସ ମାଲାମ୍ ଗୁରୁବାର ଷ୍ଟକହୋମ୍‌ରେ ଏହି ପୁରସ୍କାର ଘୋଷଣା କରିଥିଲେ। ଅନେକ ବର୍ଷର ଦୁର୍ନୀତି ଏବଂ ବିବାଦରେ ଛନ୍ଦି ହୋଇଥିବା ବିଶ୍ୱର ଏହି ପ୍ରତିଷ୍ଠିତ ସାହିତ୍ୟ ସମ୍ମାନ ସ୍ୱିଡିଶ୍ ଏକାଡେମୀ ଦ୍ୱାରା ପ୍ରଦାନ କରାଯାଇଛି। ଆମେରିକାର ୟେଲ୍ ବିଶ୍ୱବିଦ୍ୟାଳୟରେ ଇଂଲିଶ ପ୍ରଫେସର ଥିବା ଲୁଇସ୍ ୧୯୪୩ରେ ନ୍ୟୁୟର୍କରେ ଜନ୍ମଗ୍ରହଣ କରିଥିଲେ। ☞ପୃଷ୍ଠା-୪

# ଖୁବ୍‌ଶୀଘ୍ର ଖୋଲିବ ମନ୍ଦିର

## ୧୦ଦିନ ମଧ୍ୟରେ ରିପୋର୍ଟ ଦେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର, ୮।୧୦ (ବ୍ୟୁରୋ)

କରୋନା ସ୍ଥିତି ପାଇଁ ରାଜ୍ୟରେ ୬ମାସରୁ ଉର୍ଦ୍ଧ୍ୱ ହେବ ବନ୍ଦ ରହିଥିବା ମନ୍ଦିର ଓ ଧର୍ମାନୁଷ୍ଠାନ ଖୁବ୍‌ଶୀଘ୍ର ଖୋଲିବାକୁ ଯାଉଛି। ପ୍ରାଥମିକ ପର୍ଯ୍ୟାୟରେ ଦେବୋତ୍ତର ବିଭାଗ ଅଧୀନରେ ଥିବା ମନ୍ଦିର ଖୋଲିବାକୁ ରାଜ୍ୟ ସରକାର ଯୋଜନା କରୁଛନ୍ତି। ଏଥିପାଇଁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରିବାକୁ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ☞ପୃଷ୍ଠା-୪

# କେନ୍ଦ୍ରମନ୍ତ୍ରୀ ପାଶ୍ୱାନଙ୍କ ପରଲୋକ

ନୂଆଦିଲ୍ଲୀ,୮।୧୦



ରାମବିଳାସ ପାଶ୍ୱାନ

କେନ୍ଦ୍ର ଉପଭୋକ୍ତା, ଖାଦ୍ୟ ଓ ସାଧାରଣ ବଣ୍ଟନ ବ୍ୟାପାର ମନ୍ତ୍ରୀ ତଥା ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି)ର ପ୍ରତିଷ୍ଠାତା ଅଧ୍ୟକ୍ଷ ରାମବିଳାସ ପାଶ୍ୱାନ (୭୪)ଙ୍କ ଗୁରୁବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି। ଏନେଇ ପୁଅ ଚିରାଗ ପାଶ୍ୱାନ ଟୁଇଟ୍ କରି ଜଣାଇଛନ୍ତି। ଗତ କିଛିଦିନ ତଳେ ତାଙ୍କର ଦିଲ୍ଲୀ ହସ୍ପିଟାଲରେ ହାର୍ଟସର୍ଜରି କରାଯାଇଥିଲା। ୫ ଦଶନ୍ଧିଧରି ସେ ଜଣେ ପ୍ରତିଷ୍ଠିତ ଦଳିତ ନେତା ଭାବେ ପ୍ରତ୍ୟକ୍ଷ ରାଜନୀତିରେ ସକ୍ରିୟ ରହିଥିଲେ। ବିହାର ତଥା କେନ୍ଦ୍ର ରାଜନୀତିରେ ତାଙ୍କର ପ୍ରଭାବ ରହିଆସିଥିଲା। ଗତ ସପ୍ତାହରେ ତାଙ୍କ ପୁଅ ତଥା ଏଲ୍‌ଜେପି ମୁଖ୍ୟ ଚିରାଗ ପାଶ୍ୱାନ ବାପାଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ସୂଚନା ଦେଇଥିଲେ।

ପ୍ରଥମେ ରାମବିଳାସ ସମ୍ୟୁକ୍ତ ସୋସିଆଲିଷ୍ଟ ପାର୍ଟିରେ ୧୯୬୯ରେ ବିହାର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ପରେ ସେ ଲୋକ ଦଳରେ ଯୋଗଦେଇ ଏହାର ସାଧାରଣ ସମ୍ପାଦକ ହୋଇଥିଲେ। ୧୯୭୭ରେ ହାଜିପୁର ଲୋକ ସଭା ଆସନରୁ ☞ପୃଷ୍ଠା-୪

# ପୂଜାଛୁଟି ପରେ ଖୋଲିପାରେ ସ୍କୁଲ

ଭୁବନେଶ୍ୱର, ୮।୧୦(ବ୍ୟୁରୋ)

କୋଭିଡ୍ ସଂକ୍ରମଣ ପରଠୁ ରାଜ୍ୟରେ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି। ଇତିମଧ୍ୟରେ ୬ ମାସରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିବାବେଳେ ପିଲାଙ୍କ ପାଠପଢ଼ାଠାରୁ ଆରମ୍ଭ କରି ପୂରା ଶିକ୍ଷା ବ୍ୟବସ୍ଥା ଗୁରୁତର ଭାବେ ପ୍ରଭାବିତ ହୋଇଛି। ବର୍ତ୍ତମାନ କରୋନା ପରିସ୍ଥିତି ଧୀରେ ଧୀରେ ସୁଧୁରୁଥିବାରୁ ସ୍କୁଲଗୁଡ଼ିକ ଖୁବ୍‌ଶୀଘ୍ର ଖୋଲିବ ବୋଲି ଆଶା କରାଯାଉଛି। ବିଶେଷକରି ରାଜ୍ୟ ସରକାର ପୂଜା ଛୁଟି ପରେ ☞ପୃଷ୍ଠା-୪

## ମୃତକଙ୍କ ପରିବାରକୁ ୮ଲକ୍ଷ ସହାୟତା ଘୋଷଣା

### ପେଟ୍ରୋଲ ପମ୍ପ ବିସ୍ଫୋରଣ ଘଟଣା

ଭୁବନେଶ୍ୱର, ୮।୧୦


ରାଜଭବନ ନିକଟରେ ଥିବା ଇଣ୍ଡିଆନ ଅଏଲ୍ ପେଟ୍ରୋଲ୍ ପମ୍ପରେ ବୁଧବାର ଘଟିଥିବା ବିସ୍ଫୋରଣରେ ଗୁରୁତର ହୋଇ ଚିକିତ୍ସିତ ହେଉଥିବା ଜଣେ ବ୍ୟକ୍ତିଙ୍କ ଗୁରୁବାର ସକାଳେ ମୃତ୍ୟୁ ଘଟିଛି। ଏଥିରେ ଏକାଧିକ ବ୍ୟକ୍ତି ଆହତ ହୋଇ ଏବେ ବିଭିନ୍ନ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଛନ୍ତି। ଜଣେ ନିଖୋଜ ମଧ୍ୟ ହୋଇଛନ୍ତି। ଏହି ବିସ୍ଫୋରଣରେ ମୃତ୍ୟୁବରଣ କରିଥିବା ଗଞ୍ଜାମ ଜିଲା ଆସିକାର ରଘୁନାଥପୁରର ସଦାନନ୍ଦ ନାୟକଙ୍କ ପରିବାର ଏବଂ ଆହତଙ୍କ ପାଇଁ ଭାରତୀୟ ତୈଳ ନିଗମ ଲିମିଟେଡ ପକ୍ଷରୁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରାଯାଇଛି। ମୃତକଙ୍କ ପରିବାରକୁ ୮ଲକ୍ଷ ଟଙ୍କା ଦିଆଯିବା ସହ ଗୁରୁତର ଆହତଙ୍କୁ ୪ଲକ୍ଷ ଏବଂ ଆହତଙ୍କୁ ୧ଲକ୍ଷ ଟଙ୍କା ଦିଆଯିବାକୁ ଘୋଷଣା କରାଯାଇଛି। ଅପରପକ୍ଷରେ ଏଲ୍‌ପିଜି ଟାଙ୍କିରେ ଗ୍ୟାସ ଭର୍ତ୍ତି କରାଯାଉଥିବାବେଳେ ଲିକ୍ ହୋଇ ବିସ୍ଫୋରଣ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ପେଟ୍ରୋଲିୟମ୍ ଆଣ୍ଡ ଏକ୍ସପ୍ଲୋସିଭ୍ ସେଫ୍ଟି ଅର୍ଗାନାଇଜେଶନ(ପେସୋ)ର ଉପମୁଖ୍ୟ ନିୟନ୍ତ୍ରକ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

**ସଚ୍ଚୋଟଙ୍କୁ ଠକ ନାହିଁ**








ଆମେରିକା ରାଷ୍ଟ୍ରପତି ନିର୍ବାଚନ ପାଇଁ ଅକ୍ଟୋବର ୧୫ରେ ହେବାକୁଥିବା ମିଡିଆ ଡିବେଟ୍‌ରେ ଡେମୋକ୍ରାଟିକ୍ ପ୍ରତିଦ୍ୱନ୍ଦ୍ୱୀ ଜୋ ବାଇଡେନ୍‌ଙ୍କ ସହ ଭାଗନେବେ ନାହିଁ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ଏହି ଭର୍ଚୁଆଲ ଡିବେଟ୍ ଦ୍ୱାରା ଅଯଥାରେ ସମୟ ଅପଚୟ ହେଉଛି। କରୋନା କାଳରେ ଏଭଳି କରାଯିବା ଠିକ୍ ନୁହେଁ ବୋଲି ସେ କହିଛନ୍ତି। କରୋନା ପିଡ଼ିତ ଟ୍ରମ୍ପଙ୍କ ସହ ଡିବେଟ୍‌ରେ ଯୋଗଦେବା ପାଇଁ ପୂର୍ବରୁ ବାଇଡେନ୍ ମନା କରିଥିଲେ।

# ପୋଲିସ-ଭାଜପା କର୍ମୀ ଖଣ୍ଡଯୁଦ୍ଧ

**କୋଲକାତା,୮।୧୦**

କୋଲକାତାରେ ଗୁରୁବାର ଭାଜପାର 'ନବାନ୍ନ ରାଲି' ବେଳେ ସଂଘର୍ଷ ଦେଖିବାକୁ ମିଳିଛି। ଭାଜପା ସମର୍ଥକମାନେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ କାର୍ଯ୍ୟାଳୟ ଅଭିମୁଖେ ରାଲିରେ ବାହାରିଥିବାବେଳେ କେତେଜଣ କର୍ମୀ ବ୍ୟାରିକେଡ୍ ଭାଙ୍ଗିବାକୁ ଉଦ୍ୟମ କରିବାରୁ ପୋଲିସ ସେମାନଙ୍କୁ ଅଟକାଇଥିଲା। ଏହାକୁ ଭାଜପା କର୍ମୀମାନେ ବିରୋଧ କରି ପୋଲିସ ଉପରେ ଆକ୍ରମଣ କରିବାରୁ ଖଣ୍ଡଯୁଦ୍ଧର ସୂତ୍ରପାତ ହୋଇଥିଲା। ଭାଜପା ସମର୍ଥକଙ୍କ ଉପରେ ପୋଲିସ ପ୍ରଥମେ ଲୁହବୁହା ଗ୍ୟାସ୍ ଓ ପରେ ଲାଠିମାଡ଼ କରିଥିବା ଜଣାପଡ଼ିଛି। ପ୍ରକାଶଥାଉ କି, ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ିବା ଓ ଦଳୀୟ କର୍ମୀଙ୍କୁ ହତ୍ୟା କରାଯିବା ବିରୋଧରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ସଚିବାଳୟ ଅଭିମୁଖେ ରାଲି ବାହାର କରାଯାଇଥିଲା। କୋଲକାତା, ହାଓଡ଼ାର ସହସ୍ରାଧିକ ଭାଜପା ସମର୍ଥକ ଏଥିରେ ସାମିଲ ହୋଇଥିଲେ।



ଭାଜପା କର୍ମୀଙ୍କ ଉପରେ ଲାଠିମାଡ଼ କରୁଛି ପୋଲିସ।

■ ବ୍ୟାରିକେଡ୍ ଭାଙ୍ଗିବାରୁ ପୋଲିସର ଲାଠିମାଡ଼

■ ମମତାଙ୍କ କାର୍ଯ୍ୟାଳୟ ଅଭିମୁଖେ ବାହାରିଥିଲା ରାଲି

ଭାଜପା କର୍ମୀମାନେ ରାସ୍ତାରେ ଟାୟାର ଜାଳି, ରାସ୍ତା ଅବରୋଧ କରିଥିଲେ। ପୋଲିସ ସହ ସଂଘର୍ଷ ବେଳେ ଢେଲାମାଡ଼ ମଧ୍ୟ କରାଯାଇଥିଲା। ଏହି ସଂଘର୍ଷ ବେଳେ ଭାଜପା ପ୍ରଦେଶ ଉପାଧ୍ୟକ୍ଷ ରାଜୁ ବାନାର୍ଜୀ ଓ ଏମ୍‌ପି ଜ୍ୟୋତିର୍ମୟ ସିଂ ମହାତୋ, ଭାଜପା ଜାତୀୟ ସମ୍ପାଦକ ଅରବିନ୍ଦ ମେନନ୍ ପ୍ରମୁଖ ଆହତ ହୋଇଥିଲେ। ଏଭଳି ସଂଘର୍ଷକୁ ରୋକିବା ଲାଗି ପୋଲିସ ପାଣିମାଡ଼, ଲୁହବୁହା ଗ୍ୟାସ ବ୍ୟବହାର କରିଥିଲା। ଅନେକେ ବିକ୍ଷୋଭକାରୀଙ୍କୁ ପୋଲିସ ଅଟକ ରଖିଥିବାବେଳେ ଜଣଙ୍କଠାରୁ ଗୁଳିଭର୍ତ୍ତି ବନ୍ଧୁକ ଜବତ କରାଯାଇଥିବା ଜଣାପଡ଼ିଛି। ଭାଜପା କର୍ମୀମାନେ ବୋମାମାଡ଼ କରିଥିବା ମଧ୍ୟ ପୋଲିସ ଅଭିଯୋଗ କରିଛି। ପୋଲିସ-ଭାଜପା ସମର୍ଥକଙ୍କ ମଧ୍ୟରେ ହାଓଡ଼ାରେ ଖଣ୍ଡଯୁଦ୍ଧ ହେବାପରେ ସେଠାରେ ଥିବା ଦୋକାନବଜାର ବନ୍ଦ ହୋଇଯାଇଥିଲା।

ଭାଜପାର ନବନିଯୁକ୍ତ ଯୁବମୋର୍ଚ୍ଚା ମୁଖ୍ୟ ତେଜସ୍ୱୀ ସୂର୍ଯ୍ୟ କହିଛନ୍ତି, ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ କରୁଥିବା କର୍ମୀଙ୍କ ଉପରେ ଲୁହବୁହା ଗ୍ୟାସ୍ ଓ ପାଣିମାଡ଼ କରାଯିବା ଫାସିବାଦ ନୀତିର ଜ୍ୱଳନ୍ତ ଉଦାହରଣ। ଛାତ ଉପରୁ ଟିଏମ୍‌ସି ଗୁଣ୍ଡାମାନେ ର୍‍ୟାଲିବେଳେ ବିକ୍ଷୋଭକାରୀଙ୍କ ଉପରକୁ ଦେଶୀ ବୋମାମାଡ଼ କରିଛନ୍ତି। ରାଜ୍ୟ ସରକାରଙ୍କ ଏଭଳି ଗୁଣ୍ଡାଗିରି ବନ୍ଦ ହେବା ଦରକାର ବୋଲି ସେ ଟୁଇଟ୍ କରି ଦର୍ଶାଇଛନ୍ତି। ମମତା ବାନାର୍ଜୀ ଶାନ୍ତିପୂର୍ଣ୍ଣ ରାଲିକୁ ହିଂସାର ରୂପ ଦେବାକୁ ପ୍ରୟାସ କରିଥିବା ଭାଜପା ସାଧାରଣ ସମ୍ପାଦକ କୈଳାସ ବିଜୟବର୍ଗୀୟ ଅଭିଯୋଗ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, କୋଲକାତାରୁ ୨ ଓ ହାଓଡ଼ାରୁ ୨ ଭାଜପା ରାଲି ବାହାରିଥିବାବେଳେ କରୋନା ଆଳରେ ଟିଏମ୍‌ସି ସରକାର ଏହାକୁ ଅନୁମତି ଦେଇ ନ ଥିଲା।

# ଅଭିବ୍ୟକ୍ତି ସ୍ୱାଧୀନତାର ଅପବ୍ୟବହାର କରାଯାଉଛି

**ନୂଆଦିଲ୍ଲୀ,୮।୧୦(ପି.ଟି./ଆଇଏଏନ୍‌ଏସ୍)**

ବାକ୍ ଓ ଅଭିବ୍ୟକ୍ତି ସ୍ୱାଧୀନତାର ଅପବ୍ୟବହାରକୁ ନେଇ ଗୁରୁବାର ସୁପ୍ରିମକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବର୍ତ୍ତମାନ ସମୟରେ ଏହି ଅଧିକାରର ସବୁଠୁ ବେଶି ଅପବ୍ୟବହାର କରାଯାଉଥିବା କହିଛନ୍ତି। ଏହାସହ ଗତ ମାର୍ଚ୍ଚରେ ଆୟୋଜିତ ତବଲିଘି ଜମାତ୍ କାର୍ଯ୍ୟକ୍ରମର ମିଡିଆ କଭରେଜ ସମ୍ପର୍କରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଦାଖଲ ସତ୍ୟପାଠକୁ 'ଛଳନାପୂର୍ଣ୍ଣ' ଓ 'ଲଜ୍ଜାହୀନ' ବୋଲି ଭର୍ତ୍ସନା କରିଛନ୍ତି।

ପ୍ରଧାନ ବିଚାରପତି ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଜମିଆତ୍ ଉଲାମା-ଇ-ହିନ୍ଦ୍ ଓ ଅନ୍ୟମାନଙ୍କ ପକ୍ଷରୁ ଦାଏର ପିଟିଶନର ଶୁଣାଣି କରିଛନ୍ତି। ଦେଶରେ କୋଭିଡ୍-୧୯ ମହାମାରୀ ଆରମ୍ଭ ହେବାବେଳେ ନୂଆଦିଲ୍ଲୀର ନିଜାମୁଦ୍ଦିନ ମର୍‌କଜ୍‌ରେ ଆୟୋଜିତ ତବ୍‌ଲିଘି ଜମାତ୍‌ର କାର୍ଯ୍ୟକ୍ରମକୁ ନେଇ କେତେକ ଗଣମାଧ୍ୟମ ସାମ୍ପ୍ରଦାୟିକ ଘୃଣା ବିସ୍ତାର କରୁଛନ୍ତି ବୋଲି ଉକ୍ତ ଆବେଦନରେ ଅଭିଯୋଗ କରାଯାଇଥିଲା। ଜମାତ୍ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ଦୁଷ୍ୟନ୍ତ ଡାଭେ ଯୁକ୍ତି ବାଢ଼ିଥିଲେ ଯେ, ଆବେଦନକାରୀମାନେ ଅଭିବ୍ୟକ୍ତି ସ୍ୱାଧୀନତାର ମୁହଁ ବନ୍ଦ ଲାଗି ଉଦ୍ୟମ କରୁଛନ୍ତି ବୋଲି କେନ୍ଦ୍ର ସରକାର ନିଜ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି।



ତବ୍‌ଲିଘି ଜମାତ୍ ମାମଲା: କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

ଏନେଇ ଖଣ୍ଡପୀଠ କହିଛନ୍ତି, ଅଭିବ୍ୟକ୍ତି ଓ ମତ ପ୍ରକାଶ କରିବାର ଅଧିକାରକୁ ଏବେ ସବୁଠୁ ଅଧିକ ଅପବ୍ୟବହାର କରାଯାଉଛି। ଆପଣ ନିଜ ଅନୁସାରେ ଯୁକ୍ତି ବାଢ଼ିବା ପାଇଁ ଯେପରି ସ୍ୱାଧୀନ ଠିକ୍ ସେହିଭଳି ସେମାନେ ମଧ୍ୟ ନିଜ ସତ୍ୟପାଠରେ କୌଣସି ଅଭିଯୋଗ ଆଣିବା ପାଇଁ ମୁକ୍ତ। ତେବେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସଚିବଙ୍କ ପରିବର୍ତ୍ତେ ଜଣେ ଅତିରିକ୍ତ ସଚିବ ସତ୍ୟପାଠ ଦାଖଲ କରିଥିଲେ। ସେଥିରେ ତବଲିଘି ଜମାତ୍ ପ୍ରସଙ୍ଗରେ ମିଡିଆ ରିପୋର୍ଟିଂ ସମ୍ପର୍କରେ ଅନାବଶ୍ୟକ ଓ ଯୁକ୍ତିହୀନ ଅଭିଯୋଗ ଅଣାଯାଇଥିବାରୁ ଖଣ୍ଡପୀଠ ବିରକ୍ତି ପ୍ରକାଶ କରିଛନ୍ତି। ଦୁଇ ସପ୍ତାହ ପରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି କରିବାକୁ ଖଣ୍ଡପୀଠ ଧାର୍ଯ୍ୟ କରିଛନ୍ତି।

# ରାଜନୈତିକ ରାଲିକୁ କେନ୍ଦ୍ରର ଅନୁମତି

**ନୂଆଦିଲ୍ଲୀ,୮।୧୦**


ନିର୍ବାଚନ ମୁହାଁ ୧୨ ରାଜ୍ୟ ଲାଗି ଗୁରୁବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସେପ୍ଟେମ୍ବର ୩୦ର କୋଭିଡ୍-୧୯ ଗାଇଡ୍‌ଲାଇନରେ ସଂଶୋଧନ କରାଯାଇଛି। ଏଥିରେ ରାଜନୈତିକ ଦଳକୁ ରାଲିର ଅନୁମତି ପ୍ରଦାନ କରାଯାଇଛି। ଏହାକୁ ତୁରନ୍ତ କାର୍ଯ୍ୟକାରୀ କରାଯିବାକୁ କୁହାଯାଇଛି। ଏଥିସହ ବିଭିନ୍ନ ରାଜନୈତିକ ଦଳ କୋଭିଡ୍ କଟକଣା ପାଳନ କରିବା ଲାଗି ମଧ୍ୟ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବିହାର ବିଧାନସଭା ନିର୍ବାଚନ ଉପରେ ଏହାର ବିଶେଷ ପ୍ରଭାବ ପଡ଼ିବ। ପୂର୍ବରୁ ମହାମାରୀ କରୋନା ଲାଗି ଅକ୍ଟୋବର ୧୫ ପର୍ଯ୍ୟନ୍ତ ଜନସମାଗମକୁ ବିରୋଧ କରାଯାଇଥିଲା। ସୂଚନାଯୋଗ୍ୟ, ବିହାର ବ୍ୟତୀତ ତେଲଙ୍ଗାନା, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ଗୁଜରାଟ, କର୍ଣ୍ଣାଟକ, ହରିୟାଣା, ଝାଡ଼ଖଣ୍ଡ, ଛତିଶଗଡ଼, ମଣିପୁର, ନାଗାଲାଣ୍ଡ, ଓଡ଼ିଶାରେ ଉପନିର୍ବାଚନ ହେବାକୁଯାଉଛି। ଏଥିଲାଗି ପ୍ରସ୍ତୁତିପର୍ବ ଯୁଦ୍ଧକାଳୀନ ଭିତ୍ତିରେ ଆଗେଇ ଚାଲିଛି।

କୋଭିଡ୍-୧୯ର ସଂଶୋଧିତ ଗାଇଡ୍‌ଲାଇନ୍

# 'ସାର୍ବଭୌମତ୍ୱ ରକ୍ଷା ଲାଗି ବାୟୁସେନା ପ୍ରସ୍ତୁତ'

**ନୂଆଦିଲ୍ଲୀ,୮।୧୦:** ଦେଶର ସାର୍ବଭୌମତ୍ୱ ରକ୍ଷା ଲାଗି ଭାରତୀୟ ବାୟୁସେନା ସର୍ବଦା ପ୍ରସ୍ତୁତ ବୋଲି ଏୟାର୍ ଚିଫ୍ ମାର୍ଶାଲ ରାକେଶ କୁମାର ସିଂ ଭଦୌରିଆ ପ୍ରକାଶ କରିଛନ୍ତି। ଗୁରୁବାର ଗାଜିଆବାଦର ହିଣ୍ଡୋନରେ ୮୮ତମ ଭାରତୀୟ ବାୟୁସେନା ଦିବସ ପାଳନ ଅବସରରେ ଅନୁଷ୍ଠିତ ଉତ୍ସବରେ ବାୟୁସେନା ଯୋଦ୍ଧାଙ୍କୁ ଉଦ୍‌ବୋଧନ ଦେଇ ଲଦାଖରେ ସେନାର ଦୃଢ଼ ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ଲଦାଖ ସୀମାରେ ଚାଇନା ସହ ତିକ୍ତତା ବଢ଼ିଥିବାବେଳେ ତ୍ୱରିତ ପଦକ୍ଷେପ ଲାଗି ବାୟୁସେନା ଯୋଦ୍ଧାମାନେ ସବୁବେଳେ ସତର୍କ ରହିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଏହି ଅବସରରେ 'ଏୟାର ଶୋ' ପ୍ରଦର୍ଶନ କରାଯାଇଥିଲା। ରାଫାଲ ଜେଟ୍ ମଧ୍ୟ ନିଜର ପରାକ୍ରମ ଏଥିରେ ଦେଖାଇଥିଲା। ପ୍ରକାଶଥାଉ କି, ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପ୍ରମୁଖ ଭାରତୀୟ ବାୟୁସେନାର ୮୮ତମ ବାର୍ଷିକ ଉତ୍ସବ ଲାଗି ଅଭିନନ୍ଦନ ଜଣାଇଥିଲେ। ସିଡିଏସ୍ ବିପିନ ରାୱତ, ସ୍ଥଳସେନା ମୁଖ୍ୟ ଏମ୍.ଏମ୍. ନରୱଣେ, ନୌସେନା ମୁଖ୍ୟ ଆଡମିରାଲ କରମ୍‌ବୀର ସିଂ ଏହି ଉତ୍ସବରେ ଉପସ୍ଥିତ ଥିଲେ।

୮୮ତମ ବାୟୁସେନା ଦିବସ ପାଳିତ



# ୨ ଆଇଏସ୍ ଆତଙ୍କବାଦୀ ଗିରଫ

**ନୂଆଦିଲ୍ଲୀ/ ବେଙ୍ଗାଲୁରୁ,୮।୧୦**

ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ପକ୍ଷରୁ ୧୪ ଜଣିଆ ଆଇଏସ୍ (ଇସ୍‌ଲାମିକ ଷ୍ଟେଟ୍) ଗୋଷ୍ଠୀର ପର୍ଦ୍ଦାଫାଶ୍ କରାଯାଇଛି। ଏମାନଙ୍କ ମଧ୍ୟରୁ ୨ ଜଣଙ୍କୁ ବେଙ୍ଗାଲୁରୁରୁ ଗିରଫ ମଧ୍ୟ କରାଯାଇଛି। ସେମାନେ ହେଲେ ଅହମଦ ଅବଦୁଲ କାଦିର(୪୦) ଓ ଇର୍ଫାନ୍ ନାସିର(୩୩)। ଏହି ଆଇଏସ୍ ସଦସ୍ୟମାନେ ୨୦୧୩ରେ ଇରାକ ଓ ସିରିଆ ଯାଇଥିଲେ। ୨୦୧୪ରେ ସେମାନେ ଫେରିଆସିଥିଲେ। ସେମାନଙ୍କ ମଧ୍ୟରେ କେତେଜଣ ଫେରାର୍ ଅଛନ୍ତି। ଗିରଫ ଚକ୍ଷୁ ଡାକ୍ତର ଅବ୍‌ଦୁଲ ରହମାନଙ୍କୁ ଜେରାବେଳେ ଅଧିକାରୀମାନେ ଏଭଳି ତଥ୍ୟ ପାଇଥିଲେ। ଇରାକ ଓ ସିରିଆ ଏବେ ଆଇଏସ୍ କବଳରୁ ମୁକ୍ତ ହୋଇଥିବା ଦର୍ଶାଇଛନ୍ତି।

## ଫୁର୍‌ସତ୍

# ଫିଜିରେ ଛୁଟି କାଟୁଛନ୍ତି ଇଲିୟାନା

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଇଲିୟାନା ଡିକ୍ରୁଜ୍ ସୋସିଆଲ ମିଡିଆରେ ଏବେ ଆକ୍ଟିଭ୍ ରହୁଛନ୍ତି। ଫିଲ୍ମ ସହିତ ନିଜର ଗ୍ଲାମରସ୍ ଏବଂ ଷ୍ଟାଇଲ ଅନ୍ଦାଜ୍ ପାଇଁ ସେ ଖୁବ୍ ଚର୍ଚ୍ଚିତ। ନିକଟରେ ଇଲିୟାନା ତାଙ୍କର କିଛି ଫଟୋ ଇନ୍‌ଷ୍ଟାରେ ଶେୟାର କରିଛନ୍ତି। ଯେଉଁଥିରେ ତାଙ୍କ ଷ୍ଟାଇଲ୍ ଏବଂ ଲୁକ୍ ପୂରା ଲାଜବାବ୍ ହୋଇଛି। ଫଟୋରେ ସେ ଫିଜିରେ ଏଞ୍ଜୟ କରୁଥିବା ନଜର ଆସିଛନ୍ତି। ଏହା ଏକ ଆଇଲାଣ୍ଡ। ତେବେ ଏହି ଜାଗା ତାଙ୍କୁ ବହୁତ ପସନ୍ଦ। ଏବେ ଏହି ଫଟୋ ଇନ୍‌ଷ୍ଟାରେ ଖୁବ୍ ଭାଇରାଲ ହେବା ସହ ଫ୍ୟାନ୍‌ମାନେ ଜବରଦସ୍ତ କମେଣ୍ଟ ମଧ୍ୟ ଦେଇଛନ୍ତି। ଇଲିୟାନାଙ୍କୁ ବ୍ଲୁ ବିକିନିରେ ଦେଖି ଲୋକେ ଦିୱାନା ହୋଇଯାଇଛନ୍ତି। ଇନ୍‌ଷ୍ଟାରେ ଫଟୋଟି ଅପ୍‌ଲୋଡ୍ ହେଉ ହେଉ ୪ଲକ୍ଷରୁ ଅଧିକ ଲାଇକ୍ ମିଳିସାରିଲାଣି। ବ୍ଲୁ ବିକିନି ସହିତ ବ୍ଲାକ୍ ଚଷମାର କମ୍ବିନେଶନ୍ ଲୋକଙ୍କୁ ବେଶ୍ ପସନ୍ଦ ଆସିଛି। ତେବେ ଏହା ପ୍ରଥମ ଥର ନୁହେଁ, ସେ ଯେବେ କିଛି ଫଟୋ ଏବଂ ଭିଡିଓ ଶେୟାର କରନ୍ତି ଫ୍ୟାନ୍‌ମାନେ ତାଙ୍କର ବେଶ୍ ପ୍ରଶଂସା କରିଥାନ୍ତି। ଏହା ବ୍ୟତୀତ ସେ ଆଉ ଏକ ଭିଡିଓ ଶେୟାର କରିଛନ୍ତି, ଯେଉଁଥିରେ ସେ ଏକ ବ୍ଲାକ୍ ଡ୍ରେସ୍‌ରେ ନଜର ଆସିଛନ୍ତି। ସୂଚନା ଥାଉ କି, ଇଲିୟାନାଙ୍କ ଅପ୍‌କମିଂ ଫିଲ୍ମ 'ଦ ବିଗ୍ ବୁଲ୍'ର ପୋଷ୍ଟର ରିଲିଜ ହୋଇଛି। ଏହି ପୋଷ୍ଟରରେ ସେ ଏକ ସାଲ୍‌ୱାରରେ ଚଷମା ପିନ୍ଧିଥିବା ଦେଖିବାକୁ ମିଳିଛି। ଏହି ଫିଲ୍ମ ଏକ କ୍ରାଇମ୍ ଡ୍ରାମାକୁ ନେଇ ଆଧାରିତ। ଏଥିରେ ଲିଡ୍ ରୋଲ୍‌ରେ ଅଭିଷେକ ବଚ୍ଚନ ଅଛନ୍ତି।



ଇଲିୟାନା ଡିକ୍ରୁଜ

# ମାସ୍କ ନ ପିନ୍ଧିଲେ ଖୋଲିବନି କବାଟ

**ନୂଆଦିଲ୍ଲୀ:** ମାସ୍କ ପିନ୍ଧିଥିଲେ ଭିତରକୁ ଯିବା ପାଇଁ କବାଟ ଆପେ ଆପେ ଖୋଲିଯିବ, କିନ୍ତୁ ମାସ୍କ ପିନ୍ଧି ନ ଥିଲେ କବାଟ ଆଦୌ ଖୋଲିବ ନାହିଁ। କରୋନା ସଂକ୍ରମଣରୁ ସୁରକ୍ଷିତ ରହିବା ପାଇଁ ଏଭଳି ବ୍ୟବସ୍ଥା ହୋଇଛି ଥାଇଲାଣ୍ଡର ଏକ ଶପିଂ ମଲ୍‌ରେ।

ଥାଇଲାଣ୍ଡର ଏକ ଶପିଂ ମଲ୍ ଭିତରକୁ କେବଳ ମାସ୍କ ପିନ୍ଧିଥିବା ଲୋକ ହିଁ ଯାଇପାରିବେ। ମାସ୍କ ପିନ୍ଧି ନ ଥିଲେ ସେଠାରେ ସେହି ସିକ୍ୟୁରିଟି ଗାର୍ଡ ଚେକ୍ କରିବେ ନାହିଁ, ବରଂ କବାଟ ଆଦୌ ଖୋଲିବ ନାହିଁ। କିନ୍ତୁ ମାସ୍କ ପିନ୍ଧିଥିବା ଲୋକଙ୍କ ପାଇଁ ତୁରନ୍ତ କବାଟଟି ଆପେ ଆପେ ଖୋଲିଯିବ। ଶପିଂ ମଲରେ ଲାଗିଥିବା ସ୍କାନରରେ ଏଭଳି ବ୍ୟବସ୍ଥା କରାଯାଇଛି। ପ୍ରବେଶ ପଥରେ ଏଭଳି ଏକ ବ୍ୟବସ୍ଥା କରାଯାଇଥିବାର ଏକ ଭିଡିଓକୁ ସୋସିଆଲ ମିଡିଆରେ ପ୍ରଥମେ ଶେୟାର କରିଥିଲେ ଟୁଇଟର ବ୍ୟବହାରକାରୀ ନିଆଲ୍ ହର୍ବିଶନ୍। ଭିଡିଓରେ ଏଭଳି ଏକ ଟେକ୍ନୋଲୋଜିକୁ ପ୍ରଦର୍ଶନ କରାଯାଇଛି, ଯାହା ଭାଇରାଲ୍ ହୋଇପାରିଛି। ମୁଖ୍ୟ ପ୍ରବେଶ ପଥରେ ଏଭଳି ଏକ ସ୍କାନର ଲଗାଯାଇଛି, ଯାହା ମାତ୍ର ଦୁଇ ସେକେଣ୍ଡରେ ପ୍ରଥମେ ଶରୀରର ତାପମାତ୍ରା ମାପିବା ସହିତ ଆପଣ ମାସ୍କ ପିନ୍ଧିଛନ୍ତି କି ନାହିଁ ତାହା ପରୀକ୍ଷା କରିବ। ତା'ପରେ ମାସ୍କ ଠିକ୍ ଭାବରେ ପିନ୍ଧିଥିବା ଲୋକଙ୍କୁ ଭିତରେ ପ୍ରବେଶ କରିବା ପାଇଁ ଡୋର୍‌ଟି ଆପେ ଆପେ ଖୋଲିଯିବ। ଏଭଳି ଏକ ଟେକ୍ନୋଲୋଜିର ପ୍ରଦର୍ଶନ ହେବା ପରେ ସୋସିଆଲ ମିଡିଆରେ ତାହା ଖୁବ୍ ଲୋକଙ୍କୁ ଆକୃଷ୍ଟ କରିପାରିଛି। ଏହି ବିଶେଷ ଟେକ୍ନୋଲୋଜିକୁ ଦେଖି ଲୋକେ ପ୍ରଭାବିତ ହେବା ସହିତ ସବୁଆଡ଼େ ଏଭଳି ଟେକ୍ନୋଲୋଜି ଆପଣେଇବା ନିମନ୍ତେ ଇଚ୍ଛା ପ୍ରକାଶ କରିଛନ୍ତି। ଏମିତି ତ ପ୍ରାୟ ସବୁ ସ୍ଥାନରେ ଏବେ ନୋ ମାସ୍କ ନୋ ଏଣ୍ଟ୍ରି, ନୋ ପେଟ୍ରୋଲ ଆଦି ବିଭିନ୍ନ କଟକଣା କରାଯାଇଛି। କିନ୍ତୁ ଟେକ୍ନୋଲୋଜି ମାଧ୍ୟମରେ ଥାଇଲାଣ୍ଡର ଏହି ବ୍ୟବସ୍ଥା ବେଶ୍ ଆକରର୍ଷଣୀୟ ମନେ ହେଉଛି।



# ୫ ରେକର୍ଡର ଅଧିକାରୀ ବିସ୍ମୟ ଶିଶୁ ଆଦିଥ୍

**ହାଇଦ୍ରାବାଦ:** ସାଧାରଣତଃ ଶିଶୁମାନେ ଯେକୌଣସି ବିଷୟ ଶୀଘ୍ର ଶିଖିଥାନ୍ତି। କିନ୍ତୁ କେତେଜଣ ଶିଶୁଙ୍କ ନିକଟରେ ତୁଳସୀ ଦୁଇପତ୍ରରୁ ବାସିଲା ଭଳି ଛୋଟବେଳୁ ହିଁ ବିଚକ୍ଷଣ ପ୍ରତିଭା ବାରିହୋଇ ପଡ଼ିଥାଏ। ଏବେ ଏଭଳି ଜଣେ ଶିଶୁ ନିଜର ପ୍ରଖର ସ୍ମରଣଶକ୍ତି ପାଇଁ ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛନ୍ତି। ସେ ହେଉଛନ୍ତି ତେଲଙ୍ଗାନା ରାଜ୍ୟ ହାଇଦ୍ରାବାଦର କରିମ୍‌ନଗର ଅଞ୍ଚଳର ଆଦିଥ୍ ବିଶ୍ୱନାଥ ଗୌରିଶେଟ୍ଟୀ।

ବୟସ ମାତ୍ର ବର୍ଷେ ୯ମାସ। ହେଲେ ସ୍ମରଣଶକ୍ତି ଅତି ପ୍ରଖର। ଯେକୌଣସି ଜିନିଷକୁ ଥରେ ଦେଖି ସେ ମନେରଖିପାରନ୍ତି। ଏହି ଅସାଧାରଣ ସ୍ମରଣଶକ୍ତି ପାଇଁ ସେ ୱାର୍ଲଡ ବୁକ୍ ଅଫ୍ ରେକର୍ଡ୍ସ, ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସ, ତେଲୁଗୁ ବୁକ୍ ଅଫ୍ ରେକର୍ଡ୍ସ ସମେତ ଅନ୍ୟ ୨ ଜାତୀୟ ସ୍ତରୀୟ ରେକର୍ଡ ନିଜ ନାମରେ କରିଛନ୍ତି। ଏ ବୟସରେ ପିଲାମାନେ ଖେଳନା ଖେଳିବା ଏବଂ ନର୍ସରି ରାଇମ୍ସ ଶିଖିବାରେ ବ୍ୟସ୍ତ ରହୁଥିବାବେଳେ ଆଦିଥ୍ ଚିତ୍ର ଦେଖି ବିଭିନ୍ନ ରଙ୍ଗ, ପଶୁ, ଜାତୀୟ ପତାକା, ଶରୀରର ଅଙ୍ଗପ୍ରତ୍ୟଙ୍ଗ, ଫଳ ସମେତ ବିଭିନ୍ନ ଘରେ ବୈଦ୍ୟୁତିକ ଉପକରଣର ନାମ ସ୍ପଷ୍ଟ ମନେରଖିବା ସହ କହିପାରୁଥିବା ତାଙ୍କ ମା' ସ୍ନେହିଥା କୁହନ୍ତି। ଏହା ବ୍ୟତୀତ ସେ କାର୍ ଲୋଗୋ, ଭଗବାନଙ୍କ ନାମ, ଇଂଲିଶ ଅକ୍ଷରଗୁଡ଼ିକୁ ମଧ୍ୟ କହିପାରୁଛନ୍ତି। ସ୍ୱାଧୀନତା ଦିବସ ଉପଲକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଭିଭାଷଣ ସମୟରେ ଆଦିଥ୍ ତ୍ରିରଙ୍ଗାକୁ ସମ୍ମାନ ପ୍ରଦର୍ଶନ(ସାଲ୍ୟୁଟ୍) କରିବା ଦେଖି ପରିବାର ଲୋକେ ତାଙ୍କ ପ୍ରତିଭାକୁ ଜାଣିପାରିଥିଲେ। ପରେ ପରେ ସେ ଅନ୍ୟ ଦେଶର ଜାତୀୟ ପତାକାର ନାମ ମଧ୍ୟ ମନେରଖିବା ଜାଣିବାକୁ ପାଇଥିଲେ। ପୁଅର ଅସାଧାରଣ ଗୁଣ ପ୍ରଥମେ ତାଙ୍କ ଜେଜେବାପା ଚିହ୍ନିପାରିଥିଲେ ବୋଲି ଆଦିଥ୍‌ଙ୍କ ବାପା ଅରୁନ୍ ସାଇ କୁହନ୍ତି। ପୁଅଙ୍କୁ କେବଳ ଅଞ୍ଚଳ କିମ୍ବା ଦେଶ ନୁହେଁ, ସମଗ୍ର ବିଶ୍ୱରୁ ପ୍ରଶଂସାର ବାର୍ତ୍ତା ପହଞ୍ଚୁଛି। ଏଥିପାଇଁ ପରିବାର ଲୋକେ ମଧ୍ୟ ଗର୍ବିତ ବୋଲି ସେ କହିଛନ୍ତି।




# ସୋସିଆଲ ମିଡିଆର ଶକ୍ତି

**ନୂଆଦିଲ୍ଲୀ:** ସମାଜରେ ଏବେ ବି ମାନବିକତା ବଞ୍ଚିଛି। କୋଟି କୋଟି ଲୋକଙ୍କ ମଧ୍ୟରେ ଏବେ ବି କିଛି ଲୋକ ଅଛନ୍ତି ଯେଉଁମାନେ ଅନ୍ୟର ଦୁଃଖ ଦେଖି ତାକୁ ସାହାଯ୍ୟ ପାଇଁ ଆଗେଇ ଆସନ୍ତି। ଆଉ ଲୋକଙ୍କ ପାଖରେ ପହଞ୍ଚିବା କ୍ଷେତ୍ରରେ ଏବେ ସୋସିଆଲ ମିଡିଆର ଶକ୍ତି ବହୁଗୁଣ ଅଧିକ ରହିଛି। ଏହାର ଏକ ଉଦାହରଣ ହେଉଛନ୍ତି ଦିଲ୍ଲୀର ବୃଦ୍ଧ ଦମ୍ପତି। ସୋସିଆଲ ମିଡିଆରେ ଏହି ବୃଦ୍ଧ ଦମ୍ପତିଙ୍କ ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ଏବେ ରାଜ୍ୟ ତଥା ରାଜ୍ୟ ବାହାରର ଲୋକେ ବି ତାଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇ ଆସିଛନ୍ତି।

ପ୍ରଥମେ ଗୌରବ ୱାଶନ୍ ନାମକ ଜଣେ ଫୁଡ୍ ବ୍ଲଗର ଏହି ଦମ୍ପତିଙ୍କ ସମ୍ପର୍କରେ ସୋସିଆଲ ମିଡିଆରେ ଏକ ଭିଡିଓ ପୋଷ୍ଟ କରି ସେମାନଙ୍କ ଅସହାୟତା ଓ ଦୁଃଖ କାହାଣୀ ସମ୍ପର୍କରେ ଜଣାଇଥିଲେ। ଜୀବନଜୀବିକା ପାଇଁ ଲକ୍‌ଡାଉନ୍ ପରେ ୮୦ ବର୍ଷର ଏହି ବୃଦ୍ଧ ଦମ୍ପତି ଦିଲ୍ଲୀରେ ଏକ ଢାବା ଖୋଲି ଖାଦ୍ୟ ବିକ୍ରି କରୁଛନ୍ତି। ବୃଦ୍ଧଙ୍କ ଢାବାର ନାଁ ରହିଛି 'ବାବା କା ଢାବା'। ଦିଲ୍ଲୀର ଶିବାଲିକ୍ କଲୋନୀର ମାଲବ୍ୟ ନଗରରେ ଥିବା ଏହି ଢାବାରେ ସେମାନେ ମଟର ପନିର୍ ବିକ୍ରି କରୁଛନ୍ତି। ସେମାନଙ୍କୁ ଅର୍ଥର ବହୁ ଆବଶ୍ୟକତା ରହିଛି। ସୋସିଆଲ ମିଡିଆରେ ଏଭଳି ଲେଖାସହିତ ଭିଡିଓ ଆସିବା ପରେ ବହୁ ଅଞ୍ଚଳର ଲୋକେ ତାଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇ ଆସୁଛନ୍ତି।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩,୬୫,୮୮,୧୯୧ | ୧୦,୬୩,୪୬୨ | ୨,୭୫,୪୬,୪୦୪ |
| ଭାରତ | ୬୮,୯୯,୭୪୭ | ୧,୦୬,୫୦୦ | ୫୮,୯୭,୨୬୦ |
| ଓଡ଼ିଶା | ୨,୪୪,୧୪୨ | ୯୭୪(+୫୩) | ୨,୧୬,୯୮୪ |

ଗୁରୁବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ମା' ପୁଅ ମୃତ

ଗୋପାଳପୁର,୮।୧୦: ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅନ୍ତର୍ଗତ ହଳଦିଆପଦର ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ଗୁରୁବାର ରାତି ପ୍ରାୟ ୮ଟାରେ ଏକ ବାଇକ୍‌କୁ ଟ୍ରକ୍ ଧକ୍କା ଦେବାରୁ ମା', ପୁଅଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ସିଙ୍ଗାବାଡ଼ି ଗ୍ରାମର ଗୀତାଞ୍ଜଳି ସାହୁ ଓ ତାଙ୍କ ପୁଅ ସୁନୀଲ। ଗୋଳନ୍ଥରା ପୋଲିସ ଓ କନିଷ୍ଠି ଅଗ୍ନିଶମ କର୍ମଚାରୀମାନେ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଛନ୍ତି। ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌କୁ ପୋଲିସ ଜବତ କରିଛି। ପ୍ରକାଶ ଯେ, ସୁନୀଲ ତାଙ୍କ ମା'ଙ୍କୁ ବାଇକ୍‌ରେ ବସାଇ ବ୍ରହ୍ମପୁର ଗୋଷାଣୀନୂଆଗାଁକୁ ଏକ ଭୋଜିରେ ଯୋଗ ଦେବାକୁ ଯାଉଥିଲେ। ହଳଦିଆପଦର ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ମା', ପୁଅଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣାସ୍ଥଳରେ ଟ୍ରାଫିକ ଜାମ୍ ହେବାରୁ ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ଶତାଧିକ ଗାଡ଼ି ମୋଟର ଅଟକି ରହିଥିଲା।

# ଲାଭ ପଛରେ ଶିଳ୍ପସଂସ୍ଥା, ସ୍ଥାନୀୟ ନିଯୁକ୍ତି ଗୌଣ

**କଳିଙ୍ଗନଗର ଶିଳ୍ପାଞ୍ଚଳ**

■ ୫ ବର୍ଷରେ ନିଯୁକ୍ତି ହରାଇଛନ୍ତି ୨୩,୯୩୦ ଜଣ

ହର୍ଷବର୍ଦ୍ଧନ ବେହେରା
ଯାଜପୁର ଅଫିସ,୮।୧୦

ସ୍ଥାନୀୟ ନିଯୁକ୍ତି ଆଶାରେ ଯାଜପୁର ଜିଲାର କଳିଙ୍ଗନଗରବାସୀ ବିଭିନ୍ନ ଶିଳ୍ପାନୁଷ୍ଠାନକୁ ସ୍ୱାଗତ କରିଥିଲେ। ଏପରି କି ଶିଳ୍ପାୟନ ଦ୍ୱାରା ପରିବେଶ ପ୍ରଦୂଷଣ ସମେତ ଅନ୍ୟାନ୍ୟ ସମସ୍ୟାକୁ ମଧ୍ୟ ସହିଗଲେ। ଅନ୍ୟପକ୍ଷରେ ଶିଳ୍ପସଂସ୍ଥାଗୁଡ଼ିକ ବିକାଶର ସ୍ୱପ୍ନ ଦେଖାଇ ଖଣି, ପାଣି, ଜମି ହାତେଇ ତାହାର ଭରପୂର ବ୍ୟବହାରର ସୁଯୋଗ ପାଇଲେ। କିନ୍ତୁ ଶିଳ୍ପସଂସ୍ଥାଗୁଡ଼ିକ ନିଯୁକ୍ତି ଓ ସ୍ଥାନୀୟ ଅଞ୍ଚଳର ବିକାଶ କ୍ଷେତ୍ରରେ ସେମାନଙ୍କ ପ୍ରତିଶ୍ରୁତିକୁ ଭୁଲିଯାଇ କେବଳ ନିଜ ଲାଭକୁ ବହୁଗୁଣ କରିବାରେ ବ୍ୟସ୍ତ। ସେମାନଙ୍କ ଏଭଳି ମନୋଭାବ ଆଗରେ କଳିଙ୍ଗନଗର ଶିଳ୍ପାଞ୍ଚଳରେ ସ୍ଥାନୀୟ ନିଯୁକ୍ତି ଗୌଣ ହୋଇଯାଇଛି। ଗତ ପ୍ରାୟ ୧ ବର୍ଷ ହେଲା ଏଠାକାର ୨ ବୃହତ୍ ଶିଳ୍ପ କାରଖାନାର ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହୋଇଛି। ସେହିପରି ୬ ନୂତନ କାରଖାନା ପ୍ରତିଷ୍ଠା କରାଯାଇଛି। ହେଲେ ୧୬ ଶିଳ୍ପ କାରଖାନାରେ ଗତ ୫ ବର୍ଷ ମଧ୍ୟରେ ୨୩,୯୩୦ ଜଣ ଠିକା ଶ୍ରମିକ ଓ କର୍ମଚାରୀ ସେମାନଙ୍କ ନିଯୁକ୍ତି ହରାଇଛନ୍ତି।

ଗତ ୫ ବର୍ଷର ରେକର୍ଡ ଦେଖିଲେ ଏହି ଅଞ୍ଚଳର ଶିଳ୍ପରେ ନିୟମିତ କର୍ମଚାରୀଙ୍କ ସଂଖ୍ୟାରେ ୭୪୩ ବୃଦ୍ଧି ଘଟିଛି। ତେବେ ସେମାନଙ୍କ ମଧ୍ୟରୁ ମାତ୍ର ୨୦% ବରିଷ୍ଠ ନିର୍ବାହୀ ଅଧିକାରୀ ଏବଂ ୩୮% ସୁପରଭାଇଜରି କର୍ମଚାରୀ ହେଉଛନ୍ତି ଓଡ଼ିଶାର। ବାକି ରାଜ୍ୟ ବାହାରର ଲୋକଙ୍କୁ ପ୍ରାଧାନ୍ୟ ଦିଆଯାଇଛି। ଅନ୍ୟପକ୍ଷରେ ନୂତନ ଭାବେ ଶିଳ୍ପ କାରଖାନା ପ୍ରତିଷ୍ଠା ହୋଇଥିଲେ ହେଁ ଏକମାତ୍ର ସରକାରୀ ଉଦ୍ୟୋଗ ନୀଳାଚଳ ଇସ୍ପାତ ନିଗମ ଲିଃ(ଏନ୍ଆଇଏନ୍ଏଲ୍) ସମେତ ମେସ୍କୋ ଓ ମୈଥାନ କାରଖାନା ବନ୍ଦ ପଡ଼ିଛି। ଫଳରେ ନିୟମିତ ଓ ଠିକା ଶ୍ରମିକ ସଂଖ୍ୟା ପୁଣି ହ୍ରାସ ପାଇବା ଆଶଙ୍କା ଦୃଢ଼ୀଭୂତ ହୋଇଛି। ଏଥିଯୋଗୁ ବିଭିନ୍ନ ବୈଷୟିକ ଡିଗ୍ରୀଧାରୀଙ୍କ ସମେତ ଯାଜପୁର ଜିଲାରେ ପ୍ରାୟ ୬୦ ହଜାର ଯୁବତୀଯୁବକ ବେକାର ହୋଇ ବସିଛନ୍ତି। ହେଲେ ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ଆଦି ଅଞ୍ଚଳରୁ ହଜାର ହଜାର ଲୋକ ଏଠାରେ ନିଯୁକ୍ତି ପାଇ ବିଳାସପୂର୍ଣ୍ଣ ଜୀବନ ବିତାଉଛନ୍ତି ବୋଲି କ୍ଷୋଭ ପ୍ରକାଶ ପାଇଛି।

କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁସାରେ, ଗତ ଜୁଲାଇ ସୁଦ୍ଧା ଟାଟା ଷ୍ଟିଲରେ ସର୍ବାଧିକ ୨୪,୨୯୧ ଜଣ ଏବଂ ଜିନ୍ଦଲ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ରେ ୧୫୧୦ ଠିକା ଶ୍ରମିକ ଓ କର୍ମଚାରୀ ନିଯୁକ୍ତି ହରାଇଛନ୍ତି। ଏହି ୨ କାରଖାନାର ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିଲେ ହେଁ, ଠିକା କର୍ମଚାରୀ ହ୍ରାସ ଯୋଗୁ ଜିଲାର ବେକାର ଯୁବକଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ନିୟମିତ କର୍ମଚାରୀ ନିଯୁକ୍ତିରେ ଗତ ୫ ବର୍ଷ ମଧ୍ୟରେ ଟାଟା ଷ୍ଟିଲରେ ୮୭୩ ଏବଂ ଜିନ୍ଦଲ ଷ୍ଟେନଲେସ ଷ୍ଟିଲ କାରଖାନାରେ ୧୦୫ ଜଣଙ୍କ ବୃଦ୍ଧି ଘଟିଛି। କିନ୍ତୁ ଏହି ସଂଖ୍ୟାରେ ସ୍ଥାନୀୟ ନିଯୁକ୍ତି ଗୌଣ ହୋଇଯାଇଛି।

ଶିଳ୍ପାୟନ ଦ୍ୱାରା ଜିଲାରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ, ସ୍ଥାୟୀ ନିଯୁକ୍ତି ପାଇ ସ୍ଥାନୀୟ ଲୋକଙ୍କ ସାମାଜିକ ଓ ଆର୍ଥିକ ଅବସ୍ଥାରେ ଉନ୍ନତି ହେବ ବୋଲି ସରକାର ଯେଉଁ ଡିଣ୍ଡିମ ପିଟୁଛନ୍ତି ତାହା କଳିଙ୍ଗନଗର ଶିଳ୍ପାଞ୍ଚଳରେ ପରାହତ ହୋଇଛି। କେନ୍ଦ୍ର ଓ ରାଜ୍ୟ ସରକାର ମଧ୍ୟ ଗତ ୫ ବର୍ଷ ମଧ୍ୟରେ ଏ ଦିଗରେ କୌଣସି ସକାରାତ୍ମକ ପଦକ୍ଷେପ ନେଇ ପାରିନାହାନ୍ତି। ଫଳରେ ଯେଉଁ ଶ୍ରମିକ ଓ କର୍ମଚାରୀ ନିଯୁକ୍ତି ହରାଇଛନ୍ତି, ସେମାନଙ୍କ ପରିବାରବର୍ଗଙ୍କ ମଧ୍ୟରୁ ଅଧିକାଂଶ ବାହାର ରାଜ୍ୟକୁ ଦାଦନ ଖଟିଯିବାକୁ ବାଧ୍ୟ ହେଉଛନ୍ତି। ଏ ସଂକ୍ରାନ୍ତରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରେ ସେ କହିଛନ୍ତି, କମ୍ପାନୀ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ସ୍ଥାନୀୟ ନିଯୁକ୍ତିକୁ ପ୍ରାଧାନ୍ୟ ଦେବାକୁ ପରାମର୍ଶ ଦିଆଯାଉଛି। ସମ୍ପ୍ରସାରଣ ସମୟରେ ମଧ୍ୟ ସ୍ଥାନୀୟ ନିଯୁକ୍ତି ସଂଖ୍ୟା କିପରି ବୃଦ୍ଧି ଘଟିବ ସେ ନେଇ ପ୍ରଶାସନ ପକ୍ଷରୁ ତାଗିଦ କରାଯାଉଛି। ଆଗାମୀ ଦିନରେ ନିଯୁକ୍ତିକୁ ନେଇ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି।

**୮।୪।୨୦୧୫ରୁ ୨୭।୮।୨୦୨୦ ମଧ୍ୟରେ କର୍ମଚାରୀ ସଂଖ୍ୟା**

| | ଶିଳ୍ପସଂସ୍ଥା | ନିୟମିତ | | ଠିକା | |
|---|---|---|---|---|---|
| | | ୨୦୧୫ | ୨୦୨୦ | ୨୦୧୫ | ୨୦୨୦ |
| ୧. | ଟାଟା ଷ୍ଟିଲ | ୨୬୦୨ | ୩୪୭୫ | ୩୬୧୦୮ | ୧୧୮୧୭ |
| ୨. | ଭିସା ଷ୍ଟିଲ | ୧୧୩୦ | ୬୮୯ | ୨୩୫୦ | ୧୨୦୫ |
| ୩. | ମେସ୍କୋ ଷ୍ଟିଲ | ୪୯୮ | ୪୧୭ | ୫୭୮ | ୩୬ |
| ୪. | ନୀଳାଚଳ ଇସ୍ପାତ | ୧୫୮୭ | ୧୪୭୮ | ୧୪୫୯ | ୨୮୬୬ |
| ୫. | ୟାଜଦାନୀ | ୧୯୦ | ୧୭୯ | ୨୪୮ | ୨୫୬ |
| ୬. | ରୋହିତ ଫେରୋଟେକ୍ | ୨୬୮ | ୨୨୩ | ୭୪୪ | ୭୦୩ |
| ୭. | ବିଆର୍‌ପିଏଲ୍ | ୧୨୫ | ୧୧୯ | ୩୪୯ | ୪୨୯ |
| ୮. | ଜିନ୍ଦଲ ଷ୍ଟେନ୍‌ଲେସ୍ ଷ୍ଟିଲ | ୧୬୬୧ | ୧୫୫୬ | ୬୪୬୮ | ୪୯୫୮ |
| ୯. | ମୈଥାନ ଇସ୍ପାତ | ୨୬୦ | ୨୫୪ | ୬୯୯ | ୬୯୯ |
| ୧୦. | କେ.ଜେ. ଇସ୍ପାତ | ୭୧ | ୬୦ | ୭୪ | ୬୦ |
| ୧୧. | ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ | -- | ୬୪ | -- | ୨୯୦ |
| ୧୨. | ନ୍ୟୁଜନ ଟ୍ୟୁବ | -- | ୧୩ | -- | ୧୪୪ |
| ୧୩. | ସାଇଜର ଏଣ୍ଟରପ୍ରାଇଜ | -- | ୧୦୧ | -- | ୮ |
| ୧୪. | ଇମାମି ସିମେଣ୍ଟ | -- | ୧୦୫ | -- | ୩୧୬ |
| ୧୫. | ଜିନ୍ଦଲ ୟୁନାଇଟେଡ ଷ୍ଟିଲ | -- | ୨୮୬ | -- | ୮୮୮ |
| ୧୬. | ଜିନ୍ଦଲ କୋକ ଲିଃ | -- | ୧୧୬ | -- | ୪୭୨ |
| | ମୋଟ | ୮୩୯୨ | ୯୧୩୫ | ୪୯୦୭୭ | ୨୫୧୪୭ |

# ରାମ୍‌କୋ ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ୍ ଶୁଭାରମ୍ଭ

**ଭିସିରେ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ**

ଧର୍ମଶାଳା, ୮।୧୦ (ଡି.ଏନ୍.ଏ.)

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଧୀନ ହରିଦାସପୁରଠାରେ ନିର୍ମିତ ରାମ୍‌କୋ ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ୍ ଗୁରୁବାର ଅପରାହ୍ନରେ ଶୁଭାରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ (ଭିସି) ମାଧ୍ୟମରେ ଏହାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଅତିଥି ଭାବେ ଶିଳ୍ପମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ଶିଳ୍ପ ବିଭାଗ ସଚିବ ହେମନ୍ତ ଶର୍ମା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ରାମ୍‌କୋ ସିମେଣ୍ଟ ଅଧ୍ୟକ୍ଷ ପି.ଆର୍. ଭେଙ୍କଟ ରାମାରାଜା ପ୍ରାରମ୍ଭିକ ସୂଚନା ଦେଇ କହିଥିଲେ ଯେ, ଏହି କାରଖାନାରୁ ବାର୍ଷିକ ୦.୯ ମିଲିୟନ ଓ ଦୈନିକ ୩ ହଜାର ପ୍ୟାକେଟ ସିମେଣ୍ଟ ଉତ୍ପାଦନ କରାଯାଇପାରିବ। ଇଡ୍‌କୋ ଅଧ୍ୟକ୍ଷ ସଞ୍ଜୟ କୁମାର ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ପରିପ୍ରେକ୍ଷୀରେ କାରଖାନା ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଅତିଥି ଭାବେ ଯୋଗଦେଇ ଫଳକ ଅନାବରଣ କରିଥିଲେ। କାରଖାନା କର୍ତ୍ତୃପକ୍ଷଙ୍କ ସୂଚନା ଅନୁସାରେ, ମୁଖ୍ୟମନ୍ତ୍ରୀଙ୍କ ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ ଯୋଗେ ୨୦୧୭ ନଭେମ୍ବରରେ କାରଖାନାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ୭୧୫କୋଟି ଟଙ୍କା ବ୍ୟୟ ଅଟକଳରେ ଏହି କାରଖାନା ନିର୍ମାଣ କରାଯାଇଛି। ଏଥିରେ ୧୫ଶହ ଶ୍ରମିକ ନିୟୋଜିତ ହୋଇଛନ୍ତି। ନିଯୁକ୍ତ ୧୫୦ କୁଶଳୀ କର୍ମଚାରୀଙ୍କ ମଧ୍ୟରୁ ୯୦ଭାଗ ସ୍ଥାନୀୟ ଅଞ୍ଚଳର ବୋଲି ଜଣାଯାଇଛି। ଏହାଛଡ଼ା ଏବେ ସୁଦ୍ଧା ୪କୋଟି ୨୪ ଲକ୍ଷ ଟଙ୍କା ବ୍ୟୟରେ ସ୍ଥାନୀୟ ଅଞ୍ଚଳରେ ଉନ୍ନୟନମୂଳକ କାର୍ଯ୍ୟ ଯଥା ସ୍ୱାସ୍ଥ୍ୟସେବା, ଶିକ୍ଷା, ବିଶୁଦ୍ଧ ପାନୀୟ ଜଳ, ଗ୍ରାମ୍ୟ ଆଲୋକୀକରଣ, ଖେଳ ପଡ଼ିଆ, କ୍ରୀଡ଼ା ପ୍ରତିଯୋଗିତା, ମନ୍ଦିର ମରାମତି, ସ୍କୁଲ, କଲେଜ ଓ ସରକାରୀ କାର୍ଯ୍ୟାଳୟରେ ଆକ୍ୱାଗାର୍ଡ ଯୋଗାଣ କରାଯାଇଛି। ଏଥିସହ ରାଜଧାନୀ ଭୁବନେଶ୍ୱରରେ କୋଭିଡ୍ ହସ୍ପିଟାଲ ନିର୍ମାଣ ପାଇଁ କମ୍ପାନୀ ପକ୍ଷରୁ ୨କୋଟି ଟଙ୍କା ସହାୟତା ଯୋଗାଇ ଦିଆଯାଇଛି। ଆଗାମୀ ଦିନରେ ବୈଷୟିକ ତାଲିମପ୍ରାପ୍ତ ଯୁବକମାନଙ୍କୁ ନିଯୁକ୍ତି ଦିଆଯିବ ବୋଲି କମ୍ପାନୀ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର, ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ରାମ୍‌କୋ ଆଡିଶନାଲ ଭାଇସ୍ ପ୍ରେସିଡେଣ୍ଟ ଅଜିତ ପାଲ୍, ଡିଜିଏମ ପ୍ରଭାତ କୁମାର ସାହୁ, ପ୍ରତୀକ ରୟ, ସର୍ବେଶ୍ୱର ମହାପାତ୍ର, ପିଆର୍‌ଓ ପ୍ରଦୀପ କୁମାର ସିଂ, ଏଜିଏମ୍ ସୁଧାଂଶୁ ମିଶ୍ର, ଅତିରିକ୍ତ ତହସିଲଦାର ଦେବୀ ପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ଭିଡିଓ କନ୍‌ଫରେନ୍ସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାମ୍‌କୋ ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ୍‌କୁ ଶୁଭାରମ୍ଭ କରୁଛନ୍ତି।

# କେନ୍ଦ୍ର ନ ଦେଲେ ରାଜ୍ୟ ଦେବ ୫୦ଲକ୍ଷ

**ଶହୀଦ କୋଭିଡ୍ ଯୋଦ୍ଧାଙ୍କ ପରିବାରକୁ ସହାୟତା ପ୍ରସଙ୍ଗ**

ଭୁବନେଶ୍ୱର,୮।୧୦(ବ୍ୟୁରୋ)

ଶହୀଦ ହୋଇଥିବା କୋଭିଡ୍ ଯୋଦ୍ଧାଙ୍କ ପାଇଁ କେନ୍ଦ୍ର ସରକାର ଘୋଷଣା କରିଥିବା ଆର୍ଥିକ ସହାୟତା ନ ଦେଲେ ନିଜେ ପ୍ରଦାନ କରିବେ ରାଜ୍ୟ ସରକାର। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ବୀମା ଯୋଜନାରେ ଶହୀଦଙ୍କ ପରିବାରକୁ ୫୦ଲକ୍ଷ ଟଙ୍କାର ବୀମା ରାଶି ନ ମିଳିଲେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି(ସିଏମ୍‌ଆର୍‌ଏଫ୍)ରୁ ରାଜ୍ୟ ସରକାର ତାହାକୁ ପ୍ରଦାନ କରିବେ। ଏନେଇ ଗୁରୁବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି।

କରୋନା ଲଢ଼େଇରେ ରାଜ୍ୟରେ ଶହୀଦ ହୋଇଥିବା ୬୦ଜଣ କୋଭିଡ୍ ଯୋଦ୍ଧାଙ୍କ ନାଁ କେନ୍ଦ୍ରକୁ ପଠାଯାଇଥିବାବେଳେ ମାତ୍ର ଜଣଙ୍କୁ ସହାୟତା ଦେବାକୁ କେନ୍ଦ୍ର ସରକାର ସମ୍ମତି ଦେଇଛନ୍ତି। ତେଣୁ ବାକି ଯୋଦ୍ଧାମାନଙ୍କୁ ତୁରନ୍ତ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ବୀମା ଯୋଜନାରେ ୫୦ଲକ୍ଷ ଟଙ୍କାର ବୀମା ରାଶି ଦେବା ପାଇଁ ରାଜ୍ୟ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛି। ହେଲେ ଏପର୍ଯ୍ୟନ୍ତ ତାହାର କୌଣସି ଉତ୍ତର ମିଳିନାହିଁ। ଏଭଳିସ୍ଥଳେ କୋଭିଡ୍ ଯୋଦ୍ଧାଙ୍କ ମନରୁ କୌଣସି ପ୍ରକାର ସନ୍ଦେହ ଦୂର କରିବା ସହ ସେମାନଙ୍କ ମନୋବଳ ବୃଦ୍ଧି କରିବାକୁ ରାଜ୍ୟ ସରକାର ତୁରନ୍ତ ନିଜେ ଏହି ଅର୍ଥ ଦେବାକୁ ନିଷ୍ପତ୍ତି ନେଇଛନ୍ତି। କାର୍ଯ୍ୟରେ ଥାଇ କୋଭିଡ୍ ସଂକ୍ରମଣରେ ପ୍ରାଣ ହରାଇଥିବା ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ସିଏମ୍‌ଆର୍‌ଏଫ୍‌ରୁ ସହାୟତା ମିଳିବ। ସମ୍ପୃକ୍ତ ଜିଲାର ଜିଲାପାଳମାନେ ଏନେଇ ନିଷ୍ପତ୍ତି ନେବେ। ଯଦି ପରବର୍ତ୍ତୀ ସମୟରେ କେନ୍ଦ୍ର ସରକାର ସମ୍ପୃକ୍ତ ଯୋଦ୍ଧାଙ୍କୁ ୫୦ଲକ୍ଷ ଟଙ୍କାର ବୀମାରାଶି ପ୍ରଦାନ କରନ୍ତି ତା'ହେଲେ ରାଜ୍ୟ ସରକାର ପ୍ରଦାନ କରିଥିବା ଅର୍ଥକୁ ସେମାନଙ୍କ ପରିବାର ତଥା ନିକଟ ସମ୍ପର୍କୀୟ ଫେରାଇବାକୁ କୁହାଯାଇଛି। ଏଥିପାଇଁ ଏକ ଅଣ୍ଡରଟେକିଂ ସ୍ୱାକ୍ଷର କରାଯିବ। ରାଜ୍ୟ ସରକାରଙ୍କ ଗାଇଡ୍‌ଲାଇନକୁ ଆଧାର କରି ଜିଲାପାଳମାନେ ଶହୀଦ କୋଭିଡ୍ ଯୋଦ୍ଧାଙ୍କ ନାମ ପଠାଇବା ପରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଉକ୍ତ ତାଲିକା ଯାଞ୍ଚ କରି ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ କରିବାକୁ କୁହାଯାଇଛି। ସୂଚନାଯୋଗ୍ୟ, କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ କୋଭିଡ୍‌ରେ ଶହୀଦ ହୋଇଥିବା ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ୫୦ଲକ୍ଷ ଟଙ୍କାର ବୀମାରାଶି ଘୋଷଣା କରିଥିଲେ। ସେହିଭଳି ଓଡ଼ିଶା ସରକାର ମଧ୍ୟ ନିଜଆଡ଼ୁ କୋଭିଡ୍ ପରିଚାଳନାରେ ନିୟୋଜିତ କୋଭିଡ୍ ଯୋଦ୍ଧାଙ୍କ ମୃତ୍ୟୁ ହେଲେ ସେମାନଙ୍କୁ ଶହୀଦର ମାନ୍ୟତା ସହ ୫୦ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଯୋଗାଇ ଦେବେ ବୋଲି ଘୋଷଣା କରିଥିଲେ।

# ଗଞ୍ଜାମ ମଡେଲକୁ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ପ୍ରଶଂସା

**କରୋନା ମୁକାବିଲା**

ଛତ୍ରପୁର,୮।୧୦(ଡି.ଏନ.ଏ.)

କୋଭିଡ୍-୧୯ର ସଫଳ ମୁକାବିଲା ପାଇଁ ଗଞ୍ଜାମ ମଡେଲ୍ ବ୍ରିଟେନ୍‌ର ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରଶଂସିତ ହୋଇଛି । ଏଥିସହ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଏକ ଅଧ୍ୟୟନ ରିପୋର୍ଟରେ ଗଞ୍ଜାମ ମଡେଲ ସ୍ଥାନ ପାଇଛି। ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଏହି ସୂଚନା ଦେଇଛନ୍ତି। ବ୍ୟାପକ ସ୍କ୍ରିନିଂ ଓ ଉପଯୁକ୍ତ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ପାଇଁ ଗାଁଗୁଡିକରେ କମିଟି ଗଠନ ସହ ସରପଞ୍ଚମାନଙ୍କୁ ସଶକ୍ତ କରି ଗଞ୍ଜାମ କୋଭିଡ୍ ପରିଚାଳନାରେ ଉତ୍କର୍ଷ ହାସଲ କରିଛି ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଟୁଇଟ୍‌କୁ ରିଟୁଇଟ୍ କରିଛନ୍ତି। ସେ ଦର୍ଶାଇଛନ୍ତି, ସଂକ୍ରମଣ ପ୍ରତିହତ କରିବା ପାଇଁ ବହୁ ପଦକ୍ଷେପ ନିଆଯାଇଥିବାରୁ ଗଞ୍ଜାମ ମଡେଲକୁ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ପ୍ରଶଂସା କରିଛି । ଏ ନେଇ ଜିଲାପାଳ ଗଞ୍ଜାମ ଟିମ୍‌କୁ କୃତଜ୍ଞତା ଜଣାଇଛନ୍ତି।



ମୁଖ୍ୟମନ୍ତ୍ରୀଙ୍କ ଟୁଇଟ୍।

ସୂଚନାଯୋଗ୍ୟ, କରୋନା ସଂକ୍ରମଣ ନେଇ ୩୧୦ ସହର ଉପରେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଅଧ୍ୟୟନ କରିଥିଲା । କରୋନାକୁ କିଭଳି ନିୟନ୍ତ୍ରଣ କରାଯାଇପାରେ ତାହା ଓଡ଼ିଶାର ଗଞ୍ଜାମ ଓ ମହାରାଷ୍ଟ୍ରର ଧରାବୀରୁ ଶିଖିବା ଦରକାର ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି। ସଂକ୍ରମଣ ରୋକିବା ପାଇଁ ଛୋଟ ଛୋଟ ଅଞ୍ଚଳ ପ୍ରତି ଧ୍ୟାନ ଦେବା ଆବଶ୍ୟକ ବୋଲି ବିଶ୍ୱବିଦ୍ୟାଳୟ କହିଛି। ଏହାପୂର୍ବରୁ ଗଞ୍ଜାମ ମଡେଲ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଦ୍ୱାରା ବି ଉଚ୍ଚ ପ୍ରଂଶସିତ ହୋଇଥିଲା । ଗଞ୍ଜାମ ଜିଲାରେ ମେ ୨ ତାରିଖରେ କରୋନାର ପ୍ରଥମ ମାମଲା ଆସିଥିଲା। ଅଗଷ୍ଟ ମାସରେ ରୋଗୀଙ୍କ ସଂଖ୍ୟା ୫୯% ହୋଇଯାଇଥିଲା। ଏପରିକି ଦିନକରେ ୭୦୦ରୁ ଊର୍ଦ୍ଧ୍ୱ କରୋନା ଆକ୍ରାନ୍ତ ଚିହ୍ନଟ ହେଉଥିଲେ । ଏହା ରାଜ୍ୟ ସରକାର ଓ ଜିଲା ପ୍ରଶାସନ ପାଇଁ ଚିନ୍ତାର କାରଣ ହୋଇଥିଲା । ସଂକ୍ରମଣ ରୋକିବାକୁ ସରକାର ଓ ଜିଲା ପ୍ରଶାସନ ପକ୍ଷରୁ ବହୁ ଅଭିନବ ପଦକ୍ଷେପ ଗ୍ରହଣ କରାଗଲା। ବିଶେଷକରି ସାମାଜିକ ଦୂରତ୍ୱ ରକ୍ଷା, କଣ୍ଟେନମେଣ୍ଟ ସୁବ୍ୟବସ୍ଥା, ବାରମ୍ବାର ଘର ବୁଲି ସ୍ୱାସ୍ଥ୍ୟ ସ୍କ୍ରିନିଂ, କମ୍ୟୁନିଟିର ଆକ୍ଟିଭ ସହଯୋଗ, ଟ୍ରେସିଂ, ଟେଷ୍ଟିଂ, ଚିକିତ୍ସା ସହ ଏନଫୋର୍ସମେଣ୍ଟ କଡାକଡି ଯୋଗୁ ଗଞ୍ଜାମରେ କରୋନା ସଂକ୍ରମିତଙ୍କ ସଂଖ୍ୟା ନିୟନ୍ତ୍ରଣ ହୋଇପାରିଛି। ଏବେ ଦୈନିକ ପଜିଟିଭ୍ ସଂଖ୍ୟା ୨ ଅଙ୍କରେ ରହୁଛି ।

# ଲଘୁଚାପ:ସତର୍କ ରହିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର, ୮।୧୦(ବ୍ୟୁରୋ)

ଆଣ୍ଡାମାନ ଏବଂ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ୯ ତାରିଖରେ ଲଘୁଚାପରେ ପରିଣତ ହେବ। ଏହାର ୨୪ ଘଣ୍ଟା ପରେ ଅବପାତ(ଡିପ୍ରେଶନ)ରେ ପରିଣତ ହେବା ସମ୍ଭାବନା ରହିଛି। ଅବପାତ ୧୧ ତାରିଖ ସନ୍ଧ୍ୟାରେ ଉତ୍ତର ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଓଡ଼ିଶା ଉପକୂଳ ଦେଇ ସ୍ଥଳଭାଗ ଅତିକ୍ରମ କରିବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି। ଏହାର ପ୍ରଭାବରେ ଆସନ୍ତା ୧୧ ତାରିଖରେ ଗଜପତି, ଗଞ୍ଜାମ , କୋରାପୁଟ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ମାଲକାନଗିରି, କନ୍ଧମାଳ, ପୁରୀ, ଖୋର୍ଦ୍ଧା, ଜଗତ୍‌ସିଂହପୁର, କଳାହାଣ୍ଡି ଏବଂ ନବରଙ୍ଗପୁର ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।






**ଆଜିର ମନ୍ତବ୍ୟ**

"ପ୍ରାୟ ୧୫୦ ଦେଶକୁ ଔଷଧ ଯୋଗାଉଥିବା ଭାରତ ବିଶ୍ୱର ଫାର୍ମାସି ଭୂମିକା ନେଉଛି।
—ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ତିତିଲି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

**ପ୍ରଥମ ପୃଷ୍ଠାରୁ...**

## ପୌରସଂସ୍ଥାକୁ ପ୍ରଦୂଷଣ...

ବ୍ୟକ୍ତିଗତ ହାଜର ହୋଇ ନ ଥିବା ମୁଖ୍ୟ ଶାସନ ସଚିବମାନଙ୍କୁ ପୁଣି ହାଜର ହେବା ଲାଗି ଏନ୍‌ଜିଟି ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨୦୨୧ ଜାନୁୟାରୀ ୬ରେ ଓଡ଼ିଶା ମୁଖ୍ୟ ଶାସନ ସଚିବ ବ୍ୟକ୍ତିଗତ ହାଜର ହେବାକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଛନ୍ତି। ଏନ୍‌ଜିଟିରେ ହାଜର ହେବାରେ ଅସୁବିଧା ଥିଲେ ଭିଡିଓ କନ୍‌ଫରେନ୍ସ ଜରିଆରେ ହାଜର ହେବାକୁ କୁହାଯାଇଛି। ମୁଖ୍ୟ ଶାସନ ସଚିବ ଏଥିପାଇଁ ଅନ୍ୟ କୌଣସି ଅଧିକାରୀଙ୍କୁ ନିୟୋଜିତ କରିପାରିବେ ନାହିଁ ବୋଲି ଏନ୍‌ଜିଟି କହିଛନ୍ତି।

ଦେଶରେ ପ୍ରଦୂଷଣ ଚିନ୍ତା ବଢ଼ାଇଲାଣି। ବାୟୁ, ଜଳ, ମାଟି ଭୟଙ୍କର ଭାବେ ପ୍ରଦୂଷିତ ହେଉଛି। ଯାନବାହନ ବୃଦ୍ଧି ସାଙ୍ଗକୁ ସବୁଜ ବଳୟ ନଷ୍ଟ ପରିବେଶକୁ ଆହୁରି ବିଗାଡିବାରେ ଲାଗିଛି। ଦେଶର ଅନେକ ସହର ଅବସ୍ଥା ଶୋଚନୀୟ ସ୍ତରକୁ ଗଲାଣି। ଦେଶର ୩୫ଟି ନଦୀ, ୧୨୨ଟି ସହର, ୧୦୦ଟି ଶିଳ୍ପାଞ୍ଚଳ ଅତି ପ୍ରଦୂଷିତ ହୋଇଛି। ଓଡ଼ିଶାର ଭୁବନେଶ୍ୱର ସମେତ ୭ଟି ସହର ଅତି ପ୍ରଦୂଷଣ ତାଲିକାରେ ଆସୁଛି। ପ୍ରଦୂଷଣ ଓ ଜନସ୍ୱାସ୍ଥ୍ୟକୁ ନେଇ ଏନ୍‌ଜିଟି ଚିନ୍ତାପ୍ରକଟ କରିଛନ୍ତି। ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟରେ ପରିବେଶ ତଦାରଖ ସେଲ୍ ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହି ସେଲ୍ ପରିବେଶ ସଂକ୍ରାନ୍ତ ସମସ୍ତ ବିଷୟକୁ ମନିଟରିଂ କରିବ। ଯଦି ଏହି ସେଲ୍ ଗଠନ ହୋଇ ନ ଥିବ ତେବେ ସେଥିପାଇଁ ମୁଖ୍ୟ ଶାସନ ସଚିବଙ୍କୁ ଦାୟୀ କରାଯିବ ବୋଲି ଏନ୍‌ଜିଟି ତାଗିଦ କରିଛନ୍ତି।

ଏନ୍‌ଜିଟିଙ୍କ କଡ଼ା ତାଗିଦ ପରେ ସହରାଞ୍ଚଳ ପରିବେଶକୁ ସୁରକ୍ଷିତ ରଖିବାକୁ ରାଜ୍ୟ ସରକାର ସମସ୍ତ ୧୧୪ଟି ସହରାଞ୍ଚଳରେ ବାୟୋ ଡାଇଭର୍ସିଟି କମିଟି ଗଠନ କରିଛନ୍ତି। ଏଥିରେ ନଗର ଉନ୍ନୟନ ବିଭାଗର ଜଣେ ଅଧିକାରୀ କନ୍‌ଭେନର ବା ଆବାହକ ଭାବେ କାର୍ଯ୍ୟ କରିବେ। ଏହି କମିଟିରେ ପରିବେଶବିତ୍, ଉଦ୍ୟାନକୃଷିବିତ୍, ଔଷଧୀୟ ବୃକ୍ଷ ବିଶେଷଜ୍ଞ, ମତ୍ସ୍ୟଜୀବୀ ସମୁଦାୟ ଆଦି ବିଭିନ୍ନ ବିଷୟର ୭ ଜଣ ସଦସ୍ୟ ରହିବେ। ସେହି କମିଟି ସହରାଞ୍ଚଳ ପରିବେଶକୁ କିପରି ପ୍ରଦୂଷଣମୁକ୍ତ ରଖାଯାଇ ପାରିବ ସେ ନେଇ ପୌର ପ୍ରଶାସନକୁ ପରାମର୍ଶ ଦେବେ। ଏହି କମିଟିର ବିନାନୁମତିରେ ସହରାଞ୍ଚଳରୁ ବୃକ୍ଷ କଟାଯାଇ ପାରିବ ନାହିଁ। କେଉଁ ଅଞ୍ଚଳରେ କି ପ୍ରକାର ପ୍ରଦୂଷଣ ହେଉଛି ସେସବୁକୁ ଅନୁଧ୍ୟାନ କରି କମିଟି ରିପୋର୍ଟ ପ୍ରସ୍ତୁତ କରିବ। ଏହି କମିଟିକୁ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି) ନିୟମିତ ମନିଟରିଂ କରିବ। କମିଟି ଠିକ୍ ଢଙ୍ଗରେ କାର୍ଯ୍ୟ ନ କଲେ ସମ୍ପୃକ୍ତ ପୌର ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏନ୍‌ଜିଟି ଚେତାବନୀ ଦେଇଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ, ୨୦୧୮ରେ ତତ୍କାଳୀନ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ଏନ୍‌ଜିଟିରେ ହାଜର ହୋଇ ସହରାଞ୍ଚଳ ପରିବେଶ ପ୍ରଦୂଷଣ ରୋକିବା ଦିଗରେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ କି ପଦକ୍ଷେପ ନିଆଯାଇଛି ସେ ନେଇ ସତ୍ୟପାଠ ଦାଖଲ କରିଥିଲେ। ମାତ୍ର ଏଥିରେ ଏନ୍‌ଜିଟି ସନ୍ତୁଷ୍ଟ ହୋଇ ନ ଥିଲେ। ବାୟୋଡାଇଭର୍ସିଟି କମିଟି ଗଠନ କରିବା ସହ ପରିବେଶକୁ ସ୍ୱଚ୍ଛ ରଖିବା ଦିଗରେ ଦୃଢ଼ ପଦକ୍ଷେପ ନେବାକୁ ପରାମର୍ଶ ଦେବା ସହ ପୁଣି ବ୍ୟକ୍ତିଗତ ଭାବେ ହାଜର ହୋଇ ଜଣାଇବାକୁ ନିର୍ଦ୍ଦେଶ ଦେଇଥିଲେ। ବର୍ଜ୍ୟବସ୍ତୁ ଓ ବର୍ଜ୍ୟଜଳ ପରିଚାଳନା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଏନ୍‌ଜିଟିଙ୍କୁ ନିୟମିତ ଅବଗତ କରାଯାଉଛି ବୋଲି ପରିବେଶ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

## ଖୁବ୍‌ଶୀଘ୍ର ଖୋଲିବ...

ସମସ୍ତଙ୍କ ସହ ଆଲୋଚନା କରି ଆସନ୍ତା ୧୦ଦିନ ଭିତରେ ରିପୋର୍ଟ ଦେବାକୁ କୁହାଯାଇଛି। ଉକ୍ତ ରିପୋର୍ଟ ଅନୁଯାୟୀ କୋଭିଡ୍ ଗାଇଡ୍‌ଲାଇନ୍ ପାଳନ କରାଯାଇ କିପରି ମନ୍ଦିର ଖୋଲାଯାଇ ପାରିବ ସେନେଇ ରାଜ୍ୟ ସରକାର ଏସ୍‌ଓପି ଜାରି କରିବେ ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ, କରୋନା କଟକଣା ଭିତରେ ମନ୍ଦିର ଖୋଲିବା ଦାବିରେ ବୁଧବାର ସାରା ରାଜ୍ୟରେ ସକାଳ ୯ଟାରେ ୯ ମିନିଟ ପାଇଁ ସମସ୍ତ ମନ୍ଦିରରେ ଘଣ୍ଟଘଣ୍ଟି ବାଜିଥିଲା। ଅଭିନବ ଉପାୟରେ ହୋଇଥିବା ଏହି ପ୍ରତିବାଦ ପରେ ସରକାର ବାସ୍ତବ ସ୍ଥିତିକୁ ହୃଦୟଙ୍ଗମ କରିବା ସହ ଦାବିକୁ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ସେହିପରି ଶ୍ରୀମନ୍ଦିର ଖୋଲିବାକୁ ସେବାୟତମାନେ ଦାବି କରି ଆସୁଥିବାବେଳେ କେତେକ ସଂଗଠନ ମଧ୍ୟ ଆନ୍ଦୋଳନକୁ ଓହ୍ଲାଇଛି। ଅନ୍ୟ ରାଜ୍ୟରେ ମନ୍ଦିର ଖୋଲି ସାରିଥିବାବେଳେ ଆମ ରାଜ୍ୟରେ ମନ୍ଦିର ଖୋଲିବା ନିମନ୍ତେ ବିଭିନ୍ନ ମହଲରୁ ସରକାରଙ୍କ ଉପରେ ଚାପ ପଡ଼ି ଆସୁଥିଲା। ଜୀବିକା ନିମନ୍ତେ ପୂଜକ ଓ ସେବାୟତ ଦୀର୍ଘଦିନ ହେଲା ମନ୍ଦିର ଖୋଲିବାକୁ ଦାବି ଜଣାଇ ଆସୁଥିବାରୁ ଏବେ ରାଜ୍ୟ ସରକାର ଏପରି ତତ୍ପରତା ପ୍ରକାଶ କରିଥିବା ଜଣାପଡ଼ିଛି।

## କେନ୍ଦ୍ରମନ୍ତ୍ରୀ ପାଶ୍ୱାନଙ୍କ...

ସେ ଜନତା ପାର୍ଟି ସଦସ୍ୟ ଭାବେ ନିର୍ବାଚିତ ହୋଇଥିଲେ। ୨୦୦୦ରେ ସେ ଲୋକ ଜନଶକ୍ତି ପାର୍ଟି ଗଠନ କରି ଏହାର ଅଧ୍ୟକ୍ଷ ଭାର ସମ୍ଭାଳିଥିଲେ। ୨୦୦୪ରେ ଲୋକ ସଭା ନିର୍ବାଚନ ଜିଣି ସେ ଶାସକ ୟୁପିଏରେ ସାମିଲ ହୋଇ ସାର ଓ ଇସ୍ପାତ ମନ୍ତ୍ରୀ ହୋଇଥିଲେ। ପରେ ଏନ୍‌ଡିଏ ସରକାରରେ ସାମିଲ ହୋଇ କେନ୍ଦ୍ର ଉପଭୋକ୍ତା, ଖାଦ୍ୟ ଓ ସାଧାରଣ ବଣ୍ଟନ ବ୍ୟାପାର ମନ୍ତ୍ରୀ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ। ରାମବିଳାସ ୮ ଥର ଲୋକ ସଭା ସଦସ୍ୟ ହେବା ପରେ ରାଜ୍ୟ ସଭାକୁ ନିର୍ବାଚିତ ହୋଇ କେନ୍ଦ୍ରମନ୍ତ୍ରୀ ରହିଥିଲେ। ପାଶ୍ୱାନଙ୍କ ପରଲୋକରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଦେଶ ଜଣେ ବିଜ୍ଞ ନେତାଙ୍କୁ ହରାଇଥିବା କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିବା ସହ ଜଣେ ବନ୍ଧୁଙ୍କୁ ହରାଇଥିବା ପ୍ରକାଶ କରିଛନ୍ତି।

## ପୂଜାଛୁଟି ପରେ...

ସ୍କୁଲ୍ ଖୋଲିବାକୁ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି। ସ୍କୁଲ ପରିସର ସଫେଇ ସହ ସ୍କୁଲ୍ ଭିତ୍ତିଭୂମି ସଜାଡ଼ିବା, ଶିକ୍ଷକଙ୍କୁ ମୁଖ୍ୟାଳୟରେ ଉପସ୍ଥିତ ରହିବା ଏବଂ ଏମ୍‌ଡିଏମ୍ ରୋଷେୟାଙ୍କ ପାଉଣା ପ୍ରଦାନ ଲାଗି ଗୁରୁବାର ନିର୍ଦ୍ଦେଶ ଦେବାପରେ ଏନେଇ ସଙ୍କେତ ମିଳିଛି। ସେହିଭଳି ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ନେଇ କୋଭିଡ୍ କ୍ୟାମ୍ପେନ୍ ଆରମ୍ଭ କରିବାକୁ ଶିକ୍ଷକମାନଙ୍କୁ କୁହାଯାଇଛି। ଶିକ୍ଷକମାନେ ଏହି କ୍ୟାମ୍ପେନ୍ ମାଧ୍ୟମରେ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ଆଇଇସି (ଇନ୍‌ଫର୍ମେଶନ, ଏଜୁକେଶନ ଆଣ୍ଡ କମ୍ୟୁନିକେଶନ) ମ୍ୟାଟେରିଆଲ ଛାତ୍ରୀଛାତ୍ର, ଅଭିଭାବକ ଏବଂ ସ୍ଥାନୀୟ ଲୋକଙ୍କ ନିକଟରେ ପହଞ୍ଚାଇବେ। ସ୍କୁଲଗୁଡିକ ଦୀର୍ଘଦିନ ଧରି ବନ୍ଦଥିବାରୁ କ୍ୟାମ୍ପସ ସଫେଇ ଓ ଭିତ୍ତିଭୂମି ସଜାଡ଼ିବାକୁ କୁହାଯାଇଛି। ଏଥିପାଇଁ ଶିକ୍ଷକମାନେ ହେଡ୍‌କ୍ୱାର୍ଟର ଛାଡି ନ ଯିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସ୍କୁଲଗୁଡ଼ିକୁ କୋଭିଡ-୧୯ ପୂର୍ବ ସ୍ଥିତିକୁ ଫେରାଇ ଆଣିବା ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଛି। ଏହାର ଉଲ୍ଲଂଘନ କଲେ ଘଟଣାକୁ ଗୁରୁତ୍ୱର ସହିତ ନିଆଯିବ ବୋଲି ବିଭାଗ ପକ୍ଷରୁ ଚେତାବନୀ ଦିଆଯାଇଛି। ଗତ ଜୁଲାଇ ଓ ଅଗଷ୍ଟ ମାସର ମଧ୍ୟାହ୍ନ ଭୋଜନ ରୋଷେୟା ଓ ସହଯୋଗୀଙ୍କ ପାଉଣା ବାବଦରେ ୩୧ କୋଟି ୮୧ ଲକ୍ଷ ୫୮ ହଜାର ୪୦୦ ଟଙ୍କା ମଞ୍ଜୁର ହୋଇଥିବା ବିଭାଗୀୟ ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି।

## ମୃତକଙ୍କ ପରିବାରକୁ...

ରୁଆବ୍ ଅଲ୍ଲୀଙ୍କ କହିବା ହେଲା, ଯେତେବେଳେ ଏଲ୍‌ପିଜିକୁ ନାଇଟ୍ରୋଜେନ ଗ୍ୟାସ ସହ ଟାଙ୍କିରେ ଭର୍ତ୍ତି କରାଯାଉଥିଲା, ସେହି ସମୟରେ ଗ୍ୟାସ୍ ଲିକ୍ ହୋଇଥିଲା। ଆଉ ଏଥିରେ ନିଆଁ ଲାଗିଯିବାରୁ ବିସ୍ଫୋରଣ ଘଟିଥିଲା। ସବିଶେଷ ରିପୋର୍ଟ ମିଳିବା ପରେ ଏହାକୁ ମନ୍ତ୍ରଣାଳୟକୁ ପ୍ରଦାନ କରାଯିବ ବୋଲି ଅଲ୍ଲୀ କହିଛନ୍ତି। ପୋଲିସ ଏହି ଘଟଣାରେ ମୃତାହତଙ୍କ ବିଷୟରେ ଅଧିକ ତଦନ୍ତ ଜାରି ରଖିଛି। ଘଟଣାସ୍ଥଳରୁ ଉଦ୍ଧାର କରାଯାଇଥିବା ମାଂସକୁ ସାଇଣ୍ଟିଫିକ୍ ଟିମ୍ ସଂଗ୍ରହ କରି ଫରେନ୍‌ସିକ ଲାବକୁ ପଠାଇଛି। ଖୁବ୍‌ଶୀଘ୍ର ଏହାର ଡିଏନ୍‌ଏ ଟେଷ୍ଟ କରାଯିବ। ବିସ୍ଫୋରଣ ପରେ ଗଞ୍ଜାମ ଜିଲା ଆସିକାର ଗହଙ୍ଗା ଗ୍ରାମର ସୀମାଞ୍ଚଳ ନିଖୋଜ ଥିବାରୁ ଏନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଗୁରୁବାର ସୂଚନା ଦେଇଛନ୍ତି। ପ୍ରାଥମିକ ତଦନ୍ତରୁ ବିସ୍ଫୋରଣ ସମୟରେ ଗ୍ୟାସ ଭର୍ତ୍ତି କାର୍ଯ୍ୟରେ ୪ଜଣ କାମ କରୁଥିଲେ ବୋଲି ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ଗୁରୁବାର ସଦାନନ୍ଦଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ଗତ ୧୦ଦିନ ତଳେ ଉକ୍ତ ପେଟ୍ରୋଲ୍ ପମ୍ପରେ ଥିବା ସିଏନ୍‌ଜି ଷ୍ଟୋରେଜ୍ ୟୁନିଟରେ ସୁପରଭାଇଜର ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ। ଅନ୍ୟ ଜଣେ ଗୁରୁତର ରିପୁ ଦାମନ କଟକରେ ଚିକିତ୍ସିତ ହେଉଛନ୍ତି। ତୃତୀୟ ବ୍ୟକ୍ତି ଜଣକ ସାମାନ୍ୟ ଆହତ ହୋଇଥିବାବେଳେ ଚତୁର୍ଥ ବ୍ୟକ୍ତିଙ୍କ ଏଯାବତ୍ କୌଣସି ସୂଚନା ମିଳୁ ନାହିଁ। କାହା ତତ୍ତ୍ୱାବଧାନରେ ଉକ୍ତ ଗ୍ୟାସ୍ ଭର୍ତ୍ତି କାର୍ଯ୍ୟ କରାଯାଉଥିଲା, ସେନେଇ ତଦନ୍ତ ଜାରି ରହିଛି ବୋଲି ଷଡ଼ଙ୍ଗୀ କହିଛନ୍ତି। ବିସ୍ଫୋରଣ ପରେ ଉକ୍ତ ପେଟ୍ରୋଲ ପମ୍ପରେ ଥିବା ପେଟ୍ରୋଲ୍, ଡିଜେଲ୍ ଏବଂ ଏଲ୍‌ପିଜିକୁ ସୁରକ୍ଷିତଭାବେ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଗୁରୁବାର ସନ୍ଧ୍ୟା ୭ଟା ପରଠାରୁ ଉକ୍ତ ଅଞ୍ଚଳରେ ଯାତାୟାତ ସ୍ୱାଭାବିକ ହୋଇଛି ବୋଲି ଷଡ଼ଙ୍ଗୀ କହିଛନ୍ତି।

## ଲୁଇସ୍ ଗ୍ଲୁକ୍‌ଙ୍କୁ ସାହିତ୍ୟରେ...

**The Triumph Of Achilles**

— Louise Gluck

In the story of Patroclus
no one survives, not even Achilles
who was nearly a god.
Patroclus resembled him; they wore
the same armor.

Always in these friendships
one serves the other, one is less than the other:
the hierarchy
is always apparent, though the legends
cannot be trusted--
their source is the survivor,
the one who has been abandoned.

What were the Greek ships on fire
compared to this loss?

In his tent, Achilles
grieved with his whole being
and the gods saw
he was a man already dead, a victim
of the part that loved,
the part that was mortal.

ନୋବେଲ ବିଜୟିନୀ ଲୁଇସ୍ ଗ୍ଲୁକ୍‌ଙ୍କ କବିତା ସଂକଳନ 'ଦି ଟ୍ରାଏମ୍ଫ୍ ଅଫ୍ ଆକିଲ୍ସ' ର ଏକ ଅଂଶ।

୧୯୬୮ରେ ପ୍ରକାଶିତ ଲୁଇସ୍‌ଙ୍କ ପ୍ରଥମ କବିତା 'ଫାଷ୍ଟବର୍ନ' ତାଙ୍କୁ ଆମେରିକାର ସମସାମୟିକ ସାହିତ୍ୟର ଅନ୍ୟତମ ପ୍ରତିଷ୍ଠିତ କବି ଭାବେ ପରିଚୟ ଦେଇଥିଲା। ସେ କବିତାର ୧୨ଟି ସଂକଳନ ଏବଂ କବିତା ଉପରେ କିଛି ନିବନ୍ଧ ପ୍ରକାଶ କରିଛନ୍ତି। ଲୁଇସ୍‌ଙ୍କ ପାଇଁ ଖ୍ୟାତି ଆଣିଦେଇଥିବା ତାଙ୍କର କବିତା ସଂକଳନଗୁଡ଼ିକ ମଧ୍ୟରେ ରହିଛି 'ଦି ଟ୍ରାଏମ୍ଫ୍ ଅଫ୍ ଆକିଲ୍ସ', 'ଡିସ୍କେଣ୍ଡିଂ ଫିଗର' ଓ 'ଆରାରାଟ୍'। ସେ ତାଙ୍କକୃତି ପାଇଁ ପୂର୍ବରୁ ବହୁ ପୁରସ୍କାର ପାଇଛନ୍ତି। ସେଥିମଧ୍ୟରେ ୧୯୯୩ରେ ପୁଲିଜର ପୁରସ୍କାର ଓ ୨୦୧୪ରେ ନ୍ୟାଶନାଲ ବୁକ୍ ଆୱାର୍ଡ ଅନ୍ୟତମ।

ନୋବେଲ ପୁରସ୍କାର ବାବଦରେ ୧୦ ନିୟୁତ ସ୍ୱିଡେନ କ୍ରୋନର (୧,୧୧୮,୦୦୦ ଡଲାରରୁ ଅଧିକ) ଦିଆଯାଉଛି। ସାଧାରଣତଃ ଷ୍ଟକହୋମ୍‌ରେ ଡିସେମ୍ବର ୧୦ରେ ଏହି ପୁରସ୍କାର ଦିଆଯିବାକୁ ଥିବାବେଳେ କରୋନା ମହାମାରୀ ଯୋଗୁ ଉକ୍ତ ଆନୁଷ୍ଠାନିକ ସମାରୋହକୁ ବାତିଲ କରିଦିଆଯାଇଛି। ଏହା ପରିବର୍ତ୍ତେ ବିଜେତା ନିଜ ଦେଶରେ ରହି ଭର୍ଚୁଆଲ ସମାରୋହରେ ପୁରସ୍କାର ଗ୍ରହଣ କରିଛନ୍ତି।

୧୯୦୧ରେ ଆରମ୍ଭ ହୋଇଥିବା ନୋବେଲ ପୁରସ୍କାରର ୧୧୯ ବର୍ଷ ଇତିହାସରେ ସାହିତ୍ୟ ପାଇଁ ନୋବେଲ ପୁରସ୍କାର ଦୁଇଥର ସ୍ଥଗିତ ରଖାଯାଇଥିଲା। ୧୯୪୩ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଏହାକୁ ପ୍ରଥମେ ସ୍ଥଗିତ ରଖାଯାଇଥିଲା। ସ୍ୱିଡେନ ଏକାଡେମୀ ଜୁରି ସଦସ୍ୟା କ୍ୟାଟ୍ରିନା ଫ୍ରୋଷ୍ଟେନସନ୍‌ଙ୍କ ସ୍ୱାମୀ ଫ୍ରାନ୍ସର ଫଟୋଗ୍ରାଫର ଜିନ୍ କ୍ଲାଉଡେ ଆର୍ନାଲ୍ଟଙ୍କ ବିରୋଧରେ ଯୌନ ଶୋଷଣ ଅଭିଯୋଗ ଆସିବା ପରେ ୨୦୧୮ରେ ଦ୍ୱିତୀୟ ଥର ପାଇଁ ସ୍ଥଗିତ ରଖାଯାଇଥିଲା। କିନ୍ତୁ ସେହି ବର୍ଷର ପୁରସ୍କାର ୨୦୧୯ରେ ପ୍ରଦାନ କରାଯାଇଥିଲା। ପୋଲାଣ୍ଡ ଲେଖିକା ଓଲ୍‌ଗା ଟୋକାରଜୁକ୍ ଏବଂ ଅଷ୍ଟ୍ରିଆର ଔପନ୍ୟାସିକ ପିଟର ହାଣ୍ଡକେଙ୍କୁ ଯଥାକ୍ରମେ ୨୦୧୮ ଓ ୨୦୧୯ ବର୍ଷ ପାଇଁ ସାହିତ୍ୟରେ ନୋବେଲ ପୁରସ୍କାର ଦିଆଯାଇଥିଲା। ଜୀବନଶୈଳୀକୁ ନେଇ ଓଲ୍‌ଗାଙ୍କ ବିସ୍ତୃତ ତଥ୍ୟଭିତ୍ତିକ ଆବେଗଭରା ପରିକଳ୍ପନା ପାଇଁ ତାଙ୍କୁ ଏହି ଶ୍ରେଷ୍ଠ ପୁରସ୍କାର ଦିଆଯାଇଥିଲା। ସେହିପରି ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୟୁରୋପରେ ନିଜକୁ ସବୁଠୁ ପ୍ରଭାବଶାଳୀ ସାହିତ୍ୟିକ ଭାବେ ପ୍ରତିଷ୍ଠିତ କରିଥିବା ହାଣ୍ଡକେଙ୍କୁ ତାଙ୍କ ଦୃଢ଼ ଇଚ୍ଛାଶକ୍ତି ପୂର୍ଣ୍ଣ ସୃଜନଶୀଳ ସାହିତ୍ୟ ସୃଷ୍ଟି ଲାଗି ଦିଆଯାଇଥିଲା ସାହିତ୍ୟରେ ନୋବେଲ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ସାଧାରଣ କଥାକୁ କେନ୍ଦ୍ରକରି ବନ୍ଧୁ ସମ୍ପର୍କ ଫିକା ପଡ଼ିଯାଇପାରେ, ଯାହା କି ଆଜିର ଟେନ୍ସନର ମୁଖ୍ୟ କାରଣ ହେବ। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ସମ୍ପୂର୍ଣ୍ଣ ଉନ୍ନତି ଦେଖାଦେବାରୁ ଆଶ୍ୱସ୍ତି ଅନୁଭବ କରିବେ। ସଭାସମିତି,ପ୍ରଶାସନ,ପ୍ରକାଶନ,ରଚନାତ୍ମକ କାର୍ଯ୍ୟ ଓ ସାମ୍ବାଦିକତା କ୍ଷେତ୍ରରୁ ଶୁଭଫଳ ମିଳିବ।

**ବୃଷ** ପରିବାର ସଦସ୍ୟଙ୍କ ସାଧାରଣ କଥାରେ କ୍ଷୁବ୍ଧ ହୋଇ ସ୍ତ୍ରୀ ମୁହଁ ଫେରାଇ ନେଇପାରନ୍ତି। ଶିଳ୍ପ,ବାଣିଜ୍ୟ,ବ୍ୟବସାୟ ଓ ପରିବହନ କ୍ଷେତ୍ରରୁ ଲାଭବାନ ହେବେ। ଅବଶ୍ୟ ସାଧାରଣ କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ଯାତ୍ରା ସଫଳ ହେବ। ଅବହେଳାଜନିତ କୌଣସି ଉପଚାର କରି ନ ପାରି ମନସ୍ତାପ କରିବେ।

**ମିଥୁନ** ବିଶେଷ ଆବଶ୍ୟକତା ପୂରଣ କରିବା ସକାଶେ ବନ୍ଧୁଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି। ଅସ୍ଥିର ମନ ହେତୁ କଥାରେ ସଂଯମତା ହରାଇବେ ଓ ସମସ୍ୟାକୁ ଡାକି ଆଣିଲା ଭଳି କାମ କରିପାରନ୍ତି। କ୍ରୀଡା, କଳା, ସାହିତ୍ୟ, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ଉଚ୍ଚ ସମ୍ମାନ ପାଇବାର ସୁଯୋଗ ପାଇବେ।

**କର୍କଟ** କର୍ମକ୍ଷେତ୍ରରେ ସମସ୍ୟା ଆସିଲେ ମଧ୍ୟ ତାହାକୁ ଠିକ୍ ଭାବରେ ସାମନା କରିବାର ସାହସ ଜୁଟିଯିବ। କିନ୍ତୁ ଚନ୍ଦ୍ର ଯୁକ୍ତ ରାହୁ ହେତୁ ଅନ୍ୟମନସ୍କତା କାରଣ ଜନିତ କେତେକ ଭୁଲ୍ କରିବେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବା କାରଣରୁ ବ୍ୟସ୍ତତା ବୃଦ୍ଧି ପାଇବ। କଚେରି ମାମଲାର ଆଶୁ ଶୁଣାଣି ହେବ କିନ୍ତୁ ସନ୍ତୋଷ ପାଇପାରିବେ ନାହିଁ।

**ସିଂହ** ପୂର୍ବ ଶତ୍ରୁତାର କୁଫଳ ସଦୃଶ ନିକଟ ସମ୍ପର୍କୀୟ ମାନଙ୍କ କାର୍ଯ୍ୟକଳାପ ଅସହ୍ୟ ହୋଇପାରେ। ପାରିବାରିକ କ୍ଷେତ୍ରରେ କିଛି କହିବା ଅପେକ୍ଷା ବରଂ ନୀରବ ରହିପାରିଲେ ଭଲ ହେବ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ କିନ୍ତୁ କାମର ଚାପ ବଢିଯାଇପାରେ। ବ୍ୟବସାୟ ତଥା ପରିବହନ ସକାଶେ ଦିନଟି ବହୁତ ଭଲ।

**କନ୍ୟା** ପରିବାର ଭିତରେ କିଛିଟା ଗୋଳମାଳିଆ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ନିଜ ପରିସରରେ ପିଲାମାନଙ୍କ ସକାଶେ ଅନ୍ୟମାନଙ୍କ ନିକଟରେ ମୁଣ୍ଡ ନୁଆଁଇବାକୁ ପଡିପାରେ। ବନ୍ଧୁଙ୍କ ଅନୁରୋଧ କ୍ରମେ ଭ୍ରମଣ କାରଣରୁ କ୍ଳାନ୍ତି ଓ ଅବସାଦ ଅନୁଭବ କରିପାରନ୍ତି।

**ତୁଳା** ପାଇବାକୁ ଥିବା ଅର୍ଥ କିମ୍ବା କୌଣସି ଜିନିଷପତ୍ର ସକାଶେ କଳହର ସମ୍ମୁଖୀନ ହୋଇପାରନ୍ତି। କର୍ମକ୍ଷେତ୍ରରେ ବାକି ରହିଯାଇଥିବା ବହୁତ ଗୁଡାଏ କାମ ସକାଶେ ଟେନ୍ସନ ବଢିଯିବ। ଅପ୍ରିୟ ସତ୍ୟ କଥା ପ୍ରକାଶ କରିବା ଦ୍ୱାରା ସମ୍ମାନ ବୃଦ୍ଧି ପାଇବ କିନ୍ତୁ ପରୋକ୍ଷ ଶତ୍ରୁତା ମଧ୍ୟ ସୃଷ୍ଟି ହେବ।

**ବିଛା** ଆଜି ବୃହସ୍ପତି ଦୃଷ୍ଟ ଚନ୍ଦ୍ର ପ୍ରଭାବରୁ ପ୍ରିୟଜନଙ୍କ ସାନ୍ନିଧ୍ୟରୁ ମନ ଖୁସୀ ରହିବ। କର୍ମକ୍ଷେତ୍ରରେ ଠିକ୍ ଓ ଯୁକ୍ତିଯୁକ୍ତ କଥା କହି ଅନ୍ୟମାନଙ୍କୁ ଆପଣେଇ ନେବେ। ଆଜିର ଯାତ୍ରାରେ ଲକ୍ଷ୍ୟପୂରଣ, ପାରିବାରିକ ସୌହାର୍ଦ୍ଦ୍ୟ, ଶୁଭଖବର ଏବଂ ବ୍ୟବସାୟିକ ଉନ୍ନତି ଘଟିବ। ନୂତନ କର୍ମାରମ୍ଭ, କଳା ଓ ଏଜେନ୍ସିପ୍ ପ୍ରଭୃତିରୁ ସୁଫଳ ପାଇବେ।

**ଧନୁ** ଶାରୀରିକ ସୁସ୍ଥତା ଓ ପାରିବାରିକ ସୌଖ୍ୟ ମନକୁ ଆହ୍ଲାଦିତ କରିବ। କିନ୍ତୁ ଅନ୍ୟମନସ୍କତା କିମ୍ବା ବିସ୍ମରଣ ଜନିତ କୌଣସି ଜିନିଷ ହରାଇ ଦୁଃଖାନୁଭବ କରିପାରନ୍ତି। ସ୍ଥଗିତ କାମକୁ ସହକର୍ମୀ,ଭାଇ ଭଉଣୀ,ଅଧସ୍ତନ କର୍ମଚାରୀଙ୍କ ଦ୍ୱାରା କାର୍ଯ୍ୟ ସାଧନ କରିବେ। ସମାଧାନର ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ।

**ମକର** ଆଜିର ଶୁଭଚନ୍ଦ୍ର ପ୍ରଭାବରେ ଅଭିଳାଷ ପୂରଣରୁ ମାନସିକ ଶାନ୍ତି, ବନ୍ଧୁମିଳନରୁ ଆନନ୍ଦ ଲାଭ କରିବେ। ଅଷ୍ଟମସ୍ଥ ଶୁକ୍ର ଆପଣଙ୍କୁ ଭ୍ରମଣ, ନୂତନସ୍ଥାନ ପରିଦର୍ଶନ ଏବଂ ମନୋରଞ୍ଜନର ସୁଯୋଗ ଆଣିଦେବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ନିର୍ମାଣ କ୍ଷେତ୍ରରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେଇପାରେ।

**କୁମ୍ଭ** ପାରିବାରିକ କ୍ଷେତ୍ରରେ ସବୁ ଜାଣିଶୁଣି ନୀରବତା ଅବଲମ୍ବନ କରିବାକୁ ବାଧ୍ୟ ହେବେ। ସାମାଜିକ କ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ପୂର୍ବଭାଦ୍ରବର ନକ୍ଷତ୍ର ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ମୀନ** ଦୀର୍ଘଦିନ ହେଲା ଆପଣ ଯାହା ଆଶା କରୁଥିଲେ ତାହା ଆଜି ସହଜଲଭ୍ୟ ହୋଇପାରିବ। ଆନୁଷ୍ଠାନିକ କାମରୁ କିମ୍ବା ଆଲୋଚନା ପରିସରରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଦୂରେଇ ଯିବ। ଉତ୍ତରଭାଦ୍ରବ ନକ୍ଷତ୍ର ଅସୁସ୍ଥତା କାରଣରୁ କେତେକ କାମରେ ଅବହେଳା କରିପାରନ୍ତି। କ୍ରୀଡା ଓ ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ।

ଆଜି ଆଶ୍ୱିନ ମଳ କୃଷ୍ଣ ସପ୍ତମୀ ଶୁକ୍ରବାର, ଅକ୍ଟୋବର ୯ ତାରିଖ, ବିଶ୍ୱ ଡାକ ଦିବସ, ରାଷ୍ଟ୍ରୀୟ ଡାକ ସପ୍ତାହ(ଅକ୍ଟୋବର ୯ ଠାରୁ ୧୫ ପର୍ଯ୍ୟନ୍ତ),ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ(ଜନ୍ମ-୦୯।୧୦।୧୮୭୭, ଆଶ୍ୱିନ କୃଷ୍ଣ ଅଷ୍ଟମୀ),ରାଶିନକ୍ଷତ୍ର-ଆରଦ୍ରା/ମିଥୁନ, ସପ୍ତମୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଦିବା ଘ.୦୫.୪୩ମି. ଗତେ ଘ.୦୬.୨୯ମି. ମଧ୍ୟେ, ଘ.୦୭.୧୬ମି. ଗତେ ଘ.୦୯.୩୬ମି. ମଧ୍ୟେ, ଘ.୧୧.୫୬ମି. ଗତେ ଘ.୦୩.୦୪ମି. ମଧ୍ୟେ, ଘ.୦୩.୫୦ମି.ଗତେ ଘ.୦୫.୨୪ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୧୩ମି. ଗତେ ଘ.୦୯.୩୦ମି. ମଧ୍ୟେ, ରାତ୍ରି ଘ.୧୧.୫୮ମି. ଗତେ ଘ.୦୧.୩୭ମି. ମଧ୍ୟେ, ଘ.୦୨.୨୬ମି. ଗତେ ଘ.୦୪.୦୪ମି. ମଧ୍ୟେ ଅମୃତ ବେଳା। ଦିବା ଘ.୧୦.୦୬ମି. ଗତେ ଘ.୧୧.୩୩ମି. ମଧ୍ୟେ ରାହୁକାଳ।

## classifieds Everyday

0674-2580101, 2549302

### real estate

**SALE**

Ready to move Duplex in Prime location at Gudiapokhari, Bhubaneswar. Contact: 7327043914. D-69772

**BDA yellowzone commercial/residential plot Pahal Jaganath Temple NH-16 30'road, (Ready for construction) sqft.1850/-, 2250/- 9040033905, 9556492580, 6370719477.** D-69167

ଗଙ୍ଗପଡ଼ାରେ ଲେଆଉଟ୍ ଆପ୍ରୋଭାଲ ଥାଇ NH5 ରୁ 1.5km ମଧ୍ୟରେ ଘରବାରି ବାସୋପଯୋଗୀ ପ୍ଲଟ୍ ମିଳୁଅଛି। 7735922768. D-69177

**ଭୁବନେଶ୍ୱର ସୁନ୍ଦରପଦା Xavier University ନିକଟରେ sqft-199/- plot ବିକ୍ରିହେବ। 9337285332, 6372047313.** D-69176

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348817649, 9348232008. D-69179

**Flat sale at Jaganathdham Puri Bed, Matress, AC, LED T.V, celling Diningset free. 7978230118, 9348332283, 9861593321.** D-69166

Bhubaneswar ସୁନ୍ଦରପଦାରେ 1200sqft. plot 11,40,000/- କିଣି ଘର କରନ୍ତୁ। 9938016295. D-69183

**Well developed 30'road, ଘରବାରୀ, boundary, ଇଲେକ୍‌ଟ୍ରିସିଟି ଥାଇ ୪ଟି ପ୍ଲଟ ହଂସପାଳ ପାଖ ରାମଚନ୍ଦ୍ରପୁର ମୌଜାରେ sqft.650/- ବିକ୍ରିହେବ। Land owner- 9437033320.** D-69181

### healthcare

Newly open SPA centre smart therapist full body massage: 7846814019. D-59967

Herbal full body massage by smart / expert therapist. Contact: 8338067247. D-69775

Full ayurvedic body massage with refreshment expert therapist call: 7436826500. D-69774

Newly open full body massage SPA in Bhubaneswar. Contact: 7205058838. D-69770

Rejuvenate and Ayurvedic full body massage by smart therapist. 9348123330. D-69771

Get refreshment body massage by expert therapist contact for 7205084157. D-69777

Swarna SPA newly open positively health benefits with expert therapist. 7873794731. D-69776

Newly open SPA centre smart therapist full body massage: 8114970372. D-59968

Refreshments rejuvenation Body Massage therapy with experienced therapists, Bhubaneswar. 9337973945. D-69778

Newly open SPA centre smart therapist full body massage: 7205187702. D-59966

Get good massage for your health the best therapy SPA Station. 7655024727, 8118079281. D-69555

### business

Network Marketingରେ 1200/- invest କରି daily 20/- ପାଇବାକୁ ଚାହୁଁଥିଲେ- 9439493164 D-69184

### LOST

I, Sunil Kumar Patra, R/o- Vill- Gaudpada, Ps- Binka, Dist.- Subarnapur have lost the Sale Deed bearing No. 11681400392 on dt. 01.10.2020 while I was traveling from Bishalpali to Binka. D-18543

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

### AFFIDAVIT

By virtue of an affidavit sworn before the Notary Public, Jharsuguda I Satrughan Meher, R/o. Bijunagar, PO. Industrial Estate, Dist. Jharsuguda declared that my correct name is Satrughan Meher. But in Passport bearing No. H9953645 my name has been wrongly mentioned as Satrughna Meher in place of Satrughan Meher. That both the names is one and same person. D-69811

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୯ ଅକ୍ଟୋବର, ୨୦୨୦



**ପଶ୍ଚିମ ଓଡ଼ିଶାର ବିକାଶ ଏବେ ବି ଅଧୁରା: ଭାଜପା**

ଭୁବନେଶ୍ୱର,(ବ୍ୟୁରୋ): ଦୀର୍ଘ ୨୦ ବର୍ଷ ଧରି ଶାସକ ବିଜେଡି ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିକୁ ଦଳୀୟ ଭିତ୍ତିରେ ବ୍ୟବହାର କରିଆସୁଛି। ଦଳୀୟ ନେତାଙ୍କୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧକ୍ଷ ତଥା ସଦସ୍ୟ ଭାବେ ନିଯୁକ୍ତି ଦେଇ ଥଇଥାନ କରୁଛି। ସିଏଜି ରିପୋର୍ଟ ଅନୁଯାୟୀ ପଶ୍ଚିମ ଓଡ଼ିଶାର ବିକାଶ ଯେଭଳି ହେବା କଥା ସେପରି ହୋଇନାହିଁ। ଅନେକ କାର୍ଯ୍ୟ ଏବେ ବି ଅଧୁରା ପଡିଛି ବୋଲି ଭାଜପାର ବରିଷ୍ଠ ନେତା ପ୍ରଦୀପ ପୁରୋହିତ ଅଭିଯୋଗ କରିଛନ୍ତି। ପ୍ରଦୀପ କହିଛନ୍ତି, ସିଏଜି ରିପୋର୍ଟ ସରକାରଙ୍କ ମୁଖା ଖୋଲିଦେଇଛି। ପଶ୍ଚିମ ଓଡ଼ିଶାରେ ଜଳସେଚନ କ୍ଷେତ୍ରକୁ ଅଗ୍ରାଧିକାର ଦେବାକୁ ୨୦୧୩ରେ ନିଷ୍ପତ୍ତି ହୋଇଥିବାବେଳେ ୨୦୧୫ରୁ ୨୦୧୮ ଭିତରେ ମାତ୍ର ୧୧.୮୦ ପ୍ରତିଶତ ଅର୍ଥ ଏ ବାବଦରେ ଖର୍ଚ୍ଚ ହୋଇଛି।

# ଟିଆରପି ଜାଲିଆତିର ପର୍ଦ୍ଦାଫାଶ



ପରମବୀର ସିଂ



ଅର୍ଣ୍ଣବ ଗୋସ୍ୱାମୀ

- ୨ ମରାଠୀ ଚ୍ୟାନେଲ ମାଲିକଙ୍କ ସମେତ ୪ ଗିରଫ
- ସ୍କାନରରେ ଅର୍ଣ୍ଣବ ଗୋସ୍ୱାମୀଙ୍କ ରିପବ୍ଲିକ୍ ଟିଭି

ମୁମ୍ବାଇ, ୮।୧୦

ମୁମ୍ବାଇ ପୋଲିସ ଗୁରୁବାର ଏକ ବଡ଼ଧରଣର ର୍‍ୟାକେଟର ପର୍ଦ୍ଦାଫାଶ କରିଛି। ଉକ୍ତ ର୍‍ୟାକେଟ ଜାଲିଆତି କରି ରିପବ୍ଲିକ୍ ସମେତ ଆଉ କେତେକ ଟିଭି ଚ୍ୟାନେଲ୍‌ର ଟେଲିଭିଜନ ରେଟିଂସ୍ ପଏଣ୍ଟସ୍ (ଟିଆର୍‌ପି) ବଢ଼ାଇଥିବା ପୋଲିସ ଦାବି କରିଛି। ଏହି ମାମଲାରେ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

ମୁମ୍ବାଇ ପୋଲିସ କମିଶନର ପରମବୀର ସିଂ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ୩ଟି ଟିଭି ଚ୍ୟାନେଲ ଏହି ଅସାଧୁ କାର୍ଯ୍ୟରେ ସମ୍ପୃକ୍ତ ଥିବା ଧରାପଡ଼ିଛନ୍ତି। ସେହି ଚ୍ୟାନେଲଗୁଡ଼ିକ ହେଲା ରିପବ୍ଲିକ୍, ଫକ୍ତ ମରାଠୀ ଓ ବକ୍ସ ସିନେମା। ସାରା ଦେଶର ବିଭିନ୍ନ ଅଜ୍ଞାତ ଘରେ ଟିଆର୍‌ପି ମାପିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ବ୍ରଡ୍‌କାଷ୍ଟ ଅଡିଆନ୍ସ ରିସର୍ଚ୍ଚ କାଉନ୍ସିଲ (ବିଏଆର୍‌ସି) ଯେଉଁ ମାନଦଣ୍ଡ ଅନୁସାରେ ଚ୍ୟାନେଲଗୁଡ଼ିକର ଟିଆର୍‌ପି ଆକଳନ କରିଥାଏ ସେହି ହିସାବରେ ଏହା କରାଯାଇଥିଲା। ସେଥିରୁ ଜଣାପଡ଼ିଥିଲା ଯେ, ବିଏଆର୍‌ସି ପକ୍ଷରୁ ଚୁକ୍ତି କରାଯାଇଥିବା ହଂସା ରିସର୍ଚ୍ଚ ଗ୍ରୁପ୍‌ର ପୂର୍ବତନ କର୍ମଚାରୀମାନଙ୍କୁ କେତେକ ଚ୍ୟାନେଲ ଅର୍ଥ ଦେଇଥିଲେ। ପୂର୍ବତନ କର୍ମଚାରୀମାନେ କେତେକ ନିର୍ଦ୍ଦିଷ୍ଟ ପରିବାରକୁ ସେଥିରୁ ଟଙ୍କା ଦେଉଥିଲେ। ସେହି ପରିବାରମାନେ ଟିଆର୍‌ପି ପ୍ରସାର ପାଇଁ ମାପଦଣ୍ଡ ଭାବେ ବଛାହୋଇଥିଲେ। ସେମାନେ ରିପବ୍ଲିକ୍ ଭଳି କେତେକ ଚ୍ୟାନେଲକୁ ସେଗୁଡ଼ିକର ଟିଆର୍‌ପି ବୃଦ୍ଧି ପାଇଁ ଟିଭିରେ ଚଲାଇ ରଖୁଥିଲେ ବୋଲି ପୋଲିସ କମିଶନର ପ୍ରଘଟ କରିଛନ୍ତି। ସେ ଆହୁରି କହିଛନ୍ତି, ଟିଆର୍‌ପି ବଢ଼ାଉଥିବା ପ୍ରତି ପରିବାରକୁ ଦିନକୁ ୫୦୦ ଟଙ୍କା ପର୍ଯ୍ୟନ୍ତ ଦିଆଯାଉଥିଲା। କେତେକ ସ୍ଥଳେ ଇଂଲିଶ୍ ବୁଝୁ ନ ଥିବା ଲୋକେ ମଧ୍ୟ ରିପବ୍ଲିକ୍ ଚ୍ୟାନେଲକୁ ଦିନସାରା ଚଲାଇ ରଖୁଥିଲେ। ସେମାନଙ୍କ ବୟାନ ରେକର୍ଡ କରାଯାଇଥିବା କମିଶନର ସୂଚନା ଦେଇଛନ୍ତି।

ପୋଲିସ ମୁତାବକ ହଂସା ଏବଂ ବିଏଆର୍‌ସି ଟିଆର୍‌ପିର ଏହି 'ଅସ୍ୱାଭାବିକ ଟ୍ରେଣ୍ଡସ୍' ସମ୍ପର୍କରେ ଜାଣିବା ପରେ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ କାଣ୍ଡିଭଲି ଥାନାରେ ମାମଲା ରୁଜୁ କରାଯାଇଛି। ଏନେଇ ହଂସାର ଜଣେ ପୂର୍ବତନ କର୍ମଚାରୀ ଓ ତାଙ୍କ ସହଯୋଗୀଙ୍କୁ ଗିରଫ କରାଯାଇଛି। ସମ୍ପୃକ୍ତ କର୍ମଚାରୀଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୨୦ ଲକ୍ଷ ଓ ଲକର୍‌ରୁ ୮.୫ ଲକ୍ଷ ଟଙ୍କା ଜବତ କରାଯାଇଛି। ଟିଭିରେ କେତେକ ନିର୍ଦ୍ଦିଷ୍ଟ ଚ୍ୟାନେଲ ଚଲାଇ ରଖିବା ପାଇଁ ଲୋକଙ୍କୁ ଲାଞ୍ଚ ଦେବା ଲାଗି ଏହି ଟଙ୍କା ରଖାଯାଇଥିଲା।

ସେମାନଙ୍କୁ ଜେରା ବେଳେ ମିଳିଥିବା ସୂଚନା ଆଧାରରେ ପୋଲିସ ଗୁରୁବାର ବକ୍ସ ସିନେମା ଓ ଫକ୍ତ ମରାଠୀର ମାଲିକଙ୍କୁ ଗିରଫ କରିଛି। ସେହିପରି ରିପବ୍ଲିକ୍‌ର କେଉଁ କର୍ମଚାରୀ କେଉଁ ସ୍ତରରେ ସମ୍ପୃକ୍ତ ଥିଲେ ଜାଣିବା ପାଇଁ ଏହି ଚ୍ୟାନେଲ୍‌କୁ ମଧ୍ୟ ସମନ କରାଯାଇଛି। ଏହି ଚ୍ୟାନେଲଗୁଡ଼ିକ ଜାଲିଆତି କରି ଟିଆର୍‌ପି ହାସଲ କରିଛନ୍ତି। ଉକ୍ତ ଟିଆର୍‌ପି ଜରିଆରେ ସେମାନେ ବିଜ୍ଞାପନ ପାଇବା ସହ ଅନ୍ୟ ଚ୍ୟାନେଲଗୁଡ଼ିକୁ କ୍ଷତି ପହଞ୍ଚାଇଛନ୍ତି, ଯାହାକି ଏକ ଆପରାଧିକ କାର୍ଯ୍ୟ। ଯେଉଁ ଆକାଉଣ୍ଟଗୁଡ଼ିକୁ ଅର୍ଥ ହସ୍ତାନ୍ତର କରାଯାଇଛି ଧରାପଡ଼ିଲେ ସେଗୁଡ଼ିକୁ ବାଜ୍ୟାପ୍ତ କରାଯିବ ବୋଲି ପୋଲିସ କମିଶନର ପରମବୀର ସିଂ କହିଛନ୍ତି।

ଅନ୍ୟପକ୍ଷରେ ରିପବ୍ଲିକ୍ ଟିଭି ଏହି ଅଭିଯୋଗକୁ ଖଣ୍ଡନ କରିଛି। ମୁମ୍ବାଇ ପୋଲିସ କମିଶନରଙ୍କ ବିରୋଧରେ ଚ୍ୟାନେଲ ପକ୍ଷରୁ ମାନହାନି ମାମଲା ଦାଏର କରାଯିବ ବୋଲି ରିପବ୍ଲିକ୍ ପକ୍ଷରୁ କୁହାଯାଇଛି। ରିପବ୍ଲିକ୍ ଟିଭି ଲଢ଼େଇ କରିବ। ଏହାସହ ଅଭିନେତା ସୁଶାନ୍ତ ସିଂ ରାଜପୁତ ଓ ପାଲଘର ଭଳି ମାମଲାଗୁଡ଼ିକର ତଦନ୍ତ ଜାରି ରଖିବ ବୋଲି ଉକ୍ତ ଟିଭି ଚ୍ୟାନେଲର ଏଡିଟର-ଇନ୍-ଚିଫ୍ ଅର୍ଣ୍ଣବ ଗୋସ୍ୱାମୀ ଏକ ବିବୃତି ଜାରି କରି କହିଛନ୍ତି।

# ମା' ବିରଜାଙ୍କ ରଥଯାତ୍ରାକୁ ଅନୁମତି

## ଜିଲାପାଳଙ୍କୁ ଦାୟିତ୍ୱ ଦେଲେ ହାଇକୋର୍ଟ

କଟକ ଅଫିସ/ଯାଜପୁର ଟାଉନ,୮।୧୦

ଯାଜପୁରର ପ୍ରସିଦ୍ଧ ବିରଜା ମନ୍ଦିରର ରଥଯାତ୍ରାକୁ ଅନୁମତି ପ୍ରଦାନ କରିବା ସହ ଏହାର ଆୟୋଜନ ଦାୟିତ୍ୱ ଯାଜପୁର ଜିଲାପାଳଙ୍କ ଉପରେ ହାଇକୋର୍ଟ ନ୍ୟସ୍ତ କରିଛନ୍ତି। କୋଭିଡ୍ କଟକଣା ଭିତରେ ସମସ୍ତ କାର୍ଯ୍ୟ କରିବାକୁ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ମହମ୍ମଦ ରଫିକ୍ ଓ ବିଚାରପତି ଜଷ୍ଟିସ ବି.ଆର ଷଡ଼ଙ୍ଗୀଙ୍କୁ ନେଇ ଗଠିତ ପୀଠ ଗୁରୁବାର ନିର୍ଦ୍ଦେଶ ଦେଇଛନ୍ତି। ବିରଜାଙ୍କ ରଥଯାତ୍ରା ଆୟୋଜନ ପାଇଁ ହାଇକୋର୍ଟରେ ୪ଟି ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ଜିଲା ପ୍ରଶାସନକୁ ସତ୍ୟପାଠ ଦାଖଲ କରିବାକୁ କୁହାଯାଇଥିଲା। ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ହାଇକୋର୍ଟରେ ସତ୍ୟପାଠ ଦାଖଲ କରାଯାଇଥିଲା। କୋଭିଡ୍ ଗାଇଡ୍‌ଲାଇନକୁ ଅନୁପାଳନ କରି ରଥ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି ଏବଂ ରଥଯାତ୍ରା ସମୟରେ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୋର୍ଟରେ ଅବଗତ କରାଯାଇଥିଲା। ପ୍ରକାଶ ଯେ, ଆସନ୍ତା ୧୭ ତାରିଖରେ ରଥଯାତ୍ରାର ତିଥି ରହିଛି। ୯ଦିନ ରହି ବିରଜାଙ୍କ ପୀଠରେ ଏହି ଯାତ୍ରା ଆୟୋଜିତ ହୁଏ। ମା' ବିରଜାଙ୍କ ରଥ ଯାତ୍ରା ପାଇଁ ବିରଜା ମନ୍ଦିରର ମୁକ୍ତି ମଣ୍ଡପ ସେବାୟତ ପରିଷଦ ଓ ଜିଲା ଆଇନଜୀବୀ ସଂଘ, ବିଶ୍ୱହିନ୍ଦୁ ପରିଷଦ ଓ ବାନର ସେନା ପକ୍ଷରୁ ପୃଥକ ମାମଲା ରୁଜୁ ହୋଇଥିଲା।

# ଅନ୍‌ଲାଇନ୍ ପାଠପଢ଼ା ରିପୋର୍ଟ ଶିକ୍ଷକ ଦେବେ

ଭୁବନେଶ୍ୱର,୮।୧୦(ବ୍ୟୁରୋ)

ଗତ ୬ମାସ ମଧ୍ୟରେ ହାଇସ୍କୁଲ୍ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଅନ୍‌ଲାଇନରେ କିଭଳି ଓ କେତେ ପାଠ ପଢାଇଛନ୍ତି ତାହାର ରିପୋର୍ଟ ମାଗିଛି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ। ଏନେଇ ସମସ୍ତ ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କୁ ଚିଠି ଲେଖି ପାଠପଢ଼ାର ହିସାବ ଦେବାକୁ ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି। ଗତ ଲକ୍‌ଡାଉନ୍ ଓ ଅନ୍‌ଲକ୍‌ରେ ହେଡ୍‌କ୍ୱାର୍ଟରରେ ରହି ଅନ୍‌ଲାଇନ୍‌ରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ଲାଗି ଗଣଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଥିଲେ ମଧ୍ୟ କିଛି ଶିକ୍ଷକ ଏହାକୁ ଗୁରୁତ୍ୱର ସହ ନେଇ ନ ଥିଲେ। ହେଡ୍‌କ୍ୱାର୍ଟରରେ ରହି ନ ଥିଲେ କି ଅନ୍‌ଲାଇନ୍‌ରେ କ୍ଲାସ୍ କରି ନ ଥିଲେ। ଏହି ୬ମାସ ମଧ୍ୟରେ ରାଜ୍ୟ ସରକାର ଶିକ୍ଷକମାନଙ୍କୁ ପୂର୍ଣ୍ଣାଙ୍ଗ ବେତନ ପ୍ରଦାନ କରିଥିଲେ ମଧ୍ୟ ପାଠପଢାରେ କିନ୍ତୁ ସେମାନେ ଢିଲା କରିଥିବା ଅଭିଯୋଗ ଆସିଥିଲା। ସ୍କୁଲ୍ ବନ୍ଦ ଥିବାରୁ ଅଧିକାଂଶ ଶିକ୍ଷକ ହେଡ୍‌କ୍ୱାର୍ଟରେ ନ ରହିବାର ବାହାନା ଦେଖାଇଥିଲେ, ଯାହାକୁ ସହଜରେ ଗ୍ରହଣ କରିପାରିନାହାନ୍ତି ରାଜ୍ୟ ସରକାର। ତେଣୁ ସେପ୍ଟେମ୍ବର ଶେଷ ସପ୍ତାହରେ କେଉଁ ଶିକ୍ଷୟିତ୍ରୀ ଶିକ୍ଷକ ହେଡ୍‌କ୍ୱାର୍ଟରରେ ନ ଥିଲେ ତାହାର ରିପୋର୍ଟ ମଗାଯାଇଛି। ସେହିଭଳି ଅନ୍‌ଲାଇନ୍‌ରେ କେଉଁ ଶିକ୍ଷକ କେତେ କ୍ଲାସ୍ ନେଇଛନ୍ତି ଓ କେଉଁମାନେ ବିଲ୍‌କୁଲ୍ କ୍ଲାସ୍ କରିନାହାନ୍ତି ସମ୍ପୃକ୍ତ ସ୍କୁଲ୍‌ର ପ୍ରଧାନଶିକ୍ଷକମାନେ ତାହାର ରିପୋର୍ଟ ଦେବେ। ଶିକ୍ଷା ସଂଯୋଗ କାର୍ଯ୍ୟକ୍ରମ ମାଧ୍ୟମରେ ପାଠ ପଢାଇଛନ୍ତି କି ନାହିଁ ତାହାର ମଧ୍ୟ ତଥ୍ୟ ରଖିବେ। ଶିକ୍ଷୟିତ୍ରୀ, ଶିକ୍ଷକଙ୍କଠାରୁ ତଥ୍ୟ ସଂଗ୍ରହ କରିବା ପରେ ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଛାତ୍ରୀଛାତ୍ରଙ୍କୁ ଯୋଗାଯୋଗ କରି ତାହାର ସତ୍ୟାସତ୍ୟ ଯାଞ୍ଚ କରି ତାହାକୁ ନିର୍ଦ୍ଦେଶାଳୟ ନିକଟକୁ ମେଲ୍ ଯୋଗେ ପଠାଇବାକୁ ଡିଇଓମାନଙ୍କୁ ନିର୍ଦ୍ଦେଶ ରହିଛି। ଅକ୍ଟୋବର ୧୧ ସୁଦ୍ଧା ରିପୋର୍ଟ ପହଞ୍ଚିବା ପରେ ୧୨ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଉଚ୍ଚସ୍ତରୀୟ ବୈଠକରେ ତାହାର ସମୀକ୍ଷା କରାଯିବ ବୋଲି ନିର୍ଦ୍ଦେଶାଳୟ ପକ୍ଷରୁ ଜଣାପଡିଛି।





ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ-୨୦୨୦କୁ ଓଡ଼ିଶା ରିସର୍ଚ୍ଚ ସ୍କୁଲ ଫୋରମ ପକ୍ଷରୁ ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ସ୍ୱାଗତ କରାଯାଉଛି।





ବିଶ୍ୱବିଦ୍ୟାଳୟ ଆଇନ-୨୦୨୦କୁ ତୁରନ୍ତ ରଦ୍ଦ କରିବା ଦାବିରେ ଗୁରୁବାର ଏଆଇଡିଏସ୍‌ଓ ପକ୍ଷରୁ ଗଭର୍ନର ହାଉସ୍ ନିକଟରେ ବିକ୍ଷୋଭ।

# ୧ ନିୟୁତ ଟନ୍ ପାଉଁଶ ପରିବହନ କରିବ ପୂର୍ବତଟ ରେଳପଥ

ଭୁବନେଶ୍ୱର, ୮।୧୦ (ବ୍ୟୁରୋ)

୨୦୨୦-୨୧ରେ ପଣ୍ୟ ପରିବହନରେ ନିଜର ଅଂଶ ବୃଦ୍ଧି କରିବାକୁ ପୂର୍ବତଟ ରେଳପଥ ଲକ୍ଷ୍ୟ ରଖିଛି। ସଡ଼କ ମାର୍ଗରେ ପରିବହନ ହେଉଥିବା ପଣ୍ୟକୁ ରେଳପଥ ପ୍ରତି କିପରି ଆକୃଷ୍ଟ କରାଯାଇପାରିବ ସେଥିପ୍ରତି ପୂର୍ବତଟ ରେଳପଥ ଗୁରୁତ୍ୱାରୋପ କରୁଛି। ମହାପ୍ରବନ୍ଧକ ବିଦ୍ୟା ଭୂଷଣଙ୍କ ନିର୍ଦ୍ଦେଶ ପରେ ପୂର୍ବତଟ ରେଳପଥର ବ୍ୟବସାୟ ବିକାଶ ୟୁନିଟ୍ (ବିଡିୟୁ) ରେଳ ଦ୍ୱାରା ଫ୍ଲାଏ ଆଶ୍ ପରିବହନ ସମ୍ବନ୍ଧରେ ଇତି ମଧ୍ୟରେ ଥର୍ମାଲ ପାୱାର ପ୍ଲାଣ୍ଟର ପ୍ରତିନିଧି, ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟ, ଆଲୁମିନିୟମ୍ ସ୍ମେଲଟର ପ୍ଲାଣ୍ଟ ଏବଂ ସିମେଣ୍ଟ ପ୍ଲାଣ୍ଟର ପ୍ରତିନିଧିଙ୍କୁ ଭେଟିଛି। ଆଲୋଚନା ସମୟରେ ରେଳପଥ ଦ୍ୱାରା ଫ୍ଲାଏ ଆଶ୍ ପରିବହନ ଉପରେ ଦିଆଯାଇଥିବା ୪୦% ପଣ୍ୟ ପରିବହନ ରିହାତିର ଲାଭ ଉଠାଇବାକୁ ଶିଳ୍ପ ପ୍ରତିନିଧିଙ୍କୁ ପରାମର୍ଶ ଦିଆଯାଇଛି। ଅକ୍ଟୋବର ୨୦୨୦ରୁ ମାର୍ଚ୍ଚ ୨୦୨୧ ମଧ୍ୟରେ ଅନ୍ତତଃପକ୍ଷେ ୧ ନିୟୁତ ଟନ୍ ଫ୍ଲାଏ ପାଉଁଶ ପରିବହନ କରାଯାଇପାରିବ ବୋଲି ଆକଳନ କରାଯାଇଥିବା ପୂର୍ବତଟ ରେଳପଥ ପକ୍ଷରୁ ପ୍ରକାଶ ପାଇଛି।

**ପୂର୍ବ ତଟ ରେଳପଥ**
**ଇ-କ୍ରୟ ପ୍ରଣାଳୀ**

ଟେଣ୍ଡର ବିଜ୍ଞପ୍ତି ସଂ.PCMM/EP/2020-21/24, ତା.05.10.2020ରିଖ

ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ୍: www.ireps.gov.inରେ ଅପ୍‌ଲୋଡ୍ କରାଯାଇଛି।

**କ୍ରମ ସଂ.01:** ଟେଣ୍ଡର ସଂ.04202252A, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଲିଡ୍ ଏସିଡ୍ (Lead acid) ବ୍ୟାଟେରୀ, ପରିମାଣ: T.S. ଅନୁଯାୟୀ।
**କ୍ରମ ସଂ.02:** ଟେଣ୍ଡର ସଂ.03201123, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଲୋୟର ସ୍ପ୍ରିଙ୍ଗ୍ (Lower Spring) ସିଟ୍, ପରିମାଣ: 2998 ଗୋଟି।
**କ୍ରମ ସଂ.03:** ଟେଣ୍ଡର ସଂ.06205005, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ନ୍ୟୁମେଟିକ୍ (Pneumatic) ପାଇପ୍ ଲାଇନ୍ ସିଷ୍ଟମ୍, ପରିମାଣ: 2626 ମିଟର।
**କ୍ରମ ସଂ.04:** ଟେଣ୍ଡର ସଂ.03201037, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଏକ୍ସିଲ ବାକ୍ସ ହାଉସିଙ୍ଗ୍, ପରିମାଣ: 389 ଗୋଟି।
**କ୍ରମ ସଂ.05:** ଟେଣ୍ଡର ସଂ.03201051, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଡ୍ର ହୁକ୍(Draw hook), ପରିମାଣ: 300 ଗୋଟି।
**କ୍ରମ ସଂ.06:** ଟେଣ୍ଡର ସଂ.03201073, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : କଣ୍ଟ୍ରୋଲ ରଡ୍ (Control Rod), ପରିମାଣ: 2186 ଗୋଟି।
**କ୍ରମ ସଂ.07:** ଟେଣ୍ଡର ସଂ.03203979, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ସହାୟକ ଡିଭାଇସ୍ (Supporting Device), ପରିମାଣ: 160 ଗୋଟି।
**କ୍ରମ ସଂ.08:** ଟେଣ୍ଡର ସଂ.04195167, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଫାବ୍ରିକେଟେଡ୍ ଏବଂ ଗଲ୍‌ଭାନାଇଜ୍‌ଡ ଷିଲ୍ ଷ୍ଟ୍ରକ୍‌ଚର, ପରିମାଣ:T.S. ଅନୁଯାୟୀ।
**କ୍ରମ ସଂ.09:** ଟେଣ୍ଡର ସଂ.02201098, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : କମ୍ପ୍ଲିଟ ରୋଟର (Complete Rotor), ପରିମାଣ: 05 ଗୋଟି।
**କ୍ରମ ସଂ.10:** ଟେଣ୍ଡର ସଂ.02201028, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଷ୍ଟେନଲେସ୍ (Stainless)ପାଇପ ଫିଟିଙ୍ଗ୍‌ସ, ପରିମାଣ: 04 ସେଟ୍।
**କ୍ରମ ସଂ.11:** ଟେଣ୍ଡର ସଂ.08191075, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଇଞ୍ଜିନ ଲୁବ୍ରିକେଟିଙ୍ଗ୍ ଅଏଲ, ପରିମାଣ: 33180 ଲିଟର।
**କ୍ରମ ସଂ.12:** ଟେଣ୍ଡର ସଂ.04191001F, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଲିଡ୍ ଏସିଡ୍ (Lead acid) ବ୍ୟାଟେରୀ, ପରିମାଣ: T.S. ଅନୁଯାୟୀ।
**କ୍ରମ ସଂ.13:** ଟେଣ୍ଡର ସଂ.03203906, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଫ୍ଲେକ୍ସ(Flex) ବଲ୍ କେବୁଲ, ପରିମାଣ: 11 ସେଟ୍।
**କ୍ରମ ସଂ.14:** ଟେଣ୍ଡର ସଂ.03205046, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : HT ଟାଇଟ୍ ଲକ୍ (Tight lock), ପରିମାଣ: 80 ଗୋଟି।
**କ୍ରମ ସଂ.15:** ଟେଣ୍ଡର ସଂ.03203903, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ପ୍ରାଇମେରି ଭର୍ଟିକାଲ ଡାମ୍ପର (Vertical damper), ପରିମାଣ: 583 ଗୋଟି।
**କ୍ରମ ସଂ.16:** ଟେଣ୍ଡର ସଂ.03203795, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଡ୍ରଇଂ ନିମନ୍ତେ CTRB, ପରିମାଣ: 610 ଗୋଟି।
**କ୍ରମ ସଂ.17:** ଟେଣ୍ଡର ସଂ.09201018, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଇମ୍ପ୍ରେଗ୍‌ନେଟେଡ୍ କମ୍ପ୍ରେସ୍‌ଡ ଲାମିନେଟ୍‌ସ, ପରିମାଣ: 1084 ଗୋଟି।

ଟେଣ୍ଡର ଖୋଲାଯିବା ତାରିଖ : କ୍ରମ ସଂ. 01 ପାଇଁ ତା.21.10.2020ରିଖ, କ୍ରମ ସଂ. 02 ଠାରୁ 04 ପାଇଁ ତା.28.10.2020ରିଖ, କ୍ରମ ସଂ. 05 ପାଇଁ ତା.29.10.2020ରିଖ, କ୍ରମ ସଂ. 06 ଠାରୁ 11 ପାଇଁ ତା.02.11.2020ରିଖ, କ୍ରମ ସଂ. 12 ପାଇଁ ତା.05.11.2020ରିଖ, କ୍ରମ ସଂ. 13 ଏବଂ 14 ପାଇଁ ତା.10.11.2020ରିଖ, କ୍ରମ ସଂ. 15 ପାଇଁ ତା.12.11.2020ରିଖ, କ୍ରମ ସଂ. 16 ପାଇଁ ତା.23.11.2020ରିଖ ଏବଂ କ୍ରମ ସଂ. 17 ପାଇଁ ତା.20.11.2020ରିଖ।

ସମ୍ପୂର୍ଣ୍ଣ ବିଜ୍ଞପ୍ତି, ଇଏମ୍‌ଡି (EMD), କ୍ରୟ ପ୍ରତିବନ୍ଧକ ଏବଂ ସମ୍ପୂର୍ଣ୍ଣ ଟେଣ୍ଡର ସର୍ତ୍ତାବଳୀ ସମ୍ବନ୍ଧରେ ଦୟାକରି ୱେବ୍‌ସାଇଟ୍ www.ireps.gov.in ଏବଂ www.eastcoastrail.indianrailways.gov.in ଅବଲୋକନ କରନ୍ତୁ।

ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/ ଭୁବନେଶ୍ୱର
PR-286/L/20-21

**ODISHA JOINT ENTRANCE EXAMINATION - 2020**
**( OJEE - 2020 )**

**NOTICE REGARDING WEB COUNSELLING**

No: OJEE/295 Date: 08.10.2020

**NOTICE**

OJEE web-based Counselling process for **B.TECH/ B.ARCH/ Int. MSc** is going to start from **12th October 2020.** For detailed schedule, seat position and counselling brochure, please go through OJEE website **www.ojee.nic.in/ www.odishajee.com.** Schedules for other courses will be published soon.

Sd/-
CHAIRMAN, OJEE, ODISHA

**ODISHA PUBLIC SERVICE COMMISSION**
19, Dr. P.K. Parija Road, Cuttack-1

**NOTICE**
**No.5210/PSC, Dt.7.X.20**

No.D-77:- It is for information of all concerned that, as per the provisions laid down at para-6 of the advertisement No.18 of 2019-20, the Commission have shortlisted the eligible candidates for certificate/document verification for recruitment to the post of Lecturer in the discipline of Environmental Science in Group-A of Odisha Education Service (College Branch), Pursuant to Advt. No.18 of 2019-20.

Hence, the candidates are advised to visit the website of the Commission at http://opsc.gov.in for detail information.

Sd./- Secretary
OIPR-12002/11/0038/2021

**ODISHA PUBLIC SERVICE COMMISSION**
19, Dr. P.K. Parija Road, Cuttack-1

**NOTICE**
**No.5222/PSC, Dt.7.X.20**

No.D-76:- It is for information of all concerned that, as per the provisions laid down at para-6 of the advertisement No.18 of 2019-20, the Commission have shortlisted the eligible candidates for certificate/document verification for recruitment to the post of Lecturer in the discipline of **English** in Group-A of Odisha Education Service (College Branch), Pursuant to Advt. No.18 of 2019-20.

Hence, the candidates are advised to visit the website of the Commission at http://opsc.gov.in for detail information.

Sd./- Secretary
OIPR-12002/11/0039/2021

## ଇଶାନ କୁମାର ପାତ୍ର ଆଇଏଏନ୍‌ଏସ୍ ସଭାପତି

**କଟକ ଅଫିସ,୮।୧୦:** ରେଭେନ୍‌ଶା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଇଶାନ କୁମାର ପାତ୍ର ଇଣ୍ଡିଆନ ଏକାଡେମୀ ଅଫ୍ ନ୍ୟୁରୋ ସାଇନ୍ସ (ଆଇଏଏନ୍‌ଏସ୍)ର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ୨୦୨୧ରୁ ୨୦୨୩ ମସିହା ପର୍ଯ୍ୟନ୍ତ ସେ ଏହି ସଭାପତି ପଦରେ ରହିବେ। ୪୦ ବର୍ଷର ଏହି ଏକାଡେମୀରେ ବିଶ୍ୱର ବିଭିନ୍ନ ରାଷ୍ଟ୍ରର ପ୍ରାୟ ୧୮ଶହ ସଦସ୍ୟ ରହିଛନ୍ତି। ଏକାଡେମୀର ସମସ୍ତ ସଦସ୍ୟଙ୍କ ସମ୍ମତିକ୍ରମେ ସେ ନିର୍ବାଚିତ ହୋଇଛନ୍ତି। ପ୍ରଫେସର ପାତ୍ର ୧୯୮୪ ମସିହାରୁ ଏହି ଏକାଡେମୀର ସଦସ୍ୟ ରହିଛନ୍ତି। ପୂର୍ବରୁ ୨୦୧୮-୧୯ରେ ଏକାଡେମୀ ପକ୍ଷରୁ ତାଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯାଇଥିଲା। ଏବେ ସେ ସଭାପତି ପଦ ପାଇଁ ନିର୍ବାଚିତ ହୋଇଛନ୍ତି। ଏ ନେଇ ପ୍ରଫେସର ପାତ୍ରଙ୍କୁ ବହୁ ବୁଦ୍ଧିଜୀବୀ ଶୁଭେଚ୍ଛା ଜଣାଇଛନ୍ତି।

# ଶ୍ରୀମନ୍ଦିରକୁ ଅନ୍ୟ ସହ ତୁଳନା କରା ନ ଯାଉ

## ରାଜ୍ୟରେ ଧାର୍ମିକସ୍ଥଳ ଖୋଲିବା ପ୍ରସଙ୍ଗ

ପୁରୀ ଅଫିସ,୮।୧୦

କରୋନା ପାଇଁ ବନ୍ଦ ଥିବା ରାଜ୍ୟର ଧାର୍ମିକସ୍ଥଳ ଖୁବଶୀଘ୍ର ଖୋଲିପାରେ। ଏଥିଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ସଙ୍କେତ ମିଳିଛି। ଜିଲାର ସ୍ଥିତି ଦେଖି କୋଭିଡ୍ ନିୟମ ମାନି ଖୋଲିବାକୁ ପରାମର୍ଶ ଦିଆଯାଇଛି। ସମସ୍ତ ଅଂଶୀଦାରଙ୍କ ସହ ଆଲୋଚନା କରି ସମ୍ପୃକ୍ତ ଜିଲାର ଜିଲାପାଳଙ୍କୁ ୧୦ଦିନ ମଧ୍ୟରେ ରିପୋର୍ଟ ଦେବାକୁ କୁହାଯାଇଛି। ପର୍ଯ୍ୟାୟକ୍ରମେ ଧର୍ମାନୁଷ୍ଠାନ ଖୋଲିବାକୁ ପରାମର୍ଶ ଦିଆଯାଇଛି। ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ରାମଚନ୍ଦ୍ର ଦାସମହାପାତ୍ର କହିଛନ୍ତି, କୋଭିଡ୍ ଦୃଷ୍ଟିକୋଣରୁ ବର୍ତ୍ତମାନ ଶ୍ରୀମନ୍ଦିର ଖୋଲିବା ସ୍ଥିତିରେ ନାହିଁ। କାର୍ତ୍ତିକ ମାସ ଏବଂ ନାଗାର୍ଜ୍ଜୁନ ବେଶ ପରେ ସେତେବେଳେ କରୋନାର ସ୍ଥିତି ଦେଖି ଛତିଶା ନିଯୋଗ ଏବଂ ପରିଚାଳନା କମିଟି ଯାହା ନିଷ୍ପତ୍ତି ନେବ ତାହା ହିଁ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ସେହିପରି ବରିଷ୍ଠ ଦଇତାପତି ସେବକ ବିନାୟକ ଦାସମହାପାତ୍ର କହିଛନ୍ତି, ରାଜ୍ୟ ସରକାର ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହାକୁ ଆଧାର କରି ଅନ୍ୟ ମନ୍ଦିର ଖୋଲାଯିବା ଦରକାର। ଜୀବନ ସହ ଜୀବିକାକୁ ବି ଦେଖିବାକୁ ପଡ଼ିବ। କିନ୍ତୁ ଶ୍ରୀମନ୍ଦିରକୁ ଅନ୍ୟ ମନ୍ଦିର ସହ ତୁଳନା କରା ନ ଯାଉ। ଆଗକୁ ଦଶହରା, କାର୍ତ୍ତିକ ମାସ, ନାଗାର୍ଜ୍ଜୁନ ବେଶ, ଡିସେମ୍ବର ୨୫ ଓ ନୂଆବର୍ଷ ରହିଛି। ତେଣୁ ଲକ୍ଷ ଲକ୍ଷ ସଂଖ୍ୟାରେ ଭକ୍ତଙ୍କ ସମାଗମ ହେବ। କୋଭିଡ୍ ଗାଇଡ୍‌ଲାଇନକୁ ଅନୁପାଳନ କରି କିପରି ଭକ୍ତଙ୍କ ଦର୍ଶନ ସମ୍ଭବ ତାହାକୁ ଚିନ୍ତା କରିବାକୁ ପଡ଼ିବ।

## ସେବାୟତଙ୍କ ମତ ଲୋଡ଼ିବେ ମୁଖ୍ୟ ପ୍ରଶାସକ

ସର୍ବସାଧାରଣଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ଖୋଲିବା ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପାଇବା ପରେ ମନ୍ଦିର ପ୍ରଶାସନ ପକ୍ଷରୁ ଏ ଦିଗରେ ତତ୍ପରତା ପ୍ରକାଶ କରିଛି। ଶୁକ୍ରବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର ମନ୍ଦିର ଖୋଲିବା ନେଇ ବିଭିନ୍ନ ସେବାୟତ ନିଯୋଗ ଏବଂ ଅନ୍ୟ ଅଂଶୀଦାରଙ୍କ ମତାମତ ନେବେ। କୋଭିଡ୍ କଟକଣା ଯୋଗୁ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ପର୍ଯ୍ୟାୟକ୍ରମେ ମତାମତ ସଂଗ୍ରହ ଓ ବିଚାର ବିମର୍ଶ କରିବେ। ଶୁକ୍ରବାର ପରେ ପୁଣି ଆସନ୍ତା ୧୨ରୁ ୧୬ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ୫ ଦୋଷୀଙ୍କୁ ୧୪ ବର୍ଷ ଜେଲ

## ଜଳନିଧି ଯୋଜନାରେ ୧.୩୧ କୋଟି ଠକେଇ ମାମଲା

**ବାରିପଦା ଅଫିସ, ୮।୧୦:** ଜଳନିଧି ଯୋଜନାରେ ୧କୋଟି୩୧ ଲକ୍ଷ ବ୍ୟାଙ୍କ ଠକେଇ ମାମଲାର ବିଚାର କରି ଗୁରୁବାର ମୟୂରଭଞ୍ଜ ଜିଲା ଓ ଦୌରାଜଜ୍ ଅଦାଲତର ଚିଫ୍ ଜୁଡିସିଆଲ୍ ମାଜିଷ୍ଟ୍ରେଟ ବିକାଶ ଚନ୍ଦ୍ର ଦେ ୫ ଦୋଷୀଙ୍କୁ ୧୪ବର୍ଷ ଲେଖାଏ ଜେଲଦଣ୍ଡାଦେଶ ଦେଇଛନ୍ତି। ଏହା ସହ ପ୍ରତ୍ୟେକଙ୍କଠାରୁ ୨୭ ଲକ୍ଷ ଲେଖାଏ ମୋଟ ୧କୋଟି ୩୫ଲକ୍ଷ ଟଙ୍କା ଜରିମାନା ଆଦାୟ କରିବା ପାଇଁ ରାୟରେ କୁହାଯାଇଛି। ଝାରପୋଖରିଆ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରେ ଏହି ଅର୍ଥ ହେରଫେର ହୋଇଥିଲା। ଦୋଷୀମାନେ ହେଲେ ତତ୍କାଳୀନ ବ୍ୟାଙ୍କ ମ୍ୟାନେଜର ଗିରିଜା ଶଙ୍କର ମିଶ୍ର, ଫିଲ୍ଡ ଅଫିସର ସତ୍ୟରୂପା ମହାନ୍ତି, ଯୋଗାଣକାରୀ ବଙ୍ଗାଳୀ ଜେନା, ସୁଶାନ୍ତ ଜେନା ଓ ଏକ ପାଣିପମ୍ପ କମ୍ପାନୀର ଏଜେଣ୍ଟ ସତ୍ୟାନନ୍ଦ ପାତ୍ର। ମାମଲାର ବିବରଣୀ ଅନୁଯାୟୀ, ଝାରପୋଖରିଆ ସ୍ଥିତ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରେ ଗତ ୨୦୧୨-୧୩ ଆର୍ଥିକ ବର୍ଷରେ ଓଡ଼ିଶା ସରକାରଙ୍କ ଜଳନିଧି ଯୋଜନାରେ ଚାଷୀଙ୍କୁ ୫୦ପ୍ରତିଶତ ସବ୍‌ସିଡି ମାଧ୍ୟମରେ ପାଣି ପମ୍ପ ଯୋଗାଇ ଦିଆଯାଉଥିଲା। ଏହି ଯୋଜନାରେ ଅଞ୍ଚଳର ୧୩୧ଚାଷୀଙ୍କ ନାମରେ ଜାଲ୍ କାଗଜପତ୍ର ମାଧ୍ୟମରେ ଋଣ ଦିଆଯାଇଥିଲା। ଘଟଣା ସମ୍ପର୍କରେ ଶାଖା ପ୍ରବନ୍ଧକ ସୀତାକାନ୍ତ ମହାନ୍ତି ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ପରେ ଏହି ମାମଲା କ୍ରାଇମବ୍ରାଞ୍ଚ(ଇଓଡବ୍ଲ୍ୟୁ)ଦ୍ୱାରା ତଦନ୍ତ କରାଯାଇଥିଲା। ତଦନ୍ତକାରୀ ଅଫିସର ଗିରିଜା ଚକ୍ରବର୍ତ୍ତୀ ତଦନ୍ତ ପୂର୍ବକ ଚାର୍ଜଶିଟ ଦାଖଲ କରିଥିଲେ। ୩୧ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ବିଚାରପତି ମାମଲାର ରାୟ ପ୍ରକାଶ କରିଛନ୍ତି। ସରକାରୀ ଓକିଲ ସନ୍ତୋଷ କୁମାର ପୃଷ୍ଟି ମାମଲା ପରିଚାଳନା କରୁଥିଲେ।



**ODISHA JOINT ENTRANCE EXAMINATION - 2020**
**( OJEE - 2020 )**

No: OJEE/296 Date: 08.10.2020

**NOTICE**

**Schedule of Medical Board for Physically Challenged (PC) Candidates of JEE MAIN Rank holders (paper1/ paper2), who wish to take part in the counselling process for B.Tech/ B.Arch/ Int. M.Sc. of OJEE 2020**

The **Physically Challenged** (PC) Category Candidates having JEE MAIN Rank (paper 1/paper 2), who are interested to take part in the counselling process for B.Tech., B.Arch. and Int. M.Sc. of OJEE 2020, are required to attend the **Medical Board at LT – II, SCB Medical College, Cuttack on 13-10-2020 and 14-10-2020.** Candidates are required to report for the Medical Board at **10.00 A.M.** and bring their **Admit Card/ Rank Card and Photo Identity Proof** to the Medical Board.

**Decision of Medical Board is final and binding. Admission to PC category will be made only as per the results of this Board.**

The proceedings of the Medical Board shall be conducted strictly following the COVID – 19 guidelines. Candidates must report at the Board with 3 ply cotton masks, gloves, personal sanitisers etc.

Sd/-
CHAIRMAN, OJEE, ODISHA

**ODISHA CONSTRUCTION CORPORATION LTD.**
(A Government of Odisha Undertaking)
Regd. Office: Unit-VIII, Gopabandhu Nagar, Bhubaneswar-751012 (Odisha)
E-mail: theoccltd@odishaconstruction.com, Website: www.odishaconstruction.com

**ADVERTISEMENT**

**SPECIAL DRIVE FOR SCHEDULED TRIBE (ST) CANDIDATES**

Odisha Construction Corporation Limited, a state PSU invites applications from eligible **Scheduled Tribe (ST) candidates** for appointment of **3 (Three) Nos. of Accounts Clerk (Contract)** on contract basis with a consolidated remuneration of **Rs.9,000/- (Rupees Nine thousand) only per month.** The appointment is purely temporary in nature and terminable at anytime without assigning any reason thereof. Service contract may be renewed subject to satisfactory performance up to 6 (six) years. After satisfactory completion of 6(Six) years of contractual service, they may be inducted into regular cadre with the scale of pay in Level 5 at Cell - 1 of the Pay Matrix under ORSP Rules 2017. The selected candidates shall be posted to any unit of the Corporation located in the state of Odisha.

**Vacancy Position:**

| Category | Nos. of Post | Nos. of Post reserved for women |
|---|---|---|
| Schedule Tribe | 3 | 1 |

Details of advertisement and prescribed application format are available in the OCCL website : **www.odishaconstruction.com.**

Sd/-
Managing Director
OCCL, Bhubaneswar

> ମଣିଷ ପ୍ରକୃତିର ଦିବ୍ୟରୂପାନ୍ତର ହେବ ବୋଲି ଆମେ ଯାହା କହୁଛୁ- ତାହା ହେଲା ତା'ପ୍ରକୃତିର ଏକ ସମ୍ପୂର୍ଣ୍ଣ ଓ ସମାଗ୍ରିକ ପରିବର୍ତ୍ତନ। କେହି ଭାବିବା ଉଚିତ ନୁହେଁ ଯେ, ଏହା କେବଳ ଏକପ୍ରକାର ଉଚ୍ଚସ୍ତରୀୟ ମାନବିକତା ମାତ୍ର। ଦିବ୍ୟରୂପାନ୍ତର ହେଲା ଆମ ଅଜ୍ଞାନ ପ୍ରକୃତିର ମିଥ୍ୟାରୁ ମୁକ୍ତ ହୋଇ ଦିବ୍ୟ- ପ୍ରକୃତିର ସତ୍ୟ ସହିତ ଏକାତ୍ମ ହେବା। – ଶ୍ରୀଅରବିନ୍ଦ

# ସଚ୍ଚୋଟଙ୍କୁ ଠକ ନାହିଁ

କୋଭିଡ୍-୧୯ ମହାମାରୀ ସଂକ୍ରମଣ ବ୍ୟାପିବା ପରେ ଋଣ କିସ୍ତି ପଇଠ କରିବା ଲାଗି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ମୋରାଟୋରିୟମ୍ ଘୋଷଣା କରିଥିଲେ। ଏହି ସମୟରେ ବ୍ୟାଙ୍କଗୁଡ଼ିକ ଚକ୍ରବୃଦ୍ଧି ସୁଧ ବା ସୁଧ ଉପରେ ସୁଧ ଲଗାଇବା ଘଟଣା ସାମ୍ନାକୁ ଆସିଥିଲା। ଏଥିରେ ବହୁ ସଂସ୍ଥା ଅସନ୍ତୋଷ ପ୍ରକାଶ କରିବା ପରେ ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଥିଲା। ଏବେ ସରକାର ସୁପ୍ରିମ୍‌କୋର୍ଟରେ ସତ୍ୟପାଠ ଜରିଆରେ ତାଙ୍କ ମତ ଉପସ୍ଥାପନ କରିଛନ୍ତି। ମୋରାଟୋରିୟମ୍ ଅବଧିର ୬ମାସ ମଧ୍ୟରେ ସୁଧ ଉପରେ ସୁଧ ଛାଡ଼ କରିବା ଲାଗି ସରକାର ରାଜି ହେବା ସହ ବ୍ୟାଙ୍କଗୁଡ଼ିକର କ୍ଷତି ଭରଣା କରିବା ଲାଗି ସମ୍ମତ ହୋଇଛନ୍ତି। ଏହାଦ୍ୱାରା ଋଣଗ୍ରହୀତାମାନେ ସୁଧ ଉପରେ ଲାଗୁ କରାଯାଇଥିବା ସୁଧ ଦେବାରୁ ମୁକ୍ତି ପାଇପାରିବେ। ୨ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ନେଇଥିବା ବ୍ୟକ୍ତି ବା ସଂସ୍ଥା ଏହି ସୁବିଧା ପାଇପାରିବେ। ସରକାର ଏହି ନିଷ୍ପତ୍ତି ନେବାକୁ ସମୟ ନେଇଛନ୍ତି। ତେବେ ସୁପ୍ରିମକୋର୍ଟରେ ମୋରାଟୋରିୟମ ବିରୋଧରେ ବହୁ ପିଟିଶନ ଦାଏର ହେବା ପରେ ବିଳମ୍ବ ନ କରି ଏହା ଉପରେ ନିଜର ପକ୍ଷ ରଖିବା ଲାଗି ଶୀର୍ଷ କୋର୍ଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସତ୍ୟପାଠରେ ଅର୍ଥମନ୍ତ୍ରୀ କହିଛନ୍ତି ଯେ, ଗୃହ, ଶିକ୍ଷା, ଏମ୍‌ଏସ୍‌ଏମ୍‌ଇଏସ୍(ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ), କଞ୍ଜ୍ୟୁମର ଡ୍ୟୁରେବଲ ଋଣ, କ୍ରେଡିଟ୍ କାର୍ଡ ଦେୟ,ଗାଡ଼ି,ବ୍ୟକ୍ତିଗତ ଓ ବୃତ୍ତିଗତ ଋଣରୁ ବ୍ୟକ୍ତି ମୋରାଟୋରିୟମ ସୁବିଧା ପାଇଥାନ୍ତୁ କି ନଥାନ୍ତୁ ସେଥିରୁ ଛାଡ ପାଇବେ। ସୁପ୍ରିମ୍‌କୋର୍ଟ ଏବେ ସୁଦ୍ଧା କେନ୍ଦ୍ର ଦାଖଲ କରିଥିବା ସତ୍ୟପାଠ ଉପରେ ଶୁଣାଣି ହେବାକୁ ବାକି ରହିଛି। ଏହି ମାମାଲାର ଶୁଣାଣି ଅକ୍ଟୋବର ୧୩ରେ ହେବାର ଅଛି। ଶୀର୍ଷକୋର୍ଟ ତାଙ୍କ ଶୁଣାଣିକୁ ସ୍ଥଗିତ ରଖିବା ଦ୍ୱାରା କେନ୍ଦ୍ରର ସତ୍ୟପାଠ ଉପରେ ବହୁ ପ୍ରଶ୍ନ ଉଙ୍କିମାରୁଛି। ପ୍ରଥମେ ଏହା କରୋନାର ଦୁର୍ଦ୍ଦିନରେ ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଲୋକମାନେ, ଯେଉଁମାନେ କିସ୍ତି ଦେଉଥିଲେ ସେମାନଙ୍କ ସମ୍ପର୍କରେ କିଛି ଉଲ୍ଲେଖ କରିନାହିଁ। କାମାଥ୍ କମିଟି ରିପୋର୍ଟ ଅନୁସାରେ କ'ଣ କରାଯାଇଛି ଓ ତାହା ସତ୍ୟପାଠରେ କାହିଁକି ପ୍ରକାଶ କରାଯାଇନି ସେ ସମ୍ପର୍କରେ କୋର୍ଟ ପ୍ରଶ୍ନ କରିଥିଲେ। କୋଭିଡ୍-୧୯ ଯୋଗୁ ବ୍ୟାଙ୍କଗୁଡ଼ିକର ବୋଝକୁ ହାଲୁକା କରିବା ଲାଗି ସମାଧାନର ଉପାୟ ଉପରେ ବରିଷ୍ଠ ବ୍ୟାଙ୍କର୍ କେ.ଭି. କାମାଥଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିର ସୁପାରିସକୁ ଆର୍‌ବିଆଇ ଗ୍ରହଣ କରିଥିଲା। ଏହି କମିଟି ୨୬ଟି ସେକ୍ଟର ପାଇଁ ଫାଇନାନ୍‌ସିଆଲ ରେସିଓ ଲାଗି ସୁପାରିସ୍ କରିଥିଲା। ଋଣ ଗ୍ରହୀତାଙ୍କୁ ମୋରାଟୋରିୟମ ଅବଧି ମଧ୍ୟରେ ସୁଧ ଉପରେ ସୁଧ ଛାଡ଼ କରିବାର ମୁଖ୍ୟ କାରଣ ଜାଣିବା ଲାଗି ବି ସୁପ୍ରିମକୋର୍ଟ ଗୁରୁତ୍ୱାରୋପ କରିଥିଲେ।

କେନ୍ଦ୍ର ସରକାରଙ୍କ ସତ୍ୟପାଠ ଉପରେ ବହୁ ସନ୍ଦେହ ରହିଛି। ତେବେ ସୁପ୍ରିମକୋର୍ଟ ଏହି ମାମଲାକୁ କିଭଳି ଦେଖୁଛନ୍ତି ତାହା ଜାଣିବା ଲାଗି ଅପେକ୍ଷା କରିବା। ଏହା ଏକ ଜଟିଳ ସମସ୍ୟା। ସୁଧ ଛାଡ କରାଗଲେ ବ୍ୟାଙ୍କଗୁଡିକ ପାଖାପାଖି ୭,୦୦୦ କୋଟି ଟଙ୍କା କ୍ଷତି ସହିବେ। କିଏ ଏହି କ୍ଷତି ଭରଣା କରିବ? ସରକାର ଟ୍ୟାକ୍ସ ବଢ଼ାଉଛନ୍ତି ଏବଂ ଏହାର ବୋଝ ଲୋକମାନେ ହିଁ ବହନ କରିବେ। ଋଣ କରିଥିବା ବ୍ୟକ୍ତି ବା ସଂସ୍ଥା ଯେଉଁ ରିହାତି ପାଇବେ ତାହା ପ୍ରତ୍ୟେକ ଟିକସ ଦାତାଙ୍କୁ ହିଁ ଦେବାକୁ ପଡିବ। ଋଣ ଛାଡ କରି ସରକାର ବ୍ୟାଙ୍କଗୁଡ଼ିକର କ୍ଷତି ସହିବା ଲାଗି ଘୋଷଣା କରିବାକୁ ଆମେ ପ୍ରଶଂସା କରୁଥିବାବେଳେ ସରକାର ଏହି ଟଙ୍କା କେମିତି ଯୋଗାଡ଼ କରିବେ ତାହା ସ୍ପଷ୍ଟ କଲେ ଭଲ ହୁଅନ୍ତା। ବ୍ୟବସାୟ ଓ ବୃତ୍ତିଗତ ସମେତ ବିଭିନ୍ନ ଉଦ୍ଦେଶ୍ୟରେ ୨ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ନେଇଥିବା ଗ୍ରହୀତାଙ୍କ ପାଇଁ ପ୍ରତ୍ୟେକ ଟିକସଦାତା ତାହା ଦେବା ଉଚିତ ନୁହେଁ। ସୁପ୍ରିମକୋର୍ଟ ତାଙ୍କ ରାୟକୁ ସ୍ଥଗିତ ରଖିବା ସମୟରେ ଆର୍‌ବିଆଇଙ୍କ ଦ୍ୱାରା ସୁଧ ଉପରେ ସୁଧ ଛାଡ ଘୋଷଣାକୁ ଗ୍ରହଣ କରିବାକୁ ଚାହୁଁନଥିବା ତଥା ପ୍ରତିମାସରେ ଋଣ ଦେଇ ଆସୁଥିବା ଶୃଙ୍ଖଳିତ ଋଣଗ୍ରହୀତାମାନେ ଯେଭଳି ଏହାଦ୍ୱାରା ଠକାମିର ଶିକାର ହେଉଥିବା ଅନୁଭବ ନ କରନ୍ତି ସେ ସମ୍ପର୍କରେ କେନ୍ଦ୍ର ସୁନିଶ୍ଚିତ କରିବା ଦରକାର। ଅତୀତରେ କେନ୍ଦ୍ର ସରକାର କୃଷି ଋଣ ଛାଡ ବେଳେ ଏଭଳି ଅସମ୍ବେଦନଶୀଳତା ପ୍ରକାଶ କରିଥିଲା। ଯେଉଁ କୃଷକମାନେ ଋଣ କରି କିସ୍ତି ଦେଉଥିଲେ ସେମାନଙ୍କ ସହ ଆଦୌ କିସ୍ତି ଦେଉ ନ ଥିବା କୃଷକଙ୍କୁ ସମାନ କରିଦିଆଗଲା। ଋଣଛାଡ ଘୋଷଣା କରାଯିବା ଦ୍ୱାରା ପ୍ରତ୍ୟେକେ ଲାଭବାନ ହେଲେ। ଉଭୟ ଋଣ ଖିଲାପି ଓ ଠିକ୍ ଭାବେ ଋଣ ପରିଶୋଧ କରୁଥିବା ବ୍ୟକ୍ତି ସମାନ ହୋଇଗଲେ। ଏଥିପାଇଁ କୃଷିଋଣ ନେଇଥିବା ବ୍ୟକ୍ତି ସରକାର ସୁଧ ଓ ମୂଳ ଛାଡ ଘୋଷଣା କରିବା ପୂର୍ବରୁ ଓ ପରେ ଋଣ ପରିଶୋଧ କରିବାକୁ କେବେ ବି ଚାହିଁ ନ ଥିଲେ। ଏହାଦ୍ୱାରା ଋଣ ଖିଲାପିମାନେ ଲାଭ ପାଇବାବେଳେ ସଚ୍ଚୋଟ ଭାବେ ଋଣ ପରିଶୋଧ କରୁଥିବା ଶୃଙ୍ଖଳିତ ଗ୍ରହୀତାମାନେ ଠକାମିର ଶିକାର ହେବା ଅନୁଭବ କଲେ। ଏବେ ସରକାର ଅନ୍ତତଃ ଏହି ପଦକ୍ଷେପ ନ ନେବା ଉଚିତ। ମାମଲା ଫଇସଲା କରିବା ପୂର୍ବରୁ ସୁପ୍ରିମକୋର୍ଟ ଏହି ଘଟଣାକୁ ଦୃଷ୍ଟିରେ ରଖିବେ ବୋଲି ଆମେ ଆଶା କରିବା। ଏହା ନ ହେଲେ ନ୍ୟାୟିକ ବ୍ୟବସ୍ଥା ଉପରେ ଲୋକେ ଭରସା ହରାଇବେ। ସଚ୍ଚୋଟଙ୍କୁ ଠକିବା ଉଚିତ ନୁହେଁ। ସରକାର ଏଥିପ୍ରତି ଦୃଷ୍ଟି ଦେବେ ବୋଲି ଆଶାକରୁ।

## ଆଜିର ଅର୍ଥନୀତି

## ୨୫ ବର୍ଷ ତଳର ଧରିତ୍ରୀ

୯ ଅକ୍ଟୋବର ୧୯୯୫

- ସରକାରୀ ପରିଚାଳିତ ସଂସ୍ଥାଗୁଡ଼ିକୁ ଘରୋଇକରଣ କରିବା କ୍ଷେତ୍ରରେ ଆଶାଜନକ ସଫଳତା ହାସଲ କରିପାରି ନ ଥିବା ଯୋଗୁ ଭାରତକୁ ବିଶ୍ୱବ୍ୟାଙ୍କ ନିକଟରେ ସମାଲୋଚିତ ହେବାକୁ ପଡ଼ିଛି।
- ଯାଜପୁର, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲାରେ ମାଟି ତଳୁ ବହୁ ମଧ୍ୟଯୁଗୀୟ ବୌଦ୍ଧ କୀର୍ତ୍ତି ଆବିଷ୍କୃତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | | | C | | | | 6 | E | | | | | 4 | |
| | D | 3 | | 6 | A | | | | | 0 | 1 | | B | |
| E | 2 | | B | D | 5 | 7 | 8 | | | C | | | | |
| | | A | | | | | 5 | | | | 9 | | | 7 |
| | | | | | | C | D | | | | | 8 | 3 | |
| | A | | | 0 | | 1 | 4 | 8 | | 3 | | | 7 | C |
| C | | | | | | | | | | 4 | | B | 5 | 6 |
| | | | | | 4 | 6 | | | | | | | | |
| 4 | | | | | 8 | A | B | | | E | C | D | | |
| D | 0 | 5 | | C | | | 9 | | | | 2 | | | |
| 0 | 3 | | | 4 | | | | | 1 | | 6 | 5 | | E |
| 8 | | | | | 7 | | | 9 | | 2 | | | | |
| 2 | | | 0 | | | B | | 3 | | | 5 | | 9 | D |
| | | B | D | 9 | | | A | | | | | | | |
| | | | E | 2 | | 8 | | | | | | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | D | 6 | 5 | 1 | 4 | 8 | B | 9 | E | 0 | 7 | C | A | 2 |
| 9 | B | C | E | 8 | 0 | 5 | A | 1 | 2 | 3 | 4 | 6 | 7 | D |
| 4 | 7 | A | 6 | C | 2 | 3 | 0 | D | 1 | B | 5 | E | 9 | 8 |
| 0 | 2 | 1 | 9 | D | B | C | E | 7 | A | 6 | 8 | 4 | 3 | 5 |
| 8 | 5 | E | 7 | A | 3 | 4 | 6 | 2 | C | D | 9 | 1 | B | 0 |
| C | 3 | B | 1 | E | 5 | A | D | 8 | 7 | 9 | 6 | 0 | 2 | 4 |
| 2 | 6 | 5 | 4 | 0 | D | 7 | 3 | B | 8 | A | C | 9 | E | 1 |
| 7 | 8 | 9 | 2 | 6 | C | E | 4 | 0 | 3 | 1 | D | A | 5 | B |
| E | 0 | D | B | 9 | A | 6 | 1 | C | 4 | 5 | 2 | 7 | 8 | 3 |
| A | 1 | 4 | 3 | 7 | 8 | 9 | 2 | 5 | 0 | E | B | D | C | 6 |
| 1 | 9 | 2 | 0 | 3 | E | B | 5 | 4 | D | C | A | 8 | 6 | 7 |
| 6 | E | 7 | C | 4 | 1 | 2 | 9 | 3 | 5 | 8 | 0 | B | D | A |
| 5 | C | 0 | 8 | 2 | 6 | D | 7 | A | B | 4 | E | 3 | 1 | 9 |
| B | A | 3 | D | 5 | 9 | 0 | 8 | E | 6 | 7 | 1 | 2 | 4 | C |
| D | 4 | 8 | A | B | 7 | 1 | C | 6 | 9 | 2 | 3 | 5 | 0 | E |

ଗତକାଲିର ଉତ୍ତର

# ପୁରାଣରେ ବିଜ୍ଞାନ: ବିଶ୍ୱାସରୁ ଅନ୍ଧବିଶ୍ୱାସ

ପ୍ର. ରମେଶ ଚନ୍ଦ୍ର ପରିଡ଼ା

ନିକଟରେ ଲୋକ ସଭାର ଦୁଇଜଣ ମହିଳା ସଦସ୍ୟ ସୁପ୍ରିୟା ସୁଲେ (ମହାରାଷ୍ଟ୍ର) ଏବଂ ଥାମିଝାଚି ଥାଗାପାଣ୍ଡିଆନ୍ (ତାମିଲନାଡୁ) ଦେଶର ଏକ ପ୍ରମୁଖ ଖବରକାଗଜକୁ ଦେଇଥିବା ସାକ୍ଷାତ୍‌କାରରେ କେନ୍ଦ୍ର ମନ୍ତ୍ରୀମାନଙ୍କୁ ମିଥ୍ୟା-ବିଜ୍ଞାନର ପ୍ରଚାର ଓ ପ୍ରସାର କରିବାରୁ ନିବୃତ୍ତ ରଖିବାକୁ ପ୍ରଧାନମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ଏହା ମନେପକାଇ ଦିଏ କିଛି ବର୍ଷ ତଳେ ଜଣେ ନେତା ତାଙ୍କ ଅଭିଭାଷଣରେ ଭାରତୀୟମାନେ ପ୍ରଥମେ ଉଡ଼ାଜାହାଜ ତିଆରି କରିଥିବାର ଏବଂ ତାହା ହେଉଛି ପୁରାଣ ବର୍ଣ୍ଣିତ ପୁଷ୍ପକ ବିମାନ ବୋଲି ସୂଚିତ କରିଥିବା କଥା। ତେବେ ସେ କହି ନ ଥିଲେ ଏହା କେଉଁ ପ୍ରଯୁକ୍ତିବିଦ୍ୟା ବିଶାରଦ କେଉଁଠି ତିଆରି କରିଥିଲେ। ଏଥିରେ କେଉଁ ଇନ୍ଧନ ବ୍ୟବହୃତ ହେଉଥିଲା ଏବଂ ତହିଁରୁ କେବଳ ଗୋଟିଏ ତିଆରି କଲା ପରେ ଏହାର କାରଖାନା ବନ୍ଦ କରି ଦିଆଗଲା କାହିଁକି ଇତ୍ୟାଦି। ଏବେ ଜଣେ ମୁଖ୍ୟମନ୍ତ୍ରୀଙ୍କ ସମେତ ବହୁ ରାଜନେତା ତଥା ନିଜକୁ ବୈଦିକ ବିଜ୍ଞାନରେ ବିଜ୍ଞ ଏବଂ ପରମ୍ପରାପ୍ରେମୀ ବୋଲି ପ୍ରମାଣିତ କରିବାକୁ ବ୍ୟାକୁଳ ବ୍ୟକ୍ତିବିଶେଷ ଏପ୍ରକାର ଅବାନ୍ତର କଥାମାନ କହି ଆସୁଥିଲାବେଳେ ଆମ ଗଣମାଧ୍ୟମ ତାହାକୁ ଯଥାଶୀଘ୍ର ପହଞ୍ଚାଇ ଦେଉଛି ସରଳ ବିଶ୍ୱାସୀ ଜନସାଧାରଣଙ୍କ ନିକଟରେ। ପରିଣାମରେ ଆମେ ବିଶ୍ୱାସ କରି ଆସିଥିବା ଏହି ପୌରାଣିକ ଉପାଖ୍ୟାନଗୁଡ଼ିକୁ ବିଜ୍ଞାନର କଷଟି ପଥରରେ ପରୀକ୍ଷା କରିବାର ଆବଶ୍ୟକ ପଡୁଛି। ଅତଏବ ଅନେକ ସ୍ଥଳେ ତାହା ଉଭା ହେଉଛି ଅନ୍ଧବିଶ୍ୱାସର ରୂପ ନେଇ।

ପୁଷ୍ପକ ବିମାନ ସମ୍ପର୍କୀୟ କାହାଣୀକୁ ବାଦ୍ ଦେଲେ ଆଉ ଯେଉଁ ଦୁଇଟି ଘଟଣାକୁ ନେଇ ସେମାନେ ଆମ ପୁରାଣ ଯୁଗର ବୈଜ୍ଞାନିକମାନେ ଆଧୁନିକ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାରେ ଧୁରୀଣ ଥିଲେ ବୋଲି ଦୃଷ୍ଟାନ୍ତ ରୂପେ ଉପସ୍ଥାପିତ କରନ୍ତି ତାହା ହେଲା ମହାଭାରତର କୁନ୍ତୀ ଏବଂ ଗାନ୍ଧାରୀଙ୍କର ମାତୃତ୍ୱ ଲାଭ ପ୍ରକ୍ରିୟାକୁ ନେଇ। ସେମାନଙ୍କ ମତରେ କୁନ୍ତୀ ଏଥିପାଇଁ 'ଇନ୍‌ଭିଟ୍ରୋ ଫର୍ଟିଲାଇଜେସନ' ବା ଗର୍ଭାଶୟ ବାହାରେ କୃତ୍ରିମ ଉପାୟରେ ସମାୟନର ଆଶ୍ରୟ ନେଇଥିଲାବେଳେ ଗାନ୍ଧାରୀ ଏଥିପାଇଁ କ୍ଲୋନିଂ ପଦ୍ଧତିକୁ ଆପଣାଇଥିଲେ। ଏହି ସମ୍ଭାବନାଗୁଡ଼ିକର ଅସାରତା ପ୍ରମାଣିତ କରିବାକୁ ହେଲେ ପ୍ରଥମେ ଏହା ମୂଳରେ ଥିବା ବୈଜ୍ଞାନିକ ତତ୍ତ୍ୱ ଏବଂ ଏହାକୁ କାର୍ଯ୍ୟକାରୀ କରୁଥିବା ପ୍ରଯୁକ୍ତି ବିଦ୍ୟାକୁ ବୁଝିବାକୁ ହେବ। ତା' ପରେ ମହାଭାରତ ଯୁଗରେ ଏହାର ପ୍ରୟୋଗ ସମ୍ଭବ କି ନାହିଁ ତାହା ସ୍ଥିର କରିବାକୁ ପଡ଼ିବ।

ପ୍ରଥମେ ଚାଲନ୍ତୁ 'ଇନ୍‌ଭିଟ୍ରୋ ଫର୍ଟିଲାଇଜେସନ' ଯାହାକୁ ଆମେ ସାଧାରଣ ପରିଭାଷାରେ 'ଟେଷ୍ଟଟ୍ୟୁବ୍ ବେବି' ବୋଲି କହୁଛେ, ସେ ବିଷୟ ବିଚାରକୁ ନେବା। ପ୍ରାକୃତିକ ଉପାୟରେ ସନ୍ତାନଟିଏ ସୃଷ୍ଟି ହେବାର ପ୍ରଥମ ପାବଚ୍ଛ ହେଲା ଏକ ପରିପକ୍ୱ ଡିମ୍ବାଣୁ ସହିତ ଶୁକ୍ରାଣୁଟିଏ ନିଃସିକ୍ତ ହେବା। ଏହି ଦୁଇଟି 'ହାପ୍ ଲଏଡ୍' ଜୀବକୋଷ (ଅର୍ଦ୍ଧ ସଂଖ୍ୟକ କ୍ରୋମୋଜୋମ୍‌ଧାରୀ)ର ମିଳନରୁ ସମାଚୟନ ପ୍ରାପ୍ତ ଡିମ୍ବାଣୁଟିଏ ଉତ୍ପନ୍ନ ହୁଏ; ଯାହାକି କ୍ରମେ ଭ୍ରୂଣରେ ପରିଣତ ହୁଏ।

ତଥାକଥିତ ଟେଷ୍ଟଟ୍ୟୁବ୍ ବେବି ଲାଗି ଏ କାର୍ଯ୍ୟ କୃତ୍ରିମ ଉପାୟରେ ସମାହିତ କରାଯାଇ ତାହାକୁ ନାରୀର ଗର୍ଭାଶୟରେ ପ୍ରତିରୋପଣ କରାଯାଏ। ସେଥିପାଇଁ ତାକୁ ବାରମ୍ବାର ଡାକ୍ତରୀ ପରୀକ୍ଷା କରିବାକୁ ଏବଂ ପ୍ରସବର ଅନେକଦିନ ଆଗରୁ ଡାକ୍ତରଖାନାରେ ରହିବାକୁ ପଡ଼େ। ଆମେ ଦ୍ୱାପର ଯୁଗ ବୋଲି କହୁଥିବା କୁନ୍ତୀଙ୍କ ସମୟରେ ଏ ସବୁ ବ୍ୟବସ୍ଥା ଉପଲବ୍ଧ ଥିବାର ମହାଭାରତରେ କୌଣସିଠାରେ ବର୍ଣ୍ଣିତ ନାହିଁ। ଅନ୍ୟପକ୍ଷରେ, ଯଦି ତାହା ଥିଲା ତା'ହେଲେ କେବଳ କୁନ୍ତୀ କାହିଁକି ତା'ର ସୁଯୋଗ ନେଲେ, ଅନ୍ୟମାନେ ନେଲେ ନାହିଁ? ପୁନଶ୍ଚ କୁନ୍ତୀଙ୍କର ପ୍ରଥମ ସନ୍ତାନ କର୍ଣ୍ଣ ସେ ଅବିବାହିତା ଥିବା ସମୟରେ ଜନ୍ମ ହୋଇଥିଲେ। ତାଙ୍କ ଭଳି ଜଣେ ସଂଭ୍ରାନ୍ତ ରାଜକୁମାରୀ ସେ ଅବସ୍ଥାରେ ଏ ପଦ୍ଧତିରେ ପୁତ୍ରବତୀ ହେବା ଅବାନ୍ତର ମନେହୁଏ ନାହିଁ କି? ସେହିପରି ଉଭୟ କୁନ୍ତୀ ଏବଂ ମାଦ୍ରିଙ୍କର ସନ୍ତାନମାନେ ଜଣେ ଜଣେ ଦେବତାଙ୍କ କୃପାରୁ ଜନ୍ମ ହେବାର ମହାଭାରତରେ ବର୍ଣ୍ଣିତ ଅଛି। ଯଦି ଏଥିପାଇଁ ଟେଷ୍ଟଟ୍ୟୁବ୍ ବେବି ପଦ୍ଧତି ପ୍ରୟୋଗ ହୋଇଥିବାର ଆମେ ମାନିବା ତା'ହେଲେ ସେହି ଦେବତାମାନଙ୍କଠାରୁ ଶୁକ୍ରାଣୁ ସଂଗ୍ରହ କରି ତାହାକୁ କୁନ୍ତୀ ବା ମାଦ୍ରିଙ୍କ ପରିପକ୍ୱ ଡିମ୍ବାଣୁରେ ସମାୟନ କରାଯାଇଥିଲା ବୋଲି ସ୍ୱୀକାର କରିବାକୁ ପଡ଼ିବ ଏବଂ ଏହା କରିଥିବା ବ୍ୟକ୍ତିଜଣକ ନିଶ୍ଚୟ ଜଣେ ଉଚ୍ଚକୋଟୀର ପ୍ରଜନନ ବିଶେଷଜ୍ଞ ବୋଲି ମାନିବାକୁ ହେବ। ତେବେ ପୁରାଣରେ ତାଙ୍କର ପରିଚୟ ତ କେଉଁଠି ସୂଚିତ କରାଯାଇନାହିଁ? ଶେଷରେ, କୃତ୍ରିମ ପ୍ରଜନନ ପଦ୍ଧତି ଯଦି ସେ କାଳରେ ଏତେ ଉନ୍ନତ ଥିଲା ତା'ହେଲେ ଏହି ରାଣୀମାନେ 'ସରୋଗେଟ୍ ମଦର' ନିଯୁକ୍ତ କରିବା ବଦଳରେ ନିଜେ ଗର୍ଭଧାରଣର କଷ୍ଟ ନେଲେ କାହିଁକି?

ଏବେ ବିଚାର କରିବା ଗାନ୍ଧାରୀଙ୍କର କ୍ଲୋନିଂ ମାଧ୍ୟମରେ ସନ୍ତାନ ଜନ୍ମ ଦେବାର ସମ୍ଭାବନାକୁ। ସାଧାରଣତଃ ଏ ପ୍ରକ୍ରିୟାରେ ଡିମ୍ବାଣୁଟିଏ ନେଇ ତାହାର ନ୍ୟଷ୍ଟିକୁ ଅପସାରଣ କରାଯାଏ ଏବଂ ସେଠାରେ ପ୍ରତିରୋପଣ କରାଯାଏ ଏକ ଡାଇପ୍‌ଲଏଡ, ଅର୍ଥାତ୍ ସମ୍ପୂର୍ଣ୍ଣ ସଂଖ୍ୟକ କ୍ରୋମୋଜୋମ୍‌ଧାରୀ ଜୀବକୋଷର ନ୍ୟଷ୍ଟି। ତତ୍‌ପରେ ତାହାକୁ ଉପଯୁକ୍ତ ମାଧ୍ୟମରେ ରଖି ବିଦ୍ୟୁତ୍ ସ୍ଖଳନ ଦ୍ୱାରା ସକ୍ରିୟ କରି ଯୁଗ୍ମଜଟିଏ ସୃଷ୍ଟି କରାଯାଏ ଏବଂ ତହିଁରୁ ଉତ୍ପନ୍ନ ହୁଏ ଆଦ୍ୟଭ୍ରୂଣ। ଏହାକୁ ଗର୍ଭାଶୟ ମଧ୍ୟରେ ସ୍ଥାପନ କଲେ ତାହା ବିକଶିତ ହୋଇ ଶାବକରେ ପରିଣତ ହୁଏ। ଏହାଠାରେ ଥାଏ ନ୍ୟଷ୍ଟି ପ୍ରଦାନ କରିଥିବା ବ୍ୟକ୍ତିର ସମସ୍ତ ଜିନୀୟ ଚରିତ୍ର। ତେଣୁ ସେ ହୁଏ ତା'ର କ୍ଲୋନ ଅର୍ଥାତ୍ ଅବିକଳ ନକଲ। ଅନ୍ୟପକ୍ଷରେ ଏହି ଆଦ୍ୟ ଭ୍ରୂଣରୁ ଜୀବକୋଷ (ଷ୍ଟେମସେଲ) ନେଇ ସେ ପ୍ରତ୍ୟେକଙ୍କୁ ପରସ୍ପରର ନକଲ ବା କ୍ଲୋନ ରୂପେ ବିକଶିତ କରାଯାଇପାରିବ।

ଏପରିସ୍ଥଳେ ଗାନ୍ଧାରୀଙ୍କ ଶତପୁତ୍ର ଯଦି କ୍ଲୋନିଂ ପଦ୍ଧତିରେ ଉତ୍ପନ୍ନ ହୋଇଥିଲେ, ତେବେ ସେଥିରେ ତାଙ୍କର ଡିମ୍ବାଣୁ ଏବଂ ଧୃତରାଷ୍ଟ୍ରଙ୍କ ଜୀବକୋଷର ନ୍ୟଷ୍ଟି ନିଶ୍ଚିତ ରୂପେ ବ୍ୟବହୃତ ହୋଇଥିବ। ତହିଁରୁ ଉତ୍ପନ୍ନ ଆଦ୍ୟଭ୍ରୂଣରୁ ଜୀବକୋଷ ଅଲଗା କରି ୧୦୦ ଜଣ ନାରୀଙ୍କ ଗର୍ଭାଶୟରେ ପ୍ରତିରୋପଣ କରାଯାଇଥିବ। ପୁନଶ୍ଚ ଆଦ୍ୟଭ୍ରୂଣଟି ୬/୮ଟି ଜୀବକୋଷ ବିଶିଷ୍ଟ ହେଲା ବେଳକୁ ତାହା ଗର୍ଭାଶୟରେ ପ୍ରତିରୋପଣ କରାଯାଏ। ତା'ହେଲେ ତ ଏ ପ୍ରକ୍ରିୟାକୁ ଅନେକବାର ଦୋହରାଇବାକୁ ପଡ଼ିଥିବ। ହେଲେ, ମହାଭାରତରେ ତ ସେପରି କିଛି ସୂଚନା ନାହିଁ। ଶେଷରେ ଆଉ ଏକ ପ୍ରଶ୍ନ ହେଲା ଯେ, ଏହି ପିଲାମାନେ ଧୃତରାଷ୍ଟ୍ରଙ୍କର ଅବିକଳ ନକଲ ହେବା କଥା। କିନ୍ତୁ ତାହା ତ ହୋଇନାହିଁ।

ବର୍ତ୍ତମାନ ସୁଦ୍ଧା କ୍ଲୋନିଂ ବିବିଧ ରୂପେ କେବଳ ମେଣ୍ଢାଠାରୁ ଆରମ୍ଭ କରି ଗାଇ, ଓଟ, କୁକୁର, ବିରାଡ଼ି ଆଦି ଜୀବଜନ୍ତୁ ସୃଷ୍ଟି କରାଯାଇସାରିଲାଣି। ତେବେ ମଣିଷଠାରେ ଏହା ପ୍ରୟୋଗ କରିବା କଥା କେତେକେ ଦାବି କରୁଥିଲେ ହେଁ ତାହା ପ୍ରମାଣିତ ହୋଇପାରିନାହିଁ। ଏପରିସ୍ଥଳେ ଆଜକୁ ହଜାର ହଜାର ବର୍ଷ ତଳେ ଭାରତୀୟମାନେ କିମ୍ବା ଅନ୍ୟ କେହି ଯଦି ଟେଷ୍ଟଟ୍ୟୁବ୍ ବେବି ଏବଂ କ୍ଲୋନିଂ ପ୍ରଯୁକ୍ତି ବିଦ୍ୟାରେ ପାରଦର୍ଶିତା ଲାଭ କରିଥିଲେ, ତା'ହେଲେ ତାହାକୁ ସେମାନେ କେବଳ କୁନ୍ତୀ ଓ ଗାନ୍ଧାରୀଙ୍କ କ୍ଷେତ୍ରରେ ପ୍ରୟୋଗ କଲେ କାହିଁକି? ସେହିପରି ଏଥିରେ ସିଦ୍ଧି ଲାଭ କରିଥିବା ବିଜ୍ଞ ପୁରୁଷ, ସେମାନେ ଏଥିପାଇଁ ବ୍ୟବହାର କରୁଥିବା ବିଜ୍ଞାନାଗାର ଏବଂ ତାଙ୍କ ସହାୟକଙ୍କ ବିଷୟରେ ତ ମହାଭାରତରୁ କିଛି ଜଣାପଡ଼େ ନାହିଁ। ପୁନଶ୍ଚ ତାଙ୍କର ଏ ବିଦ୍ୟା ହଜିଲା କେଉଁଠି ଏବଂ କିପରି?

ଆମକୁ ମନେରଖିବାକୁ ପଡ଼ିବ ଯେ, ପୁରାଣ କଦାପି ଇତିହାସ ନୁହେଁ। ଏହା ଅନେକାଂଶରେ କଳ୍ପନା ପ୍ରସୂତ। ଏକ ଶୃଙ୍ଖଳିତ ସମାଜ ଗଠନ ଲାଗି ସାଧାରଣ ଲୋକଙ୍କ ବିଶ୍ୱାସ ଜିଣିବା ପାଇଁ ଏହା ଅଭିପ୍ରେତ। ଉଦାହରଣସ୍ୱରୂପ, ଈଶ୍ୱର ଅଛନ୍ତି କି ନାହିଁ ସେ ବିଷୟରେ ଚିନ୍ତା କଲେ ଏକ ନିର୍ଦ୍ଦିଷ୍ଟ ଉପସଂହାରରେ ପହଞ୍ଚି ହୁଏନା। ତଥାପି, ବିଶ୍ୱର ୮୭ ଶତାଂଶ ଲୋକ ତାଙ୍କ ସ୍ଥିତିରେ ବିଶ୍ୱାସ କରନ୍ତି। ବ୍ୟକ୍ତି ବିଶେଷଙ୍କ ଦେହ ଓ ମନ ଠାରୁ ଆରମ୍ଭ କରି ସମାଜ ପର୍ଯ୍ୟନ୍ତ ସମସ୍ତଙ୍କ ଉପରେ ଏହାର ସୁଫଳ ରହିଛି। ଅତଏବ ସେ ଥାଆନ୍ତୁ ବା ନ ଥାଆନ୍ତୁ, ସେଥିରେ ମୁଣ୍ଡ ନ ଖେଳାଇ ଆମେ ସାଧାରଣ ଲୋକେ ତାଙ୍କୁ ବିଶ୍ୱାସ କରିବା ଶୁଭଙ୍କର। ତେବେ, ଈଶ୍ୱର ହୁଅନ୍ତୁ ବା କୌଣସି ପୌରାଣିକ ଉପାଖ୍ୟାନ ହେଉ ତା' ଉପରେ ମିଥ୍ୟା-ବିଜ୍ଞାନର ବୋଳଟିଏ ବୋଳିଦେବା ଆଜି କାଲି କେତେକଙ୍କର ଫେଶନ ପାଲଟି ଯାଇଛି। ସେମାନେ ଏ ବିଶ୍ୱାସକୁ ଅନ୍ଧବିଶ୍ୱାସରେ ପରିଣତ କରି ଦେଉଛନ୍ତି। ତାଙ୍କ ପକ୍ଷେ ଏଥିରୁ ନିବୃତ୍ତ ରହିବା ସମାଜ ପାଇଁ ମଙ୍ଗଳକର ହେବ।

ଉଷା ନିବାସ, ୧୨୪/୨୪୫୫
ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ: ୯୯୩୭୯୮୫୭୬୭

# ସାନ କୁହାଙ୍କ ବଡ଼ କଥା

ଦ୍ୱିତୀ ଚନ୍ଦ୍ର ସାହୁ

ରାଜା ଥିଲେ ଲୋକପ୍ରିୟ। ସେ ଯାହା ଚାହୁଁଥିଲେ ତାହା କରୁଥିଲେ। ଅବଶ୍ୟ ଲୋକଙ୍କ ହିତରେ। ପୂର୍ବରୁ ରାଜାମାନଙ୍କ ଅତ୍ୟାଚାର, ଆଳସ୍ୟ ଓ ବିଳାସମୟ ଜୀବନ ନିର୍ବାହ କାରଣରୁ କର୍ମଠ ରାଜା ଅଚିରେ ଅଳ୍ପଦିନରେ ଲୋକପ୍ରିୟ ହୋଇଗଲେ। ଲୋକପ୍ରିୟତାକୁ ଆଖିରେ ରଖି ଗୁଡ଼ାଏ କାମ କରିବାର ନିଶାରେ ମାତିଗଲେ ରାଜା। ରାଜ୍ୟ ପାଇଁ ଅନେକ ସ୍ୱପ୍ନ ଦେଖିଲେ। ସେଥିରୁ ଗୋଟିଏ ଗୋଟିଏ କାମ କରିବା ଆରମ୍ଭ କଲେ। କିନ୍ତୁ ହଠାତ୍ ଗୋଟେ ବର୍ଷ ଅକାଳ ପଡ଼ିଲା। ଲୋକଙ୍କ ନିକଟରେ ବଞ୍ଚିବା ଲାଗି ହାତରେ କିଛି ନ ଥିଲା। ଯାହା ଥିଲା ସେସବୁ ଚାଷବାସରେ ଶେଷ ହୋଇଯାଇଥିଲା। ଏଣେ ଜମିରୁ ମଞ୍ଜିଟିଏ ବି ମିଳିଲା ନାହିଁ। ଏଇ ସମୟରେ ରାଜା ବିଶେଷ ଚିନ୍ତାମଗ୍ନ ଭଳି ଲାଗିଲେ। ଅଥଚ ଲୋକଙ୍କ ପାଇଁ ସେଭଳି ଠୋସ୍ କାମ କରିପାରିଲେ ନାହିଁ। ହାତକୁ କାମ ଦେଲେନି କି ରାଜକୋଷରୁ ଖାଦ୍ୟ ଓ ଅର୍ଥ ବଞ୍ଚିବା ଲାଗି ଦେଲେନି। ବରଂ ଲୋକଙ୍କୁ କୁହାଗଲା ଋଣ କରି ବଞ୍ଚିବା ଶିଖ। ଏଭଳି ଏକ ଦୁର୍ବିପାକ ସମୟରେ ରାଜ୍ୟରେ ଥିବା ମହାଜନମାନେ ବି ଦୁଆର ବନ୍ଦ କଲେ। ପୂର୍ବରୁ ଦେଇଥିବା ଋଣ ଅନାଦାୟ ହୋଇଥିବାରୁ ସେମାନଙ୍କର ଚିନ୍ତା ବି ବଢ଼ିଯାଇଥିଲା। ଏଇ ସମୟରେ ଯୁବରାଜ ସଦ୍ୟ ଗୁରୁକୁଳ ଶିକ୍ଷା ସାରି ରାଜ୍ୟକୁ ଫେରିଥାନ୍ତି। ନିଜର ପ୍ରାପ୍ତ ଜ୍ଞାନକୁ ଆଧାର କରି ରାଜାଙ୍କୁ ପରାମର୍ଶ ଦେଲେ ଯୁବରାଜ। କହିଲେ- ମହାରାଜ ! ଲୋକଙ୍କ ହାତକୁ କାମ ଦିଆଯାଉ। ଏହାଦ୍ୱାରା ଦୁଇଟି କଥା ହୋଇପାରିବ। ଗୋଟିଏ ଲୋକଙ୍କ ହାତକୁ ଅର୍ଥ ଆସିବ। ଅନ୍ୟ କଥାଟି ହେଲା କାରବାର ବୃଦ୍ଧି ପାଇବ। ଅରାଜକତା ହେବନି। ବରଂ ରାଜ୍ୟର ରାଜସ୍ୱ ବୃଦ୍ଧି ଘଟିବ। ସେଥିପାଇଁ ରାଜ୍ୟରେ ଅନ୍ତତଃ କୃଷି ଲାଗି ପୋଖରୀ ଖନନ କରାଯାଉ। ମହାରାଜ ଫୁ କରି ଉଡ଼େଇ ଦେଲେ ଯୁବରାଜଙ୍କ କଥାକୁ। ରାଜ୍ୟକୁ ବିଭିନ୍ନ ଦିଗରୁ ବିଭବଶାଳୀ କରିବାକୁ ଚାହୁଁଥିବାବେଳେ ଯୁବରାଜ ମାଟି ଖୋଳି ଲୋକଙ୍କୁ ଶ୍ରମିକ କରିବାକୁ ଚାହୁଁଛନ୍ତି ବୋଲି ଚିନ୍ତା କଲେ ସେ। ଏଇକ୍ରମରେ କିଛି ଦିନ ଗଲା ପରେ ଦେଖାଗଲା ରାଜ୍ୟରେ ସୁନ୍ଦର ରାସ୍ତାଘାଟ ଥିଲା। ବାହ୍ୟ ଶତ୍ରୁ ନିପାତ ଲାଗି ସୁଡଙ୍ଗ ପଥ ଥିଲା। ବହୁ ସୁନ୍ଦର ଓ ଉପାଦେୟ ଅନୁଷ୍ଠାନ ପ୍ରତିଷ୍ଠିତ ହୋଇଥିଲା। କିନ୍ତୁ ଲୋକଙ୍କ ନିକଟରେ ନ ଥିଲା ଅର୍ଥ। ଅସନ୍ତୋଷ ବୃଦ୍ଧି ପାଇଲା। ବ୍ୟଭିଚାର ଆରମ୍ଭ ହେଲା। କ୍ରମଶଃ ଶ୍ରୀହୀନ ହେଲା ରାଜ୍ୟ। ଲୋକେ ଅନ୍ୟତ୍ର ପଳାୟନ କଲେ। ଶେଷରେ ଲୋକଙ୍କ ଇଚ୍ଛା ମୁତାବକ ମହାରାଜ ଗାଦିଚ୍ୟୁତ ହେଲେ। ଯୁବରାଜ ରାଜା ହେଲେ। ମହାରାଜ ନିଜର ପରାଭୋଗ କଥା ଚିନ୍ତା କଲାବେଳେ ଯୁବରାଜ କହିଲେ- ଆପଣଙ୍କ ଏଭଳି ଅବସ୍ଥା କାହିଁକି ହେଲା ଜାଣ ମହାରାଜ ! ଆପଣ କର୍ମଠ, ନିଃସ୍ୱାର୍ଥପର ଏବଂ ରାଜ୍ୟର ପ୍ରଗତି କଥା ହିଁ ଚିନ୍ତା କରୁଥିଲେ। ଏହା ନିଃସନ୍ଦେହ। କିନ୍ତୁ ଆପଣ ନିଜ ଇଚ୍ଛାର ମାଲିକ ଥିଲେ। ଅନ୍ୟମାନଙ୍କ ପରାମର୍ଶକୁ ଆଦୌ ଗୁରୁତ୍ୱ ଦେଉ ନଥିଲେ। ଅବଶ୍ୟ ଶେଷରେ ରାଜା ନିଜର ଭୁଲ ବୁଝିଲେ। କିନ୍ତୁ ସେତେବେଳକୁ କିଛି କରିବାକୁ ହାତରେ ନଥିଲା।

ଇଏ ଏକ କାହାଣୀ ହୋଇପାରେ। କିନ୍ତୁ ଏଇ କାହାଣୀ ଭଳି ଆପଣମାନେ ବି ଅନୁଭବ କରୁଥିବେ। ଘରେ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା ଚାଲିଥିବ। ବଡ଼ମାନଙ୍କ କଥାରେ ପଶି ଘରର ଛୋଟ ପିଲାଟି କିଛି ପରାମର୍ଶ ଦେବ। ତାକୁ ସମସ୍ତ ବଡ଼ ଲୋକ ମିଶି ଦବେଇଦେବେ। ବିଚରା ସାନ ଜଣକ ପାଟି ଚୁପ କରି ରହିବ। ନ ହେଲେ ଅଗତ୍ୟା ସେଇ ସ୍ଥାନ ଛାଡି ଚାଲିଯିବ। କିନ୍ତୁ ପରବର୍ତ୍ତୀ ସମୟରେ ହୁଏତ ସେଇ ସାନ କୁହା ବଡ଼ କଥାଟିହିଁ ଠିକ୍ ହୋଇଥିବ। ଘରେ ବାହାରେ ଏମିତି ଭିନ୍ନ ଭିନ୍ନ ପରିସ୍ଥିତି ସୃଷ୍ଟି ହୁଏ। ଅଚଳାବସ୍ଥା ସୃଷ୍ଟି ହୋଇଯାଏ। ବଡ଼ବଡ଼ିଆ ସମସ୍ତେ ଘାଣ୍ଟି ହୋଇଯାଉଥିବେ ତା'ର ସମାଧାନର ସୂତ୍ର ଖୋଜିବାକୁ। ନିଜର ସମସ୍ତ ବୁଦ୍ଧି, ଜ୍ଞାନ ଓ ଅନୁଭୂତିକୁ ବାରମ୍ବାର ପ୍ରୟୋଗ କରି ଚାଲିଥିବେ। ସୁଫଳ ମିଳୁ ନଥିବ। ଏଇ ସମୟରେ ସାନ ପିଲାଟି ବି ଏମିତି କିଛି କଥା କହିବ ତୁରନ୍ତ ସମାଧାନର ବାଟ ଫିଟିଯିବ। ସେଥିପାଇଁ ଅବଧୂତ ଅନେକଙ୍କୁ ଗୁରୁ କରି ସେମାନଙ୍କଠାରୁ ମୂଲ୍ୟବାନ ଶିକ୍ଷା ପାଇଥିଲେ। ଆମେ ବିଭିନ୍ନ ସମୟରେ ଶିକ୍ଷା, ପଦବୀ ଓ ବୟସକୁ ଆଧାର କରି ପରାମର୍ଶ ନେଇଥାଉ। ସେମାନଙ୍କର ଅକାଟ୍ୟ ଯୁକ୍ତି ଉପରେ ଗଭୀର ବିଶ୍ୱାସ କରୁ, କରିବା ବି ସ୍ୱାଭାବିକ କଥା। ଅନୁଭୂତି ଓ ଅଭିଜ୍ଞତା ମଣିଷକୁ ଶାଣିତ କରିଥାଏ। ବିଶେଷ ଜ୍ଞାନ ହାସଲ କରିବାରେ ସହାୟକ ହୋଇଥାଏ। ଭିନ୍ନ ଭିନ୍ନ ପରିସ୍ଥିତିକୁ ଯୁଝିବାକୁ ସାମର୍ଥ୍ୟ ଯୋଗାଇଥାଏ। ନୂତନ ଅନୁଚିନ୍ତା ଓ ନୂତନ ଜ୍ଞାନ ପ୍ରାପ୍ତିର ପ୍ରେରଣା ଦେଇଥାଏ। ତଥାପି ନୂତନ ପରିସ୍ଥିତି ସହ ଖାପଖୁଆଇ ଚଳିବାକୁ ବେଳେବେଳେ ସମସ୍ତ ଅଭିଜ୍ଞତା ଫେଲ ବି ମାରେ। ଭିନ୍ନ ଚିନ୍ତନ ନୂତନ ଆଲୋକ ଦେଖାଇଥାଏ। ଭିନ୍ନ ଚିନ୍ତନ କରୁଥିବା ମଣିଷ ପାରମ୍ପରିକତାଠାରୁ ଢେର ଭିନ୍ନ। ସୃଜନାତ୍ମକ ଓ ସଂବ୍ୟାପକ ଚିନ୍ତନ କରୁଥିବା ମଣିଷ ନିକଟରେ ଅଜସ୍ର ବାଟ ଥାଏ। ହୁଏତ ଏସବୁ ଦକ୍ଷତା ଆଜିର ପିଲା ନିକଟରେ ଥାଇପାରେ। ଏଇ କାରଣରୁ ଯେଉଁଠି ଗଣତନ୍ତ୍ର ଓ ସ୍ୱାଧୀନତା ଉପରେ ଅଧିକ ଗୁରୁତ୍ୱ ଦିଆଯାଏ। ସେଇଠି ସଫଳତା ଅଧିକ ମିଳେ। ସେଠି ସମସ୍ତଙ୍କର ଉତ୍ତରଦାୟିତ୍ୱ ରହେ। ନିଜସ୍ୱ ଦାୟିତ୍ୱବୋଧ ବୃଦ୍ଧି ପାଏ। କର୍ତ୍ତବ୍ୟନିଷ୍ଠ ହେବାକୁ ନିଜସ୍ୱ ଅନ୍ତଃକରଣରୁ ସ୍ପୃହା ଜାଗରିତ ହୁଏ। ପରସ୍ପର ପ୍ରତି ସମ୍ମାନବୋଧ ଅଧିକ ରହେ। ସଦସ୍ୟମାନଙ୍କୁ ନିଜ ଦୋଷତ୍ରୁଟି ପ୍ରତି ଅଧିକ ସଚେତନ ରହିବାକୁ ପଡ଼େ। ସମୟାନୁବର୍ତ୍ତିତା, ପରିଶ୍ରମ, ନିଷ୍ଠା ଓ ଗୁରୁଦାୟିତ୍ୱ ଭଳି ଜ୍ଞାନ ଆପେ ଆପେ ନିଜ ମନ ଭିତରକୁ ଆସିଯାଏ। ଆଉ ଏମିତି ସମ୍ମିଳିତ ପ୍ରୟାସ ସଫଳତାର ସ୍ୱାଦ ଦେଇଥାଏ। ଅବଶ୍ୟ ଏଇ କଥାକୁ କର୍ପୋରେଟ ଜଗତରେ ଅଧିକ ଗୁରୁତ୍ୱ ଦିଆଯାଏ। କ୍ରିୟାତ୍ମକ ଚିନ୍ତନ ଓ ଗଠନମୂଳକ ପରାମର୍ଶକୁ ଅଧିକ ଗ୍ରହଣ କରାଯାଏ। ତା' ସହିତ ସେଇ ଲୋକଙ୍କୁ ବି ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରାଯାଏ।

ବଡ଼ ମଣିଷମାନେ ଅନେକ ସମୟରେ ବଡ଼ ବଡ଼ କଥା କହନ୍ତି। ସେସବୁର ବାସ୍ତବାୟନ ହୁଏତ ସମ୍ଭବ ନ ଥାଏ। ସେତେବେଳେ ବଡ଼ମାନଙ୍କୁ କୋଣଠେସା ହେବାକୁ ପଡ଼େ। ପରିବାର ହେଉ କି ଅନୁଷ୍ଠାନ ଅବା ରାଜନୀତି କି ଅର୍ଥନୀତି ଅବଶ୍ୟ ସାନ କୁହାଙ୍କ ବଡ଼ କଥା ପ୍ରତି ଗୁରୁତ୍ୱ ଓ ସମ୍ମାନ ଦେବା ଆବଶ୍ୟକ। କାର୍ଯ୍ୟକାରୀ କରିବା ପର ପ୍ରସଙ୍ଗ, ପ୍ରଥମେ କଥାକୁ ଅଣଦେଖା ନ କରି ସେ ଦିଗରେ ଥରେ ଚିନ୍ତା କରିବା ଆବଶ୍ୟକ। ହୁଏତ ସେଇ ପଦିଏ କଥାରେ ମେରୁ ଟାଳିବାର କ୍ଷମତା ଥିବ। ଦିଗନ୍ତ ବିସ୍ତାରୀ ସାମ୍ରାଜ୍ୟ ସ୍ଥାପନର ବଳ ଥିବ। ବଡ଼ ସମସ୍ୟା ସମାଧାନର ଛୋଟିଆ ବାଟଟି ଥିବ। ମୁରବି, ଶାସକ ଓ ପ୍ରଶାସକ ସେଥିପାଇଁ ଅଧିକ ଶୁଣିବା ଓ କମ୍ କହିବା ସହ ପ୍ରତିଟି ମଣିଷର କଥାକୁ ଗୁରୁତ୍ୱ ଦେବା ବିଧେୟ। ନ ହେଲେ ମହତ୍ୱାକାଂକ୍ଷୀ ଏକଛତ୍ରବାଦୀ ମହାରାଜାଙ୍କ ଭଳି ପତନର ମୁହଁ ଦେଖିବାକୁ ପଡ଼ିବ, କିଏ ଜାଣେ ! ନୁହେଁ କି !

ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା
ମୋ- ୯୫୫୬୨୮୭୭୭୫

## ଏଇ ଭାରତରେ

ପୁଣେର ସିଷ୍ଟେମା ବାୟୋ ଷ୍ଟାର୍ଟଅପ୍ ବାୟୋଡାଇଜେଷ୍ଟର ମାଧ୍ୟମରେ କୃଷକମାନଙ୍କୁ ଜାଳେଣି ଗ୍ୟାସ ଯୋଗାଇ ଦେବା ସହ ପରିବେଶ ସୁରକ୍ଷାରେ ପ୍ରମୁଖ ଭୂମିକା ନେଉଛି। ଏହି ଅଭିଯାନରେ ୫,୦୦୦ କୃଷକ ଉପକୃତ ହୋଇସାରିଲେଣି। ସେମାନେ ଏଲ୍‌ପିଜି ବାବଦରେ ମାସକୁ ଯାହା ଖର୍ଚ୍ଚ କରୁଥିଲେ ତାହା ବହୁତ କମାଇ ପାରିଛନ୍ତି। ଏହି ବାୟୋଗ୍ୟାସ ପ୍ଲାଣ୍ଟ ଲାଗି ମାତ୍ର ୪୦,୦୦୦ ବ୍ୟୟ କରିବାକୁ ପଡୁଛି, ଯାହା ସେମାନେ ଦେଢ଼ ବର୍ଷ ମଧ୍ୟରେ ପାଇଯାଉଛନ୍ତି। ତା'ପରେ ସେମାନେ ମାଗଣାରେ ଗ୍ୟାସ ପାଉଛନ୍ତି। ମହାରାଷ୍ଟ୍ର, କର୍ଣ୍ଣାଟକ ଓ ଗୁଜରାଟର ୫ ହଜାର କୃଷକ ଏହାକୁ ଉପଯୋଗ କରିବା ଦ୍ୱାରା ଜାଳେଣି କାଠ ବ୍ୟବହାର କମିଯାଇଛି। ଏହାଦ୍ୱାରା ପ୍ରାୟ ୬ ଲକ୍ଷ ବୃକ୍ଷର ସୁରକ୍ଷା ହୋଇପାରିଛି। ଜାଳେଣି କାଠ ନ ଜାଳିବା ଦ୍ୱାରା ଏହି ପ୍ଲାଣ୍ଟ୍ ୬୦,୦୦୦ ଟନ୍ କାର୍ବନ ଡାଇଅକ୍ସାଇଡ ବାୟୁମଣ୍ଡଳରେ ମିଶିବାକୁ ଦେଇନି ବୋଲି କହନ୍ତି ସିଷ୍ଟେମାବାୟୋର ପରିଚାଳକ ପୀୟୂଷ ସୋହାନି। ଅନ୍ୟପକ୍ଷରେ କୃଷକମାନେ ୨୩,୪୫୦ ହେକ୍ଟର ଜମି ପାଇଁ ଜୈବିକ ଖତ ମଧ୍ୟ ପାଇଛନ୍ତି। ଛୋଟ ବାୟୋଡାଇଜେଷ୍ଟର ଲାଗି ଦିନକୁ ୪୫ କେ.ଜି. ଓ ବଡ଼ ପାଇଁ ସର୍ବାଧିକ ୨ଟନ୍ ଗୋବର ଆବଶ୍ୟକ। ବ୍ୟବହୃତ ଗୋବର ବାହାର କରିବା ପାଇଁ ସ୍ୱୟଂଚାଳିତ ବ୍ୟବସ୍ଥା ମଧ୍ୟ ରଖାଯାଇଛି। ଏହା ଧୂମହୀନ ଓ ସ୍ୱାସ୍ଥ୍ୟ ଉପରେ ଏହାର କୌଣସି ନକାରାତ୍ମକ ପ୍ରଭାବ ନାହିଁ। ମଜଭୁତ ପ୍ଲାଷ୍ଟିକ୍ ବ୍ୟାଗ୍‌ରେ ଗ୍ୟାସ୍ ଷ୍ଟୋର୍ କରାଯିବା ବ୍ୟବସ୍ଥା ଥିବାରୁ ବାୟୋଡାଇଜେଷ୍ଟରକୁ ଯେ କୌଣସି ସମୟରେ ସ୍ଥାନାନ୍ତର କରିହେଉଛି।

## ଚିରନ୍ତନୀ

ମୋହିଲା ନୟନ କେତେ ରୂପେ କେତେ ବର୍ଣ୍ଣେ
ସଦା ମୋର
କେତେ ମଧୁବାଣୀ ପରଶି ଯାଇଛି କର୍ଣ୍ଣେ
ମଧୁକର।
(ମନେ ନାହିଁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଐକ୍ୟ ଭାବଧାରାକୁ ଫେରିବାକୁ ହେବ

ମହାଶୟ,

ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ତାଙ୍କ ଆତ୍ମଚରିତ 'ଦି ଟରବୁଲେଣ୍ଟ ଇୟର୍ସ'ରେ ଲେଖିଛନ୍ତି, ବାବ୍ରୀ ମସ୍‌ଜିଦ ଭଙ୍ଗକୁ ରୋକି ନ ପାରିବା ପି.ଭି. ନରସିଂହ ରାଓଙ୍କ ସବୁଠାରୁ ବଡ଼ ଅସଫଳତା ଥିଲା। କିନ୍ତୁ ରାଓଙ୍କ ନିକଟତମ ହୋଇପାରିଥିବା ସାମ୍ବାଦିକ କଲ୍ୟାଣୀ ଶଙ୍କର କହନ୍ତି, ବାବ୍ରୀ ମସ୍‌ଜିଦ ବିଧ୍ୱଂସରେ ନରସିଂହ ରାଓଙ୍କ ଭୂମିକାକୁ ଅତିବେଶିରେ ଏକ ରାଜନୈତିକ ମିସ-କାଲକୁଲେସନ କୁହାଯାଇପାରିବ। ଏହିପରି ଅନେକ କଥାକୁ ବିଶ୍ଳେଷଣ କରିବା ପରିବର୍ତ୍ତେ ସବୁକିଛି ଏକ ଅପ୍ରତ୍ୟାଶିତ ଦୁର୍ଘଟଣା ବୋଲି 'ଗତସ୍ୟ ଶୋଚନା ନାସ୍ତି' ଭାବି ଭୁଲିବାକୁ ହେବ। ବାବ୍ରୀ ମସ୍‌ଜିଦ ଭଙ୍ଗର ବୃତ୍ତାନ୍ତ ରାୟ ପ୍ରକାଶ ପରେ ଧର୍ମକୁ କେନ୍ଦ୍ରକରି ଭାରତରେ ସାମ୍ପ୍ରଦାୟିକତା, ବିଦ୍ୱେଷ ଭାବ, ମତଭେଦ ସୃଷ୍ଟିହେବା ଦୁଃଖଦ ବିଷୟ। ଏହାର ଦୂରୀକରଣ ପାଇଁ ଉଦାର ମନୋଭାବ ପୋଷଣ କରିବା ସହ ମହାଜାତୀୟ ଚିନ୍ତାଧାରାରେ ଅନ୍ୟଧର୍ମକୁ ସମ୍ମାନ ଦେବା ଉଚିତ। ଧର୍ମ ଧର୍ମ ମଧ୍ୟରେ ସମନ୍ୱୟ ରଖିବା ଆଇନସମ୍ମତ, ରାଜନୈତିକ ସାମାଜିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ। ଧର୍ମ ବା ସାମ୍ପ୍ରଦାୟିକତା ସମସ୍ୟା କେବଳ ବ୍ୟକ୍ତିବିଶେଷରେ ସୀମିତ ନୁହେଁ, ଏହାକୁ ଦୂର କରିବା ସାମ୍ବିଧାନିକ କର୍ତ୍ତବ୍ୟ ବୋଲି ଭାବି ପ୍ରତ୍ୟେକ ନାଗରିକ ବିନା ଦ୍ୱିଧାରେ ଆଗଭର ହୋଇ ଏହାର ସମାଧାନ କରିବା ଆବଶ୍ୟବ। ଏହାସହ ନ୍ୟାୟପାଳିକା ଦେଇଥିବା ରାୟକୁ ଏକତରଫା ବୋଲି ମନେ ନ କରି, ଭାରତୀୟ ପରମ୍ପରା, ଜାତୀୟତା ଓ ଅଖଣ୍ଡତା ଭିତରେ ନିବିଡ଼ ସଂଯୋଗ, ପ୍ରଗାଢ଼ ମିଳନ, ସୁଦୃଢ଼ ଐକ୍ୟ ଓ ସମ୍ବନ୍ଧତାକୁ ଧ୍ୟାନ ଦେବା ଉଚିତ।

ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**୯.୬% ଖସିବ ଜିଡିପି**

**ନୂଆଦିଲ୍ଲୀ:** ୨୧ରେ ଭାରତର ଜିଡିପି ୯.୬% ଖସିବା ନେଇ ବିଶ୍ୱବ୍ୟାଙ୍କ ପରିବର୍ତ୍ତିତ ଆକଳନରେ କହିଛି। ଜିଡିପି ୩.୨% ଖସିବ ବୋଲି ଏହା ପୂର୍ବରୁ ଆକଳନ କରିଥିଲା। କୋଭିଡ୍ ଜନିତ ଲକ୍‌ଡାଉନ ଏବଂ ବ୍ୟକ୍ତିବିଶେଷ ଏବଂ ଫାର୍ମଗୁଡ଼ିକର ଆୟରେ ଗଭୀର ଭାବେ ହ୍ରାସ ହେବା ଯୋଗୁ ଏଭଳି ସ୍ଥିତି ଉପୁଜିବ ବୋଲି ଏକ ରିପୋର୍ଟରେ ପ୍ରକାଶ ପାଇଛି। ୨୦୨୧-୨୨ରେ ଭାରତ ବଜାର ପୁଣି ଥରେ ଅଭିବୃଦ୍ଧି ପଥକୁ ଫେରିବ। ଏହି ସମୟରେ ଅଭିବୃଦ୍ଧି ୫.୪% ରହିବ ବୋଲି ବିଶ୍ୱବ୍ୟାଙ୍କ ଏହାର ଦକ୍ଷିଣ ଏସିଆ ସଂକ୍ରାନ୍ତ ରିପୋର୍ଟରେ ପ୍ରକାଶ କରିଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ଭାରତର ଅଭିବୃଦ୍ଧି ୨୩.୯% ଖସିଛି।

# ଯାତ୍ରୀବାହୀ ଯାନ ବିକ୍ରିରେ ଉନ୍ନତି

ଭୁବନେଶ୍ୱର,୮।୧୦



- ଟ୍ରାକ୍‌କୁ ଫେରୁଛି ଅଟୋମୋବାଇଲ ବଜାର
- ପାର୍ବଣରେ ଉନ୍ନତ ବିକ୍ରି ଆଶା

କରୋନା ପାଇଁ ରାଜ୍ୟର ଅଟୋମୋବାଇଲ ବଜାରରେ ବିକ୍ରି ହ୍ରାସ ଧାରା ଲାଗି ରହିଛି। ବିଗତ ଦିନଗୁଡ଼ିକରେ ମୋଟ ଯାନ ବିକ୍ରି ଋଣାତ୍ମକ ରହି ଆସିଛି। ସେପ୍ଟେମ୍ବରରେ ମଧ୍ୟ ରାଜ୍ୟରେ ମୋଟ ଯାନ ବିକ୍ରି ୧୮.୬୫% ଖସିଛି। ଗତ ବର୍ଷ ସେପ୍ଟେମ୍ବରରେ ବିଭିନ୍ନ ବର୍ଗରେ ୫୯,୦୪୮ ୟୁନିଟ ଯାନ ବିକ୍ରି ହୋଇଥିବା ବେଳେ ଚଳିତ ବର୍ଷ ସେପ୍ଟେମ୍ବରରେ ଏହା ୪୮,୧୯୯ ୟୁନିଟ୍ ଖସିଛି। ଚଳିତ ବର୍ଷ ସେପ୍ଟେମ୍ବରରେ ରାଜ୍ୟରେ ଯାତ୍ରୀବାହୀ ଯାନ ବିକ୍ରି ୧୪.୪୩% ବଢ଼ିଥିବା ନଜରକୁ ଆସିଛି। ୨୦୧୯ ସେପ୍ଟେମ୍ବରରେ ୪୦୦୬ ୟୁନିଟ ଯାତ୍ରୀବାହୀ ଯାନ ବିକ୍ରି ହୋଇଥିଲା। ଏହା ୨୦୨୦ ସେପ୍ଟେମ୍ବରରେ ୪୫୮୪ ୟୁନିଟକୁ ବଢ଼ିଥିବା ଫେଡେରେଶନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ ଡାଟାରୁ ଏହା ଜଣାପଡ଼ିଛି।

ଓଡ଼ିଶାରେ ଟ୍ରାକ୍ଟର ବିକ୍ରି ୫୮.୪୨% ବୃଦ୍ଧି ଘଟି ୧୬୨୭ ୟୁନିଟ ରହିଛି। ଏହା ଗତ ବର୍ଷ ୧୦୨୭ ୟୁନିଟ ରହିଥିଲା। ୨ ଚକିଆ ବର୍ଗରେ ଯାନ ବିକ୍ରି ୨୦% ନିମ୍ନରେ ରହି ୩୯,୧୯୩ ୟୁନିଟକୁ ଖସି ଆସିଛି। ଏହା ଗତ ବର୍ଷ ସମାନ ସମୟରେ ୪୯,୫୦୨ ୟୁନିଟ ରହିଥିଲା। ସେହିଭଳି ୩ ଚକିଆ ଯାନ ବିକ୍ରି ସର୍ବାଧିକ ୫୫.୧୩% ହ୍ରାସ ପାଇଛି। ଏହି ବର୍ଗରେ ଗତ ବର୍ଷ ସେପ୍ଟେମ୍ବରରେ ୨୧୯୩ ୟୁନିଟ ଯାନ ବିକ୍ରି ହୋଇଥିବା ବେଳେ ଏହା ଚଳିତ ବର୍ଷ ସେପ୍ଟେମ୍ବରରେ ୯୮୪ ୟୁନିଟକୁ ଖସି ଆସିଛି। ଏହାବାଦ ବାଣିଜ୍ୟିକ ଯାନ ବିକ୍ରି ୨୬.୬୫% ନିମ୍ନରେ ରହିଛି।

ସେହିଭଳି ସାରା ଦେଶରେ ଯାନ ବିକ୍ରି କଥା ବିଚାରକଲେ ପୂର୍ବମାସ ତୁଳନାରେ ଯାନ ବିକ୍ରି ୧୧.୪୫% ବୃଦ୍ଧି ପାଇଛି। ମାତ୍ର ଗତ ବର୍ଷ ସେପ୍ଟେମ୍ବର କଥା ବିଚାରକୁ ନେଲେ ଯାନ ବିକ୍ରି ୧୦.୨୪% ନିମ୍ନରେ ରହିଛି। ଗତ ବର୍ଷ ସେପ୍ଟେମ୍ବରରେ ୧୪.୯୮ ଲକ୍ଷ ଯାନ ବିକ୍ରି ହୋଇଥିବା ବେଳେ ଚଳିତ ବର୍ଷ ଏହା ୧୩.୪୪ ଲକ୍ଷ ୟୁନିଟ୍‌କୁ ଖସିଛି। ସେପ୍ଟେମ୍ବରରେ ପାସେଞ୍ଜର ଯାନ ବିକ୍ରି ୯.୮୧% ବଢ଼ିଥିବା ବେଳେ ଟ୍ରାକ୍ଟର ବିକ୍ରି ୮୦.୩୯% ଉର୍ଦ୍ଧ୍ୱରେ ରହିଛି। ୨ ଚକିଆ, ୩ ଚକିଆ ଏବଂ ବାଣିଜ୍ୟିକ ଯାନ ବିକ୍ରି ବର୍ତ୍ତମାନ ମଧ୍ୟ ନକାରାତ୍ମକ ରହିଛି। ଏହି ବର୍ଗଗୁଡ଼ିକରେ ବିକ୍ରି ଯଥାକ୍ରମେ ୧୨.୬୨%, ୫୮.୮୬%, ୩୩.୬୫% ନିମ୍ନରେ ରହିଛି। ନ୍ୟୁ ନର୍ମାଲରେ ସାମାଜିକ ଦୂରତ୍ୱ ନିୟମ ପାଳନ, ଲକ୍‌ଡାଉନ କଟକଣା କୋହଳ ହେବା, ଯାନ ଲାଗି ଫାଇନାନ୍ସ ସୁବିଧାରେ ବୃଦ୍ଧି ଦେଖାଯାଇଛି। ସେହିଭଳି ଏଣ୍ଟ୍ରି ଲେଭଲ ଯାନର ଚାହିଦା ମଧ୍ୟ ଦେଖାଯାଇଛି। ଗ୍ରାମାଞ୍ଚଳରେ ଖରିଫ ଚାଷ ଉନ୍ନତ ହେବା ଯୋଗୁ ଟ୍ରାକ୍ଟର ବିକ୍ରି ଉନ୍ନତ ହୋଇଛି। ପାର୍ବଣରେ ଉନ୍ନତ ବିକ୍ରି ନେଇ ଡିଲରମାନେ ଆଶାବାଦୀ ରହିଛନ୍ତି। ସରକାରଙ୍କ ଅନ୍‌ଲକ ପଦକ୍ଷେପ ଯୋଗୁ ସେପ୍ଟେମ୍ବରରେ ଯାନ ପଞ୍ଜୀକରଣ ଉନ୍ନତି ଆସିଥିବା ଫାଡା ସଭାପତି ଆଶିଷ ହର୍ଷରାଜ କାଲେ ସୂଚନା ଦେଇଛନ୍ତି।

# ଏମ୍‌ଏସ୍‌ଏମ୍‌ଇକୁ ୧.୮୭ ଲକ୍ଷ କୋଟିର ଋଣ ମଞ୍ଜୁର

**ନୂଆଦିଲ୍ଲୀ,୮।୧୦:** ଦେଶର ଅଣୁ, କ୍ଷୁଦ୍ର ମଧ୍ୟମ ଓ ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ)କୁ ବ୍ୟାଙ୍କଗୁଡ଼ିକ ୧.୮୭ ଲକ୍ଷ କୋଟି ଟଙ୍କାର ଋଣ ମଞ୍ଜୁର କରାଯାଇଛି। ଏହା ମଧ୍ୟରୁ ୨୭ ଲକ୍ଷ ୟୁନିଟକୁ ୧.୩୬ ଲକ୍ଷ କୋଟି ଟଙ୍କା ଋଣ ଯୋଗାଣ ହୋଇଥିବା ଜଣାପଡ଼ିଛି। କୋଭିଡ୍ ସମୟରେ ସରକାର ଘୋଷଣା କରିଥିବା ୩ ଲକ୍ଷ କୋଟି ଟଙ୍କାର ଏମର୍ଜେନ୍ସି କ୍ରେଡିଟ ଲାଇନ ଗ୍ୟାରେଣ୍ଟି(ଇସିଏଲ୍‌ଜିଏସ୍)ରେ ଏହି ଋଣ ପ୍ରଦାନ କରାଯାଇଛି। ୧୨ ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ୨୪ ଘରୋଇ କ୍ଷେତ୍ର ବ୍ୟାଙ୍କ ଏବଂ ୩୧ ଅଣ ବ୍ୟାଙ୍କିଙ୍ଗ୍ ବିତ୍ତ ପ୍ରତିଷ୍ଠାନ ଏହି ଋଣ ଯୋଗାଇ ଦେଇଛନ୍ତି। ସେହିଭଳି ଏମ୍‌ଏସ୍‌ଏମ୍‌ଇଗୁଡ଼ିକ ଲାଗି ୨% ସୁଧ ରିହାତି ଯୋଜନା ୨୦୨୧ ମାର୍ଚ୍ଚ ଯାଏ ଜାରି ରହିବ ବୋଲି ରିଜର୍ଭ ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି।

# ଫୋର୍ବସ ଭାରତୀୟ ଧନୀ ତାଲିକା ଶୀର୍ଷରେ ମୁକେଶ

**ନୂଆଦିଲ୍ଲୀ,୮।୧୦:** ଫୋର୍ବସ ପକ୍ଷରୁ ପ୍ରକାଶିତ ୧୦୦ ଭାରତୀୟ ଧନୀ ତାଲିକାରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଶୀର୍ଷରେ ରହିଛନ୍ତି। ଲଗାତର ୧୩ ବର୍ଷ ଲାଗି ସେ ଏହି ତାଲିକାର ପ୍ରଥମ ସ୍ଥାନରେ ରହି ଆସୁଛନ୍ତି। ଏହି ବିଜ୍‌ନେସ ଟାଇକୁନ ନିକଟରେ ୩୭.୩ ବିଲିୟନ ଡଲାର ସମ୍ପତ୍ତି ଯୋଡ଼ିଛନ୍ତି। ତାଙ୍କର ମୋଟ ସମ୍ପତ୍ତି ୭୩% ବଢ଼ି ୮୮.୭ ବିଲିୟନ ଡଲାରକୁ ବଢ଼ିଛି। କୋଭିଡ୍ ସମୟରେ ଦେଶର ୧୦୦ ଧନୀଙ୍କ ମଧ୍ୟରୁ ପ୍ରାୟ ଅର୍ଦ୍ଧାଧିକ ଧନୀଙ୍କ ସମ୍ପତ୍ତି ବଢ଼ିଛି।


**STATE INSTITUTE FOR DEVELOPMENT OF ARTS & CRAFTS (SIDAC)**
SIDAC
Handlooms, Textiles & Handicrafts Department, Government of Odisha

No.1585 Date.08-10-2020

**EXPRESSION OF INTEREST**

Expression of Interest (EOI) in sealed cover are invited from interested architect/ Architectural firms having required eligibility and expertise in relevant field to provide end to end service for organizing 15th **Toshali National Crafts Mela** to be held from 15th to 27th December 2020 at Janata Maidan, Bhubaneswar. The last date of submission of sealed offers in the office of SIDAC, Handicrafts Complex, Gandamunda, Khandagiri, Bhubaneswar- 751030, Ph: 0674-2350318 is **upto 1.00 PM** on **27-10-2020**. For details of EOI documents plz visit the websites **www.sidacodisha.org.in** & **www.odisha.gov.in/textiles.** The bid documents will be available w.e.f, **10-10-2020.**

**Sd/-**
**Member Secretary**



**OFFICE OF THE PURI MUNICIPALITY, PURI**

No.6986/ Dt.08.10.20

**NOTICE INVITING REQUEST FOR PROPOSAL**

Sealed quotation in conformity with the detailed Request for Proposal (RFP) are invited from intending firms/agencies/MSME units for selection of an agency management of the dry Municipal wastes from MRFs of Puri Municipality. The RFP in prescribed format along with requisite documents should be reached to the Office of the Executive Officer, Puri Municipality, Puri through registered post/ speed post and courier only upto 5.30 P.M. of dt.28.10.2020. The tender documents may be seen and downloaded from the website **www.purimunicipality.nic.in**. The tenders will be opened at 11 A.M. on dt.29.10.2020 in presence of bidders or their authorized representatives, who may present at the time of opening of the bids. Puri Municipality will in no way be responsible for any postal delay. Tenders received beyond the schedule date shall be rejected.

**Sd./- Executive Officer**
**Puri Municipality, Puri**


# ହୋଣ୍ଡାର ନୂଆ ହାଇନେସ-ସିବି ୩୫୦



ନୂଆଦିଲ୍ଲୀ,୮।୧୦

ପାର୍ବଣକୁ ଧ୍ୟାନରେ ରଖି ହୋଣ୍ଡା ଟୁହ୍ୱିଲର୍ସ ପକ୍ଷରୁ ନୂଆ ହାଇନେସ- ସିବି ୩୫୦ ମଡେଲ ଭାରତ ବଜାରରେ ଶୁଭାରମ୍ଭ ହୋଇଛି। ଏହି ମଡେଲର ଏକ୍ସ ଶୋ'ରୁମ୍ ମୂଲ୍ୟ ୧.୮୫ ଲକ୍ଷ ଟଙ୍କା ରହିଛି। ସିବି ବ୍ରାଣ୍ଡର ପରମ୍ପରାକୁ ବଜାୟ ରଖି କମ୍ପାନୀ ଏହି ମଡେଲଟିକୁ ଆଣିଥିବା ବେଳେ ଏଥିରେ ଅନେକ ଅତ୍ୟାଧୁନିକ ଫିଚର ରହିଛି। ଗ୍ରାହକଙ୍କ ପ୍ରତି ରହିଥିବା ପ୍ରତିବଦ୍ଧତାକୁ ଧ୍ୟାନରେ ରଖି ଏହି ମଡେଲର ଶୁଭାରମ୍ଭ କରାଯାଇଥିବା ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍‌ର ସଭାପତି ତଥା ସିଇଓ ଆତଶୁଶି ଓଗାତା ସୂଚନା ଦେଇଛନ୍ତି। ନୂଆ ମଡେଲଟିରେ ଗ୍ରାହକ ପରଫରମାନ୍ସ, ଟେକ୍ନୋଲୋଜି ଏବଂ ଭରସାର ମିଶ୍ରଣ ଲାଭ କରିପାରିବେ। ନୂଆ ମଡେଲ ଗ୍ରାହକଙ୍କ ମନ ଜିଣିବାରେ ସହାୟକ ହୋଇପାରିବ ବୋଲି କମ୍ପାନୀର ସେଲ୍‌ସ ଏବଂ ମାର୍କେଟିଂ ନିର୍ଦ୍ଦେଶକ ୟଦବିନ୍ଦର ସିଂ ଗୁଲେରିଆ କହିଛନ୍ତି।

# ତନିସ୍କର ନୂଆ 'ଏକତ୍ୱମ' କଲେକ୍ସନ

**ଭୁବନେଶ୍ୱର,୮।୧୦:** ପ୍ରମୁଖ ଜୁଏଲେରି ବ୍ରାଣ୍ଡ ତନିସ୍କ ପକ୍ଷରୁ ପାର୍ବଣ ଉପଲକ୍ଷେ ନୂଆ 'ଏକତ୍ୱମ' କଲେକ୍ସନ ଶୁଭାରମ୍ଭ କରାଯାଇଛି। ଦେଶର ଶ୍ରେଷ୍ଠ କାରିଗରଙ୍କ ଦ୍ୱାରା ଏହି କଲେକ୍ସନ ପ୍ରସ୍ତୁତ କରାଯାଇଛି। ଏହା ଏକତାକୁ ଦର୍ଶାଉଛି। ଦେଶର ବିଭିନ୍ନ ପ୍ରାନ୍ତରେ ରହିଥିବା ପ୍ରାୟ ୧୧ ସ୍ୱତନ୍ତ୍ର ଆର୍ଟ ଫର୍ମକୁ ଏଥିରେ ସ୍ଥାନିତ କରାଯାଇଛି। ଏକତାର ମୂଲ୍ୟବୋଧ ଏବଂ ସୁନ୍ଦରତା ଏହି କଲେକ୍ସନରେ ପ୍ରତିଫଳିତ ହୋଇଛି। ଏଥିରେ ଶ୍ରେଷ୍ଠ କାରିଗରଙ୍କ କଳାକୁ ସମ୍ମାନ କରାଯାଇଛି। ବିଭିନ୍ନ ପ୍ରାନ୍ତର କଳାକୁ ଏକୀକରଣ କରାଯିବାକୁ ସହ ଏହି କଲେକ୍ସନକୁ ମାଷ୍ଟରପିସ୍ ଭାବେ ଗଢ଼ି ତୋଳାଯାଇଛି। ଏଥିରେ ଗ୍ରାହକ ଆକର୍ଷଣୀୟ ଡିଜାଇନ ପାଇପାରିବେ।



ଏକତା ଏବଂ ଆଧୁନିକତାର ମିଳନ ସହ ନକାଶି, ରାୱା, କିଟ୍ କିଟା, ଚାଣ୍ଡକ ଲେୟାରିଂ ଭଳି ସ୍ୱତନ୍ତ୍ର କାରିଗରି ଏଠାରେ ଗ୍ରାହକ ଲାଭ କରିପାରିବେ। ସୂକ୍ଷ୍ମ ପ୍ୟାଟର୍ନ ଏବଂ ନିପୁଣ ହସ୍ତକଳାର ପ୍ରତିଫଳନ କଲେକ୍ସନରେ ରହିଥିବା ବେଳେ କାରିଗରିର ଉତ୍କୃଷ୍ଟତା ରହିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଭାରତୀୟ କଳାର ସ୍ୱତନ୍ତ୍ରତା ସହ ଏକତା ଏବଂ ସୁନ୍ଦରତାର ସମ୍ମିଶ୍ରଣ ଏହି କଲେକ୍ସନରେ ସ୍ଥାନିତ କରାଯାଇଥିବା ଟାଇଟାନ କମ୍ପାନୀ ଲିମିଟେଡ୍‌ର ମୁଖ୍ୟ ଡିଜାଇନର ଅଫିସର ସୁଶ୍ରୀ ରେବତୀ କାନ୍ତ ସୂଚନା ଦେଇଛନ୍ତି।

# ଆଇଏମ୍‌ଏମ୍‌ଟିର ୫୭ତମ ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର,୮।୧୦:** ସିଏସ୍‌ଆଇଆର୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମିନେରାଲ ଆଣ୍ଡ ମ୍ୟାଟେରିଆଲ ଟେକ୍ନୋଲୋଜି(ଆଇଏମ୍‌ଏମ୍‌ଟି),ଭୁବନେଶ୍ୱରର ୫୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଭର୍ଚୁଆଲ ଭାବେ ପାଳିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ବିଜ୍ଞାନ ଏବଂ ପ୍ରଯୁକ୍ତି ମନ୍ତ୍ରୀ ହର୍ଷବର୍ଦ୍ଧନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସିଏସ୍‌ଆଇଆର୍‌ର ମହାନିର୍ଦ୍ଦେଶକ ଏବଂ ଡିଏସ୍‌ଆଇଆର୍ ସଚିବ ଡ.ଶେଖର ସି.ମାଣ୍ଡେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆତ୍ମନିର୍ଭର ଭାରତ ଗଠନ ଦିଗରେ ଏହି ଅନୁଷ୍ଠାନ ନିଜର କାର୍ଯ୍ୟଧାରା ଜାରି ରଖିବ ବୋଲି ସେ ଆଶାବାଦୀ ରହିଛନ୍ତି। ଆଇଏମ୍‌ଏମ୍‌ଟି ନିର୍ଦ୍ଦେଶକ ପ୍ରଫେସର ଏସ୍ .ବାସୁ କହିଛନ୍ତି ଯେ, ଅନୁଷ୍ଠାନର ବୈଜ୍ଞାନିକମାନେ ହସ୍ପିଟାଲ ଆସିଷ୍ଟିଭ ଡିଭାଇସ, ପର୍ସନାଲ ପ୍ରୋଟେକ୍ଟିଭ ଇକ୍ୱିପମେଣ୍ଟ, କଣ୍ଟାକ୍ଟଲେସ ହ୍ୟାଣ୍ଡ ସାନିଟାଇଜିଂ ସିଷ୍ଟମ, ଲିକ୍ୱିଡ ସ୍ପ୍ରେୟର ଏବଂ ସାନିଟାଇଜର ପ୍ରସ୍ତୁତ କରିଛନ୍ତି। ଏଗୁଡ଼ିକୁ ବାଣିଜ୍ୟିକ ବ୍ୟବହାର ଲାଗି ଶିଳ୍ପକ୍ଷେତ୍ରକୁ ପ୍ରଦାନ କରାଯାଇଥିବା ସେ ସ୍ପଷ୍ଟ କରିଛନ୍ତି।


**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, RAYAGADA**
**DISTRICT PROGRAMME MANAGEMENT UNIT**
**NATIONAL HEALTH MISSION**
E-mail: dpmunrhmrayagada@gmail.com, Phone: 06856-235357

**No.7102/DPMU/NHM/2020** **Date: 07.10.2020**

**TENDER CALL NOTICE**

No. E-297: Sealed tenders are invited from the registered contractors (D & C Class) of P.W.D./Water Resources/R.D./PHD Govt. of Orissa/C.P.W.D. Contractors for the following works to be eventually drawn up in P.W.D. P1 forms in conformity with the Detailed Tender Call Notice.

| Sl. No. | Name of the Work | Total No's of Multi Utility Room | Approxmiate Estimated Cost per each Multi Utility Room (Excluding GST) in lakhs | Cost of Tender Paper per each Multi Utility Room (Non-refundable) (in Rs.) | E.M.D. Required @ 1% (in Rs.) | Time for Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Establishment of Multi Utility Room at PHC (N) Level. | 17 Nos. | Rs.6.19 lakhs/each work | 4000.00 | 6200.00 | Four Calendar Months |

The tender document can be obtained from (Civil Section, DPMU, NHM) CDM&PHO Office, Rayagada on payment of the cost of the tender paper (Non-refundable) in shape of DD drawn in favour of CDM&PHO, Rayagada payabale at any Nationalized Bank at Rayagada during office hours from 12.10.2020 to 19.10.2020 on working day only. The tender paper duly signed by the contractor should be accompanied with the attested copies of valid contract licence, GST Clearance Certificate, PAN Card and requisite EMD or TDR of any Nationalzied Bank duly pledge in favour of Chief District Medical & Public Health Officer, Rayagada. Contractor having work experience will be given preference for selection. The tender paper without required amount of E.M.D. will not be considered and transfer or adjustment of E.M.D. is also not prermissible. The bid document will be selling and received from Dt.12.10.2020 to 19.10.2020 till 5.00 P.M. at Office of Chief District Medical & Public Health Office, Rayagada through Regd. Post/Speed Post. The envelope containing the bid documents must be superscribed as "BID FOR THE NEW CONSTRUTCTION OF MULTI UTILITY ROOM AT PHC LEVEL UNDER NHM". The tender will be opened on Dt.20.10.2020 at 5.00 P.M. at the Office Chamber of CDM & PHO cum District Mission Director, Rayagada in presence of the tenderers or their authorised representatives. The tenderers are required to furnish an affidavit about the authenticity of the tender documents along with the tender paper. The tender without the above documents and EMD will be rejected.

**For quality & timely completion of the execution of the works, One agency can take maximum 3 Nos. work. If the selected agency could not complete the work within the given stipulated time. Then the agreement will be stands cancelled without giving any further notice. If any agency found default previously. In such case the said agency will not be taken in to consideration & the bids submitted by the agency will not be opened & rejected by the tender selection committee**. The decision of the tender committee is final and binding. The successful tenderers are required to execute an agreement in P1 format and submit the work programme on receipt of the work order. The authority reserves the rigth to reject any or all tenders without assigning any reason thererof. **The detail communication regarding tender with list of works, document objection, list of selected agency, work order & other official communication can be available at DPMU, NHM Office, Rayagada or at www.rayagada.nic.in only.**

**Sd./- Chief District Medical & Public Health Officer, Rayagada**
**OIPR-10035/11/0004/2021**



Odisha Coal and Power Limited
OCPL

**ODISHA COAL AND POWER LTD.**
(A GOVT. OF ODISHA COMPANY)
Zone-A, Ground Floor, Fortune Towers, Chandrasekharpur, Bhubaneswar – 751023, Odisha
Ph No: 0674-2300654 /2300664

**NOTICE INVITING TENDER**

**NIT No: OCPL/SER-116/2020** **Date: 09.10.2020**

Sealed bids in prescribed format are invited from Travel Agencies/Tour Operators or Private individuals for the following work:

| Sl. No. | Name of the work | Cost of Tender Paper | BID Security | Issue of Tender Document | Last date of Sale of Tender Document | Last date of Submission/ Opening of bid |
|---|---|---|---|---|---|---|
| 01 | Hiring of Light Commercial vehicles for Odisha Coal and Power Limited, Bhubaneswar, for a period of one year. | Rs.1,180/- (Rupees One Thousand One Hundred and Eighty only) including GST. | Rs.20,000/- (Rupees Twenty Thousand only). | 09.10.2020 | 20.10.2020 | 12:00 PM on 22.10.2020<br>12:30 PM on 22.10.2020 |

For further details, bidders may visit our website, i.e. **www.ocpl.org.in**. Any clarification may please be addressed to the undersigned at the above address or by email to: **a.kanungo@ocpl.org.in**.

**Sd./- Addl. General Manager (Commercial & Contracts)**



# କଟକ ମହାନଗର ନିଗମ

**ଚୌଧୁରୀ ବଜାର, କଟକ – ୭୫୩୦୦୯**

ପତ୍ର ସଂଖ୍ୟା: ୮୫୩୮ ତାରିଖ: ୦୮।୧୦।୨୦୨୦

**XD-Licence (Auction), File - 01/2020**

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି ଯେ, କଟକ ମହାନଗର ନିଗମ ଅନ୍ତର୍ଗତ ନିମ୍ନଲିଖିତ ପାର୍କିଂ ସ୍ଥାନ, ଟ୍ୟାକ୍ସି ଷ୍ଟାଣ୍ଡ, କିଲିଖାନା ଗୁଡ଼ିକୁ ଚଳିତ ୨୦୨୦-୨୧ ଆର୍ଥିକ ବର୍ଷ ଏବଂ ନଡ଼ିଆ ବଗିଚା, ପୋଖରୀ ଆଦି ସୈରାତ ଗୁଡ଼ିକ ୨୦୨୦-୨୧ଠାରୁ ୨୦୨୨-୨୩ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ନିଲାମ ପାଇଁ କଟକ ମହାନଗର ନିଗମ, ଚୌଧୁରୀ ବଜାରସ୍ଥିତ କାର୍ଯ୍ୟାଳୟରେ ଆଗ୍ରହୀ ବ୍ୟକ୍ତିଙ୍କଠାରୁ **ଆସନ୍ତା ତା୧୯।୧୦।୨୦୨୦ରିଖ ଅପରାହ୍ନ ୪ ଘଟିକା** ସୁଦ୍ଧା ବନ୍ଦ ଲଫାପାରେ ଟେଣ୍ଡର ଗ୍ରହଣ କରାଯିବ। ଏଣୁ ଇଚ୍ଛୁକ ବ୍ୟକ୍ତି ବିଶେଷ ବା ଅନୁଷ୍ଠାନ ନିମ୍ନୋକ୍ତ ନିର୍ଦ୍ଧାରିତ ସର୍ତ୍ତ ଅନୁଯାୟୀ ଉଦ୍ଦିଷ୍ଟ ସୈରାତଗୁଡ଼ିକ ପାଇଁ ଧାର୍ଯ୍ୟ ଅମାନତ ଅର୍ଥ, କମିଶନର, କଟକ ମହାନଗର ନିଗମଙ୍କ ସପକ୍ଷରେ କରାଯାଇଥିବା ବ୍ୟାଙ୍କ ଡ୍ରାଫ୍ଟ ସହିତ ବନ୍ଦ ଲଫାପାରେ କଟକ ମହାନଗର ନିଗମ, ଚୌଧୁରୀ ବଜାରସ୍ଥିତ କାର୍ଯ୍ୟାଳୟରେ ରଖାଯାଇଥିବା ଟେଣ୍ଡର ବାକ୍ସରେ ପକାଇ ପାରିବେ ଏବଂ **ତା୨୦।୧୦।୨୦୨୦ରିଖ ଦିବା ୧୧ଘଟିକା**ଠାରୁ ସମସ୍ତ ଆବେଦନକାରୀଙ୍କ ଉପସ୍ଥିତିରେ ନିଲାମ ଦର ଥିବା ଲଫାପାଗୁଡ଼ିକ ପର୍ଯ୍ୟାୟ କ୍ରମେ ଖୋଲାଯାଇ ନିଷ୍ପତ୍ତି ଗ୍ରହଣ କରାଯିବ। ଟେଣ୍ଡର ସମ୍ପର୍କୀୟ ସମ୍ପୂର୍ଣ୍ଣ ବିବରଣୀ କଟକ ମହାନଗର ନିଗମ ଲାଇସେନ୍ସ ବିଭାଗରୁ କାର୍ଯ୍ୟାଳୟ ଦିବସରେ ବୁଝିପାରିବା ସଙ୍ଗେ ସଙ୍ଗେ କଟକ ମହାନଗର ନିଗମର ୱେବସାଇଟ୍ **www.cmccuttack.gov.in**ରେ ଦେଖିପାରିବେ। ଇଚ୍ଛୁକ ବ୍ୟକ୍ତି ଟେଣ୍ଡର ପାଇଁ ଉଦ୍ଦିଷ୍ଟ ନିର୍ଦ୍ଦିଷ୍ଟ ଫର୍ମ ନିଗମ ୱେବସାଇଟ୍‌ରୁ ଡାଉନଲୋଡ଼ କରି ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଇପାରିବେ।

**ନିମ୍ନୋକ୍ତ ସର୍ତ୍ତାବଳୀ ଅନୁଯାୟୀ ଟେଣ୍ଡର ଚୂଡ଼ାନ୍ତ କରାଯିବ।**

୧. ପୂର୍ବ ବର୍ଷର ନିଲାମ ଟଙ୍କା ରଖିଥିବା ବ୍ୟକ୍ତିବିଶେଷ/ଅନୁଷ୍ଠାନ ଅଥବା ପୂର୍ବରୁ ନିଲାମ ସିଦ୍ଧ ହୋଇ ନିଲାମ ଗ୍ରହଣ କରି ନ ଥିବା ବ୍ୟକ୍ତିବିଶେଷ/ଅନୁଷ୍ଠାନମାନେ ଉକ୍ତ ଟେଣ୍ଡରରେ ଭାଗ ନେଇପାରିବେ ନାହିଁ।
୨. ଟେଣ୍ଡର ପ୍ରକ୍ରିୟାରେ ଅଂଶ ଗ୍ରହଣ କରୁଥିବା ବ୍ୟକ୍ତିବିଶେଷ ତାଙ୍କ ସପକ୍ଷରେ କୌଣସି ଫୌଜଦାରି ମାମଲା ବିଚାରାଧୀନ ନାହିଁ କିମ୍ବା ସେ କୌଣସି ମାମଲାରେ ସଂଶ୍ଳିଷ୍ଟ ଥାଇ କାରାବରଣ କରି ନ ଥିବା ସମ୍ବନ୍ଧରେ ଏକ ସତ୍ୟପାଠ ଦାଖଲ କରିବେ।
୩. ଯାହାଙ୍କ ନାମରେ ଟେଣ୍ଡର ସିଦ୍ଧ ହେବ, ସେ ସଙ୍ଗେ ସଙ୍ଗେ ଟେଣ୍ଡର ଟଙ୍କା ଦାଖଲ କରି ରସିଦ୍ ହାସଲ କରିବେ। ତାହା ନ ହେଲେ, ତାଙ୍କର ଦାଖଲ ହୋଇଥିବା ଅମାନତ ଟଙ୍କା ବାଜ୍ୟାପ୍ତି କରାଯାଇ ଉକ୍ତ ଟେଣ୍ଡରରେ ଭାଗ ନେଇଥିବା ଅନ୍ୟ ବ୍ୟକ୍ତି ବା ଅନୁଷ୍ଠାନକୁ ଟେଣ୍ଡର ଦିଆଯିବ।
୪. ଯଦି ସର୍ବୋଚ୍ଚ ଟେଣ୍ଡର ସନ୍ତୋଷଜନକ ନ ହୁଏ, ତା ହେଲେ କର୍ତ୍ତୃପକ୍ଷ ଇଚ୍ଛା କଲେ ଟେଣ୍ଡର ଚୂଡ଼ାନ୍ତ ନ କରି ପୁନି ଟେଣ୍ଡର କରିପାରିବେ।
୫. ଟେଣ୍ଡର ଗ୍ରହୀତା ପାର୍କିଂ ଫି (ମାହାସୁଲ) ନିମ୍ନମତେ ଆଦାୟ କରିବେ।
   (କ) ଚାରି ଚକିଆ ଯାନ ପ୍ରତି ଦୈନିକ ଟ.୨୦.୦୦ଙ୍କା।
   (ଖ) ତିନି ଚକିଆ ଯାନ ପ୍ରତି ଦୈନିକ ଟ.୧୦.୦୦ଙ୍କା।
   (ଗ) ଦୁଇ ଚକିଆ ଯାନ ପ୍ରତି ଦୈନିକ ଟ.୫.୦୦ଙ୍କା।
   (ଘ) ସାଇକେଲ ପ୍ରତି ଦୈନିକ ଟ.୨.୦୦ଙ୍କା।
୬. ପାର୍କିଂ ସ୍ଥାନ ସକାଳ ଘ.୮.୦୦ଟିକାଠାରୁ ରାତ୍ର ଘ.୧୧.୦୦ଟିକା ପର୍ଯ୍ୟନ୍ତ ଖୋଲା ରଖିବେ।
୭. ପାର୍କିଂ ସ୍ଥାନ ମାହାସୁଲ ଆଦାୟକାରୀମାନେ ନିର୍ଦ୍ଦିଷ୍ଟ ସମପୋଷାକ (ୟୁନିଫର୍ମ) ପରିଧାନ କରିବା ସହିତ ପରିଚୟ ପତ୍ର ବେକରେ ଝୁଲାଇବେ।
୮. ପାର୍କିଂ ସ୍ଥାନକୁ ଟେଣ୍ଡର ଗ୍ରହୀତା ଅନ୍ୟ କୌଣସି ଉଦ୍ଦେଶ୍ୟରେ ବ୍ୟବହାର କରିପାରିବେ ନାହିଁ।
୯. ଟେଣ୍ଡର ଗ୍ରହୀତା ପାର୍କିଂ ସ୍ଥାନରେ ରହୁଥିବା ଯାନବାହନର ନିରାପତ୍ତା ନିମନ୍ତେ ଜଗୁଆଳିର ବ୍ୟବସ୍ଥା କରିବେ।
୧୦.ଧାର୍ଯ୍ୟ ଅମାନତ ଅର୍ଥ କମିଶନର, କଟକ ମହାନଗର ନିଗମଙ୍କ ସପକ୍ଷରେ କରାଯାଇଥିବା ବ୍ୟାଙ୍କ ଡ୍ରାଫ୍ଟ ଆବେଦନକାରୀ ନିଜ ନାମରେ ବ୍ୟାଙ୍କରୁ କ୍ରୟ କରିବେ।
୧୧.ଯାହାଙ୍କ ନାମରେ ଟେଣ୍ଡର ସିଦ୍ଧ କରାଯିବ, ସେ ମ୍ୟୁନିସିପାଲ କମିଶନରଙ୍କ ସହିତ ଆବଶ୍ୟକୀୟ ଚୁକ୍ତିନାମା ଟେଣ୍ଡର ଚୂଡ଼ାନ୍ତ ହେବାର ସାତ ଦିନ ମଧ୍ୟରେ କରିବେ।
୧୨.ଉକ୍ତ ଟେଣ୍ଡର ଡାକକୁ କର୍ତ୍ତୃପକ୍ଷ ଇଚ୍ଛା କଲେ କୌଣସି କାରଣ ନ ଦର୍ଶାଇ ରଦ୍ଦ କରିପାରିବେ।

| କ୍ର. ନଂ. | ସୈରାତ ଗୁଡ଼ିକର ନାମ | ଟେଣ୍ଡର ପାଇଁ ସର୍ବନିମ୍ନ ଧାର୍ଯ୍ୟ ରାଶି | ଅମାନତ ଟଙ୍କା | ମିଆଦ |
|---|---|---|---|---|
| ୧. | ଟେଲିଫୋନ ଭବନ ସମ୍ମୁଖ ପାର୍କିଂ ସ୍ଥାନ, ବକ୍ସିବାଟି ରୋଡ଼ | ଟ.୪୯୮୦୦/- | ଟ.୪୯୮୦/- | ଆର୍ଥିକ ବର୍ଷ ୨୦୨୦-୨୧ |
| ୨. | ପୋଷ୍ଟ ଅଫିସ୍ ସମ୍ମୁଖ ପାର୍କିଂ ସ୍ଥାନ, ଚାନ୍ଦିନୀଚୌକ | ଟ.୪୪୨୦୦/- | ଟ.୪୪୨୦/- | |
| ୩. | ବମ୍ବେ ହୋଟେଲ ସମ୍ମୁଖ ପାର୍କିଂ ସ୍ଥାନ, ଯୋବ୍ରାରୋଡ଼ | ଟ.୧୨୭୦୦୦/- | ଟ.୧୨୭୦୦/- | |
| ୪. | ପେଟ୍ରୋଲ ପମ୍ପ ସମ୍ମୁଖ ପାର୍କିଂ ସ୍ଥାନ, କଲେଜ ଛକ | ଟ.୨୪୪୪୦୦/- | ଟ.୨୪୪୪୦/- | |
| ୫. | ଗୌରୀଶଙ୍କର ପାର୍କ ସମ୍ମୁଖ ପାର୍କିଂ ସ୍ଥାନ | ଟ.୧୦୪୫୦୦/- | ଟ.୧୦୪୫୦/- | |
| ୬. | ଶୈଳବାଳା ମହାବିଦ୍ୟାଳୟ ପାଖ ପାର୍କିଂ ସ୍ଥାନ | ଟ.୭୪୯୦୦/- | ଟ.୭୪୯୦/- | |
| ୭. | ଏସ୍.ବି.ଆଇ. ମୁଖ୍ୟ ଶାଖା ସାମ୍ନା ତିନିକୋଣିଆ ପାର୍କିଂ ସ୍ଥାନ | ଟ.୩୩୨୮୦୦/- | ଟ.୩୩୨୮୦/- | |
| ୮. | ପି.ଏମ୍. ଏକାଡେମୀ ପାଖ ପାର୍କିଂ ସ୍ଥାନ | ଟ.୬୦୫୬୦/- | ଟ.୬୦୫୬/- | |
| ୯. | ମଙ୍ଗଳାବାଗ ଭେଟେରିନାରୀ କାର୍ଯ୍ୟାଳୟ ପାଖ ପାର୍କିଂ ସ୍ଥାନ | ଟ.୭୯୦୦୦/- | ଟ.୭୯୦୦/- | |
| ୧୦. | ଆକବରୀ ଖାଁ ଗୁଡ଼ାଖୁ ଦୋକାନ ସମ୍ମୁଖ ପାର୍କିଂ ସ୍ଥାନ, ନିମଚୌଡ଼ି | ଟ.୩୪୧୦୦/- | ଟ.୩୪୧୦/- | |
| ୧୧. | ପୁରୁଣା ଜେଲ ସମ୍ମୁଖ ପାର୍କିଂ ସ୍ଥାନ, ଦରଘା ବଜାର | ଟ.୧୧୩୧୦୦/- | ଟ.୧୧୩୧୦/- | |
| ୧୨. | ଗୋପବନ୍ଧୁ ପାର୍କ ପାଶ୍ୱବର୍ତ୍ତୀ ପାର୍କିଂ ସ୍ଥାନ, ବକ୍ସି ବଜାର | ଟ.୧୧୨୦୦/- | ଟ.୧୧୨୦/- | |
| ୧୩. | ଗୌରୀଶଙ୍କର ପାର୍କ ପଛପଟ ପାର୍କିଂ ସ୍ଥାନ | ଟ.୮୮୦୦୦/- | ଟ.୮୮୦୦/- | |
| ୧୪. | କନିକା ଛକ ପାର୍କିଂ ସ୍ଥାନ | ଟ.୧୦୦୦୦/- | ଟ.୧୦୦୦/- | |
| ୧୫. | ତିନିକୋଣିଆ ବଗିଚା ପାଖ ପାର୍କିଂ ସ୍ଥାନ | ଟ.୧୪୩୦୦/- | ଟ.୧୪୩୦/- | |
| ୧୬. | ଡା. ତେଜେଶ୍ୱର ରାଓ ଛକଠାରୁ ଏସ୍.ସି.ବି. ମେଡିକାଲ ପ୍ରସ୍ଥାନ ଦ୍ୱାର ପର୍ଯ୍ୟନ୍ତ ପାର୍କିଂ ସ୍ଥାନ, ରାଣୀହାଟ | ଟ.୪୦୮୯୦୦/- | ଟ.୪୦୮୯୦/- | |
| ୧୭. | ମାତାମଠ ଛକ ବିଏସ୍‌ଏନ୍‌ଏଲ୍ ପାଚେରି ପଟ ପାର୍କିଂ ସ୍ଥାନ, ରିଙ୍ଗରୋଡ଼ | ଟ.୧୫୫୦୦/- | ଟ.୧୫୫୦/- | |
| ୧୮. | ସତୀଚୌରା କାଠଗୋଲାଠାରୁ ଅଶ୍ୱିନୀ ହସ୍ପିଟାଲ ସମ୍ମୁଖ ପର୍ଯ୍ୟନ୍ତ ପାର୍କିଂ ସ୍ଥାନ | ଟ.୨୨୦୭୦୦/- | ଟ.୨୨୦୭୦/- | |
| ୧୯. | ଷ୍ଟାର ହସ୍ପିଟାଲ ସମ୍ମୁଖ ଓ ମଧୁସୂଦନ ଆଇନ ମହାବିଦ୍ୟାଳୟ ଛାତ୍ରାବାସ ପାଚେରି ପାଖ ପାର୍କିଂ ସ୍ଥାନ, ଯୋବ୍ରା ରୋଡ | ଟ.୬୬୮୦୦/- | ଟ.୬୬୮୦/- | |
| ୨୦. | ଏଲ୍‌ଆଇସି ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖ ଓ ସହିଦ ପାର୍କ ପାର୍ଶ୍ୱବର୍ତ୍ତୀ ଖାଲି ସ୍ଥାନ | ଟ.୭୮୬୦୦/- | ଟ.୭୮୬୦/- | |
| ୨୧. | ଅରବିନ୍ଦ ଲଜ ସମ୍ମୁଖ ଟ୍ୟାକ୍ସି ଷ୍ଟାଣ୍ଡ, କଲେଜ ଛକ | ଟ.୬୭୨୦୦/- | ଟ.୬୭୨୦/- | |
| ୨୨. | ଗୌରୀ ଶଙ୍କର ପାର୍କ ସମ୍ମୁଖ ଟ୍ୟାକ୍ସି ଷ୍ଟାଣ୍ଡ | ଟ.୬୭୯୦୦/- | ଟ.୬୭୯୦/- | |
| ୨୩. | କେଶରପୁର କିଲିଖାନା | ଟ.୭୨୮୦୦/- | ଟ.୭୨୮୦/- | ଆର୍ଥିକ ବର୍ଷ ୨୦୨୦-୨୧ |
| ୨୪. | ସତୀଚୌରା କିଲିଖାନା | ଟ.୬୩୩୦୦/- | ଟ.୬୩୩୦/- | |
| ୨୫. | ପଟ୍ଟାପୋଲ କିଲିଖାନା | ଟ.୮୩୦୦୦/- | ଟ.୮୩୩୦/- | |
| ୨୬. | ଖାନନଗର କିଲିଖାନା | ଟ.୧୭୬୦୦୦/- | ଟ.୧୭୬୦୦/- | |
| ୨୭. | ନେହେରୁପଲ୍ଲୀ କିଲିଖାନା | ଟ.୭୨୬୦୦/- | ଟ.୭୨୬୦/- | |
| ୨୮. | ପନ୍ଦର ଫୁଟିଆ ପୋଖରୀ, ଗୋପାଳପୁର | ଟ.୫୫୦୦/- | ଟ.୫୫୦/- | ଆର୍ଥିକ ବର୍ଷ ୨୦୨୦-୨୧ ଠାରୁ ୨୦୨୨-୨୩ |
| ୨୯. | ଗାନ୍ଧୀ ସ୍ମୃତୀ ପୋଖରୀ, ତେଲେଙ୍ଗାପେଣ୍ଠ | ଟ.୭୯୦୦/- | ଟ.୭୯୦/- | |
| ୩୦. | ପଦ୍ମ ପୋଖରୀ, ଗୋପାଳପୁର | ଟ.୯୭୦୦/- | ଟ.୯୭୦/- | |
| ୩୧. | ଗୋପ ପୋଖରୀ, ପ୍ରତାପ ନଗରୀ, ୱାର୍ଡ଼ ନଂ. – ୫୮ | ଟ.୧୦୧୨୦/- | ଟ.୧୦୧୨/- | |
| ୩୨. | ଘି ପୋଖରୀ, ପ୍ରତାପ ନଗରୀ, ୱାର୍ଡ଼ ନଂ. – ୫୮ | ଟ.୨୧୪୦୦/- | ଟ.୨୧୪୦/- | |
| ୩୩. | କଣ୍ଡରା ପୋଖରୀ, ଉତମାପୁର | ଟ.୧୮୭୦୦/- | ଟ.୧୮୭୦/- | |
| ୩୪. | ଗୋପବନ୍ଧୁ ପାର୍କ | ଟ.୧୫୪୦୦/- | ଟ.୧୫୪୦/- | ଆର୍ଥିକ ବର୍ଷ ୨୦୨୦-୨୧ ଠାରୁ ୨୦୨୨-୨୩ |
| ୩୫. | ତୁଳସୀପୁର ମ୍ୟୁନିସିପାଲ କ୍ୱାର୍ଟର | ଟ.୯୯୦/- | ଟ.୯୯/- | |
| ୩୬. | ଝୋଲା ସାହି ପାର୍କ, ବିକାଶ ଭବନ, ବି.ପି.ସି.ଏଲ୍. ଗୌରୀଶଙ୍କର ପାର୍କ, ସେଣ୍ଟ୍ରାଲ ନର୍ସରୀ | ଟ.୬୬୦୦/- | ଟ.୬୬୦/- | |
| ୩୭. | ସଂସ୍କୃତ ଟୋଲ, ଟାଉନହଲ ନିକଟ | ଟ.୫୬୦୦/- | ଟ.୫୬୦/- | |

ସ୍ୱା./– ଉପ ଆୟୁକ୍ତ

**ପ୍ଲାଷ୍ଟିକ ମୁକ୍ତ, ଆମ ସଂକଳ୍ପ**

## ଶ୍ରୀଲିଙ୍ଗରାଜ ମନ୍ଦିର ନ ଖୋଲିବାକୁ ଦାବି

ପୁରୁଣା ଭୁବନେଶ୍ୱର,(ଡି.ଏନ୍.ଏ.): କରୋନା ଯୋଗୁ ରାଜ୍ୟର ସମସ୍ତ ମନ୍ଦିର ବନ୍ଦ ରହିଛି। କେତେକ ପ୍ରସିଦ୍ଧ ମନ୍ଦିର ଖୋଲିବା ନେଇ ରାଜ୍ୟ ସରକାର ସବୁଜ ସଙ୍କେତ ଦେଇଛନ୍ତି। ହେଲେ ଶ୍ରୀଲିଙ୍ଗରାଜ ମନ୍ଦିର ନ ଖୋଲିବାକୁ ପୂଜାପଣ୍ଡା ନିଯୋଗ ପକ୍ଷରୁ ଦାବି ହୋଇଛି। ଠାକୁରଙ୍କ ରୁକୁଣା ରଥଯାତ୍ରାବେଳେ ୩ଜଣ ସେବାୟତ କରୋନା ପଜିଟିଭ୍ ଥିଲେ। ଏବେ ପୁରୁଣା ଭୁବନେଶ୍ୱର ଓ ରାଜ୍ୟରେ ଅଧିକ ସଂକ୍ରମଣ ବ୍ୟାପିଥିବାରୁ ମନ୍ଦିର ନ ଖୋଲିବାକୁ ନିଯୋଗର ବରିଷ୍ଠ ସେବାୟତ କାଶୀନାଥ ପୂଜାପଣ୍ଡା କହିଛନ୍ତି।

# ନୂଆ ରୂପରେ କଳିଙ୍ଗ ଷ୍ଟୁଡିଓ

ଭୁବନେଶ୍ୱର,୮।୧୦(ବ୍ୟୁରୋ)

- ଆରମ୍ଭ ହେଲାଣି ଶୁଟିଂ, ଫିଲ୍ମ ନିର୍ମାଣ ଯୋଜନା
- ପରିସରରେ ତିଆରି ହେବ ପୋଖରୀ, ବସ୍ତି
- ମାସିକ ୧କୋଟିରୁ ଊର୍ଦ୍ଧ୍ୱ ରୋଜଗାର ଲକ୍ଷ୍ୟ

୧୯୯୯ ମହାବାତ୍ୟାରେ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା 'କଳିଙ୍ଗ ଷ୍ଟୁଡିଓ'। ଏହାପରଠାରୁ ସ୍ଥାଣୁ ପାଲଟିଯାଇଥିବା ଓଡ଼ିଶାର ଏହି ଏକମାତ୍ର ଫିଲ୍ମ ଶୁଟିଂ ଷ୍ଟୁଡିଓ ଏବେ ପୁଣି ଚଳଚଞ୍ଚଳ ହୋଇଉଠିଛି। ଧାରାବାହିକ ଓ ବିଭିନ୍ନ କାର୍ଯ୍ୟକ୍ରମର ଶୁଟିଂ ସହ ଆଗାମୀ ଦିନରେ ଫିଲ୍ମ ଶୁଟିଂ ପାଇଁ ପୂରା ପ୍ରସ୍ତୁତ କରାଯାଉଛି। ଅଚଳ ହୋଇପଡ଼ିଥିବା ସେଟ୍‌ଗୁଡ଼ିକୁ ଏବେ ବ୍ୟବହାର ଉପଯୋଗୀ କରାଯାଇଥିବାବେଳେ ଦୁଇଟି ଚ୍ୟାନେଲ ସହ ଜଣେ ନାମୀ ପ୍ରଯୋଜକ ଏଠାରେ ନିଜର ଶୁଟିଂ ଆରମ୍ଭ କରିଛନ୍ତି। ଫଳରେ ଷ୍ଟୁଡିଓରୁ ମାସକୁ ପ୍ରାୟ ୫ଲକ୍ଷ ଟଙ୍କା ରୋଜଗାର ହେଲାଣି। କଳିଙ୍ଗ ଷ୍ଟୁଡିଓ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଗଲେ, ୬ମାସ ପରେ ଏଥିରୁ ବର୍ଷକୁ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ରୋଜଗାର ହୋଇପାରିବ ବୋଲି ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ(ଓଏଫ୍‌ଡିସି) ଅଧ୍ୟକ୍ଷ କୁନା ତ୍ରିପାଠୀ କହିଛନ୍ତି।

୨୦୧୮ରେ ସାମାନ୍ୟ ଅଣ୍ଟା ସଳଖି ଛିଡ଼ା ହୋଇଥିବା କଳିଙ୍ଗ ଷ୍ଟୁଡିଓ ଗତ ଫନୀ ବାତ୍ୟାରେ ପୁଣିଥରେ ଭାଙ୍ଗିରୁଜି ଯାଇଥିଲା। ଷ୍ଟୁଡିଓଟି ପୁଣି କେବେ ନୂଆ ରୂପ ପାଇବ ତାହାକୁ ନେଇ ଆଶା ଆଶଙ୍କା ଲାଗି ରହିଥିଲା। ମାତ୍ର ଖୁବ୍ କମ୍‌ଦିନ ମଧ୍ୟରେ ନୂଆ ରୂପ ପାଇପାରିଛି ଏହି ଐତିହାସିକ ଷ୍ଟୁଡିଓ। ଷ୍ଟୁଡିଓର ମୁଖ୍ୟ ଫାଟକଠାରୁ ଆରମ୍ଭ କରି ରାସ୍ତା, ଭାଙ୍ଗିରୁଜି ଯାଇଥିବା ଏଡିଟିଂ ରୁମ୍ ଓ ଡବିଂ ବୁଥ୍ ସବୁକିଛି ମଧ୍ୟ ଆହୁରି ନୂଆ ରୂପରେ ଉଭା ହେବାକୁ ଯାଉଛି। ତେବେ ନୂଆ କରି ନିର୍ମାଣ ହୋଇଥିବା ଜମିଦାର ଘର, କଟେଜ୍ ଓ ଭିଲେଜ୍ କମ୍ପ୍ଲେକ୍ସ ଗତ ଫନୀ ବାତ୍ୟାରେ ଭାଙ୍ଗି ଯାଇଥିବାବେଳେ ତାହାକୁ ପୁଣିଥରେ ସଜଡ଼ା ଯାଇଛି। ଉନ୍ନତୀକରଣ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇ ଓଏଫ୍‌ଡିସି ଅଧ୍ୟକ୍ଷ ତ୍ରିପାଠୀ





କହିଛନ୍ତି, ଷ୍ଟୁଡିଓ ପରିସରରେ ଏକ ନୂତନ ବସ୍ ଷ୍ଟପ୍ ସହ ରେଲୱେ ଷ୍ଟେଶନ ନିର୍ମାଣ କରାଯାଉଛି। ସେହିଭଳି ଶୁଟିଂ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏକ ପୋଖରୀ ଓ ବସ୍ତି କରାଯିବାର ଯୋଜନା ରହିଛି। କଳାକାର ଓ କର୍ମଚାରୀଙ୍କ ଖାଇବା ପିଇବା ଲାଗି ଏହାମଧ୍ୟରେ ବ୍ୟବସ୍ଥା ନ ଥିବାରୁ ଏକ ମଲ୍ଟିପର୍‌ପୋଜ୍ ରେଷ୍ଟୁରାଣ୍ଟ ନିର୍ମାଣ କରାଯାଉଛି। ଏଠାରେ ବସି ଖାଇବା ସହ ଏହାକୁ ଶୁଟିଂ କାର୍ଯ୍ୟରେ ମଧ୍ୟ ବ୍ୟବହାର କରାଯାଇପାରିବ। ଟେକ୍ନିସିଆନ୍‌ମାନେ ରହିବା ପାଇଁ ଏକ ଡର୍ମିଟୋରୀ ପ୍ରସ୍ତୁତ କରାଯାଉଛି। ଷ୍ଟୁଡିଓର ପ୍ରବେଶ ଓ ପ୍ରସ୍ଥାନ ପଥର ସୌନ୍ଦର୍ଯ୍ୟକରଣ କରାଯିବ। ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ (ଓଏସ୍‌ଆଇସି) ଷ୍ଟୁଡିଓର ନବୀକରଣ କାର୍ଯ୍ୟ କରୁଥିବାବେଳେ ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ କରୁଛି। ଆଧୁନିକୀକରଣ ଓ ପୁନରୁଦ୍ଧାର ସହିତ ପୁରୁଣା ଯନ୍ତ୍ରପାତି ଓ ଆବଶ୍ୟକ ସରଞ୍ଜାମକୁ ନେଇ ମ୍ୟୁଜିୟମ୍ କରାଯିବ। ରେକର୍ଡିଂ ରୁମ୍‌କୁ ନିଜ ଅଧୀନକୁ ଆଣି ଓଏଫ୍‌ଡିସି ଏହାର ଉନ୍ନତୀକରଣ କରିବା ସହ ଭଡ଼ାରେ ଲଗାଇବ। ବର୍ତ୍ତମାନ ରହିଥିବା କୋଠାର ଦୁଇ ମହଲାକୁ ଦୁଇଟି ଚ୍ୟାନେଲ ନେଇଥିବାବେଳେ ଆଗକୁ ଆଉ ଦୁଇ ମହଲା ନିର୍ମାଣ କରାଯିବ। ସେହିଭଳି ଆଗକୁ ଟେଲିଭିଜନ୍ ଶୁଟିଂଠାରୁ ଆରମ୍ଭ କରି ଆଲ୍‌ବମ୍ ଶୁଟିଂ, ଚଳଚ୍ଚିତ୍ର ନିର୍ମାଣ ପାଇଁ ମଧ୍ୟ ଯୋଜନା କରାଯାଇଛି। ଓଏଫ୍‌ଡିସି ନିକଟରେ ଏବେ ୪କୋଟି ବଜେଟ ଥିବାବେଳେ ତାହାକୁ ଏହି ଉନ୍ନତିମୂଳକ କାର୍ଯ୍ୟରେ ଲଗାଯିବ। ତେବେ ସମସ୍ତ କାର୍ଯ୍ୟ ବିନା ଟେଣ୍ଡରରେ ସରକାରୀ ସଂସ୍ଥା ଦ୍ୱାରା କରାଯାଉଥିବାରୁ ସ୍ୱଚ୍ଛତା ଅବଲମ୍ବନ ହେଉଥିବା ତ୍ରିପାଠୀ କହିଛନ୍ତି। ସେହିଭଳି ଷ୍ଟୁଡିଓରୁ ହେଉଥିବା ଲାଭାଂଶକୁ ତାହାର ଉନ୍ନତୀକରଣ କାର୍ଯ୍ୟରେ ଲଗାଯିବ ବୋଲି ସେ କହିଛନ୍ତି।

## ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଅସ୍ତରଙ୍ଗ,୮।୧୦(ଡି.ଏନ୍.ଏ.)

ଅସ୍ତରଙ୍ଗ ସାମୁଦ୍ରିକ ଥାନା ଅନ୍ତର୍ଗତ ମଧୁପୁର ମୌଜା ବାଲିସାହିରୁ ବୁଧବାର ରାତିରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ରିତା ବେହେରା(୩୨)। ଯୌତୁକ ପାଇଁ ତାଙ୍କୁ ହତ୍ୟା କରାଯାଇଥିବା ଭାଇ ଅଭିଯୋଗ କରିଛନ୍ତି। ପୋଲିସ ନଂ.୮/୨୦ରେ ଏକ ମାମଲା ରୁଜୁ କରି ରିତାଙ୍କ ସ୍ୱାମୀଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଗୋପ ଥାନା ନେତପୁର ଗ୍ରାମର ରିତା ୨୦୧୩ରେ ରଞ୍ଜିତଙ୍କୁ ବିବାହ କରିଥିଲେ। କିନ୍ତୁ ବିବାହର ୪ମାସ ପରେ ଶାଶୁ ଘର ଲୋକେ ରିତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ବାପଘରକୁ ଜଣାଇଥିଲେ। ବୁଧବାର ଅପରାହ୍ନ ୨ଟାରେ ରିତା ଘରେ ଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ କବାଟ ନ ଖୋଲିବାରୁ ସନ୍ଦେହରେ କବାଟ ଭାଙ୍ଗିବାରୁ ରିତା ପଙ୍ଖାରେ ରଶି ଲଗାଇ ଝୁଲୁ ଥିବା ଦେଖିଥିଲେ। ତାଙ୍କୁ ଉଦ୍ଧାର କରି ଅସ୍ତରଙ୍ଗ ମେଡିକାଲ ନେଇଥିଲେ ହେଁ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ରିତାଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ପରେ ରିତାଙ୍କ ପରିବାର ଲୋକେ ପହଞ୍ଚି ଥାନାର ଦ୍ୱାରସ୍ଥ ହୋଇଥିଲେ।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ମହିଳା ମୃତ, ଜଣେ ଗିରଫ

ବାରଙ୍ଗ,୮।୧୦(ଡି.ଏନ୍.ଏ.): ଚନ୍ଦକା ଥାନା ଅନ୍ତର୍ଗତ କୁଜିମହଲ ଗ୍ରାମରେ ବେଆଇନ ଭାବେ ଲାଗିଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୁରୁବାର ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ କ୍ଷୀର ମାଝୀ(୫୫)। ପୋଲିସ ନଂ. ୧୬୮/୨୦ରେ ମାମଲା ରୁଜୁ କରି ସରୋଜ ବେହେରା ନାମକ ଜଣେ ଯୁବକଙ୍କୁ ଗିରଫ କରିଛି। ଗୁରୁବାର ସକାଳେ କ୍ଷୀର ନିଜ ଜମିରେ କାମ ସାରି ସରୋଜଙ୍କ ଜମି ଦେଇ ଆସୁଥିବାବେଳେ ବନ୍ୟଜନ୍ତୁ ଦାଉରୁ ଫସଲ ସୁରକ୍ଷା ପାଇଁ ସେଠାରେ ବାଉଁଶଖୁଣ୍ଟରେ ଲାଗିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ପଡ଼ିଯାଇଥିଲେ। ପୋଲିସ ଆସି ତାଙ୍କୁ ମେଣ୍ଢାଶାଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ହେଁ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ଭୁବନେଶ୍ୱରରୁ ମହିଳାଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇ ଆସିବା ପରେ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ଟାୟାର ଜାଳି ରାସ୍ତାରୋକୋ କରିଥିଲେ।

### ମାନହାନୀ ମାମଲା ରୁଜୁ କଲେ ଅନୁଭବ

ନୂଆଦିଲ୍ଲୀ,୮।୧୦: ମିଥ୍ୟା ଖବର ପ୍ରସାରଣ କରିବା ଅଭିଯୋଗରେ ବିଜେଡି ଏମ୍‌ପି ଅନୁଭବ ମହାନ୍ତି ଗୁରୁବାର ଓଟିଭି, ଏହାର ପରିଚାଳନା ନିର୍ଦ୍ଦେଶିକା ଜାଗିମଙ୍ଗତ୍ ପଣ୍ଡା ଏବଂ ଚିଫ୍ ଏଡିଟର ରାଧାମାଧବ ମିଶ୍ରଙ୍କ ବିରୋଧରେ ଆପରାଧିକ ମାନହାନୀ ମାମଲା ରୁଜୁ କରିଛନ୍ତି। ଦିଲ୍ଲୀ ପଟିଆଲା ହାଉସ୍ କୋର୍ଟରେ ଏହି ମାମଲା ରୁଜୁ କରାଯାଇ ପ୍ରତିପକ୍ଷଙ୍କୁ ସମନ ଜାରି କରିବା ସହ ସେମାନଙ୍କ ବିରୋଧରେ ଏତଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେବାକୁ ପ୍ରାର୍ଥନା କରାଯାଇଛି। ପଣ୍ଡା ଏବଂ ଓଟିଭିର ଚିଫ୍ ଏଡିଟର ଜାଣିଶୁଣି ଅନୁଭବଙ୍କୁ ଅପମାନିତ କରୁଛନ୍ତି। ରାଜନୈତିକ ଅଭିସନ୍ଧି ରଖିବା ସହ ଅନୁଭବଙ୍କ ପ୍ରତିଷ୍ଠା ଓ ସୁନାମକୁ କ୍ଷୁଣ୍ଣ କରିବାକୁ ମନ୍ଦ ଉଦ୍ଦେଶ୍ୟ ରଖି ମିଥ୍ୟା ଖବର ପ୍ରସାରଣ ଓଟିଭି କରୁଛି। ଯାହା ଦ୍ୱାରା ଅନୁଭବ ମାନସିକ ଅବସାଦ ମଧ୍ୟରେ ରହୁଛନ୍ତି ବୋଲି ଆବେଦନରେ ଦର୍ଶାଯାଇଛି।

### ରାଜ୍ୟପାଳଙ୍କୁ ଫେରାଦ ହେଲା ଜଗନ୍ନାଥ ସେନା

ପୁରୀ ଅଫିସ,୮।୧୦: ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ କୋଭିଡ୍ ଆଇନ ଉଲ୍ଲଂଘନ କରିଥିବା ନେଇ ଗତ ରବିବାର ଥାନାରେ ଏତଲା ଦିଆଯାଇଥିଲା। ଏହି ଦୁଇ ଜନପ୍ରତିନିଧି ପଜିଟିଭ ଚିହ୍ନଟ ହୋଇଥିଲେ ହେଁ ପୂର୍ବତନ ମନ୍ତ୍ରୀ ତଥା ପିପିଲି ବିଧାୟକ ପ୍ରଦୀପ ମହାରଥୀଙ୍କ ଶେଷକୃତ୍ୟରେ ସାମିଲ ହୋଇଥିଲେ। ଏହାଦ୍ୱାରା ଉଭୟେ କୋଭିଡ୍ ଆଇନ ଉଲ୍ଲଂଘନ କରିଛନ୍ତି। ତେଣୁ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଲାଗି ଶ୍ରୀଜଗନ୍ନାଥ ସେନା ପକ୍ଷରୁ ପ୍ରଥମେ ସମୁଦ୍ର କୂଳ ଥାନାରେ ଏବଂ ପରେ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ମାତ୍ର ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଗୁରୁବାର ରାଜ୍ୟପାଳଙ୍କୁ ଫେରାଦ ହୋଇଛି ଜଗନ୍ନାଥ ସେନା। ଏହାର ଏକକିତା ନକଲ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କୁ ମଧ୍ୟ ପଠାଯାଇଛି ବୋଲି କହିଛନ୍ତି ପ୍ରିୟଦର୍ଶନ।

### ମହାନଗର ନିଗମ ସ୍ତରୀୟ 'ଶିକ୍ଷା ଶିଖର' କାର୍ଯ୍ୟକ୍ରମ

ଭୁବନେଶ୍ୱର, ୮।୧୦ (ବ୍ୟୁରୋ): ଭୁବନେଶ୍ୱର ମହାନଗର ନିଗମ ସ୍ତରୀୟ ଉଚ୍ଚ ବିଦ୍ୟାଳୟଗୁଡ଼ିକର ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକ, ଅଭିଜ୍ଞ ଶିକ୍ଷୟିତ୍ରୀଶିକ୍ଷକ ଓ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକଙ୍କୁ ନେଇ ଅନ୍‌ଲାଇନ୍‌ରେ 'ଶିକ୍ଷା ଶିଖର' ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ଅଧିକାରୀ ଡ. ସନ୍ତୋଷ କୁମାର ରାଉତ ସଭାପତିତ୍ୱ କରି ମେଧା ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ବିକାଶ 'ଶିକ୍ଷା ଶିଖର' କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ବୋଲି କହିଥିଲେ। ଖୋର୍ଦ୍ଧା ଜିଲା ଶିକ୍ଷା ଅଧିକାରୀ ବନ୍ଦନା ମହାପାତ୍ର ଏହି କାର୍ଯ୍ୟକ୍ରମ ଦ୍ୱାରା କିପରି ସମସ୍ତ ଛାତ୍ରୀଛାତ୍ର ଉପକୃତ ହେବେ ସେନେଇ ସମସ୍ତ ମାର୍ଗ ଦର୍ଶନ କରିଥିଲେ।

### ଶିକ୍ଷାବିତ୍ ମଧୁସୂଦନଙ୍କ ପରଲୋକ

ଯାଁଳା,୮।୧୦(ଡି.ଏନ୍.ଏ.): ଶିକ୍ଷାବିତ୍ ମଧୁସୂଦନ ମହାନ୍ତିଙ୍କ କଟକ ମଧୁସୂଦନ ନଗର ତୁଳସୀପୁରସ୍ଥିତ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୯୧ ବର୍ଷ ହୋଇଥିଲା। ଅଲ ଇଣ୍ଡିଆ ଲେଦର ଟେକ୍ନୋଲୋଜିର ସେ ସଦସ୍ୟ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ୩ଝିଅ ଓ ୨ପୁଅ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ବହୁ ଶିକ୍ଷାବିତ୍, ବୁଦ୍ଧିଜିବୀ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ପୁଷ୍ପମାଲ୍ୟ ଅର୍ପଣ କରିଥଲେ।




ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ଖୋଲିବା ଦାବିରେ ଜନଜାଗରଣ ମଞ୍ଚ ପକ୍ଷରୁ ସିଂହଦ୍ୱାର ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା।

## ଖୋର୍ଦ୍ଧାରେ ୨୮ ଟିକିଆ ହାତୀ ପଲର ଉତ୍ପାତ

ଖୋର୍ଦ୍ଧା ଅଫିସ,୮।୧୦

- ରାମେଶ୍ୱର ପଞ୍ଚାୟତ ଅଫିସ ପାଚେରି ଭାଙ୍ଗିଲେ

ଖୋର୍ଦ୍ଧା ଓ ଟାଙ୍ଗୀ ବନାଞ୍ଚଳରେ ୨୮ଟିକିଆ ହାତୀ ପଲ ଉତ୍ପାତ କରୁଛନ୍ତି। ଏଥିରେ ଦନ୍ତା ଏବଂ ଶିଶୁ ହାତୀ ମଧ୍ୟ ରହିଛନ୍ତି। ଗୁରୁବାର ଅପରାହ୍ନରେ ଗୋଡ଼ା ଓ କାଇପଦର ଅଞ୍ଚଳରେ ଫସଲ ନଷ୍ଟ କରିବା ସହ ଜନବସତି ଆଡକୁ ମୁହାଁଇଥିଲେ। ଗ୍ରାମବାସୀ ହାତୀପଲଙ୍କୁ ଘଉଡାଇ ଜଙ୍ଗଲରେ ଛାଡିନ୍ତି। ତେବେ କେତେକ ହାତୀ ପାନବରଜ ଫସଲ ନଷ୍ଟ କରିବା ସହ ରାମେଶ୍ୱର ପଞ୍ଚାୟତ କାର୍ଯ୍ୟାଳୟ ପାଚେରି ଓ କେତେଜଣଙ୍କ ଘର କାନ୍ଥ ଭାଙ୍ଗିଛି। ହାତୀଙ୍କ ଗତିବିଧି ଉପରେ ନଜର ରଖାଯାଉଛି ବୋଲି ଟାଙ୍ଗୀ ବନ ଅଧିକାରୀ ରବୀନ୍ଦ୍ର ନାଥ ପଣ୍ଡା କହିଛନ୍ତି। ସୂଚନା ମୁତାବକ, ଖୋର୍ଦ୍ଧା ବନାଞ୍ଚଳ ଅଧୀନ ଜରିପୁଟ, ଦଳେଇପୁଟ, ପାନବରଜ, ଦେଉଳଟାଙ୍ଗୀ, କାଇପଦର, ବେରୁଆଁ, ଶରଧାପୁର, ଛଟିପୁର ଏବଂ ଟାଙ୍ଗୀ ବନାଞ୍ଚଳର ଗୟାବନ୍ଧ, ଡମଣଭୂଇଁ, ଜଙ୍କିଆ, ବାଲିଗାଡିଆ, ମୋଟା, ଗୋଲବାଇ, ହଜ, ନାରଗୋଦା, ଟାଙ୍କୋଲ, ସିକୋ ଗ୍ରାମରେ ହାତୀ ଉପଦ୍ରବ ଲାଗି ରହିଛି। ସନ୍ଧ୍ୟା ହେଲେ ଖାଦ୍ୟ ଅନ୍ୱେଷଣରେ ହାତୀ ପଲ ଜନବସତି ମୁହାଁ ହେଉଥିବାରୁ ଲୋକେ ଭୟରେ ରହୁଛନ୍ତି। ହାତୀ ମଣିଷ ଲଢେଇରେ ୭ହାତୀଙ୍କ ମୃତ୍ୟୁ ଘଟିଥିବା ବେଳେ ୨୧ଜଣଙ୍କ ମୃତ୍ୟୁ ହୋଇଛି। ହେଲେ ଏହାର ସ୍ଥାୟୀ ସମାଧାନ ଲାଗି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ହାତୀ ରହୁଥିବା ଅଞ୍ଚଳକୁ କରିଡର କରିବା ଲାଗି ପରିବେଶବିତ୍ ଓ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



ଶ୍ରୀମନ୍ଦିର ସୁରକ୍ଷା ବଳୟ ଉନ୍ନତୀକରଣ

## ଆଜି ଜମି ଅଧିଗ୍ରହଣ ଜନଶୁଣାଣି

ପୁରୀ ଅଫିସ,୮।୧୦

ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ସୁରକ୍ଷା ବଳୟ ଉନ୍ନତୀକରଣ କରାଯିବ। ଏହି ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ପାଇଁ ଓଡ଼ିଶା ସାମାଜିକ ପ୍ରଭାବ ଆକଳନ ୟୁନିଟ ଏକ ଚିଠା ପ୍ରସ୍ତୁତ କରିଛି। ତେଣୁ ସୁରକ୍ଷା ବଳୟ ମଧ୍ୟରେ ଥିବା ବାସେଳିସାହି ମୌଜା ୱାର୍ଡ ନଂ. ୨ ଓ ୩, ମଣିକର୍ଣ୍ଣିକା ସାହି ମୌଜା ୱାର୍ଡ ନଂ. ୪ ଓ ୯, କାଳିକାଦେବୀ ସାହି ମୌଜା ୱାର୍ଡ ନଂ. ୧୨, ଦୋଳମଣ୍ଡପ ସାହି ମୌଜା ୱାର୍ଡ ନଂ. ୧୫ ଓ ଚୁଡ଼ଙ୍ଗ ସାହି ମୌଜା ୱାର୍ଡ ନଂ. ୧୭ର ଜମି ଅଧିଗ୍ରହଣ ଲାଗି ଜନଶୁଣାଣି କରାଯିବ। ନୀଳାଦ୍ରି ଭକ୍ତ ନିବାସ ପରିସରରେ ଶୁକ୍ରବାର ସକାଳ ସାଢେ ୯ଟାରୁ ଅପରାହ୍ନ ସାଢେ ୫ଟା ପର୍ଯ୍ୟନ୍ତ ୱାର୍ଡ ୱାରି ଏହି ଜନଶୁଣାଣି ଚାଲିବ। ପ୍ରଥମେ ବାସେଳିସାହି, ମଣିକର୍ଣ୍ଣିକା ସାହି, କାଳିକାଦେବୀ ସାହି, ଦୋଳମଣ୍ଡପ ସାହି ଓ ଶେଷରେ ଚୁଡ଼ଙ୍ଗ ସାହି ପାଇଁ ଜନଶୁଣାଣି କରାଯିବ। ପ୍ରକଳ୍ପ ପ୍ରଭାବିତ ୱାର୍ଡବାସୀ ଏହି ଜନଶୁଣାଣିରେ ଉପସ୍ଥିତ ରହି ଜମି ଅଧିଗ୍ରହଣ ଏବଂ ତତ୍‌ଜନିତ ସାମାଜିକ ପ୍ରଭାବ ନେଇ ମତ ରଖିପାରିବେ।

ପ୍ରକାଶ ଯେ, ମୋଟ ୧୫.୧୯୧ ଏକର ଜମି ଅଧିଗ୍ରହଣ କରାଯିବାକୁ ସ୍ଥିର ହୋଇଛି। ଏଥିରେ ୧୨.୫୪୪୫ ଏକର ଘରୋଇ ଓ ୨.୬୪୬୫ ଏକର ସରକାରୀ ଜମି ରହିଛି। ଏଥିମଧ୍ୟରେ ଉପରୋକ୍ତ ସାହିର ପ୍ରାୟ ୮୦ପ୍ରତିଶତରୁ ଊର୍ଦ୍ଧ୍ୱ ଜମିର ବିକ୍ରି କବଲା ସରିଥିବାବେଳେ ଉଚ୍ଛେଦ ଜାରି ରହିଛି।

## ମହିଳାଙ୍କୁ ହତ୍ୟା, କଲଭର୍ଟ ନିକଟରୁ ମୃତଦେହ ଉଦ୍ଧାର

ବୋଲଗଡ଼,୮।୧୦(ଡି.ଏନ୍.ଏ.)

ଖୋର୍ଦ୍ଧା ବୋଲଗଡ଼ ଥାନା ଅଧୀନ ଖଙ୍ଗୁରିଆ-ଇଚ୍ଛାପୁର ରାସ୍ତାର ବଡ଼ତୋଟା କଲଭର୍ଟ ନିକଟରୁ ଗୁରୁବାର ପୋଲିସ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରିଛି। ସେ ହେଲେ ଇଚ୍ଛାପୁର ଗ୍ରାମର ରୋଜିଦା ବିବି(୨୮)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଅନ୍ୟପଟେ ଯୌତୁକ ପାଇଁ ତାଙ୍କ ଝିଅକୁ ହତ୍ୟା କରାଯାଇଛି ବୋଲି ମା' ତାହିରୁନ ବିବି ଅଭିଯୋଗ କରିଛନ୍ତି। ପୋଲିସ ହତ୍ୟା ମାମଲା (ନଂ. ୧୬୫/୨୦) ରୁଜୁକରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ମାଣିକାଗୋଡ଼ା ଦଳେଇସାହିର ରୋଜିଦା ୨୦୦୮ରେ ଇଚ୍ଛାପୁରର ଜବାର ଖାଁଙ୍କୁ ବିବାହ କରିଥିଲେ। ମାତ୍ର ବିବାହର କିଛିଦିନ ପରେ ଅଧିକ ଯୌତୁକ ଦାବି କରି ରୋଜିଦାଙ୍କୁ ତାଙ୍କ ସ୍ୱାମୀ ନିର୍ଯାତନା ଦେଉଥିଲେ। ବୁଧବାର ଜବାର ସ୍ତ୍ରୀଙ୍କୁ ଶ୍ୱଶୁର ଘରକୁ ନେଇ ଫେରି ଆସିଥିଲେ। ଗୁରୁବାର ସକାଳେ ରୋଜିଦାଙ୍କ ମୃତଦେହ କଲଭର୍ଟ ନିକଟରେ ପଡ଼ିଥିବା ପରିବାର ଲୋକେ ଖବର ପାଇଥିଲେ। ଅଭିଯୋଗକୁ ଭିତ୍ତିକରି ତଦନ୍ତ ଜାରି ରହିଛି ବୋଲି ଥାନାଧିକାରୀ ଶେଖ୍ ଆକବର ଅଲ୍ଲୀ କହିଛନ୍ତି।

## ଶିକ୍ଷକଙ୍କୁ ମୋବାଇଲ୍ ଟ୍ୟାବ୍ ଦେଲା ୱାର୍ଲ୍ଡ ଭିଜନ



ଭୁବନେଶ୍ୱର,୮।୧୦(ବ୍ୟୁରୋ)

ୟୁନିଟ-୬ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ପରିସରରେ ୱାର୍ଲ୍ଡ ଭିଜନ ସହାୟତାରେ ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ମୋବାଇଲ୍ ଟ୍ୟାବ୍ ପ୍ରଦାନ କରାଯାଇଛି। ସ୍କୁଲ୍ ବନ୍ଦ ଯୋଗୁ ଏବେ ଅନ୍‌ଲାଇନ୍‌ରେ ପିଲାଙ୍କ ପାଠପଢା ଜାରି ରହିଛି। ଏଭଳିସ୍ଥଳେ ଶିକ୍ଷକମାନେ ଏହି ଟ୍ୟାବ୍ ବ୍ୟବହାର କରି ୯ମ ଓ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଅନ୍‌ଲାଇନରେ ପାଠ ପଢାଇପାରିବେ। ଏହି ଉପଲକ୍ଷେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ମାଳିଙ୍କ ଦ୍ୱାରା ଏକ ବୈଠକ କରାଯାଇ ଅନ୍‌ଲାଇନ୍ ଶିକ୍ଷାଦାନ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ୱାର୍ଲଡ ଭିଜନ ଇଣ୍ଡିଆର ସହ ନିର୍ଦ୍ଦେଶକ ଏମ୍.ଏସ୍ ଲିଙ୍ଗଡୋ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଟ୍ୟାବ୍ ପ୍ରଦାନ କରିଥିଲେ।

## ଏନ୍‌କାଉଣ୍ଟର ଭୟରେ ଆତ୍ମସମର୍ପଣ କଲେ ରାଜା

ଭୁବନେଶ୍ୱର, ୮।୧୦(ବ୍ୟୁରୋ)

**ମିଠା ଦୋକାନୀଙ୍କ ହତ୍ୟା ଘଟଣା**
- ଧରିବାକୁ ମିଥ୍ୟା ପ୍ରଚାର କରିଥିଲା ପୋଲିସ
- ରିମାଣ୍ଡରେ ନେଇ ସୁପାରି କିଲରଙ୍କୁ ଧରିବାକୁ ଲକ୍ଷ୍ୟ

ସାମନ୍ତରାପୁର ଛକରେ ମିଠା ଦୋକାନୀ ପ୍ରଭାକର ବେହେରା ହତ୍ୟା ଘଟଣାରେ ସମ୍ପୃକ୍ତ ଜଣେ ଅଭିଯୁକ୍ତ ଗୁରୁବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। ସେ ହେଲେ ଧଉଳି ଥାନା ଅନ୍ତର୍ଗତ ବେହେରାସାହିରେ ରହୁଥିବା ରାଜକିଶୋର ବେହେରା ଓରଫ ରାଜା। ରାଜା ହେଉଛନ୍ତି ବଳରାମ ମିଠା ଦୋକାନ ମାଲିକ ବଳରାମ ବେହେରାଙ୍କ ନାତି ତଥା ଦିଲୁଙ୍କ ପୁଅ। ଘଟଣା ପରେ ଜୋନ୍ ଏସିପି ବିଷ୍ଣୁ ପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ପୁରୀ, ପିପିଲି, ଖୋର୍ଦ୍ଧା, ବାଲିଅନ୍ତା ଆଦି ସ୍ଥାନରେ ଚଢାଉ କରିଥିଲା। ଏହାସହ ବଳରାମ ଓ ପୁଅ ଦିଲୁଙ୍କୁ ଉଠାଇ ଆଣି ପୋଲିସ ଥାନାରେ ପଚରାଉଚରା କରିଥିଲା। ରାଜା ହିଁ ହତ୍ୟା ପାଇଁ ଷଡ଼ଯନ୍ତ୍ର କରିଥିବା ଜଣାପଡିବା ପରେ ତାଙ୍କୁ ଧରିବାକୁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିଲା। ତାଙ୍କ ଘରେ ପୋଲିସ ଚଢାଉ କରିବା ସମୟରେ ରାଜା ଥରେ ଖସିଯାଇଥିଲେ। ତେଣୁ ତାଙ୍କୁ ଜାଲରେ ଫସାଇବା ପାଇଁ ପୋଲିସ ଉତ୍ତରପ୍ରଦେଶର ଗ୍ୟାଙ୍ଗଷ୍ଟର୍ ବିକାଶ ଦୁବେଙ୍କ ଭଳି ଏନ୍‌କାଉଣ୍ଟର କରିବ ବୋଲି ମିଥ୍ୟା ପ୍ରଚାର କରିଥିଲା। ଏହି ଖବର ପାଇବା ପରେ ମଧ୍ୟାହ୍ନ ପ୍ରାୟ ୧୨ଟାରେ ରାଜା ଭୟରେ କୋର୍ଟକୁ ଆତ୍ମସମର୍ପଣ ପାଇଁ ଆସୁଥିଲେ। ନଜର ରଖିଥିବା ପୋଲିସ ତାଙ୍କୁ ପିଛା କରୁଥିବା ଦେଖି ରାଜା କୋର୍ଟ ଭିତରକୁ ଦୌଡି ପଶିଯାଇଥିଲେ। ଶେଷରେ ତାଙ୍କୁ କୋର୍ଟ ଭିତରେ ଥିବା ପୋଲିସ ହାଜତରେ ରଖାଯାଇଥିଲା। ମନରେ ଏନ୍‌କାଉଣ୍ଟରର ଭୟ ଏତେ ପଶିଯାଇଥିଲା ଯେ, ସେ ହାଜତ ଭିତରେ ବସିବା ସମୟରେ ଥରୁଥିବା ଦେଖିବାକୁ ମିଳିଥିଲା। ତେବେ ରାଜାଙ୍କ ପାଇଁ ଆଇନଜୀବୀ ଲିଙ୍ଗରାଜ ଦାଶ ଓ ଭକ୍ତଭୂଷଣ ବାରିକ ମାମଲା ପରିଚାଳନା କରିଥିଲେ। ହେଲେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଝାରପଡା ଜେଲକୁ ପଠାଇ ଦିଆଯାଇଛି। ଶୁକ୍ରବାର ପୋଲିସ ତାଙ୍କୁ ରିମାଣ୍ଡରେ ନେବା ପାଇଁ କୋର୍ଟରେ ଆବେଦନ କରିବ। ଅନୁମତି ମିଳିବା ପରେ ହତ୍ୟା ପାଇଁ ସେ କାହାକୁ ସୁପାରି ଦେଇଥିଲେ ତାହା ସ୍ପଷ୍ଟ ହେବ। ତେବେ ଏହି ଘଟଣାରେ ରାଜା ଏକୁଟିଆ ସଂପୃକ୍ତ ଅଛନ୍ତି ନା ତାଙ୍କ ବାପା ଦିଲୁ ଓ ଜେଜେବାପା ବଳରାମଙ୍କ ସମ୍ପୃକ୍ତି ରହିଛି ତାହା ମଧ୍ୟ ଜଣାପଡିବ ବୋଲି ଏସିପି ପାତ୍ର କହିଛନ୍ତି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ବଳରାମ ମିଠା ଦୋକାନରେ ପ୍ରଭାକର ବେହେରା ଓରଫ ଜମ୍ମୁ ମୁଖ୍ୟମିସ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ବଳରାମ ଦୋକାନ ବନ୍ଦ ହେବା ପରେ ପ୍ରଭାକର ଉକ୍ତ ଛକରେ ପାଲ ଟାଣି ମିଠା ବେପାର କରୁଥିଲେ। ପରେ ବଳରାମ ମିଠା ଦୋକାନ ଖୋଲିଥିଲେ ମଧ୍ୟ ବ୍ୟବସାୟ ମାନ୍ଦା ହୋଇଥିଲା। ଦିଲୁ ଓ ତାଙ୍କ ପୁଅ ରାଜା ଉକ୍ତ ସ୍ଥାନ ଛାଡ଼ି ଚାଲିଯିବାରୁ ପ୍ରଭାକରଙ୍କୁ ଧମକ ଦେବା ସହ ତାଙ୍କ ଦୋକାନ ଭଙ୍ଗାରୁଜା କରିଥିଲେ। ଥାନାରେ ମାମଲା ହେବା ପରେ ଆପୋସ ସମାଧାନ ହୋଇଥିଲା। ଶେଷରେ ଗତ ୪ ତାରିଖରେ ରାଜା ତା'ର ଦୁଇ ସହଯୋଗୀଙ୍କୁ ସୁପାରି ଦେଇ ପ୍ରଭାକରଙ୍କୁ ହତ୍ୟା କରିଥିଲେ।

## ବାଲେଶ୍ୱର ଜେଲରେ ସକିଲ, କଟକରେ ରାଜୁତି

କଟକ ଅଫିସ,୮।୧୦



ଗିରଫ ଦୁଇ ଅଭିଯୁକ୍ତ ।



ଜବତ ବନ୍ଧୁକ।

- ଯୁବକଙ୍କୁ ଅପହରଣ, ହତ୍ୟା ଉଦ୍ୟମ ମାମଲା
- ବନ୍ଧୁକ ଜବତ, ୨ଗିରଫ

କଟକ ମଧୁପାଟଣା ଥାନା ଅଞ୍ଚଳରେ ଜଣେ ଯୁବକଙ୍କୁ ଅପହରଣ ଓ ହତ୍ୟା ଉଦ୍ୟମ ଘଟଣାରେ ପୋଲିସ ଗୁରୁବାର ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଜଗତ୍‌ସିଂହପୁରର ବଣ୍ଟି ଓରଫ ଶିବପ୍ରସାଦ ଖଟୁଆ ଓ କାଜିହି ଅଞ୍ଚଳର ମୁନା ଓରଫ କପିଳ ଦାସ। ଏମାନଙ୍କ ନିକଟରୁ ଦେଶୀ ବନ୍ଧୁକ ଜବତ ହୋଇଛି। ବଣ୍ଟିଙ୍କ ନାମରେ କଟକର ବିଭିନ୍ନ ଥାନାରେ ମାମଲା ରହିଛି। ଏହି ଘଟଣାରେ ଗ୍ୟାଙ୍ଗଷ୍ଟର ସକିଲ ଅହମ୍ମଦର ସମ୍ପୃକ୍ତି ରହିଥିବା ବେଳେ ଫେରାର ୨ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଡିସିପି ପ୍ରତୀକ ସିଂ କହିଛନ୍ତି। ବାଲେଶ୍ୱର ଜେଲରେ ଥାଇ ମଧ୍ୟ ସକିଲ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରି କଟକରେ ବିଭିନ୍ନ ଅପରାଧ ଘଟାଇ ଚାଲିଛି।

ପୋଲିସ ସୂଚନା ଅନୁଯାୟୀ, ରାଜେନ୍ଦ୍ରନଗର ଅଞ୍ଚଳର ବିଶ୍ୱଜିତ୍ ଲେଙ୍କା ଏକ ମୋମୋ ଦୋକାନରେ କାମ କରନ୍ତି। ଉକ୍ତ ଦୋକାନର ମାଲିକ ବାବୁ ଓରଫ ଅଭିଷେକ ସାହୁ ସକିଲଙ୍କ ପୂର୍ବତନ ସହଯୋଗୀ ଥିଲେ। ବିଭିନ୍ନ ଆପରାଧିକ ମାମଲାରେ ଜେଲ ଯାଇ ଫେରିବା ପରେ ସେ ଦୋକାନ କରିଥିଲେ। ପୁଣିଥରେ ବାବୁଙ୍କୁ ଗ୍ୟାଙ୍ଗରେ ମିଶିବାକୁ ସକିଲଙ୍କ ନିର୍ଦ୍ଦେଶ ରହିଥିଲା। ହେଲେ ସେ ମନା କରିବାରୁ କେତେଜଣ ଯୁବକ ତାଙ୍କ ଦୋକାନରେ ପହଞ୍ଚି ଭଙ୍ଗାରୁଜା କରିବା ସହ ଅଭିଜିତ୍‌ଙ୍କୁ ଅପହରଣ କରି ନେଇଥିଲେ। ଏହା ସହ ଟ୍ରେନ ଲାଇନ ପାର୍ଶ୍ୱରେ ତାଙ୍କୁ ମାଡ଼ ମାରିବା ସହ ହତ୍ୟା ଧମକ ଦେଇଥିଲେ। ଏନେଇ ବିଶ୍ୱଜିତ୍ ଗତ ୩ତାରିଖରେ ମଧୁପାଟଣା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୧୫୬/୨୦) ରୁଜୁକରି ତଦନ୍ତ ଚଳାଇଥିଲା। ଏ ସମ୍ପର୍କରେ ଡିସିପି ସିଂ କହିଛନ୍ତି, ସକିଲଙ୍କ ଗତିବିଧି ଉପରେ ସମ୍ପୂର୍ଣ୍ଣ ନଜର ରଖିବାକୁ ଜେଲ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି। ତଥାପି ସେ ଆପରାଧିକ ଯୋଜନା କିପରି କରୁଛନ୍ତି ତାହା ଚକିତ କରୁଛି। ଗୋଟିଏ ଜେଲରୁ ଅନ୍ୟଏକ ଜେଲକୁ ସ୍ଥାନାନ୍ତର କରିବା ପରେ ମଧ୍ୟ ସେ ଯୋଜନାରେ ସଫଳ ହେଉଛି। ଜେଲରେ ତାଙ୍କୁ କେହି ବ୍ୟକ୍ତି ଭେଟିବା ସମୟରେ ଯୋଜନାକୁ ସେ କାର୍ଯ୍ୟକାରୀ କରୁଛନ୍ତି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଓମ୍‌ଫେଡ୍ ଦୁଗ୍ଧ ଚାଷୀଙ୍କୁ ୩ ଲକ୍ଷ ଋଣ ମିଳୁ

■ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଧର୍ମେନ୍ଦ୍ରଙ୍କ ଚିଠି



ଭୁବନେଶ୍ୱର, ୮।୧୦(ବ୍ୟୁରୋ): ଓଡ଼ିଶା ଓମ୍‌ଫେଡ୍ ଦୁଗ୍ଧଚାଷୀଙ୍କ ପାଇଁ କିଷାନ କ୍ରେଡିଟ୍ କାର୍ଡ(କେସିସି) ମାଧ୍ୟମରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦେବା ମାମଲାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବ୍ୟକ୍ତିଗତ ହସ୍ତକ୍ଷେପ କରିଛନ୍ତି। ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମନଙ୍କୁ ବୁଧବାର ପତ୍ର ଲେଖି ଧର୍ମେନ୍ଦ୍ର ଅନୁରୋଧ କରିଛନ୍ତି। ସେ ତାଙ୍କ ପତ୍ରରେ ଧ୍ରୁବଚରଣ ପରିଡ଼ାଙ୍କ ଏକ ଅଭିଯୋଗ ପତ୍ରକୁ ସଂଲଗ୍ନ କରି ଉଲ୍ଲେଖ କରିଛନ୍ତି, ବ୍ୟାଙ୍କ ମାଧ୍ୟମରେ ଓମ୍‌ଫେଡ୍ ଦୁଗ୍ଧଚାଷୀଙ୍କୁ କିଷାନ କ୍ରେଡିଟ୍ କାର୍ଡରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଥିବା ବ୍ୟବସ୍ଥା ରହିଛି। ମାତ୍ର କୌଣସି ବ୍ୟାଙ୍କ୍ ଋଣ ଦେବାକୁ ଇଚ୍ଛା କରୁ ନ ଥିବା ଅଭିଯୋଗ ଆସୁଛି। ତେଣୁ ଏହି ମାମଲାରେ ବ୍ୟକ୍ତିଗତଭାବେ ହସ୍ତକ୍ଷେପ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ଧ୍ରୁବଚରଣ ନିକଟରେ ଧର୍ମେନ୍ଦ୍ରଙ୍କୁ ଲେଖିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଥିଲେ, ଅର୍ଥ ମନ୍ତ୍ରଣାଳୟ ପତ୍ର ନମ୍ବର(ଏମ୍‌୦୧୦୦୭୧୫୧୨୦୨୦)ରେ ବ୍ୟାଙ୍କ ଜରିଆରେ ଓମ୍‌ଫେଡ୍ ଦୁଗ୍ଧ ଚାଷୀଙ୍କୁ ୩ ଲକ୍ଷ ଟଙ୍କାର କିଷାନ କ୍ରେଡିଟ୍ କାର୍ଡ୍ ଦେବାକୁ ନିର୍ଦ୍ଦେଶ ହୋଇଛି । କିନ୍ତୁ ବ୍ୟାଙ୍କଗୁଡିକ ଋଣ ଦେବା ପାଇଁ ଇଚ୍ଛା କରୁନାହାନ୍ତି, ଯେଉଁ କାରଣରୁ ଓମ୍‌ଫେଡ୍ ଦୁଗ୍ଧଚାଷୀମାନେ କୋଭିଡ୍-୧୯ ସମୟରେ ହଇରାଣ ହେଉଛନ୍ତି ।

### କଂଗ୍ରେସ ରଘୁନାଥପୁର ବ୍ଲକ ପ୍ରଚାର କମିଟି ଘୋଷଣା

ଭୁବନେଶ୍ୱର, ୮।୧୦(ବ୍ୟୁରୋ): ତିର୍ତ୍ତୋଲ ଉପନିର୍ବାଚନରେ ପ୍ରଚାର କାର୍ଯ୍ୟ ପରିଚାଳନା ପାଇଁ ବରିଷ୍ଠ ନେତା ଚିରଞ୍ଜୀବ ବିଶ୍ୱାଳଙ୍କ ସୁପାରିସକ୍ରମେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ରଘୁନାଥପୁର ବ୍ଲକ ନିର୍ବାଚନ ପ୍ରଚାର କମିଟିକୁ ଅନୁମୋଦନ କରିଛନ୍ତି। ଏହି କମିଟି ଆବାହକଭାବେ ପ୍ରତିମା ମଲ୍ଲିକ ରହିଥିବା ବେଳେ ସହ-ଆବାହକ ସର୍ବେଶ୍ୱର ପଣ୍ଡା ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କମିଟିରେ ପ୍ରଶାନ୍ତ କୁମାର ଦାସ, ମନୋରଞ୍ଜନ ଜେନା, ଦେବବ୍ରତ ତ୍ରିପାଠୀ, କାଳନ୍ଦୀ ମହାନ୍ତି, ଆର୍ତ୍ତତ୍ରାଣ ପଣ୍ଡା, ରୌନକ୍ ଅଲ୍ଲୀ ଖାଁ, ଶରତ ଚନ୍ଦ୍ର ବାରିକ, ଧୀରେନ୍ଦ୍ରନାଥ ମଲ୍ଲିକ, ସମରାଜ ଦାସ, ପ୍ରଫୁଲ୍ଲ କୁମାର ମହାନ୍ତି, ବିଜନ କୁମାର ସ୍ୱାଇଁ, ଜ୍ଞାନରଞ୍ଜନ ପଟ୍ଟନାୟକ ପ୍ରମୁଖ ରହିଛନ୍ତି ବୋଲି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।

# ୮୭୯୬ କୋଟିର ୧୨ ଶିଳ୍ପ ପ୍ରକଳ୍ପ ଶୁଭାରମ୍ଭ

ଭୁବନେଶ୍ୱର, ୮।୧୦(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ୮୭୯୬.୬୧ କୋଟି ଟଙ୍କାର ୧୨ଟି ବିଭିନ୍ନ ଶିଳ୍ପ ପ୍ରକଳ୍ପକୁ ଶୁଭାରମ୍ଭ କରିଛନ୍ତି। ସେଥିରେ ୯ଟି କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଥିବା ବେଳେ ୩ଟି ବୃହତ୍ ପ୍ରକଳ୍ପ ରହିଛି। ଏଥିରେ ସ୍ୱାସ୍ଥ୍ୟ, ଅକ୍ଷୟ ଶକ୍ତି, ଇସ୍ପାତ, ସୂଚନା, ସିମେଣ୍ଟ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଆଦି ପ୍ରକଳ୍ପ ରହିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କୋଭିଡ୍ ସମୟରେ ମଧ୍ୟ ଓଡ଼ିଶା ପୁଞ୍ଜିନିବେଶକାରୀଙ୍କ ପାଇଁ ଏକ ଆକର୍ଷଣୀୟ ରାଜ୍ୟ ହୋଇପାରିଛି। ଏହି ସବୁ ପ୍ରକଳ୍ପ ଦ୍ୱାରା ରାଜ୍ୟରେ ୭ ହଜାର ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। କୋଭିଡ୍ ମହାମାରୀ ବେଳେ ଶିଳ୍ପଭିତ୍ତିକ ଅର୍ଥନୀତିର ପୁନରୁଦ୍ଧାର ହେବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନର ସୂଚକାଙ୍କ ଯାହା ଦର୍ଶାଉଛି ରାଜ୍ୟର ଅର୍ଥନୀତି ପୁଣି ପୂର୍ବସ୍ଥିତିକୁ ଫେରୁଛି। ଶିଳ୍ପାନୁଷ୍ଠାନଗୁଡ଼ିକ ଏବେ ପୁନରୁଦ୍ଧାର ପଥରେ ଆଗେଇ ଚାଲିଛନ୍ତି। ନୂତନ ପ୍ରକଳ୍ପ ଶିଳ୍ପ କ୍ଷେତ୍ରକୁ ଅଧିକ ବଳ ଯୋଗାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶିଳ୍ପ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ଲାଗି ସମସ୍ତ ବିଭାଗ ମିଳିତ ଭାବେ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନୂତନ ପ୍ରକଳ୍ପଗୁଡ଼ିକୁ ସ୍ୱାଗତ କରିବା ସହ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦେବାକୁ କହିଛନ୍ତି। ରାଜ୍ୟରେ ନୂତନ ଶିଳ୍ପ ପ୍ରକଳ୍ପ ଆରମ୍ଭକୁ ନେଇ ଶିଳ୍ପମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ଖୁସି ବ୍ୟକ୍ତ କରିଛନ୍ତି।

ଇସ୍ପାତ ଓ ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଢେଙ୍କାନାଳ ରୁଙ୍ଗଟା ମାଇନ୍ସ ଇଣ୍ଟିଗ୍ରେଟେଡ ଷ୍ଟିଲ ପ୍ରକଳ୍ପ ଶୁଭାରମ୍ଭ

■ ୭ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ

■ କୋଭିଡ୍ ସମୟରେ ବି ପୁଞ୍ଜିନିବେଶକାରୀଙ୍କ ପାଇ ଓଡ଼ିଶା ପ୍ରକୃଷ୍ଟ ସ୍ଥାନ: ମୁଖ୍ୟମନ୍ତ୍ରୀ

ସମୟରେ ଉପସ୍ଥିତ ଥିବାବେଳେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ବରଗଡ଼ ଜିଲାର ବିଜେପୁରଠାରେ ଆଦିତ୍ୟ ବିର୍ଲା ରିନ୍ୟୁଏବଲ ଏନର୍ଜି ଲିମିଟେଡ ପ୍ରକଳ୍ପର ଶୁଭାରମ୍ଭ ବେଳେ ଉପସ୍ଥିତ ଥିଲେ। ଏହାଛଡ଼ା ପ୍ରକଳ୍ପ ଶୁଭାରମ୍ଭବେଳେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, ଶିଳ୍ପ ସଚିବ ହେମନ୍ତ ଶର୍ମା, ଇଡ୍‌କୋ ସିଏମ୍‌ଡି ସଞ୍ଜୟ ସିଂ, ଏମ୍‌ଏସ୍‌ଏମ୍‌ଇ ସଚିବ ସତ୍ୟବ୍ରତ ସାହୁ, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି. କେ. ପାଣ୍ଡିଆନ ପ୍ରମୁଖ ଉପସ୍ଥିତ ଥିଲେ।

ରୁଙ୍ଗଟା ମାଇନ୍ସ ଢେଙ୍କାନାଳ ଜିଲାର ଝାରବନ୍ଧଠାରେ ୦.୯ ନିୟୁତ ଟନ୍‌ରୁ ୨.୮୫ ନିୟୁତ ଟନ୍‌ବିଶିଷ୍ଟ ଇସ୍ପାତ ପ୍ରକଳ୍ପ ସ୍ଥାପନ କରିବ। ସେହିପରି ଶ୍ରୀରାମ ମେଟାଲିକ୍ସ ସମ୍ବଲପୁର ଜିଲାର ପାଣ୍ଡୋଲଇ ଠାରେ ୧.୨ ନିୟୁତ ଟନ୍‌ର ପେଲେଟ ପ୍ଲାଣ୍ଟ, ୟୁବିଏନ୍ ସଫ୍ଟୱେର ସଲ୍ୟୁଶନ ଖୋର୍ଦ୍ଧା ଜିଲାର ଏସ୍‌ଇଜେଡ୍ ଭ୍ୟାଲିରେ ଏକ ସଫ୍ଟୱେର ଡେଭଲପମେଣ୍ଟ ସେଣ୍ଟର, ବି-ୱାନ ବିଜ୍‌ନେସ ହାଉସ ଖୋର୍ଦ୍ଧାର ଡେରାସଠାରେ ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ କରିବ। ସେହିପରି ଅନ୍ୟ ପୁଞ୍ଜିନିବେଶକାରୀମାନେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରକଳ୍ପ ସ୍ଥାପନ କରିବା ଆରମ୍ଭ କରିଛନ୍ତି।

# ଭିଜିଲାନ୍ସ ଜାଲରେ କଲେଜ ଅଧ୍ୟକ୍ଷ

ବ୍ରହ୍ମପୁର ଅଫିସ,୮।୧୦

ଗଞ୍ଜାମ ଜିଲା କୁକୁଡ଼ାଖଣ୍ଡି ଯୁକ୍ତ ୨ ବିଜ୍ଞାନ ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷ ଦାୟିତ୍ୱରେ ଥିବା ଏମ୍. ଟୁନା ପାତ୍ର ଲାଞ୍ଚ ନେଉଥିବା ବେଳେ ଗୁରୁବାର ବ୍ରହ୍ମପୁର ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ସେ ପଦାର୍ଥ ବିଜ୍ଞାନ ଡେମନଷ୍ଟ୍ରେଟର ବସନ୍ତ କୁମାର ଜେନାଙ୍କ ଜିପିଏଫ ଓ ଏମ୍‌ଏସିପି ବିଲ୍ ପାସ୍ କରିବା ପାଇଁ ୨୦ ହଜାର ଟଙ୍କା ଦାବି କରିଥିଲେ। ପାତ୍ରଙ୍କଠାରୁ ଲାଞ୍ଚ ଟଙ୍କା ଜବତ ହୋଇଛି। ତାଙ୍କ ପୈତୃକ ବାସଭବନ ପାଟପୁର ଥାନା କୁରୁଡ଼ା ଗ୍ରାମ ସମେତ କୁକୁଡ଼ାଖଣ୍ଡି ସୂର୍ଯ୍ୟନଗରରେ ରହୁଥିବା ଭଡ଼ା ଘରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ଜାରି ରହିଛି। ମାମଲା ନଂ ୧୫/୨୦ରେ ପାତ୍ରଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି ବୋଲି ଭିଜିଲାନ୍ସ ଏସ୍‌ପି ଅନିଲ କୁମାର ପାତ୍ର ସୂଚନା ଦେଇଛନ୍ତି। ବସନ୍ତ କୁମାର ଜେନା ୧୯୯୨ରୁ ଉକ୍ତ କଲେଜରେ ପଦାର୍ଥ ବିଜ୍ଞାନ ଡେମନଷ୍ଟ୍ରେଟର ଭାବେ କାମ କରନ୍ତି। ସେ ତାଙ୍କର ଜିପିଏଫ ବକେୟା ବିଲ ୧ ଲକ୍ଷ ୧୮ ହଜାର ଟଙ୍କା ଓ



ଏମ୍. ଟୁନା ପାତ୍ର

ଏମ୍‌ଏସିପି ବାବଦକୁ ୨ ଲକ୍ଷ ଟଙ୍କାର ବିଲ ପାସ ପାଇଁ ଅଧ୍ୟକ୍ଷଙ୍କ ନିକଟରେ ଆବେଦନ କରିଥିଲେ। ଏଥିପାଇଁ ପାତ୍ର ଟଙ୍କା ମାଗିବାରୁ ବସନ୍ତ ବ୍ରହ୍ମପୁର ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ପୂର୍ବରୁ ପାତ୍ର ୫ ହଜାର ଟଙ୍କା ନେଇଥିଲେ। ଗୁରୁବାର କଲେଜ ପରିସରରେ ବସନ୍ତଙ୍କଠାରୁ ପାତ୍ର ଆଉ ୧୫ ହଜାର ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀଙ୍କ ହାତରେ ଧରାପଡ଼ି ଥିଲେ।

# ବୋଟ୍ ଆମ୍ବୁଲାନ୍ସ ସେବା ଆରମ୍ଭ



ଉଦ୍‌ଘାଟିତ ହୋଇଥିବା ବୋଟ୍ ଆମ୍ବୁଲାନ୍ସ ।

ରାଜନଗର,୮।୧୦(ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଉପାନ୍ତ ଅଞ୍ଚଳରେ ରୋଗୀଙ୍କ ପାଇଁ ଗୁରୁବାରରୁ ଜଳପଥରେ ବୋଟ୍ ଆମ୍ବୁଲାନ୍ସ ସେବା ଆରମ୍ଭ ହୋଇଛି। ବ୍ଲକ ଅନ୍ତର୍ଗତ ଗୁପ୍ତିଘାଟରେ ଅନୁଷ୍ଠିତ ଲୋକାର୍ପିତ କାର୍ଯ୍ୟକ୍ରମରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ୪୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ବୋଟ୍ ଆମ୍ବୁଲାନ୍ସ ଜରିଆରେ ଖୋଳାନଦୀର ଗୁପ୍ତି, ଈଶ୍ୱରପୁର ପଞ୍ଚାୟତର ଜୁନୁସ ନଗର, ରଙ୍ଗଣୀ ପଞ୍ଚାୟତର କୋଠିଘାଟରୁ ରୋଗୀଙ୍କୁ ତ୍ୱରିତ ସେବା ଯୋଗାଇ ଦିଆଯିବ। ଏହା ଜରିଆରେ ରଙ୍ଗଣୀ, କେରୁଆଁପାଳ, ବାଘମାରି, ତାଳଚୁଆ ଓ ଈଶ୍ୱରପୁର ପଞ୍ଚାୟତର ୫୦ହଜାରରୁ ଊର୍ଦ୍ଧ୍ୱ ଲୋକେ ଉପକୃତ ହେବେ। ପୂର୍ବରୁ ଉପାନ୍ତ ଅଞ୍ଚଳରେ ଆମ୍ବୁଲାନ୍ସ ସେବା ପହଞ୍ଚିପାରୁ ନ ଥିବାରୁ ଗର୍ଭବତୀ ଓ ଗୁରୁତର ରୋଗୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏବେ ବୋଟ୍ ଆମ୍ବୁଲାନ୍ସ ସେବା ଆରମ୍ଭ ହେବା ପରେ ସ୍ଥାନୀୟ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇହେବ ବୋଲି ବିଧାୟକ ସାହୁ କହିଛନ୍ତି। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ଜୟୀରାମ ସେଠୀ, କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଡ. ଅନିତା ପଟ୍ଟନାୟକ, ସହ ମୁଖ୍ୟ ଚିକିତ୍ସା ଅଧିକାରୀ ନୃପେଣ ଶତପଥୀ ଓ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀ ଡ. ରଶ୍ମି ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଦଳୀୟ ସ୍ଥିତି ନେଇ ଚେଲ୍ଲାକୁମାରଙ୍କ ଆଲୋଚନା

ଭୁବନେଶ୍ୱର, ୮।୧୦(ବ୍ୟୁରୋ)

ପ୍ରଦେଶ କଂଗ୍ରେସ କମିଟି(ପିସିସି) ରାଜ୍ୟ ପ୍ରଭାରୀ ଏ. ଚେଲ୍ଲାକୁମାର ଗୁରୁବାର ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ଗସ୍ତ କାର୍ଯ୍ୟକ୍ରମ ଶେଷକରି ଫେରିବା ପରେ ଦଳୀୟ ନେତୃବୃନ୍ଦଙ୍କୁ ଜଣ ଜଣ କରି ଭେଟିଛନ୍ତି। ତେବେ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଚେଲ୍ଲାକୁମାର ନେତାମାନଙ୍କ ସହ କଂଗ୍ରେସ ଭବନଠାରେ ଆଲୋଚନା କରିଛନ୍ତି। ସେ ଶୃଙ୍ଖଳା ଉପରେ ବିଶେଷ ଧ୍ୟାନଦେବା ପାଇଁ କହିବା ସହ ସମସ୍ତେ ଏକାଠି ଲଢ଼ିଲେ ଦଳ ରାଜ୍ୟରେ ଭଲ ପ୍ରଦର୍ଶନ କରିପାରିବ ବୋଲି ମତ ରଖିଥିଲେ। ତେବେ ରାଜ୍ୟରେ ଦଳୀୟ ସ୍ଥିତି ଦୁର୍ବଳ ହେବା ନେଇ କେଉଁସବୁ କାରଣ ରହିଛି ସେନେଇ ମୁଖ୍ୟତଃ ସମସ୍ତଙ୍କ ନିକଟରୁ ସେ ଜାଣିବା ପାଇଁ ଚେଷ୍ଟା କରିଛନ୍ତି। ତାଙ୍କୁ ସାକ୍ଷାତ କରିଥିବା ଦଳର ବହୁ ବରିଷ୍ଠ ନେତା ଗତ ସାଧାରଣ ନିର୍ବାଚନର ଫଳାଫଳ ଏବଂ ବର୍ତ୍ତମାନ ସ୍ଥିତିରେ ପିସିସି ପରିବର୍ତ୍ତନ ଜରୁରୀ ବୋଲି ମତ ରଖିଥିବା ଜଣାପଡିଛି। ଏହାସହ ଗୋଟିଏ ପରିବାରର ଏକାଧିକ ନେତା ନିର୍ବାଚନରେ ଟିକେଟ ହାତେଇଥିବା ପ୍ରସଙ୍ଗ ଉପରେ ମଧ୍ୟ ଚେଲ୍ଲାକୁମାରଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାପଡ଼ିଛି।

# ବାଲି ସୈରାତରୁ ୧୨୪ % ରାଜସ୍ୱ ବୃଦ୍ଧି

ଭୁବନେଶ୍ୱର, ୮।୧୦(ବ୍ୟୁରୋ): ଗତ ବର୍ଷ ତୁଳନାରେ ୨୦୧୯-୨୦ ଆର୍ଥିକ ବର୍ଷରେ ବାଲି ସୈରାତ ଉତ୍ସରୁ ରାଜସ୍ୱ ବୃଦ୍ଧି ପାଇଛି। ଚିହ୍ନିତ ନୂଆ ଉତ୍ସକୁ ମିଶାଇ ରାଜ୍ୟରେ ଥିବା ମୋଟ୍ ୧୮୫୯ ବାଲି ସଇରାତ ଉତ୍ସରୁ ୧୨୪ ପ୍ରତିଶତ ରାଜସ୍ୱ ବୃଦ୍ଧି ହୋଇଛି। ମୁଖ୍ୟ ସଚିବ ଅସିତ୍ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଡିଜିଟାଲ ମୋଡ୍‌ରେ ଅନୁଷ୍ଠିତ ଏକ ରାଜ୍ୟସ୍ତରୀୟ ସମୀକ୍ଷା ବୈଠକରୁ ଏହା ଜଣାପଡ଼ିଛି। ଏ ପର୍ଯ୍ୟନ୍ତ ହୋଇଥିବା ଅଗ୍ରଗତି ସମ୍ପର୍କରେ ସମୀକ୍ଷାକରି ବାଲିର ଚାହିଦା ଏବଂ ଯୋଗାଣ ମଧ୍ୟରେ ରହିଥିବା ତାରତମ୍ୟ ଦୂର କରି ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମସ୍ତ ସୈରାତ ଉତ୍ସ କାର୍ଯ୍ୟକ୍ଷମ କରିବାକୁ ମୁଖ୍ୟ ସଚିବ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି ଯେ, ଆଇନଗତ ଭାବେ କାର୍ଯ୍ୟକ୍ଷମ ଉତ୍ସ ବୃଦ୍ଧି ଦ୍ୱାରା ନିର୍ମାଣ କ୍ଷେତ୍ର ପାଇଁ ବାଲି ଯୋଗାଣ ସୁନିଶ୍ଚିତ କରିବା, ବାଲି ଚୋରି ରୋକିବା ଏବଂ ରାଜସ୍ୱ ସଂଗ୍ରହ ବୃଦ୍ଧି ହେବ। ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶାନୁଯାୟୀ ଚଳିତବର୍ଷ ନୂଆ ବାଲି ଉତ୍ସ ଚିହ୍ନଟ ପାଇଁ କ୍ଷେତ୍ରରେ ରାଜସ୍ୱ ଅଧିକାରୀଙ୍କ ଦ୍ୱାରା ବ୍ୟାପକ ସର୍ଭେ କରାଯାଇଥିଲା। ଏହାଦ୍ୱାରା ପାଖାପାଖି ୪୫୦ ନୂଆ ଉତ୍ସ ଚିହ୍ନଟ କରାଯାଇଛି। ଫଳରେ ମୋଟ୍ ବାଲି ସୈରାତ ଉତ୍ସ ସଂଖ୍ୟା ୧୮୫୯କୁ ବୃଦ୍ଧି ପାଇଛି। ସେଥିମଧ୍ୟରୁ ଚଳିତବର୍ଷ ୬୫୦ ଉତ୍ସର ନିଲାମ କରାଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ କହିଛନ୍ତି, ରାଜ୍ୟରେ ଖଣି ଖନନ ପାଇଁ ବାଲିର ବାର୍ଷିକ ଉପଲବ୍ଧତା ୧,୧୨,୩୫,୩୯୨ କ୍ୟୁବିକ୍ ମିଟରକୁ ବୃଦ୍ଧି ପାଇଛି। ଏଥିମଧ୍ୟରୁ ବାର୍ଷିକ ୬୫,୭୦,୫୦୯ କ୍ୟୁବିକ ମିଟର ଅମଳ କ୍ଷମତା ବିଶିଷ୍ଟ ସଇରାତଗୁଡ଼ିକ ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇଛି। ଲଘୁ ଖଣିଜ ନିର୍ଦ୍ଦେଶକ ବିଭୂତି ଭୂଷଣ ଦାସ କହିଛନ୍ତି, ୨୦୧୯-୨୦ ଆର୍ଥିକ ବର୍ଷରେ ବାଲିରୁ ମୋଟ୍ ୬୮୦ କୋଟି ଟଙ୍କାର ରାଜସ୍ୱ ବୃଦ୍ଧି ପାଇଛି। ୨୦୧୮-୧୯ରେ ଏଥିରୁ ମୋଟ୍ ୩୦୩ କୋଟି ଟଙ୍କା ରାଜସ୍ୱ ମିଳିଥିଲା। ଫଳରେ ୧୨୪ ପ୍ରତିଶତ ରେକର୍ଡ ଅଭିବୃଦ୍ଧି ହୋଇଛି।

# ଦିବ୍ୟାଙ୍ଗ, ବୟସ୍କ, କରୋନା ଆକ୍ରାନ୍ତଙ୍କ ଭୋଟିଂକୁ ନେଇ ସମୀକ୍ଷା

ଭୁବନେଶ୍ୱର, ୮।୧୦(ବ୍ୟୁରୋ)

ବାଲେଶ୍ୱର ସଦର ଏବଂ ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀରେ ହେବାକୁ ଥିବା ଉପନିର୍ବାଚନରେ ୮୦ରୁ ଅଧିକ ବୟସ୍କ, ଦିବ୍ୟାଙ୍ଗ ଏବଂ କରୋନାରେ ଆକ୍ରାନ୍ତ କିପରି ଭୋଟ ଦେବେ ସେନେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ଏହି ଭୋଟରମାନେ ପୋଷ୍ଟାଲ ବାଲାଟ୍ ମାଧ୍ୟମରେ ସୁରୁଖୁରୁରେ ମତଦାନ କରିପାରିବେ। ସେନେଇ ଗୁରୁବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ବାଲେଶ୍ୱର ଏବଂ ଜଗତ୍‌ସିଂହପୁର ଜିଲାପାଳଙ୍କ ସହ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ସମୀକ୍ଷା କରିଛନ୍ତି। ନାମାଙ୍କନ ଦାଖଲର ପ୍ରଥମରୁ ୫ଦିନ ପର୍ଯ୍ୟନ୍ତ ଅର୍ଥାତ୍ ଅକ୍ଟୋବର ୧୪ ସୁଦ୍ଧା ଉପରୋକ୍ତ ୩ ଶ୍ରେଣୀର ଭୋଟର ପୋଷ୍ଟାଲ ବାଲାଟ ପାଇଁ ଫର୍ମ ୧୨ (ଘ) ଜରିଆରେ ସମ୍ପୃକ୍ତ ନିର୍ବାଚନ ଅଧିକାରୀଙ୍କୁ ଆବେଦନ କରିବେ। ଅକ୍ଟୋବର ୨୧ରୁ ନଭେମ୍ବର ୧ ପର୍ଯ୍ୟନ୍ତ ସ୍ୱତନ୍ତ୍ରଭାବେ ନିଯୁକ୍ତ ପୋଲିଂ ଅଧିକାରୀଙ୍କ ଦ୍ୱାରା ଘରକୁ ଘର ଯାଇ ସମ୍ପୃକ୍ତ ବ୍ୟକ୍ତିଙ୍କ ପ୍ରଦତ୍ତ ଠିକଣାରେ ପୋଷ୍ଟାଲ ବାଲାଟଗୁଡ଼ିକୁ ଯୋଗାଇ ଦିଆଯିବ। ସମ୍ପୂର୍ଣ୍ଣ ଗୋପନୀୟତା ମଧ୍ୟରେ ସମ୍ପୃକ୍ତ ଭୋଟର ପୋଷ୍ଟାଲ ବାଲାଟରେ ମତଦାନ କରିସାରିବା ପରେ ମୁଦା ଲଫାପାରେ ତାହାକୁ ପୁଣିଥରେ ପୋଲିଂ ଅଧିକାରୀଙ୍କୁ ଫେରାଇବେ।

# ବିଧାନସୌଧ କମ୍ପ୍ୟୁଟରୀକରଣ ଲାଗି ବାଚସ୍ପତିଙ୍କ ସମୀକ୍ଷା

ଭୁବନେଶ୍ୱର, ୮।୧୦(ବ୍ୟୁରୋ)

ବିଧାନସୌଧ କମ୍ପ୍ୟୁଟରୀକରଣ ସମ୍ପର୍କିତ ଏକ ସମୀକ୍ଷା ବୈଠକ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରିଣ୍ଟଲିଙ୍କସ୍ ପରିଚାଳନା ନିର୍ଦ୍ଦେଶକ କହିଛନ୍ତି, ବିଧାନସୌଧର ୱାଇ-ଫାଇ, ଲାନ୍ ଓ ଭିଡିଓ କନ୍‌ଫରେନ୍ସ କାର୍ଯ୍ୟ ସରିଛି। ଇଣ୍ଟରନେଟ୍ ବେଗ ୧୦୦ ଏମ୍‌ବିପିଏସ୍‌କୁ ବୃଦ୍ଧି ଲାଗି ଏନ୍‌ଆଇସି, ନୂଆଦିଲ୍ଲୀକୁ ପତ୍ର ପ୍ରେରଣ କରାଯିବ ବୋଲି ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର(ଏନ୍‌ଆଇସି) ବୈଷୟିକ ନିର୍ଦ୍ଦେଶକ ଜଣାଇଛନ୍ତି । ଉନ୍ନତ ସେବା ପାଇଁ ଲାନ୍ ସଂରଚନାରେ ଦୁଇଟି ସୁଇଚ୍ ପରିବର୍ତ୍ତନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି।

# ୧୯ ଜିଲାରେ ୫ ହଜାରରୁ ଊର୍ଦ୍ଧ୍ୱ ସଂକ୍ରମଣ

ଭୁବନେଶ୍ୱର, ୮।୧୦(ବ୍ୟୁରୋ)

**ଆଉ ୩୧୪୪ ଚିହ୍ନଟ, ୩୩୧୨ ସୁସ୍ଥ, ୧୬ ମୃତ**

■ ୨୪ ଘଣ୍ଟାରେ ୪୯,୯୦୯ ନମୁନା ପରୀକ୍ଷା

■ ରାଜ୍ୟରେ ଆକ୍ରାନ୍ତ ସଂଖ୍ୟା ୨,୪୪,୧୪୨କୁ ବୃଦ୍ଧି

କରୋନା ସଙ୍କଟ ଭିତରେ ରାଜ୍ୟର ସ୍ଥିତି ଧୀରେ ଧୀରେ ସ୍ୱାଭାବିକ ହେଉଛି। ଏପରିସ୍ଥଳେ ଦୁଇଦିନ ଧରି ଦୈନିକ ଆକ୍ରାନ୍ତ ସଂଖ୍ୟା କମିଥିଲେ ମଧ୍ୟ ଏବେ ପୁଣି ୩ହଜାର ଟପିଛି। ଅଧିକ ନମୁନା ପରୀକ୍ଷା ହୋଇଥିବାରୁ ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ଅଧିକ ରହିଥିବା କୁହାଯାଉଛି। ଶେଷ ୨୪ ଘଣ୍ଟାରେ ୪୯,୯୦୯ କରୋନା ନମୁନା ପରୀକ୍ଷା କରାଯାଇଥିଲା। ଏଥିରୁ ୩,୧୪୪ ରିପୋର୍ଟ ପଜିଟିଭ୍ ଆସିଛି। ଫଳରେ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨,୪୪,୧୪୨କୁ ବୃଦ୍ଧି ପାଇଛି। ବର୍ତ୍ତମାନ ୧୯ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୫ ହଜାର ପାର କରିଛି। ବାକି ୧୦ ଜିଲା ମଧ୍ୟରୁ ୪ ଜିଲାରେ ସଂକ୍ରମଣ ୪ ହଜାରରୁ ଊର୍ଦ୍ଧ୍ୱ ଓ ୬ ଜିଲାରେ ୪ ହଜାର ତଳେ ରହିଛି। ଖୋର୍ଦ୍ଧା ଜିଲାରେ ସର୍ବାଧିକ ୪୨,୨୮୦ ଆକ୍ରାନ୍ତ ରହିଥିବାବେଳେ ବୌଦ୍ଧ ଜିଲାରେ ସର୍ବନିମ୍ନ ୨୦୮୩ଜଣ ସଂକ୍ରମିତ ହୋଇଛନ୍ତି। ୫ହଜାରରୁ ଊର୍ଦ୍ଧ୍ୱ ସଂକ୍ରମିତ ଥିବା ଅନ୍ୟ ଜିଲାଗୁଡ଼ିକ ମଧ୍ୟରେ କଟକ, ଗଞ୍ଜାମ, ପୁରୀ, ଯାଜପୁର, ମୟୂରଭଞ୍ଜ, ବାଲେଶ୍ୱର, ସୁନ୍ଦରଗଡ଼, ରାୟଗଡ଼ା, ବରଗଡ଼, ସମ୍ବଲପୁର, କୋରାପୁଟ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଭଦ୍ରକ, ନୟାଗଡ଼, ଅନୁଗୋଳ ରହିଛି। ଏଥିସହ ବାହାର ରାଜ୍ୟର ୬୧୧୦ଜଣ ଓଡ଼ିଶାରେ ପଜିଟିଭ୍ ଚିହ୍ନଟ ହୋଇଥିବା (ଷ୍ଟେଟ୍ ପୁଲ୍) ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ମିଳିଛି।

ତେବେ ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ସଙ୍ଗରୋଧରୁ ୧୮୨୫ଜଣ ଓ ସ୍ଥାନୀୟ ସଂକ୍ରମିତ ଭାବେ ୧୩୧୯ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଖୋର୍ଦ୍ଧାରୁ ସର୍ବାଧିକ ୫୬୨ଜଣ ରହିଥିବାବେଳେ କଟକରୁ ଦ୍ୱିତୀୟ ସର୍ବାଧିକ ୨୪୩, ସମ୍ବଲପୁର ୧୩୬, ଷ୍ଟେଟ୍ ପୁଲ୍ ୧୩୦, ଅନୁଗୋଳ ୧୨୮ଜଣ, କଳାହାଣ୍ଡି ୧୨୪, ପୁରୀ ୧୨୨, କନ୍ଧମାଳ ୧୧୬, ମୟୂରଭଞ୍ଜ ୧୧୫, ନୂଆପଡ଼ା ୧୧୪, ନବରଙ୍ଗପୁର ୧୦୭, ସୁନ୍ଦରଗଡ଼ ୧୦୫, ଭଦ୍ରକ ଓ ଯାଜପୁରରୁ ୧୦୧ ଲେଖାଏ, ବରଗଡ଼ ୯୪, ସୁବର୍ଣ୍ଣପୁର ଓ ବଲାଙ୍ଗୀରରୁ ୮୬ ଲେଖାଏ, ଝାରସୁଗୁଡ଼ା ୮୩, କେନ୍ଦ୍ରାପଡ଼ା ୮୨, ଜଗତ୍‌ସିଂହପୁର ୭୭, ଢେଙ୍କାନାଳ ୭୩, ବାଲେଶ୍ୱର ୭୨, କେନ୍ଦୁଝର ୬୩, ନୟାଗଡ଼ ୫୮, ଗଞ୍ଜାମ ୩୮, କୋରାପୁଟ ୩୭, ରାୟଗଡ଼ା ୨୯, ମାଲକାନଗିରି ୨୮, ଦେବଗଡ଼ ୨୪, ଗଜପତି ୯ ଓ ବୌଦ୍ଧରୁ ଆଉ ଜଣେ ପଜିଟିଭ୍ ବାହାରିଛନ୍ତି।

ଅନ୍ୟପକ୍ଷରେ କରୋନାରେ ପୁଣି ୧୬ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ବାଲେଶ୍ୱର ଓ ଖୋର୍ଦ୍ଧା (ଭୁବନେଶ୍ୱର)ରୁ ୪ ଜଣ ରହିଥିବାବେଳେ କଳାହାଣ୍ଡି, ମୟୂରଭଞ୍ଜ ଓ ନୟାଗଡ଼ରୁ ୨ଜଣ ଲେଖାଏ ଏବଂ ସୁନ୍ଦରଗଡ଼ ଓ ଝାରସୁଗୁଡାରୁ ଜଣେ ଲେଖାଏ ମରିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସୂଚନା ଦେଇଛି। ଫଳରେ ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୯୭୪କୁ ବୃଦ୍ଧି ପାଇଛି। ସେପଟେ ଖୋର୍ଦ୍ଧାରୁ ସର୍ବାଧିକ ୬୫୮ଜଣଙ୍କ ସମେତ ରାଜ୍ୟରେ ଆଉ ୩,୩୧୨ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏହାକୁ ମିଶାଇ ଆରୋଗ୍ୟ ସଂଖ୍ୟା ୨ ଲକ୍ଷ ୧୬ ହଜାର ୯୮୪କୁ ବୃଦ୍ଧି ପାଇଛି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

HINDUSTAN FINANCE LIMITED
(Reg. No. Reg.No.3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

Hindustan Tower Group (ପଞ୍ଜୀକୃତ)
କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ ଟାୱାର ଲଗାନ୍ତୁ। 90 ଲକ୍ଷ ଆଡଭାନ୍ସ, 60,000 ଭଡ଼ା + ବାଇକ୍ + ଅନ୍ୟାନ୍ୟ ସୁବିଧା।
20 ବର୍ଷର କୋର୍ଟ ଏଗ୍ରିମେଣ୍ଟ
9473618663

AMBA Finance
ମାର୍କସିଟ | ବ୍ୟବସାୟ | ବ୍ୟକ୍ତିଗତ | ଆଧାରକାର୍ଡ | ସମ୍ପତି ଋଣ | ରାସନ୍‌କାର୍ଡ
ଆଦି ସମସ୍ତ ଲୋନ ଘରେବସି ପାଆନ୍ତୁ
2% ସୁଧ 50% ଛାଡ
(ମହିଳା ଓ ବିଦ୍ୟାର୍ଥୀ ମାନଙ୍କ ପାଇଁ ବିଶେଷ ଛାଡ)
Lane No - 5, MG Road, Bangalore
9667721447

BIDIKA FINANCE
ସମସ୍ତ ପ୍ରକାର LOAN ପାଇଁ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁ ଉଦ୍ୟୋଗ ଇତ୍ୟାଦି ସବୁ ପ୍ରକାର ଋଣ ନେବାକୁ ଯୋଗାଯୋଗ କରନ୍ତୁ ।
LOAN ଘରେ ବସି ନେଇପାରିବେ ମାତ୍ର ୨% କମ୍ ସୁଧ ହାରରେ।
Bausnpola, Bijepur, Bargarh
7656825220
7656825217

ନର୍ସିଂ ଓ ପାରାମେଡିକାଲ୍ ନାମଲେଖା
Bhava Institute Of Medical Science & Research
G.N.M ଷ୍ଟାଫ୍ ନର୍ସ
Duration : 3 Year, Eligibility : +2 Pass (Any Stream) 40% Mark
A.N.M ମହିଳା ସ୍ୱାସ୍ଥ୍ୟ କର୍ମୀ
Duration : 2 Year, Eligibility : +2 Pass (Any Stream)
Operation Theater Technician ଅପରେସନ ଥିଏଟର ଟେକ୍ନିସିଆନ୍
Medical Lab Technician ମେଡିକାଲ୍ ଲ୍ୟାବ୍ ଟେକ୍ନିସିଆନ୍
X-Ray Technician ଏକ୍ସରେ ଟେକ୍ନିସିଆନ୍
ସମୟସୀମା : ୧ ବର୍ଷ ଓ ୨ ବର୍ଷ, ଯୋଗ୍ୟତା : ୧୦ମ ଓ + ୨ ପାଶ୍
ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୦ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
Phone : 0674 - 2553122, 8456845313, 9040009727 (M)

RIDHI FINANCE
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ବିଶ୍ୱ ପ୍ରସିଦ୍ଧ ତାନ୍ତ୍ରିକ ବାବାଙ୍କର ଖୋଲା ଚ୍ୟାଲେଞ୍ଜ
୨ ଘଣ୍ଟା ମଧ୍ୟରେ ଗ୍ୟାରେଣ୍ଟି ସମାଧାନ
୨,୮୮,୩୭୪ ପ୍ରକାର ସମସ୍ୟାର ସଫଳ ସମାଧାନ
ତାନ୍ତ୍ରିକ ବାବା ଆଲାମ ଖାନ
9773820765
ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ପ୍ରେମ ବିବାହ ଯାଦୁ ଟୋଣା, ବିବାହ, ମୁଠ୍ କରଣୀ, ନିଜର ହଜିଯାଇଥିବା ପ୍ରେମକୁ ଫେରି ପାଆନ୍ତୁ। ଏ ସବୁ ସମସ୍ୟାର ଶୀଘ୍ର ସମାଧାନ ପାଆନ୍ତୁ ମାତା ଏବଂ ଭଉଣୀ ମାନଙ୍କର ଗୁପ୍ତ ସମସ୍ୟାର ସମାଧାନ। ୱେଶାଲିଷ୍ଟ-ବଶୀକରଣ, ମଜମନ୍ତ୍ର କଳାଯାଦୁ, ଯଦି କେହି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରୁଥିବା କାମକୁ କାଟି ଦିଅନ୍ତି, ମନ ମୁତାବକ ପୁରସ୍କାର ଦିଆଯିବ। କାମ ନହେଲେ ପଇସା ଫେରସ୍ତ।
9910560681

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନି ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପଞ୍ଜାବକୁ ହରାଇ ହାଇଦ୍ରାବାଦ ତୃତୀୟ

ଦୁବାଇ, ୮।୧୦

ଅଧିନାୟକ ଡେଭିଡ୍ ୱାର୍ନର ଓ ଜନି ବେୟାରଷ୍ଟୋଙ୍କ ଶତକୀୟ ଭାଗୀଦାରି ପରେ ବୋଲରଙ୍କ ପ୍ରଭାବୀ ପ୍ରଦର୍ଶନ ଯୋଗୁ ସନ୍‌ରାଇଜର୍ସ ହାଇଦ୍ରାବାଦ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଗୁରୁବାର ମ୍ୟାଚରେ ୬୯ ରନରେ କିଙ୍ଗ୍ସ ଇଲେଭେନ ପଞ୍ଜାବକୁ ପରାସ୍ତ କରିଛି। ସନ୍‌ରାଇଜର୍ସ ୨୦ ଓଭରରେ ୬ ଉଇକେଟ ହରାଇ ୨୦୧ ରନ କରିଥିଲାବେଳେ ପଞ୍ଜାବ ୧୬.୫ ଓଭରରେ ୧୩୨ ରନକରି ଅଲଆଉଟ ହୋଇଯାଇଥିଲା। ୬ ମ୍ୟାଚରୁ ତୃତୀୟ ବିଜୟ ସହିତ ସନ୍‌ରାଇଜର୍ସର ପଏଣ୍ଟ ଟେବୁଲର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି । ଅନ୍ୟପକ୍ଷରେ ୬ ମ୍ୟାଚରୁ ୫ମ ପରାଜୟ ସହ ପଞ୍ଜାବ ନିମ୍ନରେ ଅପରିବର୍ତ୍ତିତ ରହିଛି।

ଟାର୍ଗେଟ ବଡ଼ ଥିବାବେଳେ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ବୁଝାମଣାର ଅଭାବ ଯୋଗୁ ପଞ୍ଜାବ ଦଳ ଆରମ୍ଭରୁ ଅସୁବିଧାରେ ପଡ଼ିଥିଲା। ଫର୍ମରେ ଥିବା ମୟଙ୍କ ଅଗ୍ରୱାଲ (୯) ରନ ଆଉଟ ହେବାରୁ ୧୧ ରନରେ ଦଳ ପ୍ରଥମ ଉଇକେଟ ହରାଇଥିଲା। ସିମରନ ସିଂ ଓ ଅଧିନାୟକ ଲୋକେଶ ରାହୁଲ ୧୧ ରନ ଲେଖାଏ କରି ପ୍ୟାଭିଲିୟନ ଫେରିଥିଲେ। ମିଡିଲ ଅର୍ଡରରେ ଗ୍ଲେନ ମ୍ୟାକ୍ସୱେଲ(୭) ରନଆଉଟ ଏବଂ ମନଦୀପ ସିଂ(୬) ଫ୍ଲପ୍ ହେବାରୁ ନିକୋଲାସ ପୁରନଙ୍କ ଉପରେ ଅତ୍ୟଧିକ ଚାପ ପଡ଼ିଥିଲା। ସେ ବିସ୍ଫୋରକ ବ୍ୟାଟିଂ କରିଥିଲେ ହେଁ ଏକାକୀ ଦଳକୁ ବିଜୟୀ କରାଇପାରି ନ ଥିଲେ। ୩୭ ବଲ୍‌ର ସମ୍ମୁଖୀନ ହୋଇଥିବା ପୁରନ ୫ ଚୌକା ଓ ୭ ଛକା ସହାୟତାରେ ୭୭ ରନ କରି ଆଉଟ ହେବା ସହିତ ପଞ୍ଜାବ ବିଜୟ ଆଶା ଶେଷ ହୋଇଯାଇଥିଲା। ଦଳର ୮ ଜଣ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ସ୍ପର୍ଶକରିପାରି ନ ଥିଲେ। ସନ୍‌ରାଇଜର୍ସ ବୋଲରଙ୍କ ମଧ୍ୟରେ ରଶିଦ ଖାଁ ୩ଟି, ଖଲିଲ ଅହମଦ ଓ ଟି. ନଟରାଜନ ୨ଟି ଲେଖାଏ ଏବଂ ଅଭିଷେକ ଶର୍ମା ଗୋଟିଏ ଉଇକେଟ ନେଇଥିଲେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ସନ୍‌ରାଇଜର୍ସ। ନିଜ ନିଷ୍ପତ୍ତିକୁ ଉଚିତ ସାବ୍ୟସ୍ତ କରିଥିଲେ ଅଧିନାୟକ ଡେଭିଡ ୱାର୍ନର। ଅନ୍ୟତମ ଓପନର ଜନି ବେୟାରଷ୍ଟୋ ମଧ୍ୟ ଖେଳିଥିଲେ ସ୍ମରଣୀୟ ଇନିଂସ। ଦୁହେଁ ପଞ୍ଜାବ ବୋଲରଙ୍କୁ ଧୁଲେଇ କରି ଓପନିଂ ଯୋଡ଼ିରେ ୯୦ ବଲ୍‌ରୁ ଗଢ଼ିଥିଲେ ୧୬୦ ରନର ଭାଗୀଦାରି। ନିଜ ପ୍ରଥମ ଓଭରରେ ୧୮ ରନ ବ୍ୟୟ କରିଥିବା ଯୁବ ସ୍ପିନର ରବି ବିଷ୍ଣୋଇଙ୍କୁ ୧୬ତମ ଓଭରରେ ବୋଲିଂଭାର ଦେଇଥିଲେ ଅଧିନାୟକ ଲୋକେଶ ରାହୁଲ। ଅଧିନାୟକଙ୍କୁ ନିରାଶ ନ କରି ନିଜ ଦ୍ୱିତୀୟ ଓଭର ପ୍ରଥମ ବଲରେ ୱାର୍ନରଙ୍କ ଉଇକେଟ ନେଇ ଦଳକୁ ବହୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ ବିଷ୍ଣୋଇ। ୪୦ଟି ବଲ୍ ଖେଳିଥିବା ୱାର୍ନର ୫ ଚୌକା ଓ ୧ ଛକା ସହାୟତାରେ ୫୨ ରନ କରିଥିଲେ। ବିଷ୍ଣୋଇ କେବଳ ସେତିକିରେ ସନ୍ତୁଷ୍ଟ ନ ଥିଲେ। ସେହି ଓଭରର ୪ର୍ଥ ବଲ୍‌ରେ ବେୟାରଷ୍ଟୋଙ୍କୁ ଏଲ୍‌ବିଡବଲ୍ୟୁ ଆଉଟ କରି ଦଳୀୟ ଶିବିରରେ ଖୁସି ଖେଳାଇ ଦେଇଥିଲେ। ତୃତୀୟ ଅମ୍ପାୟରଙ୍କ ନିକଟକୁ ଯିବା ସମୟରେ ପଞ୍ଜାବ ପାଇଁ ଏକା ସମୟରେ ୨ଟି ବିକଳ୍ପ ରହିଥିଲା। ତାହା ହେଲା ଅବଦୁଲ ସମଦଙ୍କ ରନଆଉଟ ଏବଂ ବେୟାରଷ୍ଟୋଙ୍କ ଏଲ୍‌ବିଡବଲ୍ୟୁ। ଷ୍ଟମ୍ପ ଭାଙ୍ଗିବାବେଳେ ସମଦ କ୍ରିଜରୁ ଦୂରରେ ରହିଥିଲେ ହେଁ ବଡ଼ ମାଛ ଶିକାର ଉଦ୍ଦେଶ୍ୟରେ ଅଧିନାୟକ ରାହୁଲ ବେୟାରଷ୍ଟୋଙ୍କ ଏଲବିଡବଲ୍ୟୁ ରିଭ୍ୟୁ କରାଇଥିଲେ। ନିଷ୍ପତ୍ତି ତାଙ୍କ ସପକ୍ଷରେ ଯାଇଥିଲା। ଫଳରେ ଦୃଢ଼ ଆତ୍ମବିଶ୍ୱାସରେ ଖେଳିଥିବା ବେୟାରଷ୍ଟୋ ମାତ୍ର ୩ ରନ ପାଇଁ ଶତକରୁ ବଞ୍ଚିତ ହୋଇଥିଲେ। ସେ ୫୫ ବଲ୍‌ରୁ ୭ ଚୌକା ଓ ୬ ଛକା ସହ ୯୭ ରନ କରି ଅତି ନୈରାଶ୍ୟଜନକଭାବେ ପ୍ୟାଭିଲିୟନ ଫେରିଥିଲେ। ଏହାର ପରବର୍ତ୍ତୀ ଓଭରରେ ଫର୍ମରେ ଥିବା ମନୀଷ ପାଣ୍ଡେଙ୍କୁ ଅର୍ଶଦୀପ ସିଂ ଆଉଟ କରିବାରୁ ହାଇଦ୍ରାବାଦ ରନହାରରେ ଅଙ୍କୁଶ ଲାଗିଥିଲା। ସମଦ ୮ ରନ କରି ବିଷ୍ଣୋଇଙ୍କ ତୃତୀୟ ଶିକାର ବନିଥିବାବେଳେ ପ୍ରିୟମ ଗର୍ଗ ଖାତା ଖୋଲିପାରି ନ ଥିଲେ। ଗ୍ଲେନ ମ୍ୟାକ୍ସୱେଲ ୧୨ ରନ କରି ପାରିଥିଲେ। କେନ୍ ୱିଲିୟମସନ ୯ ବଲ୍‌ରୁ ୧୮(୧ ଚୌକା, ୧ ଛକା) ରନରେ ଅପରାଜିତ ରହିବାରୁ ଦଳୀୟ ସ୍କୋର ୨୦୧ରେ ପହଞ୍ଚିଥିଲା। ପଞ୍ଜାବ ପକ୍ଷରୁ ରବି ବିଷ୍ଣୋଇ ୩ଟି, ଅର୍ଶଦୀପ ସିଂ ୨ଟି ଓ ମହମ୍ମଦ ସାମି ଗୋଟିଏ ଉଇକେଟ ନେଇଥିଲେ। ପଞ୍ଜାବ ୩ ପରିବର୍ତ୍ତନ ସହ ପଡ଼ିଆକୁ ଓହ୍ଲାଇଥିଲା। କ୍ରିସ୍ ଜୋର୍ଡାନ, ହରପ୍ରୀତ ବ୍ରାର ଓ ସର୍ଫରାଜ ଖାଁଙ୍କୁ ବାଦ୍ ଦେଇ ପ୍ରଭ୍‌ସିମରନ ସିଂ, ଅର୍ଶଦୀପ ସିଂ ଓ ମୁଜିବୁର ରହମନଙ୍କୁ ଚୂଡ଼ାନ୍ତ ଏକାଦଶରେ ନେଇଥିଲା। ଅନ୍ୟପକ୍ଷରେ ସିଦ୍ଧାର୍ଥ କାଉଲଙ୍କ ସ୍ଥାନରେ ଖଲିଲ ଅହମ୍ମଦଙ୍କୁ ଖେଳାଇଥିଲେ ସନ୍‌ରାଇଜର୍ସ।



ଶତକୀୟ ଭାଗୀଦାରି ଅବସରରେ ଜନି ବେୟାରଷ୍ଟୋ ଓ ଡେଭିଡ୍ ୱାର୍ନର। ଗୋଟିଏ ଓଭରରେ ଦୁଇ ଓପନରଙ୍କ ଉଇକେଟ୍ ନେବା ପରେ ରବି ବିଷ୍ଣୋଇଙ୍କୁ ଲୋକେଶ ରାହୁଲଙ୍କ ବଧେଇ।

**ଜନି ବେୟାରଷ୍ଟୋ ମ୍ୟାନ୍ ଅଫ୍ ଦି ମ୍ୟାଚ୍**

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ମୁମ୍ବାଇ ଇଣ୍ଡିଆନ୍ସ | ୬ | ୪ | ୨ | ୮ | +୧.୪୮୮ |
| ଦିଲ୍ଲୀ କ୍ୟାପିଟାଲ୍ସ | ୫ | ୪ | ୧ | ୮ | +୧.୦୬୦ |
| ସନ୍‌ରାଇଜର୍ସ | ୬ | ୩ | ୩ | ୬ | +୦.୨୩୨ |
| ନାଇଟ ରାଇଡର୍ସ | ୫ | ୩ | ୨ | ୬ | +୦.୦୦୨ |
| ରୟାଲ ଚ୍ୟାଲେଞ୍ଜର୍ସ | ୫ | ୩ | ୨ | ୬ | -୧.୩୫୫ |
| ଚେନ୍ନାଇ ସୁପରକିଙ୍ଗ୍ସ | ୬ | ୨ | ୪ | ୪ | -୦.୩୭୧ |
| ରାଜସ୍ଥାନ ରୟାଲ୍ସ | ୫ | ୨ | ୩ | ୪ | -୦.୮୨୬ |
| କିଙ୍ଗ୍ସ ଇଲେଭେନ | ୬ | ୧ | ୫ | ୨ | -୦.୪୩୧ |

**ସଂକ୍ଷିପ୍ତ ସ୍କୋର**

ସନ୍‌ରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୨୦୧/୬(ବେୟାରଷ୍ଟୋ-୯୭, ୱାର୍ନର-୫୨, ୱିଲିୟମସନ-୨୦*, ବିଷ୍ଣୋଇ-୩/୨୯, ଅର୍ଶଦୀପ-୨/୩୩, ସାମି-୧/୪୦)। କିଙ୍ଗ୍ସ ଇଲେଭେନ ପଞ୍ଜାବ ୧୬.୫ ଓଭରରେ ୧୩୨/ଅଲଆଉଟ (ପୁରନ-୭୭, ରଶିଦ-୩/୧୨, ଖଲିଲ-୨/୨୪, ନଟରାଜନ-୨/୨୪, ଅଭିଷେକ-୧/୧୫)।

୧୧ତମ ଜନ୍ମବାର୍ଷିକୀ ଶୁଭେଚ୍ଛା

(ଟିଟିଲି)
ସ୍ନେହା ଶ୍ରୀ
ବ୍ରହ୍ମେଶ୍ୱର ପାଟଣା, ଭୁବନେଶ୍ୱର
ଆଜି ତୋର ୧୧ତମ ଜନ୍ମବାର୍ଷିକୀ ଅବସରରେ ସାଇବାବାଙ୍କ ଆଶୀର୍ବାଦ କାମନା କରୁଛୁ। ତୋର ସବୁ ଆଶା ପୂରଣ ହେଉ ଓ ତୋର ଜୀବନ ସୁଖମୟ, ନିରାମୟ ହେଉ।
ଶୁଭେଚ୍ଛା ସହ:
ଅଜା, ଆଈ, ମମି, ଶ୍ରୀରାମ ମଉସା, ମାମା, ମାମୁ, ମାଇଁ, ସାଇ, ଶ୍ରଦ୍ଧା ଓ ଇଶାନ୍।
ଧ-୬୯୪୪୯

## ସଚିନଙ୍କ ବ୍ୟାଟିଂ ହିରୋ ଥିଲେ ଗାଭାସ୍କର, ରିଚାର୍ଡ୍ସ

ମୁମ୍ବାଇ, ୮।୧୦ (ପି.ଟି.)

ବ୍ୟାଟିଂ ଆଇକନ ସଚିନ ତେନ୍ଦୁଲକର ଯେତେବେଳେ ଯୁବକ ଥିଲେ ସେତେବେଳେ କିମ୍ବଦନ୍ତୀ ସୁନୀଲ ଗାଭାସ୍କର ଓ ୱେଷ୍ଟଇଣ୍ଡିଜର ମହାନ କ୍ରିକେଟର ଭିଭିଆନ୍ ରିଚାର୍ଡ୍ସ ତାଙ୍କର ବ୍ୟାଟିଂ ହିରୋ ଥିଲେ ବୋଲି ସେ କହିଛନ୍ତି। ହେଲେ ତାଙ୍କ ବାସ୍ତବିକ ଜୀବନର ହିରୋ ଥିଲେ ତାଙ୍କ ପିତା ରମେଶ ତେନ୍ଦୁଲକର। ସୁନିଲ ଗାଭାସ୍କରଙ୍କ ଖେଳ ତାଙ୍କୁ ପ୍ରଭାବିତ କରିଥିଲା। ଦେଶ ପାଇଁ ସେ ବହୁ ବର୍ଷ ଧରି ମଧ୍ୟ ଖେଳିଥିଲେ। ଅନ୍ୟ ଜଣେ ହେଲେ ୱେଷ୍ଟଇଣ୍ଡିଜର ଭିଭିଆନ ରିଚାର୍ଡ୍ସ। କିନ୍ତୁ ତାଙ୍କର ବ୍ୟକ୍ତିଗତ ହିରୋ ଥିଲେ ତାଙ୍କ ପିତା (ରମେଶ ତେନ୍ଦୁଲକର)। ସେ ଶାନ୍ତ, ଧୀରସ୍ଥିର ଓ ଶୃଙ୍ଖଳିତ ବ୍ୟକ୍ତି ଥିଲେ। ତାଙ୍କ ଭଳି ଜଣେ ଭଲ ମଣିଷ ହେବାଲାଗି ମୋର ସ୍ୱପ୍ନ ରହିଥିଲା। ଦେଶରେ କରୋନାର ଆବିର୍ଭାବ ପରଠାରୁ ଶ୍ରୀ ସତ୍ୟ ସାଇ ସଞ୍ଜୀବନୀ ହସ୍ପିଟାଲରେ ୧,୦୦୦ ଶିଶୁଙ୍କର ମାଗଣା ହାର୍ଟ ସର୍ଜରି ଅବସରରେ ଆୟୋଜିତ 'ଗିଫ୍ଟ ଅଫ୍ ଲାଇଫ୍' ଶୀର୍ଷକ ଭର୍ଚ୍ଚୁଆଲ କାର୍ଯ୍ୟକ୍ରମରେ ଯୋଗ ଦେଇ ତେନ୍ଦୁଲକର ଏକଥା ପ୍ରକାଶ କରିଛନ୍ତି।


ଫ୍ରେଞ୍ଚ୍ ଓପନ୍ ଟେନିସ୍ ମହିଳା ସିଙ୍ଗଲ୍ସ ସେମିଫାଇନାଲ ଖେଳିବା ଅବସରରେ ପୋଲାଣ୍ଡର ଇଗା ସ୍ୱିଟେକ।

# ଫ୍ରେଞ୍ଚ୍ ଓପନ: ସ୍ୱିଟେକ-କେନିନ ଫାଇନାଲ

ପ୍ୟାରିସ, ୮।୧୦

ପୋଲାଣ୍ଡର ଇଗା ସ୍ୱିଟେକ ଚଳିତ ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ଫାଇନାଲରେ ସେ ୪ ନମ୍ବର ଖେଳାଳି ସୋଫିଆ କେନିନଙ୍କୁ ଭେଟିବେ। ଦ୍ୱିତୀୟ ସେମିଫାଇନାଲରେ କେନିନ୍ ୭ ନମ୍ବର ଖେଳାଳି ପେଟ୍ରା କ୍ୱିଟୋଭାଙ୍କୁ ୬-୪, ୭-୫ ସେଟ୍‌ରେ ପରାସ୍ତ କରିଛନ୍ତି। ବିଶ୍ୱ ର୍ୟାଙ୍ଗିଙ୍ଗର ୫୪ତମ ସ୍ଥାନରେ ଥିବା ସ୍ୱିଟେକ ଗୁରୁବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ୧୩୧ତମ ର୍ୟାଙ୍କ୍‌ପ୍ରାପ୍ତ ଆର୍ଜେଣ୍ଟିନାର ନାଦିଆ ପୋଡୋରୋସ୍କାଙ୍କୁ ସିଧାସଳଖ ୬-୨, ୬-୧ ସେଟ୍‌ରେ ପରାସ୍ତ କରିଥିଲେ। ଏପର୍ଯ୍ୟନ୍ତ ଚମତ୍କାର ପ୍ରଦର୍ଶନ କରି ଆସିଥିବା ପୋଡୋରୋସ୍କା ସେମିଫାଇନାଲରେ କିନ୍ତୁ ସ୍ୱିଟେକଙ୍କ ସମକକ୍ଷ ପ୍ରଦର୍ଶନ କରିପାରି ନ ଥିଲେ। ସ୍ୱିଟେକ ପ୍ରଥମଥର ପାଇଁ କୌଣସି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପୂର୍ବରୁ ସେ ୨୦୧୯ରେ ଫ୍ରେଞ୍ଚ୍ ଓପନରେ ସର୍ବାଧିକ ୪ର୍ଥ ରାଉଣ୍ଡରେ ପ୍ରବେଶ କରି ପାରିଥିଲେ। ଅଷ୍ଟ୍ରେଲିଆନ ଓପନରେ ସେ ୨୦୧୯ରେ ୨ୟ ରାଉଣ୍ଡରୁ ବିଦାୟ ନେଇଥିବାବେଳେ ୨୦୨୦ରେ ୪ର୍ଥ ରାଉଣ୍ଡ ପର୍ଯ୍ୟନ୍ତ ଯାଇ ପାରିଥିଲେ। ଗତବର୍ଷ ସେ ୱିମ୍ବେଲଡନର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲେ। ସେହିପରି ୟୁଏସ ଓପନରେ ସେ ୨୦୧୯ରେ ଦ୍ୱିତୀୟ ଓ ଚଳିତ ବର୍ଷ ତୃତୀୟ ରାଉଣ୍ଡରୁ ବିଦାୟ ନେଇଥିଲେ। ଫ୍ରେଞ୍ଚ୍ ଓପନ ଫାଇନାଲରେ ପ୍ରବେଶ କରି ସେ ଟାଇଟଲ ଜିତିବା ସମ୍ଭାବନା ସୃଷ୍ଟି କରିଛନ୍ତି।

## ସେମିଫାଇନାଲରେ ଜୋକୋଭିଚ୍


ମ୍ୟାଚ୍ ଜିତିବା ପରେ ନୋଭାକ୍ ଜୋକୋଭିଚ୍।

**ପ୍ୟାରିସ, ୮।୧୦–** ବାମ ହାତରେ ଯନ୍ତ୍ରଣା ସତ୍ତ୍ୱେ ସର୍ବିୟାର ନୋଭାକ୍ ଜୋକୋଭିଚ୍ ଚଳିତ ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସ୍ଲୋ ଷ୍ଟାର୍ଟ କରିଥିବା ଏହି ଟପ୍ ସିଡ୍ ଖେଳାଳି କ୍ୱାର୍ଟର ଫାଇନାଲରେ ୧୭ତମ ସିଡ୍ ପାବ୍‌ଲୋ କାରେନୋ ବୁଷ୍ଟାଙ୍କୁ ୪-୬, ୬-୨, ୬-୩, ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। ଏହା ୟୁଏସ ଓପନର ରିମ୍ୟାଚ ଥିଲା। ସେତେବେଳେ ଅଜାଣତରେ ଜଣେ ଲାଇନ୍‌ଜଜ୍‌ଙ୍କୁ ବଲ୍‌ରେ ଆଘାତ ଦେଇଥିବାରୁ ଜୋକୋଭିଚ୍‌ଙ୍କୁ ଅଧାରୁ ମ୍ୟାଚ ଛାଡ଼ିବାକୁ ପଡ଼ିଥିଲା। ତେବେ ତାହା ଏବେ ଅତୀତ ହୋଇ ଯାଇଛି। ଇତିମଧ୍ୟରେ ସେ ଖେଳିଥିବା ୧୦ଟି ଯାକ ମ୍ୟାଚରେ ବିଜୟ ହାସଲ କରିଛନ୍ତି। ଏହାକୁ ମିଶାଇ ଜୋକୋଭିଚ୍ ୧୦ମ ଥରପାଇଁ ଫ୍ରେଞ୍ଚ୍ ଓପନ ସେମିରେ ପ୍ରବେଶ କରିଛନ୍ତି। ସେମିଫାଇନାଲରେ ସେ ୫ମ ସିଡ୍ ଷ୍ଟିଫାନୋସ ସିତ୍‌ସିପାସ୍‌ଙ୍କୁ ଭେଟିବେ। କ୍ୱାର୍ଟର ଫାଇନାଲରେ ସିତ୍‌ସିପାସ ୭-୫, ୬-୨, ୬-୩ ସେଟ୍‌ରେ ୧୩ତମ ସିଡ୍ ଆନ୍ଦ୍ରେ ରୁବଲେଭ୍‌ଙ୍କୁ ପରାସ୍ତ କରିଥିଲେ। ସିତ୍‌ସିପାସଙ୍କ ପାଇଁ ଏହା ପ୍ରଥମ ଫ୍ରେଞ୍ଚ୍ ଓପନ ସେମିଫାଇନାଲ ପ୍ରବେଶ। ଅନ୍ୟ ସେମିରେ ରାଫାଲ ନାଡାଲ ଓ ଡିଏଗୋ ସ୍ୱାର୍ଜମ୍ୟାନଙ୍କ ମଧ୍ୟରେ ମୁକାବିଲା ହେବ। ସ୍ୱାର୍ଜମ୍ୟାନ ପୂର୍ବରୁ ବଡ଼ ପ୍ରତିଯୋଗିତାର ସେମିଫାଇନାଲ ଖେଳିବା ଅଭିଜ୍ଞତା ରଖି ନ ଥିବାବେଳେ ନାଡାଲ କ୍ୟାରିୟରର ୧୩ତମ ଫ୍ରେଞ୍ଚ୍ ଓପନ ଟାଇଟଲ ଜିତିବା ଲକ୍ଷ୍ୟରେ ଅଛନ୍ତି।

## ଟପ୍ସ ସେଣ୍ଟରରେ ଶ୍ରେଷ୍ଠ ଟ୍ରେନିଂ ବ୍ୟବସ୍ଥା କରାଯିବ: ରିଜିଜୁ

ନୂଆଦିଲ୍ଲୀ, ୮।୧୦ (ପି.ଟି.)

ଟାର୍ଗେଟ ଅଲିମ୍ପିକ ପୋଡିୟମ ସ୍କିମ୍ (ଟପ୍ସ) ଅନ୍ତର୍ଭୁକ୍ତ ଆଥଲେଟ୍‌ଙ୍କ ଲାଗି ଉଦ୍ଦିଷ୍ଟ ଦେଶର ବିଭିନ୍ନ ସ୍ଥାନରେ ରହିଥିବା ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସଲେନ୍ସ (ଏନ୍‌ସିଓଇ)ରେ ଶ୍ରେଷ୍ଠ ଟ୍ରେନିଂ ବ୍ୟବସ୍ଥା କରାଯିବ। ୨୦୨୪ ଏବଂ ୨୦୨୮ ଅଲିମ୍ପିକ୍ସକୁ ଦୃଷ୍ଟିରେ ରଖି ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ପକ୍ଷରୁ ଏ ନେଇ ଆବଶ୍ୟକ ପଦକ୍ଷେପ ନିଆଯିବ। ଗୁରୁବାର କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଇର ୫୩ତମ ସାଧାରଣ ପରିଷଦ ବୈଠକରେ ଏ ସମ୍ପର୍କରେ ବିଧିବଦ୍ଧ ନିଷ୍ପତ୍ତି ନିଆଯାଇଛି। ଜାତୀୟ କ୍ରୀଡ଼ା ମହାସଂଘ (ଏନଏସ୍‌ଡବ୍ଲ୍ୟୁ) ସହଯୋଗରେ ଏହି ସେଣ୍ଟରଗୁଡ଼ିକ କାର୍ଯ୍ୟ କରିବ। ଆଥଲେଟମାନଙ୍କ ଲାଗି ସରକାର ବିଶ୍ୱ ଶ୍ରେଣୀୟ ସ୍ପୋର୍ଟ୍ସ ଇକୋ ସିଷ୍ଟମ ଯୋଗାଇ ଦେବେ। ଟପ୍ସର ଏହି ଟ୍ରେନିଂ ସେଣ୍ଟରଗୁଡ଼ିକର ଭିତ୍ତିଭୂମି ବିକାଶ କରାଯିବ। ଆଧୁନିକ କ୍ରୀଡ଼ା ବିଜ୍ଞାନ ସହ ଦକ୍ଷ କୋଚ୍ ଓ ସପୋର୍ଟ ଷ୍ଟାଫ୍ ଯୋଗାଇ ଦିଆଯିବ ବୋଲି ରିଜିଜୁ ପ୍ରକାଶ କରିଛନ୍ତି। ବୈଠକରେ ସଦସ୍ୟମାନଙ୍କ ବ୍ୟତୀତ ଅଂଶୀଦାରମାନେ ଭାଗ ନେଇଥିଲେ। ଅଲିମ୍ପିକ ଆସୋସିଏଶନ ସାଧାରଣ ସମ୍ପାଦକ ରାଜୀବ ମେହେଟା ଏବଂ ପୂର୍ବତନ ଟେବୁଲ ଟେନିସ ଖେଳାଳି କମଲେଶ ମେହେଟା, ବ୍ୟାଡ୍‌ମିଣ୍ଟନ ଖେଳାଳି ତଥା ଧ୍ୟାନଚାନ୍ଦ ପୁରସ୍କାର ବିଜୟିନୀ ତୃପ୍ତି ମୁରଗୁଣ୍ଡେ, ପୂର୍ବତନ ହକି ଖେଳାଳି ଦୀପକ ଠାକୁର, ଉଷୁ ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ପଦକ ବିଜୟିନୀ ୟୁମ୍‌ନାମ୍ ସାନାଥୋଇ ଦେବୀ ଏବଂ ବକ୍ସର ଅଖିଲ କୁମାର ମଧ୍ୟ ଏହି ବୈଠକରେ ଉପସ୍ଥିତ ଥିଲେ। ବୈଠକରେ ମନ୍ତ୍ରୀ ରିଜିଜୁ ସୂଚନା ଦେଇ କହିଥିଲେ ଯେ, କୋଭିଡ୍ ପରିସ୍ଥିତିରେ ଉନ୍ନତି ଘଟିବାମାତ୍ରେ ପୂର୍ବତନ ଟପ୍ ଆଥଲେଟ, କୋଚ୍ ଏବଂ ବିଶେଷଜ୍ଞଙ୍କୁ ନେଇ ଟ୍ୟାଲେଣ୍ଟ ସ୍କାଉଟିଂ କମିଟିମାନ ଗଠନ ହେବ। ଏହି କମିଟିଗୁଡ଼ିକ ୪ରୁ ୫ମାସ ମଧ୍ୟରେ ସମଗ୍ର ଦେଶରେ ବିଭିନ୍ନ କ୍ରୀଡ଼ାର ପ୍ରତିଭାମାନଙ୍କୁ ଚିହ୍ନଟ କରିବେ।


କିରେନ ରିଜିଜୁ


ମନେ ପଡ଼ନ୍ତି

ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଚିତ୍ତରଞ୍ଜନ ମହାନ୍ତି (ମିଟୁ)
ୟୁନିଟ୍-୧, ଭୁବନେଶ୍ୱର
ଆବିର୍ଭାବ: ୧୫।୦୮।୧୯୬୮
ତିରୋଧାନ: ୨୯।୦୯।୨୦୨୦
ଜୀବନର ସବୁ ଦୁଃଖ କୁ ଭୁଲି ଯେ ଖୁସି ଦିଏ ସେ ହେଉଛନ୍ତି ମୋ ବାପା। ନିଜେ ଭୋକରେ ରହି ଆମମାନଙ୍କ ସ୍ୱପ୍ନକୁ ଯେ ପୂରଣ କରନ୍ତି ସେ ମୋ ବାପା। ଜୀବନର ରାସ୍ତାରେ ଆମକୁ ଏକା ଛାଡି ଚାଲିଗଲ ସିନା ଆଜିବି ତମର ସେଇ ଧନ ଡାକକୁ ଏ ମନ ଝୁରେ। ଯୋଉଠି ବି ଥାଅ, ଭଲରେ ଥାଅ। ଭଗବାନ ତୁମ ଆତ୍ମାକୁ ସଦ୍‌ଗତି ଦିଅନ୍ତୁ।
-:ସ୍ମୃତିରେ :-
ଲିଜା, ପୂଜା, ରୋଜା, ଅମିତା, ମନ, ବିନି ଓ ବନ୍ଧୁବାନ୍ଧବ ।
ଧ-୧୮୫୩୫

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ବେଣୁ ହନ୍ତାଳ
ଗ୍ରାମ: ଡେକାପାର, ଖୁଡି, ସେମିଳିଗୁଡ଼ା
ଆବିର୍ଭାବ: ୧୬।୦୩।୧୯୭୩
ତିରୋଧାନ: ୧୦।୦୯।୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ସ୍ତ୍ରୀ, ଭାଇ, ଭଉଣୀ ଓ ପରିବାରବର୍ଗ ।
ଧ-୧୮୫୩୭

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ବଂଶୀଧର ମହାପାତ୍ର
ଆବିର୍ଭାବ: ୦୧।୦୭।୧୯୨୪
ତିରୋଧାନ: ୨୯।୦୯।୨୦୨୦
କୂଳ କଳପଡ଼ା, ମୁଗଭଙ୍ଗା, ସିଏମ୍‌ସି ୫୯ ୱାର୍ଡ, କଟକ
ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୁମେ ଚିରଶାନ୍ତିରେ ରହିଥାଅ।
-:ଶୋକସନ୍ତପ୍ତ:-
ପୁତ୍ର- ପ୍ରଭାତ, ପ୍ରମୋଦ, ପୁତ୍ରବଧୂ- ଝୁନୁ, ରେଣୁ, ନାତି ଓ ନାତୁଣୀ- ପୀୟୂଷ, ଝିଲି, ମାମା, ରୂପା, ସୁଇଟି, ଦିଲୁ (ଭଣଜା)
ଧ-୧୪୫୭୮

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଅଶୋକ କୁମାର ସାହୁ
TMILL. PARADEEP
ଆବିର୍ଭାବ:୨୧।୦୧।୧୯୬୪
ତିରୋଧାନ: ୨୯।୦୯।୨୦୨୦
ଆମର ପରମପୂଜ୍ୟ ପିତାଙ୍କର ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
-:ଶୋକସନ୍ତପ୍ତ:-
ସ୍ତ୍ରୀ, ପୁତ୍ର, କନ୍ୟା ଓ ଆତ୍ମୀୟସ୍ୱଜନ ।
ଧ-୧୮୫୩୮

ଏକାଦଶ ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଦୁଃଶାସନ ବରାହ
ଗୋଡମରା, ଅନୁଗୁଳ
ଆବିର୍ଭାବ: ୦୧।୦୫।୧୯୬୩
ତିରୋଧାନ: ୨୯।୦୯।୨୦୨୦
ତୁମର ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ ଆମ୍ଭମାନଙ୍କର ପ୍ରେରଣାର ଉତ୍ସ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମା ବ୍ରହ୍ମାୟଣୀଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ସ୍ତ୍ରୀ: ଝରଣା ବରାହ, ପୁତ୍ର: ରଶ୍ମିରଞ୍ଜନ, ଝିଅ: ମଧୁସ୍ମିତା, ନାତି ନାତୁଣୀ ଓ ପରିବାରବର୍ଗ ।
ଧ-୧୮୫୪୬

# କ୍ରିକେଟ୍‌ରେ ମଙ୍କଡିଙ୍ଗ୍

କ୍ରିକେଟରେ ମଙ୍କଡିଙ୍ଗ୍ ଆଦୌ ନୂଆ କଥା ନୁହେଁ। ୧୯୪୭ରେ ମଙ୍ଗଡିଙ୍ଗ୍ ଶବ୍ଦ ପ୍ରଥମଥର ପାଇଁ ଚର୍ଚ୍ଚାକୁ ଆସିଥିଲା। କିନ୍ତୁ ବହୁ କ୍ରିକେଟ ପ୍ରଶଂସକ ଏ ଶବ୍ଦ ନେଇ ଆଦୌ ପରିଚିତ ନ ଥିଲେ। ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଚାଲିଥିବା ଇଣ୍ଡିଆନ ପ୍ରିମିୟର ଲିଗ୍

**କ୍ରିକେଟରେ ମଙ୍କଡିଙ୍ଗ୍‌କୁ ନେଇ ପୁଣି ଚର୍ଚ୍ଚା ଆରମ୍ଭ ହୋଇଛି। ବିବାଦୀୟ ଢଙ୍ଗରେ ନନ୍ ଷ୍ଟ୍ରାଇକର ଏଣ୍ଡ୍‌ରେ ବ୍ୟାଟ୍ସମ୍ୟାନଙ୍କୁ ରନ୍ ଆଉଟ କରିବାକୁ ମଙ୍କଡିଙ୍ଗ୍ କୁହାଯାଇଥାଏ। ସଂଯୋଗବଶତଃ କିମ୍ବଦନ୍ତୀ ଭାରତୀୟ କ୍ରିକେଟର ଭିନୁ ମଙ୍କଡଙ୍କ ନାମରେ ଏହା ନାମିତ ହୋଇଛି। ମଙ୍କଡ ହିଁ କ୍ରିକେଟକୁ ମଙ୍କଡିଙ୍ଗ୍ ପ୍ରଦାନ କରିଛନ୍ତି କହିଲେ ଭୁଲ୍ ହେବ ନାହିଁ। ନିୟମର ଅନ୍ତର୍ଭୁକ୍ତ ହୋଇଥିଲେ ମଧ୍ୟ ବିଶ୍ୱ କ୍ରିକେଟରେ ମଙ୍କଡିଙ୍ଗ୍‌କୁ ନେଇ ଏକାଧିକବାର ବିବାଦ ସୃଷ୍ଟି ହୋଇଛି...**


(ଆଇପିଏଲ୍)ରେ ପୁଣି ଥରେ ମଙ୍କଡିଙ୍ଗ୍ ନେଇ ଆଲୋଚନା ଆରମ୍ଭ ହୋଇଛି। ଆଇପିଏଲ୍‌ର ଏକ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବ୍ୟାଟ୍ସମ୍ୟାନ ଆରୋନ ଫିଞ୍ଚ୍‌ଙ୍କୁ ଦିଲ୍ଲୀ କ୍ୟାପିଟାଲ୍ସ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ମଙ୍କଡିଙ୍ଗ୍ ଦ୍ୱାରା ଗଣମାଧ୍ୟମଗୁଡିକରେ ଚର୍ଚ୍ଚା ସୃଷ୍ଟି କରିଛି।



ଚଳିତ ଆଇପିଏଲ୍‌ରେ ମଙ୍କଡିଙ୍ଗ୍ ନ କରି ରବିଚନ୍ଦ୍ରନ ଅଶ୍ୱିନ ଚେତାବନୀ ଦେଇ ଆରୋନ ଫିଞ୍ଚ୍‌ଙ୍କୁ ଛାଡିଦେଉଛନ୍ତି।

### ମଙ୍କଡିଙ୍ଗ୍‌ର ଅର୍ଥ

ପ୍ରଥମେ ମଙ୍କଡିଙ୍ଗ୍‌ର ଅର୍ଥ ସମସ୍ତେ ବୁଝିବା ଆବଶ୍ୟକ। ବୋଲିଂ କରିବା ଅବସରରେ ବଲ୍ ପକାଇବା ପୂର୍ବରୁ ନନ୍ ଷ୍ଟ୍ରାଇକର ଏଣ୍ଡ୍‌ରେ ଯଦି ବ୍ୟାଟ୍ସମ୍ୟାନ କ୍ରିଜ୍ ଛାଡଥାନ୍ତି ଓ ଏହାର ସୁଯୋଗ ନେଇ ବୋଲର ସମ୍ପୃକ୍ତ ବ୍ୟାଟ୍ସମ୍ୟାନଙ୍କୁ ରନ୍ ଆଉଟ୍ କରିଥାନ୍ତି, ତା'ହେଲେ ଏହାକୁ ମଙ୍ଗଡିଙ୍ଗ୍ କୁହାଯାଇଥାଏ।



କିମ୍ବଦନ୍ତୀ ଭାରତୀୟ ଅଲରାଉଣ୍ଡର ଭିନୁ ମଙ୍କଡ

ଆଉଟ କରିବାର ସୁଯୋଗ ପାଇଥିଲେ। ତେବେ ସେ ଫିଞ୍ଚ୍‌ଙ୍କୁ ଆଉଟ୍ ନ କରି ଚେତାବନୀ ଦେଇ ଛାଡି ଦେଇଥିଲେ। ଫଳରେ ମଙ୍କଡିଙ୍ଗ୍ ପୁଣି ଥରେ

ଗତବର୍ଷ ଆଇପିଏଲ୍‌ର ଏକ ମ୍ୟାଚ୍‌ରେ କିଙ୍ଗ୍ସ ଏକାଦଶ ପଞ୍ଜାବ ଅଧିନାୟକ ଅଶ୍ୱିନ୍ ରାଜସ୍ଥାନ ରୟାଲ୍ସ ବ୍ୟାଟ୍ସମ୍ୟାନ ଜୋଶ ବଟଲରଙ୍କୁ ମଙ୍କଡିଙ୍ଗ୍ ଦ୍ୱାରା ଆଉଟ କରିଥିଲେ। ଫଳରେ ଦୀର୍ଘ ବର୍ଷ ପରେ ମଙ୍କଡିଙ୍ଗ୍ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା। ଅବଶ୍ୟ ଅଶ୍ୱିନଙ୍କୁ ନେଇ କେତେକ ସମାଲୋଚନା କରିଥିଲେ ଓ ଆଉ କେତେକ ସମର୍ଥନ ମଧ୍ୟ କରିଥିଲେ। ସେନ୍ ୱର୍ନ, ମାଇକେଲ ଭନ୍, ସାମ୍ ବିଲିଙ୍ଗ୍ସ, କ୍ରିସ୍ ଲିନ୍, ଡେଲ ଷ୍ଟେଇନ୍‌ଙ୍କ ପରି କ୍ରିକେଟର ଏଥିପାଇଁ ଅଶ୍ୱିନଙ୍କୁ କଡ଼ା ସମାଲୋଚନା କରିଥିଲେ।

ଏହା ସ୍ପୋର୍ଟ୍ସମ୍ୟାନ ସ୍ପିରିଟ୍ ନୁହଁ ବୋଲି କେତେକ କହିଥିଲେ। କିନ୍ତୁ ନିୟମ ଦୃଷ୍ଟିରୁ ଦେଖିବାକୁ ଗଲେ ଏହା କିଛି ଭୁଲ ନୁହଁ ବୋଲି କେତେକ ମତ ଦେଇଛନ୍ତି। ଅଜାଣତରେ ଯଦି କୌଣସି ବ୍ୟାଟ୍ସମ୍ୟାନ ନନ୍ ଷ୍ଟ୍ରାଇକର ଏଣ୍ଡ୍‌ରେ କ୍ରିଜ୍ ଛାଡିଥାନ୍ତି ଓ ତାଙ୍କୁ ଏଭଳି ଭାବେ ରନ୍ ଆଉଟ କରାଯାଏ ତାହାଲେ ବିବାଦ ସୃଷ୍ଟି ହେବ ଓ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ।

### ମଙ୍କଡିଙ୍ଗ୍‌ର ନାମକରଣ


ଏହି ବିବାଦୀୟ ଢଙ୍ଗରେ ଆଉଟ କରିବାର ପ୍ରକ୍ରିୟା (ମଙ୍କଡିଙ୍ଗ୍)କୁ ଭାରତୀୟ ପୂର୍ବତନ କ୍ରିକେଟର ତଥା ଅଲରାଉଣ୍ଡର ଭିନୁ ମଙ୍କଡଙ୍କ ନାମରେ ନାମିତ କରାଯାଇଛି। ଏଭଳି ଆଉଟ କରିବା ପଛରେ ଭିନୁ ମଙ୍କଡ ହିଁ ରହିଛନ୍ତି। ୧୯୪୭ରେ ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ (ଏସ୍‌ସିଜି) ଭାରତ ଓ ଘରୋଇ ଅଷ୍ଟ୍ରେଲିଆ ମଧ୍ୟରେ ଏକ ଟେଷ୍ଟ ଖେଳାଯାଇଥିଲା। ଏହି ଅବସରରେ ଭାରତୀୟ ବାମହାତୀ ସ୍ପିନର ଭିନୁ ଏକ ବିବାଦୀୟ ଢଙ୍ଗରେ ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନ ବିଲ୍ ବ୍ରାଉନଙ୍କୁ ଆଉଟ କରିଥିଲେ। ଭିନୁ ବଲ୍ ପକାଇବା ପୂର୍ବରୁ ନନ୍ ଷ୍ଟ୍ରାଇକର ଏଣ୍ଡ୍‌ରେ ବ୍ରାଉନ୍ କ୍ରିଜ୍ ଛାଡିଥିଲେ। ଏହାର ସୁଯୋଗ ନେଇ ଭିନୁ ତାଙ୍କୁ ରନ୍ ଆଉଟ୍ କରିଥିଲେ ଓ ଏହା କ୍ରିକେଟ ଇତିହାସରେ ପ୍ରଥମ ମଙ୍କଡିଙ୍ଗ୍ ଥିଲା। ଏହା ବିବାଦ ସୃଷ୍ଟି କରିଥିଲା। ପୂର୍ବରୁ ଏକ ଟୁର ଗେମ୍‌ରେ ମଧ୍ୟ ଭିନୁ ସମାନ ଢଙ୍ଗରେ ବ୍ରାଉନଙ୍କୁ ଆଉଟ୍ କରିଥିଲେ। ଅଷ୍ଟ୍ରେଲୀୟ ଗଣମାଧ୍ୟମ ସେତେବେଳେ ମଙ୍କଡଙ୍କୁ ଏଥିପାଇଁ ତାଚ୍ଛଲ୍ୟ କରି କଡ଼ା ସମାଲୋଚନା କରିଥିଲା। ଏହା କ୍ରିକେଟର ବୃହତ୍ତର ସ୍ୱାର୍ଥକୁ କ୍ଷୁର୍ଣ୍ଣ କରୁଛି ବୋଲି କୁହାଯାଇଥିଲା। ଅଧିନାୟକ ଡନ୍ ବ୍ରାଡମ୍ୟାନ କିନ୍ତୁ ମଙ୍କଡଙ୍କୁ ଏ ନେଇ ସମର୍ଥନ କରିଥିଲେ। ଏହାପରେ ଯେତେବେଳେ ଏଭଳି ଢଙ୍ଗରେ କୌଣସି ବ୍ୟାଟ୍ସମ୍ୟାନଙ୍କୁ ଆଉଟ୍ କରାଯାଇଛି ସେତେବେଳେ ଏହାକୁ ମଙ୍କଡିଙ୍ଗ୍ ବୋଲି କୁହାଯାଇଛି। ଅନ୍ୟପକ୍ଷରେ କହିବାକୁ ଗଲେ ଏହି ଆଉଟ କରିବାର ପ୍ରକ୍ରିୟାକୁ ଭିନୁ ମଙ୍କଡଙ୍କ ନାମରେ ହିଁ ନାମିତ କରାଯାଇଛି। ମଙ୍କଡରୁ ଏହା ସେତେବେଳେ ମଙ୍କଡିଙ୍ଗ୍‌ରେ ପରିଣତ ହେଲା। କିନ୍ତୁ ଏହାକୁ କେତେକେ ପୂର୍ବତନ କ୍ରିକେଟର ଆଦୌ ପସନ୍ଦ କରିନାହାନ୍ତି। କିମ୍ବଦନ୍ତୀ କ୍ରିକେଟର ସୁନୀଲ ଗାଭାସ୍କର ଏଥିପାଇଁ ମଙ୍କଡଙ୍କ ବଦଳରେ ବ୍ରାଉନ୍‌ଙ୍କୁ ଦାୟି କରିଛନ୍ତି। ପ୍ରକୃତରେ ଏଥିରେ ବ୍ରାଉନ୍‌ଙ୍କର ତ୍ରୁଟି ରହିଥିଲା। ମଙ୍କଡ ସୁଯୋଗ ନେଇ ନିୟମର ମାତ୍ର ବ୍ୟବହାର କରିଛନ୍ତି। ଏହା ମଙ୍କଡଙ୍କ ପ୍ରତି ଏକ ଅପମାନ ବୋଲି ଗାଭାସ୍କର କହିଛନ୍ତି। କ୍ରିକେଟରେ ଏକାଧିକ ବାର ମଙ୍ଗଡିଙ୍ଗ୍ ଦ୍ୱାରା ବ୍ୟାଟ୍ସମ୍ୟାନଙ୍କୁ ଆଉଟ କରାଯାଇଛି। କେବଳ ସେତିକି ନୁହେଁ ବହୁବାର ମଧ୍ୟ ବୋଲର ମଙ୍କଡିଙ୍ଗ୍ ନ କରି ବ୍ୟାଟ୍ସମ୍ୟାନଙ୍କୁ ଚେତାବନୀ ଦେଇ ଛାଡି ଦେଇଥିବାର ଉଦାହରଣ ରହିଛି।

| | | | |
|---|---|---|---|
| **ଟେଷ୍ଟ** | | | |
| ୧.ବିଲ୍ ବ୍ରାଉନ୍ ଭିନୁ ମଙ୍କଡଙ୍କ ଦ୍ୱାରା ଆଉଟ | ଭାରତ– ଅଷ୍ଟ୍ରେଲିଆ | ସିଡନୀ | ୧୯୪୭–୪୮ |
| ୨. ଇଆନ୍ ରେଡପାଥ ଚାର୍ଲି ଗ୍ରିଫିଥ୍‌ଙ୍କ ଦ୍ୱାରା ଆଉଟ | ଅଷ୍ଟ୍ରେଲିଆ– ୱେଷ୍ଟଇଣ୍ଡିଜ | ଆଡିଲେଡ | ୧୯୬୮ – ୬୯ |
| ୩. ଡେରିକ ରାଣ୍ଡଲ ଏୱିନ୍ ଚ୍ୟାଟ୍‌ଫିଲ୍ଡଙ୍କ ଦ୍ୱାରା ଆଉଟ | ଇଂଲଣ୍ଡ– ନ୍ୟୁଜିଲାଣ୍ଡ | ଖ୍ରୀଷ୍ଟଚର୍ଚ୍ଚ | ୧୯୭୭–୭୮ |
| ୪. ସିକନ୍ଦର ବକ୍ତ ଆଲାନ ହର୍ଷ୍ଟଙ୍କ ଦ୍ୱାରା ଆଉଟ | ପାକିସ୍ତାନ– ଅଷ୍ଟ୍ରେଲିଆ | ପର୍ଥ | ୧୯୭୮ –୭୯ |
| **ଦିନିକିଆ** | | | |
| ୧.ବ୍ରାଏନ ଲକ୍‌ହର୍ଷ୍ଟ ଗ୍ରେଗ୍ ଚାପେଲଙ୍କ ଦ୍ୱାରା ଆଉଟ | ଇଂଲଣ୍ଡ– ଅଷ୍ଟ୍ରେଲିଆ | ମେଲବୋର୍ନ | ୧୯୪୭–୭୫ |
| ୨.ଗ୍ରାଣ୍ଟ ଫ୍ଲାୱାର ଦୀପକ ପଟେଲଙ୍କ ଦ୍ୱାରା ଆଉଟ | ଜିମ୍ବାୱେ– ନ୍ୟୁଜିଲାଣ୍ଡ | ହରାରେ | ୧୯୯୨– ୯୩ |
| ୩.ପିଟର କିର୍ଷ୍ଟେନ କପିଳ ଦେବଙ୍କ ଦ୍ୱାରା ଆଉଟ | ଦକ୍ଷିଣ ଆଫ୍ରିକା– ଭାରତ | ପୋର୍ଟ ଏଲିଜାବେଥ | ୧୯୯୨–୯୩ |
| ୪.ବଟଲର ସଚିତ୍ର ସେନାନାୟକେଙ୍କ ଦ୍ୱାରା ଆଉଟ | ଇଂଲଣ୍ଡ– ଶ୍ରୀଲଙ୍କା | ଏଜ୍‌ବାଷ୍ଟନ | ୨୦୧୪ |
| **ଟି୨୦ ଅନ୍ତର୍ଜାତୀୟ** | | | |
| ୧. ମାର୍କ ଚପ୍‌ମ୍ୟାନ ଅମୀର କଲିମଙ୍କ ଦ୍ୱାରା ଆଉଟ | ହଂକଂ– ଓମାନ | -- | ୨୦୧୬ |

## କନ୍‌ସିଅସ୍

କରୋନା ଖେଳରେ ୱାର୍ଲ୍ଡ ଆଉଟ
ଆଉଟ ଭାରତ ବର୍ଷ
ଫୁଟ୍‌ବଲ, ଭଲି, କ୍ରିକେଟ, ଟେନିସ୍
ପ୍ରଭାବିତ, ଶିଳ୍ପ, ରଣ
ଗଲା ବିସ୍ଥାପିତ ବାସ
ମନରୁ ସରାଗ କରୋନା ନେଇଛି
ହୋଇଗଲା ଆଠ ମାସ ।୧।

ଇଣ୍ଡିଆନ ପ୍ରିମିୟର ଲିଗ୍ ଚାଲେ
ଷ୍ଟାଡିୟମ ଏଠି ଖାଲି
ଦର୍ଶକ ନାହାନ୍ତି ପ୍ଲେୟର ଖେଳନ୍ତି
କରୋନା ଜଗିଛି ବୋଲି



ମୋବାଇଲ ଟିଭି ଖୋଲି
କିଏ ଦେଖେ ଟାଇମ୍ ପାସ କରିବାକୁ
ଅବା କିଏ ଯାଏ ଭୁଲି।୨।

ଏଡ୍‌ସ, ମ୍ୟାଲେରିଆ, ଭୂତାଣୁ ପରିକା
କରୋନା ଯିବନି ଆଉ ?
ସୋସିଆଲ ଡିଷ୍ଟାନ୍ସିଂ ରଖ, ମାସ୍କ
ପିନ୍ଧୁଥା' ରୋଗ ନ ଥାଉ
ସଚେତନ ହେଲେ ସଭ
କରୋନା ହାରିବ, ଅମାନିଆ ହେଲେ
ପ୍ରାଣଯିବ ଥାଉ ଆୟୁ।୩।

**–ସୁବାସ ଚନ୍ଦ୍ର ପ୍ରଧାନ**

# ବେଙ୍ଗାଲୁରୁ ୟୁନାଇଟେଡ୍‌କୁ ହରାଇଲା ଭବାନୀପୁର ଏଫ୍‌ସି

**ଆଇ-ଲିଗ୍ କ୍ୱାଲିଫାୟର୍ସ**

କୋଲକାତା, ୮।୧୦ (ପି.ଟି.)

କରୋନା ଯୋଗୁ ଦେଶରେ ୭ ମାସ ହେବ କ୍ରୀଡ଼ା କାର୍ଯ୍ୟକଳାପ ସ୍ଥାଣୁ ହୋଇଯାଇଥିଲା। ଗୁରୁବାରଠାରୁ ଆରମ୍ଭ ହୋଇଛି ଫୁଟ୍‌ବଲ ପ୍ରତିଯୋଗିତା। ବିନା ଦର୍ଶକରେ ଅନୁଷ୍ଠିତ ଆଇ–ଲିଗ୍ କ୍ୱାଲିଫାୟାର୍ସର ଓପନିଂ ମ୍ୟାଚ୍‌ରେ ସହରର ଅନ୍ୟତମ କ୍ଲବ ଭବାନୀପୁର୍ ଏଫ୍‌ସି ୨–୦ ବେଙ୍ଗାଲୁରୁ ୟୁନାଇଟେଡ୍‌କୁ ହରାଇ ଦେଇଛି। ସଲ୍ଟଲେକ୍ ଷ୍ଟାଡିୟମରେ ଖେଳାଳିମାନଙ୍କ ଲାଗି ସାନିଟେଶନ ଟନେଲର ବ୍ୟବସ୍ଥା କରାଯାଇଥିଲା। ସାମାଜିକ ଦୂରତ୍ୱ ବଜାୟ ଉପରେ ଧ୍ୟାନ ଦିଆଯାଇଥିଲା। ମାର୍ଚ୍ଚ ୧୭ରେ ଇଣ୍ଡିଆନ ସୁପର ଲିଗ୍ ଫାଇନାଲ ପରେ ଫୁଟ୍‌ବଲ ଟୁର୍ନାମେଣ୍ଟ ବନ୍ଦ ରହିଥିଲା। ୫ଟି ଦଳକୁ ନେଇ ଆଇ–ଲିଗ୍ କ୍ୱାଲିଫାୟର୍ସ ରାଉଣ୍ଡ ରବିନ ଭିତ୍ତିରେ ଖେଳାଯାଉଛି।ଏହି ଟୁର୍ନାମେଣ୍ଟର ବିଜେତା ଡିସେମ୍ବରରେ ହେବାକୁଥିବା ଆଇ–ଲିଗ୍ ପାଇଁ ଯୋଗ୍ୟତା ଅର୍ଜନ କରିବ। ଗୁରୁବାର ଉଦ୍‌ଘାଟନୀ ମ୍ୟାଚ୍‌ରେ ଭବାନୀପୁର ଏଫ୍‌ସି ଦଳଠାରୁ ପ୍ରଭାବୀ ପ୍ରତିଆକ୍ରମଣ ଖେଳ ଦେଖିବାକୁ ମିଳିଥିଲା। ମ୍ୟାଚରେ ଦୁଇଥର ଜଳପାନ ବିରତି ହୋଇଥିଲା। ନୂଆ କୋଭିଡ୍–୧୯ ପ୍ରୋଟୋକଲ ଅନୁସାରେ ପ୍ରତିଟି ଦଳରେ ୫ ବଦଳ ଖେଳାଳି ଉପଲବ୍ଧ ହୋଇ ପାରିବେ। ଭବାନୀପୁର ତରଫରୁ ପ୍ରଥମାର୍ଦ୍ଧ ଖେଳ ଶେଷ ହେବାକୁ ଅଳ୍ପ ସମୟ ବାକି ରହିଥିବାବେଳେ ଘାନା ଫରୱାର୍ଡ ଫିଲିପ୍ ଆଦ୍‌ଜା ପ୍ରଥମ ଗୋଲ ସ୍କୋର କରିଥିଲେ। ୬୦ତମ ମିନିଟ୍‌ରେ ଅଲ୍‌ଟାମାଶ ସୟଦ ଦ୍ୱିତୀୟ ଗୋଲ୍‌ଟିକୁ ସ୍କୋର କରିଥିଲେ।



ବେଙ୍ଗାଲୁରୁ ୟୁନାଇଟେଡ୍ ଓ ଭବାନୀପୁର ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ଦିଲ୍ଲୀକୁ ରୋକିବା ଲକ୍ଷ୍ୟରେ ରାଜସ୍ଥାନ

ଶାରଜା,୮।୧୦(ପି.ଟି.)

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୨୩ତମ ମ୍ୟାଚ୍‌ରେ ଶୁକ୍ରବାର ଷ୍ଟିଭେନ୍ ସ୍ମିଥ୍‌ଙ୍କ ରାଜସ୍ଥାନ ରୟାଲ୍ସ ଓ ଶ୍ରେୟାଶ ଆୟରଙ୍କ ଦିଲ୍ଲୀ କ୍ୟାପିଟାଲ୍ସ ପରସ୍ପରକୁ ଭେଟିବେ। କ୍ରମାଗତ ୩ଟି ମ୍ୟାଚ୍‌ରେ ପରାଜୟବରଣ କରିଥିବା ରାଜସ୍ଥାନ ଏହି ମୁକାବିଲା ଜିତି ପ୍ରତ୍ୟାବର୍ତ୍ତନ କରିବା ଲକ୍ଷ୍ୟରେ ରହିଛି। ଶ୍ରେଷ୍ଠ ଏକାଦଶ ଚୟନ ନେଇ ସଂଘର୍ଷ କରୁଥିବା ରାଜସ୍ଥାନ ଏଥିସହିତ ଦିଲ୍ଲୀର ବିଜୟ ଅଭିଯାନ ରୋକିବାକୁ ପ୍ରୟାସ କରିବ।

ଶାରଜାରେ ଦୁଇଟି ମ୍ୟାଚ୍ ଜିତି ରୟାଲ୍ସ ଭଲ ଆରମ୍ଭ କରିଥିଲା। ତେବେ ଏହାପରେ ଦୁବାଇ ଆବୁଧାବିର ବଡ଼ ଗ୍ରାଉଣ୍ଡରେ ସଂଘର୍ଷ କରିଥିଲା ଓ ହ୍ୟାଟ୍ରିକ ପରଜୟ ବରଣ କରିଛି। ଏବେ ଫେଭରାଇଟ୍ ଗ୍ରାଉଣ୍ଡ ଶାରଜାକୁ ପ୍ରତ୍ୟାବର୍ତ୍ତନ କରି ରାଜସ୍ଥାନ ଚମକ ଦେଖାଇବ ବୋଲି ଆଶା କରାଯାଉଛି। ଶାରଜା ଗ୍ରାଉଣ୍ଡରେ ରାଜସ୍ଥାନ ଦୁଇଟି ବୃହତ୍ ବିଜୟ ହାସଲ କରିଥିଲା। ଅନ୍ୟପଟେ ଆୟାରଙ୍କ ନେତୃତ୍ୱରେ ଦିଲ୍ଲୀ ଦଳ ବୋଲିଂ, ବ୍ୟାଟିଂ ଓ ଫିଲ୍ଡିଂରେ ବେଶ୍ ଶକ୍ତିଶାଳୀ ମନେହେଉଛି। ଏପର୍ଯ୍ୟନ୍ତ ଦିଲ୍ଲୀ ୫ଟି ମ୍ୟାଚ୍ ଖେଳି ୪ଟିରେ ବିଜୟ ହାସଲ କରିଛି। ତେବେ ରାଜସ୍ଥାନ ବିଭିନ୍ନ କାରଣରୁ ତା'ର ଶ୍ରେଷ୍ଠ ଏକାଦଶ ଚୟନ କରିବାକୁ ସଂଘର୍ଷ ଜାରି ରଖିଛି। ଇଂଲଣ୍ଡ ତାରକା ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ଦଳରେ ଯୋଗ ଦେବାପରେ ରାଜସ୍ଥାନ ପାଇଁ ଆଶା ସୃଷ୍ଟି ହୋଇଛି। ତେବେ ଷ୍ଟୋକ୍ସ ଏବେ କ୍ୱାରାଣ୍ଟାଇନ୍‌ରେ ରହିଛନ୍ତି। ସେ ଆସନ୍ତା ୧୧ ତାରିଖରେ ଦଳ ପାଇଁ ଉପଲବ୍ଧ ହେବେ। ଷ୍ଟିଭ୍ ସ୍ମିଥ୍ ଓ ସଞ୍ଜୁ ସାମସନ ହଠାତ୍ ଫର୍ମ ହରାଇବା ରାଜସ୍ଥାନର ସମସ୍ୟାକୁ ଦ୍ୱିଗୁଣିତ କରିଛି। ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ରାଜସ୍ଥାନ ଯୁବ ବ୍ୟାଟ୍ସମ୍ୟାନ ଯଶସ୍ୱୀ ଜୟସ୍ୱାଲ୍, ଦ୍ରୁତ ବୋଲର କାର୍ତ୍ତିକ ତ୍ୟାଗୀ ଓ ଅଙ୍କିତ ରାଜପୁତ୍‌ଙ୍କୁ ନେଇ ପରୀକ୍ଷା ନିରୀକ୍ଷା କରିଛି। ତେବେ ଏହା କାମରେ ଆସିନାହିଁ। ଜୟସ୍ୱାଲ ଦ୍ୱିତୀୟ ବଲରେ ହିଁ ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଥିଲେ। ସେହିପରି ରାଜପୁତ ୩ ଓଭରରେ ୪୨ ରନ ବ୍ୟୟ କରିଥିଲେ। ତେବେ ତ୍ୟାଗୀ ୩୬ ରନ ବ୍ୟୟ କରି ଗୋଟିଏ ଉଇକେଟ ହାସଲ କରି ପ୍ରଭାବୀ ପ୍ରଦର୍ଶନ କରିଥିଲେ। ନିଜ ପ୍ରଦର୍ଶନରେ ତ୍ୟାଗୀ ଖୁସି ଜାହିର କରିଛନ୍ତି। ଓପନର ଜୋଶ ବଟଲର ଫର୍ମକୁ ଫେରିବା ରଜସ୍ଥାନ ପାଇଁ ଖୁସି ଖବର । ଗତ ମ୍ୟାଚ୍‌ରେ ସେ ୪୪ ବଲରୁ ୭୦ ରନ ସଂଗ୍ରହ କରିଥିଲେ।

ବୋଲିଂରେ ଜୋଫ୍ରା ଆର୍ଚର ଓ ଟମ୍ କୁରାନ ପ୍ରଭାବୀ ପ୍ରଦର୍ଶନ କରିଥିଲେ ମଧ୍ୟ ସ୍ପିନର ରାହୁଲ ଟେୱାଟିଆ ନିୟମିତ ଭାବେ ବ୍ରେକ୍ ଥ୍ରୁ ଦେବାରେ ବିଫଳ ହୋଇଛନ୍ତି। ଅନ୍ୟପଟେ ଦିଲ୍ଲୀର ବୋଲିଂ ବେଶ୍ ସଲିଡ୍ ମନେହେଉଛି। ବ୍ୟାଟ୍ସମ୍ୟାନମାନେ ମଧ୍ୟ ଟପ୍ ଫର୍ମରେ ରହିଛନ୍ତି। ଅଧିନାୟକ ଆୟର ଭଲ ଫର୍ମରେ ରହିଛନ୍ତି। ସେହିପରି ଓପନର ପୃଥ୍ୱୀ ଶ ଓ ରିଷଭ ପନ୍ତ ମଧ୍ୟ ନିଜ ଦାୟିତ୍ୱ ତୁଲାଇବାରେ ସଫଳ ହୋଇଛନ୍ତି। ମାର୍କସ ଷ୍ଟୋଇନିସ୍ ମଧ୍ୟ ଦୁଇଟି ବିସ୍ଫୋରକ ଶତକ ଅର୍ଜନ କରିଛନ୍ତି। ବୋଲିଂରେ କାଗିସୋ ରାବାଡ଼ା ୧୨ ଉଇକେଟ ହାସଲ କରି ଆଇପିଏଲ୍‌ରେ ଏପର୍ଯ୍ୟନ୍ତ ଶ୍ରେଷ୍ଠ ବୋଲର ସାବ୍ୟସ୍ତ ହୋଇଛନ୍ତି। ଦକ୍ଷିଣ ଆଫ୍ରିକା ଦ୍ରୁତ ବୋଲର ଅନରିଚ୍ ନୋର୍ଜ ମଧ୍ୟ ଆବଶ୍ୟକ ସହଯୋଗ ପ୍ରଦାନ କରିଛନ୍ତି। ଇଶାନ୍ତ ଶର୍ମାଙ୍କ ବଦଳରେ ଦଳରେ ସ୍ଥାନ ପାଇଥିବା ହର୍ଷାଲ ପଟେଲ କୋଲକାତା ନାଇଟ୍ ରାଇଡର୍ସ ବିପକ୍ଷରେ ୩୪ ରନ ଦେଇ ୨ ଉଇକେଟ ଅକ୍ତିଆର କରିଥିଲେ। ତେବେ ଗତ ମ୍ୟାଚ୍‌ରେ ସେ ୪୩ ରନ ବ୍ୟୟ କରିଥିଲେ। ସେହିପରି ଆହତ ଅମିତ ମିଶ୍ରାଙ୍କ ବଦଳରେ ଦଳରେ ସ୍ଥାନ ପାଇଥିବା ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ପ୍ରତ୍ୟାବର୍ତ୍ତନ କରି ଭଲ ପ୍ରଦର୍ଶନ କରିଛନ୍ତି।



ଶ୍ରେୟାସ ଆୟାର ଓ ଷ୍ଟିଭ୍ ସ୍ମିଥ।

**ଆଇପିଏଲ୍**
(ଶୁକ୍ରବାର ମ୍ୟାଚ)
**ରାଜସ୍ଥାନ ରୟାଲ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ**
**ସ୍ଥାନ: ଶାରଜା, ସମୟ:** ରାତି ୭ଟା ୩୦
**ପ୍ରସାରଣ:** ଷ୍ଟାର ସ୍ପୋର୍ଟ୍ସ

**ରାଜସ୍ଥାନ ରୟାଲ୍ସ ଦଳ:**
ଷ୍ଟିଭ୍ ସ୍ମିଥ (ଅଧିନାୟକ), ଜୋଶ ବଟଲର, ବେନ୍ ଷ୍ଟୋକ୍ସ, ସଞ୍ଜୁ ସାମସନ, ଆଣ୍ଡ୍ର୍ୟୁ ଟାଏ, କାର୍ତ୍ତିକ ତ୍ୟାଗୀ, ଅଙ୍କିତ ରାଜପୁତ, ଶ୍ରେୟାସ ଗୋପାଲ, ରାହୁଲ ଟେୱାଟିଆ, ଜୟଦେବ ଉନାଡକଟ, ମୟଙ୍କ ଅଗ୍ରୱାଲ, ମହିପାଲ ଲୋମରର, ଓଶେନ ଥୋମାସ, ରିୟାନ ପରାଗ, ଯଶସ୍ୱୀ ଜୟସ୍ୱାଲ, ଅନୁଜ ରାୱତ, ଆକାଶ ସିଂ, ଡେଭିଡ ମିଲର, ମନନ ବୋରା, ଶଶାଙ୍କ ସିଂ, ବରୁଣ ଆରୋନ, ଟମ୍ କୁରାନ, ରବିନ ଉଥାପ୍ପା, ଅନିରୁଦ୍ଧ ଜେଷୀ ଓ ଜୋଫ୍ରା ଆର୍ଚର।

**ଦିଲ୍ଲୀ କ୍ୟାପିଟାଲ୍ସ ଦଳ:**
ଶ୍ରେୟାସ ଆୟାର (ଅଧିନାୟକ), ରବିଚନ୍ଦ୍ରନ ଅଶ୍ୱିନ, ଶିଖର ଧାୱନ, ପୃଥ୍ୱୀ ଶ, ଶିମରନ ହେଟ୍‌ମେୟର, କାଗିସୋ ରାବାଡ଼ା, ଆଜିଙ୍କ୍ୟ ରାହାନେ, ଅମିତ ମିଶ୍ରା, ରିଷଭ ପନ୍ତ (ଉଇକେଟକିପର), ଈଶାନ୍ତ ଶର୍ମା, ଅକ୍ଷର ପଟେଲ, ସନ୍ଦୀପ ଲାମିଚେନ, କିମୋ ପଲ, ଡାନିଏଲ୍ ସାମ୍ସ, ମୋହିତ ଶର୍ମା, ଅନରିଚ୍ ନୋର୍ଜ, ଆଲେକ୍ସ କାରେ, ଆଭେଶ ଖାନ, ତୁଷାର ଦେଶପାଣ୍ଡେ, ହର୍ଷାଲ ପଟେଲ, ମାର୍କସ ଷ୍ଟୋଇନିସ୍ ଓ ଲଳିତ ଯାଦବ।

## ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ମିଳୁନି ସେବା

ପୁରୀ ଅଫିସ: ପୁରୀ ଜିଲାର ପିପିଲି ବ୍ଲକ କମାକଣ୍ଟିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ସୁବିଧା ମିଳୁନାହିଁ ବୋଲି ସ୍ଥାନୀୟ ଅଞ୍ଚଳର ଦିଲୀପ କୁମାର ବରାଳଙ୍କ ସମେତ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଏ ନେଇ ଦିଲୀପ ପୂର୍ବରୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ସେ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି।

**ସଂକ୍ଷେପରେ**

### ଜନ ଆନ୍ଦୋଳନରେ ଶପଥନେଲେ ପୂର୍ବତଟ ରେଳପଥ କର୍ମଚାରୀ

ଭୁବନେଶ୍ୱର, ୮।୧୦ (ବ୍ୟୁରୋ): କରୋନା ଲଢେଇ ପାଇଁ ପୂର୍ବତଟ ରେଳପଥ କର୍ମଚାରୀମାନେ ଜନ ଆନ୍ଦୋଳନ ଅଭିଯାନରେ ସାମିଲ ହୋଇ ଶପଥ ନେଇଛନ୍ତି। ମାସ୍କ ପିନ୍ଧିବା, ବାରମ୍ବାର ହାତ ଧୋଇବା, ସାମାଜିକ ଦୂରତା ଅନୁସରଣ କରିବା ଏବଂ ଦୁଇ ଗଜ ଦୂରତା ରଖିବାର ଅଭ୍ୟାସ ଜାରି ରଖିବାକୁ ସେମାନେ ଯାତ୍ରୀଙ୍କୁ ନିବେଦନ କରିଛନ୍ତି। ଏହି ଜନ ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ବିଦ୍ୟା ଭୂଷଣ ଭିଡିଓ କନଫେରେନ୍ସରେ ରେଳପଥର କର୍ମଚାରୀଙ୍କୁ ସର୍ବଦା ସଜାଗ ରହିବାକୁ ଏବଂ କୋଭିଡ୍‌ରୁ ନିଜେ ତଥା ସେମାନଙ୍କ ସହକର୍ମୀଙ୍କ ପ୍ରତି ବିପଦ ନ ରଖିବାକୁ ଶପଥ ପାଠ କରାଇଛନ୍ତି। ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ସୁଧୀର କୁମାରଙ୍କ ସମେତ ବହୁ ପ୍ରମୁଖ ବିଭାଗୀୟ ଅଧିକାରୀ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ଶପଥପାଠ କରିଛନ୍ତି।

### କରୋନା ଅକ୍ରାନ୍ତଙ୍କ ମୃତ୍ୟୁ

ପୁରୁଣା ଭୁବନେଶ୍ୱର,୮।୧୦(ଡି.ଏନ୍.ଏ.):ଖଣ୍ଡଗିରିସ୍ଥିତ ଆର୍କୋଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆର କାର୍ଯ୍ୟରତ ଡ୍ରାଇଭରଙ୍କ ବୁଧବାର ପରଲୋକ ଘଟିଛି। ସେ ହେଲେ ପିପିଲି ଥାନା ଅଧୀନ ଦୀନଉଦ୍ଧାରଣ ଗ୍ରାମର ରସାନନ୍ଦ ତ୍ରିପାଠୀ(୫୫)। ସେ କରୋନାରେ ଆକ୍ରାନ୍ତ ହୋଇ କଟକ ଏସ୍‌ସିବିରେ ଚିକିତ୍ସାଧୀନ ଥିଲେ। ସତ୍ୟନଗରରେ ତାଙ୍କ ମୃତଦେହ ସତ୍କାର କରାଯାଇଥିବା ବେଳେ ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକେ କ୍ୱାରାଣ୍ଟାଇନରେ ରହିବା ସହ କରୋନା ପରୀକ୍ଷା କରିବା ଲାଗି କୁହାଯାଇଛି।

### ୫ ଗାଈ, ୩ ଛେଳି ଜୀବନ୍ତଦଗ୍ଧ

କଣ୍ଟାପଡା,୮।୧୦(ଡି.ଏନ୍.ଏ.): ଓଲଟପୁର ଥାନା ଅନ୍ତର୍ଗତ ଶିଶୁଆ ମୁସଲିମ ବସ୍ତିର ଏକ ଗୁହାଳରେ ଗୁରୁବାର ସନ୍ଧ୍ୟାରେ ନିଆଁ ଲାଗି ୫ଟି ଗାଈ ଓ ୩ ଛେଳି ଜୀବନ୍ତଦଗ୍ଧ ହୋଇଯାଇଛନ୍ତି। ସୂଚନାଯୋଗ୍ୟ, ଉକ୍ତ ବସ୍ତିର ରକିମ ସାହାକର ୪ ବଖରା ଚାଳ ଘରେ ଗାଈ ଓ ଛେଳି ରହୁଥିଲେ। ଗୁରୁବାର ସନ୍ଧ୍ୟା ପ୍ରାୟ ୭ଟାରେ କୌଣସି କାରଣରୁ ନିଆଁ ଲାଗି ଯାଇଥିଲା। ଫଳରେ ୪ବଖରା ଚାଳଘରଗୁଡିକ ସମ୍ପୂର୍ଣ୍ଣ ପୋଡିଯିବା ସହ ଗାଈ ଓ ଛେଳି ମରିଯାଇଥିଲେ। ଖବରପାଇ ଅଡ଼ଶପୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ।

### ଷ୍ଟୁଡିଓ ଭିତରେ ମାପଚୁପ ଆରମ୍ଭ

ଖୋର୍ଦ୍ଧା ଅଫିସ,୮।୧୦: ଖୋର୍ଦ୍ଧା ସାରୁଅ ଗ୍ରାମରେ ଓଟିଭି କର୍ତ୍ତୃପକ୍ଷ ଜମି ହଡ଼ପ ଅଭିଯୋଗ ଘଟଣାରେ ଜିଲା ପ୍ରଶାସନ ପକ୍ଷରୁ ତଦନ୍ତ ଜାରି ରହିଛି। ଗୁରୁବାର ଅପରାହ୍ନରେ ବେଗୁନିଆ ତହସିଲର ୭ଜଣିଆ ରାଜସ୍ୱ ଟିମ୍ ଷ୍ଟୁଡିଓ ଭିତରେ ପ୍ରାୟ ଅଢ଼େଇ ଘଣ୍ଟା ମାପଚୁପ କରିଥିଲେ। ପ୍ରକାଶ ଯେ, ସାରୁଅ ଶିଳ୍ପାଞ୍ଚଳରୁ ଓଟିଭି ଷ୍ଟୁଡିଓକୁ ସଂଯୋଗ କରୁଥିବା ରାସ୍ତା ଗୋଚର ଜମି ବୋଲି ଜଣାପଡ଼ିବା ପରେ ଉକ୍ତ ରାସ୍ତାରେ ପ୍ରଶାସନ ପକ୍ଷରୁ ନାଲି ପତାକା ପୋତାଯାଇଛି। ସେହି ସମୟରେ ଷ୍ଟୁଡିଓ ଭିତରେ ମଧ୍ୟରେ ଗୋଚର ଜମି ରହିଥିବା ନେଇ ଅଭିଯୋଗକାରୀ ପ୍ରଶାସନ ନିକଟରେ ଦାବି କରିଥିଲେ। ଷ୍ଟୁଡିଓ ଭିତରେ ମାପଚୁପ ଲାଗି ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ଏନେଇ ବେଗୁନିଆ ତହସିଲ ପକ୍ଷରୁ ଓଟିଭି କର୍ତ୍ତୃପକ୍ଷଙ୍କୁ ନୋଟିସ କରାଯାଇଥିଲା। ଏ ସମ୍ପର୍କରେ ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ କହିଛନ୍ତି, ଘଟଣାର ତଦନ୍ତ ଜାରି ରହିଛି। ଅଭିଯୋଗ ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

### ମହାରଥୀଙ୍କ ବିୟୋଗରେ ଶୋକସଭା

ପିପିଲି,୮।୧୦(ସ୍ୱ.ପ୍ର.): ପୂର୍ବତନ ମନ୍ତ୍ରୀ ତଥା ପିପିଲି ବିଧାୟକ ପ୍ରଦୀପ ମହାରଥୀଙ୍କ ବିୟୋଗରେ ପିପିଲିର କାର୍ଯ୍ୟରତ ସାମ୍ବାଦିକ ସମୂହ ପକ୍ଷରୁ ଗୁରୁବାର ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଖବରଦାତା ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଇନ୍ଦିରା ମଇଦାନସ୍ଥିତ ଶ୍ରୀ ନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ସଭାରେ ନିର୍ବାଚନମଣ୍ଡଳୀର ଉନ୍ନତି ଓ ମହିଳା ସମାଜ କ୍ଷେତ୍ରରେ ମହାରଥୀଙ୍କ ଅବଦାନ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ଖବରଦାତା ପ୍ରଭାତ ମହାପାତ୍ର, ହେମନ୍ତ ସେଠୀ, ବିଜୟ ମହାପାତ୍ର, ପ୍ରଫୁଲ୍ଲ ସାହୁ, ସୁରେଶ ଚନ୍ଦ୍ର ମହାନ୍ତି, ରାକେଶ ରୋଶନ ମହାନ୍ତି, ମନୋରଞ୍ଜନ ମହାପାତ୍ର, ପ୍ରତାପ ବାରିକ, ସନ୍ତୋଷ ପ୍ରଧାନ, ଅରୁଣ ରାଉତ, ଦୁର୍ଗାଚରଣ ନାୟକ, ଦୁର୍ଗାମାଧବ ପରିଡା, ପ୍ରଫୁଲ୍ଲ ସାହୁ, ବସନ୍ତ ଖଣ୍ଡାୟତରାୟ, ପ୍ରଶାନ୍ତ ଦାସ, ଚନ୍ଦନ ମୁଦୁଲି, ପ୍ରଦ୍ୟୁମ୍ନ କୁମାର ସୁବୁଦ୍ଧି, ସଂଜୟ ପ୍ରଧାନ ପ୍ରମୁଖ ସାମିଲ୍ ଥଲେ।

# ୪୬ ଦିନ ହେବ ୩୦୦ରୁ ଖସୁନି ସଂଖ୍ୟା

**■୩୦୯ ନୂଆ ଆକ୍ରାନ୍ତ, ୩୧୭ ସୁସ୍ଥ, ୪ ମୃତ**

ଭୁବନେଶ୍ୱର, ୮।୧୦ (ବ୍ୟୁରୋ)

ଭୁବନେଶ୍ୱରରେ କରୋନା ସଂକ୍ରମଣ ଅଣାୟତ୍ତ ହେବାରେ ଲାଗିଛି। ଦୈନିକ ୩ ଶହରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ଚିହ୍ନଟ ହେଉଥିବାବେଳେ ଏବେ ମୋଟ ସଂକ୍ରମଣ ୨୪ ହଜାର ୫୩୭କୁ ବୃଦ୍ଧିପାଇଛି। ସବୁଠୁ ବଡ଼ କଥା ହେଲା, ଗତ ୪୬ ଦିନ ହେବ ଭୁବନେଶ୍ୱରରୁ ୩୦୦ରୁ ଊର୍ଦ୍ଧ୍ୱ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ଗତ ଅଗଷ୍ଟ ୨୪ ତାରିଖ ଦିନ ଶେଷଥର ପାଇଁ ଭୁବନେଶ୍ୱରରେ ୨୬୬ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ସେତେବେଳେ ଭୁବନେଶ୍ୱରରେ ମାତ୍ର ୭୫୯୯ଜଣ ଆକ୍ରାନ୍ତ, ୪୫୬୩ ଜଣ ସୁସ୍ଥ ଓ ୩୩ଜଣଙ୍କ ମୃତ୍ୟୁ ହୋଇଥିଲା। ହେଲେ ଗତ ୪୬ ଦିନ ମଧ୍ୟରେ ସଂକ୍ରମଣ ବଢ଼ୁଥିବାରୁ ଭୁବନେଶ୍ୱରରେ ଏବେ ସର୍ବାଧିକ ଆକ୍ରାନ୍ତ ଚିହ୍ନଟ ହୋଇଥିବା ନଜରକୁ ଆସିଛି। ମୁଖ୍ୟତଃ ସେପ୍ଟେମ୍ବର ପ୍ରାରମ୍ଭରୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଭୁବନେଶ୍ୱରକୁ କଟକଣାମୁକ୍ତ କରିବା ପରେ ସଂକ୍ରମଣ ତଳକୁ ଖସୁ ନ ଥିବା ପରିଲକ୍ଷିତ ହେଉଛି। ଗତ ୨୪ ଘଣ୍ଟାରେ ଭୁବନେଶ୍ୱରରୁ ଆଉ ୩୦୯ ଆକ୍ରାନ୍ତ, ୩୧୭ ସୁସ୍ଥ ଓ ୪ଜଣଙ୍କ କରୋନାରେ ମୃତ୍ୟୁ ହୋଇଥିବା ବିଏମ୍‌ସି ସୂଚନା ଦେଇଛି।

ସୂଚନା ମୁତାବକ, ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ସଙ୍ଗରୋଧରୁ ୮୩ଜଣ ଚିହ୍ନଟ ହୋଇଥିବାବେଳେ ୨୨୬ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ସେହିପରି ଗୁରୁବାର ୪ମୃତ୍ୟୁକୁ ମିଶାଇ ମୋଟ ମୃତ୍ୟୁ ସଂଖ୍ୟା ୧୦୯କୁ ବୃଦ୍ଧିପାଇଛି। ଗତ ୮ ଦିନ ମଧ୍ୟରେ ସହରୁ ୧୬ ଜଣଙ୍କର ମୃତ୍ୟୁ ହୋଇଛି। ଯାହା ବିଏମ୍‌ସି ପାଇଁ ଚିନ୍ତା ବଢ଼ାଇଛି। ଅନ୍ୟପଟେ ୩୧୭ଜଣ ସୁସ୍ଥଙ୍କୁ ମିଶାଇ ମୋଟ ସୁସ୍ଥ ସଂଖ୍ୟା ୨୦ ହଜାର ୮୮୮କୁ ବୃଦ୍ଧିପାଇଛି। ବର୍ତ୍ତମାନ ସହରରେ ୩,୫୧୯ ଆକ୍ରାନ୍ତ ସକ୍ରିୟ ଥିବା ବିଏମ୍‌ସି ସୂତ୍ରରୁ ଜଣାପଡ଼ିଛି।

### ଖୋର୍ଦ୍ଧା ଗ୍ରାମାଞ୍ଚଳ: ୧୧ହଜାର ଟପିଲା ଆକ୍ରାନ୍ତଙ୍କ ସଂଖ୍ୟା

ଖୋର୍ଦ୍ଧା ଅଫିସ,୮।୧୦: ଖୋର୍ଦ୍ଧା ଗ୍ରାମାଞ୍ଚଳରେ ଗୁରୁବାର ୯୩ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୧୬୦ଜଣ ସୁସ୍ଥ ହୋଇଛନ୍ତି। ଭୁବନେଶ୍ୱର ବ୍ଲକରୁ ଜଣଙ୍କର ମୃତ୍ୟୁ ଘଟିଛି। ପଜିଟିଭ୍‌ଙ୍କ ମଧ୍ୟରେ ବାଲିଅନ୍ତା ୧୬, ବାଲିପାଟଣା ୬, ଭୁବନେଶ୍ୱର ବ୍ଲକ ୧୪, ଜଟଣୀ ୫, ଖୋର୍ଦ୍ଧା ବ୍ଲକ ୧୯, ବେଗୁନିଆ ୧୦, ବୋଲଗଡ଼ ୪, ଟାଙ୍ଗୀ ୩, ଚିଲିକା ୬ ଏବଂ ବାଣପୁରର ୧୦ଜଣ ରହିଛନ୍ତି। ଗୁରୁବାର ସୁଦ୍ଧା ଖୋର୍ଦ୍ଧା ଗ୍ରାମାଞ୍ଚଳରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୧,୦୬୬ରେ ପହଞ୍ଚିଛି। ୧୦୧୩୩ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ୮୮୫ଜଣ ସକ୍ରିୟ ରହିଛନ୍ତି। ୪୮ଜଣଙ୍କ ମୃତ୍ୟୁ ଘଟିଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।



ବିଭିନ୍ନ ଦାବିନେଇ ଗୁରୁବାର ଓଡ଼ିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ମଜଦୁର ସଂଘ ପକ୍ଷରୁ କଟକ ଜିଲା ଶ୍ରମ ଅଧିକାରୀ ଅଫିସ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

# ଟ୍ରେନ୍ ଆଂଶିକ ବାତିଲ, ମାର୍ଗ ପରିବର୍ତ୍ତନ

ଭୁବନେଶ୍ୱର, ୮।୧୦ (ବ୍ୟୁରୋ)

ବିଭିନ୍ନ ସ୍ଥାନରେ ଜାରି ରହିଥିବା ଆଧୁନିକୀକରଣ କାର୍ଯ୍ୟ ପାଇଁ କେତେକ ଟ୍ରେନ୍‌ର ଆଂଶିକ ବାତିଲ କରାଯିବା ସହ ଆଉକିଛି ଟ୍ରେନ୍‌ର ମାର୍ଗକୁ ପରିବର୍ତ୍ତନ କରାଯାଇଛି। ଏସବୁ ଟ୍ରେନ୍‌ଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ ପୂର୍ବତଟ ରେଳପଥ ଦ୍ୱାରା ଜାରି କରାଯାଇଛି।

ପରିବର୍ତ୍ତିତ ମାର୍ଗରେ ଯିବାକୁ ଥିବା ଟ୍ରେନଗୁଡିକ ମଧ୍ୟରେ ଭୁବନେଶ୍ୱର-ବାଲାଙ୍ଗୀର ସ୍ୱତନ୍ତ୍ର ଟ୍ରେନ ଭୁବନେଶ୍ୱର ଓ ବରଗଡ ରୋଡ଼ ମଧ୍ୟରେ ଚଳାଚଳ କରିବ। ଅକ୍ଟୋବର ୯ ରୁ ୧୮ ମଧ୍ୟରେ ଭୁବନେଶ୍ୱର-ବଲାଙ୍ଗୀର-ଭୁବନେଶ୍ୱର ଇଣ୍ଟର ସିଟି ସ୍ପେଶାଲକୁ ଆଂଶିକ ବାତିଲ କରାଯାଇଛି। ସେହିପରି ଭୁବନେଶ୍ୱର-ବଲାଙ୍ଗୀର-ଭୁବନେଶ୍ୱର ଇଣ୍ଟର ସିଟି ସ୍ୱତନ୍ତ୍ର ଟ୍ରେନ୍ (୦୨୮୯୩/୦୨୮୯୪)ଭୁବନେଶ୍ୱର ଏବଂ ବରଗଡ ରୋଡ୍ ମଧ୍ୟରେ ଚାଲିବ ଏବଂ ବରଗଡ ରୋଡ୍ ଓ ବାଲାଙ୍ଗୀର ମଧ୍ୟରେ ଉଭୟ ଦିଗରୁ ଅକ୍ଟୋବର ୯ ରୁ ୧୮ ମଧ୍ୟରେ ବାତିଲ ରହିବ। ପୁରୀ-ଆନନ୍ଦବିହାର ବିଶେଷ ଟ୍ରେନ ପ୍ରତାପଗଡ ପରିବର୍ତ୍ତେ ଫୈଜାବାଦ ମାର୍ଗରେ ଯିବ। ପୁରୀ-ଆନନ୍ଦ ବିହାର-ପୁରୀ ସ୍ପେଶାଲ ଟ୍ରେନ (୦୨୮୭୫/୦୨୮୭୬)ଅକ୍ଟୋବର ୯, ୧୧ ଏବଂ ୧୩ ରେ ଉଭୟ ପୁରୀ ଓ ଆନନ୍ଦ ବିହାରରୁ ନିର୍ଦ୍ଧାରିତ ମାର୍ଗ ପ୍ରତାପଗଡ଼ ପରିବର୍ତ୍ତେ ପଣ୍ଡିତ ଦିନଦୟାଲ ଉପାଧ୍ୟାୟ-ଫୈଜାବାଦ-ଲକ୍ଷ୍ନୌ ମାର୍ଗ ଦେଇ ଯାତାୟାତ କରିବ। ସୀମାଚଳମ ନର୍ଥ-ବିଜୟନଗରମ-ରାୟଗଡା-ଟିଟିଲାଗଡ଼-ରାଇପୁର-ଗୋଣ୍ଡିଆ ଏବଂ ନାଗପୁର ମାର୍ଗଦେଇ ଚଳାଚଳ କରିବାକୁ ଥିବା ବିଶାଖାପାଟଣା-ନୂଆଦିଲ୍ଲୀ ସ୍ପେଶାଲ୍ (୦୨୮୦୫/୦୨୮୦୬) ଉଭୟ ଦିଗରୁ ଅର୍ଥାତ୍ ବିଶାଖାପାଟଣା ଏବଂ ନୂଆଦିଲ୍ଲୀରୁ ୭ ଓ ୧୫ ଅକ୍ଟୋବରରେ ୱାରଙ୍ଗାଲ-ବଲାହାରସା ମାର୍ଗ ପରିବେର୍ତ୍ତେ ସୀମାଚଳମ ନର୍ଥ-ବିଜୟନଗରମ-ରାୟଗଡା-ଟିଟିଲାଗଡ଼-ରାଇପୁର-ଗୋଣ୍ଡିଆ ଓ ନାଗପୁର ମାର୍ଗଦେଇ ଚଳାଚଳ କରିବ। ଖୋର୍ଦ୍ଧା ରୋଡ଼-ବିଜୟନଗରମ-ରାଇପୁର-ଗୋଣ୍ଡିଆ ଓ ନାଗପୁର ମାର୍ଗଦେଇ ଚଳାଚଳ କରିବାକୁ ଥିବା ପୁରୀ-ଓଖା-ପୁରୀ ସ୍ପେଶାଲ୍ (୦୮୪୦୧/୦୮୪୦୨) ପୁରୀରୁ ଅକ୍ଟୋବର ୧୧ ଏବଂ ଓଖାରୁ ଅକ୍ଟୋବର ୧୪ ଦିନ ଦୁଭାଡା-ବିଜୟୱାଡା-ବାଲାହାରସା ପରିବର୍ତ୍ତେ ବିଜୟନଗରମ-ରାଇପୁର-ଗୋଣ୍ଡିଆ ଓ ନାଗପୁର ମାର୍ଗଦେଇ ଚଳାଚଳ କରିବ। ଖୋର୍ଦ୍ଧା ରୋଡ଼-ଅହମ୍ମଦାବାଦ-ଖୋର୍ଦ୍ଧା ରୋଡ଼ ସ୍ପେଶାଲ ଟ୍ରେନ(୦୮୪୦୭/୦୮୪୦୮) ଖୋର୍ଦ୍ଧାରୋଡ଼ରୁ ଅକ୍ଟୋବର ୧୪ ଓ ଅହମ୍ମଦାବାଦରୁ ୧୦ ଅକ୍ଟୋବରରେ ଦୁଭାଡା-ବିଜୟୱାଡା-ବାଲାହାରସା ପରିବର୍ତ୍ତେ ବିଜୟନଗରମ-ରାଇପୁର-ଗୋଣ୍ଡିଆ ଓ ନାଗପୁର ମାର୍ଗଦେଇ ଚଳାଚଳ କରିବ। ଦୁଭାଡା-ସୀମାଚଳମ ନର୍ଥ-ବିଜୟନଗରମ-ରାୟଗଡା-ଟିଟିଲାଗଡ଼-ରାଇପୁର-ଗୋଣ୍ଡିଆ ଓ ନାଗପୁର ମାର୍ଗଦେଇ ଚଳାଚଳ କରିବାକୁ ଥିବା ଅନ୍ୟ ଜୋନ୍ ଟ୍ରେନଗୁଡ଼ିକ ଏର୍ନାକୁଲମ-ଜୋଲାରପେଟାଇ-ଗୁଡୁର-ବିଜୟୱାଡା-ବାଲାହାରସା ମାର୍ଗ ପରିବର୍ତ୍ତେ ବିଜୟୱାଡା-ବିଜୟନଗରମ-ରାଇପୁର-ନାଗପୁର ମାର୍ଗ ଦେଇ ଚଳାଚଳ କରିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ଗୁରୁବାର ପ୍ରକାଶ ପାଇଛି।

### ଜିଏସ୍‌ଟି ଚଢ଼ାଉ

ଚୌଦ୍ୱାର,୮।୧୦(ଡି.ଏନ୍.ଏ.)

ଚୌଦ୍ୱାର ଥାନା ଅଧୀନ କପାଳେଶ୍ୱର ନୂଆସାହି ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ଘର ଉପରେ ଓଡ଼ିଶା ସରକାରଙ୍କ ବିତ୍ତ ମନ୍ତ୍ରଣାଳୟ ପକ୍ଷରୁ ଚଢ଼ାଉ କରାଯାଇଛି। ଗୁରୁବାର ସକାଳ ୮ଟାରୁ ଦିନ ପ୍ରାୟ ୧୧ଟା ପର୍ଯ୍ୟନ୍ତ ଚଢ଼ାଉ ଜାରି ରହିଥିଲା। ୩ଟି ଇନୋଭା ଗାଡ଼ିରେ ମନ୍ତ୍ରଣାଳୟର କର୍ମକର୍ତ୍ତାଙ୍କ ସହ ଓଡ଼ିଶା ରିଜର୍ଭ ପୋଲିସର କର୍ମଚାରୀ ହଠାତ୍ ଉକ୍ତ ବ୍ୟକ୍ତିଙ୍କ ଘରେ ପହଞ୍ଚି ଚଢ଼ାଉ କରିଥିଲେ। ଦୀର୍ଘ ୩ଘଣ୍ଟାର ଯାଞ୍ଚ ପ୍ରକ୍ରିୟା ପରେ କମ୍ପ୍ୟୁଟର, ପ୍ରିଣ୍ଟର ଓ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହ ଉକ୍ତ ବ୍ୟକ୍ତିଙ୍କ ଘରୁ ୨ଜଣଙ୍କୁ ସାଥୀରେ ନେଇ କର୍ମକର୍ତ୍ତାମାନେ ଯାଇଥିଲେ। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ପଚାରିବାରେ ସେ କୌଣସି ଉତ୍ତର ନ ଦେଇ ଜିଏସ୍‌ଟି ତଦନ୍ତ ଚାଲିଥିବା ବେଳେ ତଦନ୍ତରେ ବାଧା ଉପୁଜିବା ହେତୁ କୌଣସି ପ୍ରତିକ୍ରିୟା ରଖିବାକୁ ସ୍ପଷ୍ଟ ମନା କରିଦେଇଥିଲେ।

### ସ୍ତ୍ରୀଙ୍କୁ ଆକ୍ରମଣ କରି ସ୍ୱାମୀ ଗିରଫ

ଭୁବନେଶ୍ୱର,୮।୧୦(ବ୍ୟୁରୋ)

ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ ସହ ନିର୍ଯାତନା ଦେଉଥିବା ଅଭିଯୋଗରେ ମହିଳା ଥାନା ପୋଲିସ ସ୍ୱାମୀଙ୍କୁ ଗିରଫ କରିଛି। ସେ ହେଲେ ନୟାପଲ୍ଲୀ ଥାନା ଅଞ୍ଚଳରେ ରହୁଥିବା ମେଜର ସୌମ୍ୟ ରଞ୍ଜନ ପତି। ସୂଚନା ମୁତାବକ, ସୌମ୍ୟ ସ୍ତ୍ରୀଙ୍କୁ ବାରମ୍ବାର ନିର୍ଯାତନା ଦେଉଥିବା ନେଇ ପରିବାର ଲୋକେ ଅଭିଯୋଗ ଆଣୁଥିଲେ। ଏଥିସହ ଉଭୟଙ୍କ ମଧ୍ୟରେ ବଚସାକୁ କେନ୍ଦ୍ର କରି ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ କରି ମୁଣ୍ଡ ଫଟାଇ ରକ୍ତାକ୍ତ କରିଥିଲେ। ଏ ନେଇ ସ୍ତ୍ରୀ ମହିଳା ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଗୁରୁବାର ଅଭିଯୁକ୍ତ ସୌମ୍ୟଙ୍କୁ ଗିରଫ କରିବା ସହ ପଚରାଉଚୁରା ପରେ କୋର୍ଟଚାଲାଣ କରିଥିଲା।

## ଭୁଶୁଡ଼ିଲା କାନ୍ଥ, ଅଳ୍ପକେ ବର୍ତ୍ତିଲେ ପରିବାର


ଦୁର୍ଯ୍ୟୋଧନ ସେଠୀଙ୍କ ଘର କାନ୍ଥ ଭୁଶୁଡ଼ି ପଡିଛି।

ଖୋର୍ଦ୍ଧା ଅଫିସ/ବାଣପୁର,୮।୧୦

ଲଘୁଚାପ ପ୍ରଭାବରେ ବର୍ଷା ଲାଗି ରହିଛି। ଲଗାଣ ବର୍ଷାରେ ଗୁରୁବାର ସକାଳେ ଖୋର୍ଦ୍ଧା ଜିଲା ନନ୍ଦପୁର ପଞ୍ଚାୟତ ସୁନାକେରା ଗ୍ରାମର ଦୁର୍ଯ୍ୟୋଧନ ସେଠୀଙ୍କ ଘର କାନ୍ଥ ଭୁଶୁଡ଼ି ପଡିଛି। ପରିବାର ସଦସ୍ୟ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁଯାୟୀ, ସୁନାକେରା ଗ୍ରାମର ଦୁର୍ଯ୍ୟୋଧନ ଦୁଇ ପୁଅ ଓ ବୋହୂଙ୍କ ସମେତ ୮ଜଣ ସଦସ୍ୟ ଦୁଇ ବଖରା ଆଜବେଷ୍ଟସ ଘରେ ରୁହନ୍ତି। ଆର୍ଥିକ ସମସ୍ୟା ଯୋଗୁ ଦୀର୍ଘଦିନ ହେବ ଘର ମରାମତି କରି ପାରିନାହାନ୍ତି। ବର୍ଷା ସହ ପବନ ହେବା ଯୋଗୁ ଘର ଆଗ କାନ୍ଥ ଭୁଶୁଡି ପଡିଛି। ଏଥିରେ କୌଣସି କ୍ଷତି ହୋଇ ନ ଥିବା ଜଣାପଡ଼ିଛି। ପୂର୍ବରୁ ଦୁର୍ଯ୍ୟୋଧନ ଇନ୍ଦିରା ଆବାସ ପାଇଁ ଆବେଦନ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ସେ ଅଭିଯୋଗ କରିଛନ୍ତି। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି ।

## କୋଭିଡ୍ କଟକଣା ନମାନି ଚାଲିଥିଲା କ୍ଲାସ

**ଆଇସିଏ ଇନ୍‌ଷ୍ଟିଚ୍ୟୁଟ୍ ସିଲ୍**

ଭୁବନେଶ୍ୱର, ୮।୧୦ (ବ୍ୟୁରୋ)

ବିନା ସରକାରଙ୍କ ନିର୍ଦ୍ଦେଶରେ କୌଣସି ଶିକ୍ଷାନୁଷ୍ଠାନରେ ଶିକ୍ଷାଦାନ କରାଯାଇପାରିବ ନାହିଁ। ହେଲେ ଚନ୍ଦ୍ରଶେଖରପୁରସ୍ଥିତ ଶୈଳଶ୍ରୀ ବିହାରର ଆଇସିଏ ଶିକ୍ଷାନୁଷ୍ଠାନ କୋଭିଡ୍ ଆଇନ ଉଲ୍ଲଂଘନ କରି କ୍ଲାସ୍ କରୁଥିବାରୁ ବିଏମ୍‌ସି ସିଲ୍ କରିଛି। ନର୍ଥ ଜୋନ୍ ଜୋନାଲ ଡେପୁଟି କମିଶନର ପ୍ରମୋଦ କୁମାର ପୃଷ୍ଟିଙ୍କ ନେତୃତ୍ୱରେ ଏକ ଟିମ୍ ଉକ୍ତ ଇନ୍‌ଷ୍ଟିଚ୍ୟୁଟ୍‌କୁ ଗୁରୁବାର ସିଲ୍ କରିଛି। ସୂଚନାନୁଯାୟୀ, ପିଲାଙ୍କ ସୁରକ୍ଷା ଦୃଷ୍ଟିରୁ ସମସ୍ତ ଶିକ୍ଷାନୁଷ୍ଠାନ ଲକଡାଉନ୍‌ଠାରୁ ବନ୍ଦ ରହିଛି। ଏହି ସମୟରେ କୋଭିଡ୍ କଟକଣା ନ ମାନି ଏକ ଛୋଟ ରୁମରେ ୨୦ରୁ ଊର୍ଦ୍ଧ୍ୱ ପିଲାଙ୍କୁ କମ୍ପ୍ୟୁଟର ଶିକ୍ଷା ଦିଆଯାଉଥିବା ନଜରକୁ ଆସିଛି। ଏହାପରେ ଜୋନାଲ ଟିମ୍ ଆପାତକାଳୀନ ସ୍ଥିତିରେ ଉକ୍ତ ଇନ୍‌ଷ୍ଟିଚ୍ୟୁଟ୍‌କୁ ସିଲ୍ କରିଛି। ତେବେ ଗତ କିଛିଦିନ ପୂର୍ବେ ସେଠାରେ ପଢୁଥିବା ଜଣେ ପିଲା ଅସୁସ୍ଥ ହେବାରୁ ଏ ଘଟଣା ସାମ୍ନାକୁ ଆସିଥିଲା।

## ବିଏମ୍‌ସି କର୍ମଚାରୀଙ୍କୁ ଅପହରଣ, ୨ ଗିରଫ

ଭୁବନେଶ୍ୱର,୮।୧୦(ବ୍ୟୁରୋ)

ବିଏମ୍‌ସି କର୍ମଚାରୀଙ୍କୁ ଅପହରଣ କରି ଟଙ୍କା ମାଗିବା ଘଟଣାରେ ଫେରାର ୨ ଅଭିଯୁକ୍ତଙ୍କୁ ଶହୀଦନଗର ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଝାରପଡ଼ାର ସୂର୍ଯ୍ୟକାନ୍ତ ମଙ୍ଗରାଜ ଓରଫ ଗେଟା ଓ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରସୁଲଗଡ଼ ଅଞ୍ଚଳର ନିବେଦନ ସାହୁ। ସୂଚନା ମୁତାବକ କେସୁରା ଅଞ୍ଚଳରେ ରହୁଥିବା ସଞ୍ଜୟ ସାହୁ ବିଏମସି ସଫେଇ କର୍ମଚାରୀ ଭାବେ କାର୍ଯ୍ୟ କରନ୍ତି। ମାର୍ଚ୍ଚ ୧୪ରେ ୨ ଅଭିଯୁକ୍ତ ସଞ୍ଜୟଙ୍କୁ କେଶୁରୀ ଅଞ୍ଚଳରୁ ମାଡମାରି ଅପହରଣ କରିନେଇଥିଲେ। ତାଙ୍କୁ ଛାଡ଼ିବା ପାଇଁ ପରିବାର ଲୋକଙ୍କୁ ୫୦ ହଜାର ଟଙ୍କା ମାଗିଥିଲେ। ସଞ୍ଜୟଙ୍କୁ କାରରେ ନେଇ ଯିବା ବେଳେ ସପ୍ତସତୀ ମନ୍ଦିର ନିକଟରେ କାରରୁ ପେଟ୍ରୋଲ ସରିଯାଇଥିଲା। ଏହି ସମୟରେ ସଞ୍ଜୟ ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ଉଦ୍ଧାର କରିବା ବେଳେ ୨ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ଏ ନେଇ ସଞ୍ଜୟ ଅଭିଯୋଗ କରିବା ପରେ ପୋଲିସ ନଂ. ୧୫୭/୨୦ରେ ମାମଲା ରୁଜୁ କରି ତଦନ୍ତ କରୁଥିଲା। ବୁଧବାର ୨ ଅଭିଯୁକ୍ତଙ୍କୁ ପୋଲିସ ଗିରାଫ ସହ ପଚରାଉଚୁରା ପରେ କୋର୍ଟ ଚାଲାଣ କରିଛି।

## ‘ମହାତ୍ମାଙ୍କ ମାହାତ୍ମ୍ୟ’ ଗ୍ରନ୍ଥ ଉନ୍ମୋଚିତ

କଟକ ଅଫିସ,୮।୧୦

କଟକ ବିଜୁ ପଟ୍ଟନାୟକ ଛକସ୍ଥିତ ସାରଳା ସାହିତ୍ୟ ସଂସଦ ପରିସରରେ ଗୁରୁବାର ସଂସଦ ଦ୍ୱାରା ପ୍ରକାଶିତ ‘ମହାତ୍ମାଙ୍କ ମାହାତ୍ମ୍ୟ’ ଗ୍ରନ୍ଥ ଉନ୍ମୋଚିତ ହୋଇଯାଇଛି। ସଂସଦର ସଭାପତି ଡ.ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ହାଇକୋର୍ଟର ପ୍ରାକ୍ତନ ବିଚାରପତି ଡ. ଦୁର୍ଗାପ୍ରସାଦ ଚୌଧୁରୀ ଯୋଗଦେଇ କହିଥିଲେ, ‘ମହାତ୍ମାଙ୍କ ମାହାତ୍ମ୍ୟ’ ଗ୍ରନ୍ଥ ଗାନ୍ଧିଜୀଙ୍କ ବ୍ୟକ୍ତିତ୍ୱ ଦେଶ ପ୍ରଣତା ଏବଂ ସ୍ୱାଧୀନତା ସଂଗ୍ରାମରେ ତାଙ୍କର କୃତିତ୍ୱର ବାର୍ତ୍ତା ବହନ କରୁଛି। ଏହି ଗ୍ରନ୍ଥରୁ ଗାନ୍ଧିଜୀଙ୍କ ଅଲୌକିକ ପ୍ରତିଭା ସମ୍ପର୍କରେ ବହୁ ତଥ୍ୟ ମିଳେ ବୋଲି ସେ କହିଛନ୍ତି। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ପ୍ରାଧ୍ୟାପକ ପାବକ କାନୁନାଗୋ, ସମ୍ମାନିତ ଅତିଥିଭାବେ ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ ଯୋଗଦେଇ ଗାନ୍ଧିଜୀଙ୍କୁ ଏକ ଅବତାରୀ ପୁରୁଷ ବୋଲି ବର୍ଣ୍ଣନା କରିଥିଲେ। ସାହିତ୍ୟିକ ଡ. ବିଜୟାନନ୍ଦ ସିଂହ, ସଂସଦର କାର୍ଯ୍ୟକାରୀ କମିଟିର ସଦସ୍ୟ ନାଟ୍ୟକାର ସଞ୍ଜିତ ପଟ୍ଟନାୟକ, ପ୍ରଫେସର ଡ. ନୀରଦ କୁମାର ଗୋଚ୍ଛାୟତ, ଡ. ମହେଶ୍ୱର ମହାନ୍ତି, ଡା. ଭାଗବତ ଶୁକ୍ଳା, ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳ, ଇଂ. ବାବାଜୀ ଚରଣ ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବ୍ରଜ କିଶୋର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


କଟକ ବକ୍ସିବଜାର ଗୋପବନ୍ଧୁ ପାର୍କ ସମ୍ମୁଖରେ ଗୁରୁବାର ଡ. ଏ ଚେଲା କୁମାରଙ୍କୁ ନଗର ଜିଲା କଂଗ୍ରେସ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

### ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରତ୍ୟାହାର ଦାବି

ବ୍ରହ୍ମଗିରି,୮।୧୦(ଡି.ଏନ୍.ଏ.)

ବିଦ୍ୟୁତ ଶୁଳ୍କ ବୃଦ୍ଧି ପ୍ରତ୍ୟାହାର ନେଇ ସିପିଆଇ(ଏମ୍) ବ୍ରହ୍ମଗିରି ଆଞ୍ଚଳିକ କମିଟି ପକ୍ଷରୁ ଗୁରୁବାର ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କାଠୁଆରେଡି ଛକ ନିକଟରୁ ଏକ ଶୋଭାଯାତ୍ରା ବାହାରି ଏକ ଦାବିପତ୍ର ଅଧ୍ୟକ୍ଷ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ନିୟମକ ଆୟୋଗଙ୍କ ନିକଟକୁ ପଠାଯାଇଥିଲା। ଭୀମସେନ ସ୍ୱାଇଁ, ପୀତବାସ ବେହେରା ଓ ଜଗନ୍ନାଥ ଦେଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ନାବାଳିକାଙ୍କୁ ଗର୍ଭବତୀ ମାମଲା, ଯୁବକ ଗିରଫ

ଚୌଦ୍ୱାର,୮।୧୦(ଡି.ଏନ୍.ଏ.)

ଚୌଦ୍ୱାର ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଗର୍ଭବତୀ କରି ପ୍ରତାରଣା କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ବ୍ରଜବନ୍ଧୁ ବାରିକ(୨୩)। ପୋଲିସ ସୂଚନା ଅନୁଯାୟୀ, ବ୍ରଜ ବିବାହ କରିବାର ପ୍ରଲୋଭନ ଦେଖାଇ ନାବାଳିକାଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ରଖିଆସୁଥିଲେ। ଫଳରେ ନାବାଳିକା ଗର୍ଭବତୀ ହେବା ଜାଣି ବ୍ରଜକୁ ବିବାହ ପାଇଁ ଜିଦ୍ ଧରିବାରୁ ସେ ଆଉ ଧରାଛୁଆଁ ଦେଇ ନ ଥିଲେ। ଶେଷରେ ନିରୁପାୟ ହୋଇ ନାବାଳିକା ନିଜ ପରିବାର ଲୋକଙ୍କୁ କହିବା ପରେ ମଙ୍ଗଳବାର ଲିଖିତ ଅଭିଯୋଗ କରିଥିଲେ। ଅଭିଯୋନାବାଳିକାଙ୍କୁ ଗର୍ଭବତୀ ମାମଲା, ଯୁବକ ଗିରଫ ଗକ୍ରମେ ପୋଲିସ ନଂ.୪୬୬/୨୦ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇ ବ୍ରଜଙ୍କୁ ଧରିଥିଲା।

### ପାନୀୟ ଜଳ ପ୍ରକଳ୍ପ ମରାମତି ଦାବି

ନିରାକାରପୁର,୮।୧୦(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତରେ ଥିବା ଗ୍ରାମ୍ୟ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ୧୮ଦିନ ହେବ ଅଚଳ ହୋଇପଡ଼ିଛି। ଫଳରେ ପିଇବା ପାଣି ପାଇଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ସ୍ଥାନୀୟ ବାସିନ୍ଦା ଅସନ୍ତୋଷ ପ୍ରକାଶ କରିଛନ୍ତି। ଗ୍ରାମ୍ୟ ଜଳ ଯୋଗାଣ ଏସ୍‌ଡିଓ ଲକ୍ଷ୍ମୀଧର ବଳିଆରସିଂହ କୁହନ୍ତି, ପ୍ରକଳ୍ପ ଅଚଳ ନେଇ କେହି ଜଣାଇନାହାନ୍ତି। ଖୁବ୍‌ଶୀଘ୍ର ଏହାର ମରାମତି କରାଯିବ।

# ବିବାହ ଉତ୍ସବରେ ୨୦୦ଜଣଙ୍କୁ ଅନୁମତି ମିଳୁ

ପୁରୀ ଅଫିସ,୮।୧୦

**ଇଭେଣ୍ଟ ମ୍ୟାନେଜମେଣ୍ଟ ସଂଘର ଦାବି**




କରୋନାର ପ୍ରଭାବ ପ୍ରାୟ ସବୁବର୍ଗର ଲୋକଙ୍କ ଉପରେ ପଡ଼ିଛି। ବିଶେଷକରି ବିବାହ, ବ୍ରତ ସହ ସାଂସ୍କୃତିକ ଅନ୍ୟାନ୍ୟା କାର୍ଯ୍ୟକ୍ରମ ଉପରେ କଟକଣା ଯୋଗୁ ଇଭେଣ୍ଟ ମ୍ୟାନେଜମେଣ୍ଟ ସଂଘ ବେଶି ପ୍ରଭାବିତ ହୋଇଛନ୍ତି। ଏଭଳି କାର୍ଯ୍ୟକ୍ରମ କରି ପରିବାର ପୋଷୁଥିବା ବ୍ୟବସାୟୀ ଏବେ ଦୁର୍ଦ୍ଦିନରେ ରହିଛନ୍ତି। ତେଣୁ ବିବାହ ଉତ୍ସବରେ ଅତି କମ୍‌ରେ ୨୦୦ଜଣ ଲୋକଙ୍କୁ ସାମିଲ ପାଇଁ ଅନୁମତି ଦେବାକୁ ପୁରୀ ଜିଲା ଇଭେଣ୍ଟ ମ୍ୟାନେଜମେଣ୍ଟ ସଂଘ ଦାବି କରିଛି। ଏ ନେଇ ସଂଘ ପକ୍ଷରୁ ଗୁରୁବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ବିବାହ ତଥା ସାଂସ୍କୃତିକ କାର୍ଯ୍ୟକ୍ରମରେ ୫୦ଜଣ ଲୋକ ସାମିଲ ହେବା ନେଇ ନିୟମ ରହିଛି। ଫଳରେ ୭ମାସ ହେବ ଇଭେଣ୍ଟ ମ୍ୟାନେଜମେଣ୍ଟ ସଂସ୍ଥା, କଣ୍ଠଶିଳ୍ପୀ, ବାଦ୍ୟଶିଳ୍ପୀ, ନୃତ୍ୟଶିଳ୍ପୀ, ସାଉଣ୍ଡ ପରିଚାଳକ, ଲାଇଟ୍ ପରିଚାଳକ ଏକପ୍ରକାର ହାତବାନ୍ଧି ବସିଛନ୍ତି। କଟକଣା ଯୋଗୁ ସମସ୍ତେ ଅଳ୍ପରେ ସାରି ଦେଉଛନ୍ତି। ଏହି କାର୍ଯ୍ୟ ଦ୍ୱାରା ଚଳୁଥିବା ପରିବାରଙ୍କ ଅବସ୍ଥା ଏବେ ଶୋଚନୀୟ ହୋଇପଡ଼ିଛି। ତେଣୁ ସଂଘ ପକ୍ଷରୁ ଜିଲାପାଳଙ୍କୁ ଦିଆଯାଇଥିବା ଦାବିପତ୍ରରେ ବିବାହ ଉତ୍ସବ ନିମନ୍ତେ ସର୍ବନିମ୍ନ ୨୦୦, ବରଯାତ୍ରୀରେ ୭୦ଜଣ ଯିବାକୁ ଅନୁମତି ଦିଆଯାଉ। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ସମସ୍ତ ପ୍ରକାର ବାଦ୍ୟଯନ୍ତ୍ରକୁ ସର୍ବସାଧାରଣ ସ୍ଥାନରେ ବଜାଇବା ଲାଗି ଅନୁମତି ଦେବାକୁ ସଂଘ ଦାବି କରିଛି। ଇଭେଣ୍ଟ ପରିଚାଳକ ନରେନ୍ଦ୍ର ମହାପାତ୍ର, ଅପୂର୍ବ ରଞ୍ଜନ ଦାସ, ସ୍ୱାଧୀନ ବରାଳ, ଶକ୍ତିପ୍ରସାଦ ପଢିହାରୀ, ଜିତୁ ମିଶ୍ର, କଣ୍ଠଶିଳ୍ପୀ ସମ୍ରାଟ ଚକ୍ରବର୍ତ୍ତୀ, ଯାଜ୍ଞସିନୀ ଜେନା, ବାଦ୍ୟ ପ୍ରବନ୍ଧକ ଜଗନ୍ନାଥ ମହାନ୍ତି, ସାଉଣ୍ଡ ପରିଚାଳକ ପପୁ ପଣ୍ଡା ପ୍ରମୁଖ ଏହି ଦାବିପତ୍ର ଦେଇଛନ୍ତି।

## ‘ଫିସିଂ କ୍ୟାଟ୍’ ହେଲା ଚିଲିକା ବ୍ରାଣ୍ଡ୍ ଆମ୍ବାସାଡର

ଭୁବନେଶ୍ୱର,୮।୧୦(ବ୍ୟୁରୋ): ଏସିଆ ମହାଦେଶର ସର୍ବବୃହତ୍ ଲୁଣାହ୍ରଦର ବ୍ରାଣ୍ଡ୍ ଆମ୍ବାସାଡରର ମାନ୍ୟତା ପାଇଛି ‘ଫିସିଂ କ୍ୟାଟ୍’। ବନ୍ୟପ୍ରାଣୀ ସପ୍ତାହ ଅବସରରେ ଏନେଇ ଘୋଷଣା କରିଛି ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ)। ଏହାସହ ଭାରତର ସର୍ବପୁରାତନ ରାମ୍‌ସାର୍ ସାଇଟ୍‌ଭାବେ ପରିଚିତ ଚିଲିକାକୁ ମିଳିଛି ଏକ ନୂଆ ଆମ୍ବାସାଡର। ‘ଫିସିଂ କ୍ୟାଟ୍’ ଭାରତର ଏକମାତ୍ର ଜଙ୍ଗଲୀ ବିଲେଇ ପ୍ରଜାତି ହୋଇଥିବାବେଳେ ଏହା ସନ୍ତସନ୍ତିଆ ଅଞ୍ଚଳରେ ଶିକାର କରିବାରେ ବେଶ୍ ପାରଙ୍ଗମ। ବିଶ୍ୱର ଏହି ଲୁପ୍ତପ୍ରାୟ ଜୀବ ଚିଲିକାର ଚର୍ତୁପାର୍ଶ୍ୱରେ ବହୁଳଭାବେ ଉପସ୍ଥିତ ଥିବା ନିକଟରେ ହୋଇଥିବା ଏକ ଅଧ୍ୟୟନରୁ ସୂଚନା ମିଳିଥିଲା। ଦି ଫିସିଂ କ୍ୟାଟ୍ ପ୍ରୋଜେକ୍ଟ(ଟିଏଫ୍‌ସିପି), ଫିସିଂ କ୍ୟାଟ୍ କନ୍‌ଜରଭେସନ ଆଲିଆନ୍ସ(ଏଫ୍‌ସିସିଏ)ର ଭାରତୀୟ ଶାଖା ଏବଂ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ମିଳିତ ଉଦ୍ୟମରେ କରାଯାଇଥିବା ଏହି ସର୍ବେକ୍ଷଣରୁ ଫିସିଂ କ୍ୟାଟ୍ ସମ୍ପର୍କିତ ଅନେକ ତଥ୍ୟ ଜଣାପଡ଼ିଛି। ବିଶେଷକରି ଚିଲିକାର ଉତ୍ତର ଏବଂ ଉତ୍ତର-ପୂର୍ବ ଭାଗରେ ଅଧିକ ସଂଖ୍ୟାରେ ଫିସିଂ କ୍ୟାଟ୍ ରହିଥିବା ଜଣାପଡ଼ିଛି। ଆଗାମୀଦିନରେ ଟିଏଫ୍‌ସିପି ଏବଂ ସିଡିଏ ମିଳିତଭାବେ ଚିଲିକାରେ ବର୍ତ୍ତମାନ ସମୟରେ କେତେସଂଖ୍ୟକ ଫିସିଂ କ୍ୟାଟ୍ ରହିଛନ୍ତି ତାହାର ଆକଳନ କରିବେ। କ୍ୟାମେରା ଟ୍ରାପ୍ ମାଧ୍ୟମରେ ସେମାନଙ୍କ ଗଣତି କରାଯିବ ଏବଂ ୨୦୨୧ ସୁଦ୍ଧା ପ୍ରଥମ ପର୍ଯ୍ୟାୟ ରିପୋର୍ଟ ପ୍ରକାଶ ପାଇବ।














3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ